# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୫/୨୦୨୪ (୧୪ ପୃଷ୍ଠା) | Bhubaneswar, Friday, April 5/2024 | Page 14 | ₹ 7.00

୫୦ଶ ଭାଗ ୧୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 131 | ମୂଲ୍ୟ ₹୭/-




**ସାଇନାଙ୍କୁ ଡବଲ ସ୍ୱର୍ଣ୍ଣ**

ହିମାଚଳ ପ୍ରଦେଶର ଧର୍ମଶାଳାରେ ଅନୁଷ୍ଠିତ ନ୍ୟାଶନାଲ ଟିମ୍ ଚେସ୍ ଚାମ୍ପିୟନଶିପ୍‌ରେ ମହିଳା ଅନ୍ତର୍ଜାତୀୟ ମାଷ୍ଟର ସାଇନା ସାଲୋନିକା ଡବଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୨

୦୨

**ଭୟରେ କାନ୍ଦିଥିଲେ ମାଧୁରୀ**

ଫିଲ୍ମ 'ପ୍ରେମପ୍ରତିଜ୍ଞା'ରେ ଖଳନାୟକ ଭୂମିକାରେ ଅଭିନୟ କରିଥିବା ରଞ୍ଜିତଙ୍କୁ ଭୟ କରି ଅଭିନେତ୍ରୀ ମାଧୁରୀ ଦୀକ୍ଷିତ କାନ୍ଦିବା ସହ ଶୁଟିଂକୁ ଆସି ନ ଥିଲେ।



# ଜୀବନ ନେଉଛି ମୁକୁଳା ଡ୍ରେନ୍

## ମାସାଧିକ କାଳ ଖୋଲାପଡ଼ିଥିବା ଡ୍ରେନ୍‌ରେ ଖସି ରାଜମିସ୍ତ୍ରିଙ୍କ ମୃତ୍ୟୁ

- ଅଘଟଣ ପରେ ତରବରିଆ ଭାବେ ସ୍ଲାବ ପଡ଼ିଲା
- ପଙ୍କୋଦ୍ଧାର ପାଇଁ ସ୍ଲାବ ଖୋଲାଯାଇଥିଲା: ମେୟର

କଟକ,୪।୪(କାର୍ତ୍ତିକ ସାହୁ)

କଟକ ସହରରେ ମୁକୁଳା ଡ୍ରେନ୍‌ରେ ପଡ଼ି ପୁଣି ଜଣଙ୍କର ଜୀବନ ଯାଇଛି। ସିଆର୍‌ଆର୍‌ଆଇ ଥାନା ଅନ୍ତର୍ଗତ ନୂଆବଜାର ମହିମାନଗରରେ ଘଟିଛି ଏହି ଅଘଟଣ। ମୃତକ ହେଉଛନ୍ତି ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳର ଜାକିର ଖାନ୍(୪୮)। ସେ କଟକରେ ରହି ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ମାସାଧିକକାଳ ଡ୍ରେନ୍ ମୁକୁଳା ରହିଥିବାରୁ ଏଭଳି ଅଘଟଣ ଘଟିଥିବା ସ୍ଥାନୀୟ ଲୋକେ କହୁଥିବାବେଳେ କଟକ ମହାନଗର ନିଗମ(ସିଏମ୍‌ସି) କର୍ତ୍ତୃପକ୍ଷ ଏହାକୁ ଖଣ୍ଡନ କରିଛନ୍ତି। ପଙ୍କୋଦ୍ଧାର ପାଇଁ ଡ୍ରେନ୍ ସ୍ଲାବ କଢ଼ାଯାଇଥିଲା। ତେଣୁ ଏଥିରେ ପ୍ରଶାସନର କିଛି ଅବହେଳା ନାହିଁ ବୋଲି ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି। ଅପରପକ୍ଷେ ବ୍ୟବଚ୍ଛେଦ ରିପୋର୍ଟଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

ମିଳିଥିବା ସୂଚନା ଅନୁସାରେ ଗୁରୁବାର ସକାଳ ପ୍ରାୟ ୭ଟା ବେଳେ ନୂଆବଜାର ମହିମାନଗର ରାସ୍ତାପାର୍ଶ୍ୱ ମୁକୁଳା ଡ୍ରେନ୍‌ରେ ଜଣେ ବ୍ୟକ୍ତି ମୁହଁମାଡ଼ି ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବା ପରେ ସିଆରଆର୍‌ଆଇ ଥାନାକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚିବା ପରେ ମୃତଦେହକୁ ଡ୍ରେନ୍ ମଧ୍ୟରୁ ବାହାର କରିଥିଲା। ମୃତକଙ୍କ ପୋଷାକ ଯାଞ୍ଚ କରିବା ପରେ ଏକ ମୋବାଇଲ୍ ମିଳିଥିଲା। ଉକ୍ତ ମୋବାଇଲରେ ଥିବା ନମ୍ବରକୁ ଫୋନ୍ କରିବା ପରେ ମୃତକଙ୍କ ପରିଚୟ ପୋଲିସକୁ ମିଳିଥିଲା। ସିଆର୍‌ଆର୍‌ଆଇ ଥାନା ଆଇଆଇସି ବିଜୟ ବାରିକଙ୍କ କହିବାନୁସାରେ, ମୃତକଙ୍କ ଘର ଲୋକେ ଖବର ପାଇବା ପରେ ଆସୁଛନ୍ତି। ସେମାନେ କଟକରେ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରି ମୃତଦେହ ହସ୍ତାନ୍ତର କରାଯିବ। ତେବେ କେମିତି ଯୁବକ ଜଣକ ଡ୍ରେନ୍‌ରେ ପଡ଼ିଲେ ତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହୁଏତ ନିଶାସକ୍ତ ଅବସ୍ଥାରେ ଭାରସାମ୍ୟ ହରାଇ ସେ ଡ୍ରେନ୍‌ରେ ପଡ଼ିଯାଇଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ କାରଣ ଯାହାବି ହେଉନା କାହିଁକି ଦୀର୍ଘଦିନ ଧରି ଡ୍ରେନ ମୁକୁଳା ପଡ଼ିବାରୁ ଏଭଳି ଅଘଟଣ ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଲୋକମାନଙ୍କ କହିବା କଥା ହେଲା ଠିକାଦାର ସ୍ଲାବଗୁଡ଼ିକୁ ଖୋଲିବା ପରେ ସେଗୁଡ଼ିକୁ ଆଉ ଡ୍ରେନ୍‌ରେ ଘୋଡ଼ାଇ ନ ଥିଲେ। ଅପରପକ୍ଷରେ ଏଭଳି ଅଘଟଣ ପରେ ସିଏମ୍‌ସିର ଚେତା ପଶିଛି। ତୁରନ୍ତ ଉକ୍ତ ଅଞ୍ଚଳର ମୁକୁଳା ଡ୍ରେନ୍‌ଗୁଡ଼ିକର ଖୋଲା ଯାଇଥିବା ସ୍ଲାବଗୁଡ଼ିକୁ ପୁଣି ଯଥାସ୍ଥାନରେ ଘୋଡ଼ାଇ ଦିଆଯାଇଛି। ସିଏମ୍‌ସି ମେୟର ସୁବାସ ସିଂହ କୁହନ୍ତି, ଉକ୍ତ ଅଞ୍ଚଳର ଡ୍ରେନ୍‌ରୁ ସ୍ଲାବଗୁଡ଼ିକୁ ଖୋଲାଯାଇ ପଙ୍କୋଦ୍ଧାର କରାଯାଉଥିଲା। ସେଥିପାଇଁ ଖୋଲା ରହିଥିଲା। ସହରର ବିଭିନ୍ନ ଅଞ୍ଚଳରେ ବହୁ ମୁକୁଳା ଡ୍ରେନ୍ ରହିଛି। ପର୍ଯ୍ୟାୟକ୍ରମେ ସେଗୁଡ଼ିକୁ ସ୍ଲାବ ଦ୍ୱାରା ଘୋଡ଼ା ଯାଉଛି। ଏଥିପାଇଁ ଅର୍ଥ ମଞ୍ଜୁର ହୋଇ କାମ ଚାଲୁରହିଛି।

ପ୍ରକାଶ ଯେ, ପ୍ରଶାସନିକ ଅବହେଳା କାରଣରୁ ବିଭିନ୍ନ ସମୟରେ ମୁକୁଳା ଡ୍ରେନ୍‌ରେ ପଡ଼ି ଜଣକ ପରେ ଜଣେ ଲୋକଙ୍କ ପ୍ରାଣହାନି ଘଟୁଛି। ୨୦୨୩ ଜାନୁଆରୀ ୧୫ରେ ବିଡ଼ାନାସୀ ଅଞ୍ଚଳରେ ମୁକୁଳା ଡ୍ରେନ୍‌ରେ ପଡ଼ି ୯ବର୍ଷର ଜୋଶେଫ ସାହାଣୀ ନାମକ ସ୍କୁଲ୍ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଏହାର କିଛି ମାସ ପରେ ଅର୍ଥାତ୍ ଜୁଲାଇ ୧୬ରେ ଖୋଲାସାହିରେ ମୁକୁଳା ଡ୍ରେନ୍‌ରେ ପଡ଼ି ରାଜସ୍ଥାନର ରାହୁଲ୍ ଖଟିକ୍(୨୧)ଙ୍କ ମୃତ୍ୟୁ ଘଟିଥିଲା। ମୁକୁଳା ଡ୍ରେନ୍‌ରେ ପଡ଼ି ଏକାଧିକ ☞ପୃଷ୍ଠା–୪



କଟକ ନୂଆବଜାର ମହିମାନଗରରେ ମୁକୁଳା ପଡ଼ିଥିବା ଡ୍ରେନ୍।

# ଗଣତନ୍ତ୍ରକୁ ତା' ବାଟରେ ଯିବାକୁ ଦିଆଯାଉ

## କେଜ୍‌ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ଆବେଦନ ହାଇକୋର୍ଟରେ ଖାରଜ

ନୂଆଦିଲ୍ଲୀ,୪।୪(ପି.ଟି.)

ଦିଲ୍ଲୀ ଅବକାରୀ ଦୁର୍ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ଗିରଫ ଅରବିନ୍ଦ କେଜ୍‌ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ପାଇଁ ହୋଇଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଗୁରୁବାର ତୃତୀୟ ଥର ପାଇଁ ଖାରଜ କରିଦେଇଛନ୍ତି। ଗଣତନ୍ତ୍ରକୁ ତା' ବାଟରେ ଯିବାକୁ ଦିଆଯାଉ ବୋଲି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ମନମୋହନଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ଜାତୀୟ ସ୍ୱାର୍ଥ ଆଗରେ ବ୍ୟକ୍ତିଗତ ସ୍ୱାର୍ଥ ଗୌଣ। ଆମେ ଆଇନର ଅଦାଲତ ହୋଇଥିବାରୁ ଆମକୁ ଆଇନ ଅନୁଯାୟୀ ଯିବାକୁ ହେବ। ଆପଣଙ୍କର ଉପଚାର ଏଠାରେ ନାହିଁ, ଅନ୍ୟ କେଉଁଠି ରହିଛି। ଆପଣ ଉପଯୁକ୍ତ ଫୋରମକୁ ଯାଆନ୍ତୁ ବୋଲି ଖଣ୍ଡପୀଠ ଆବେଦନକାରୀଙ୍କୁ କହିଥିଲେ।

କେଜ୍‌ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ବାଦ୍ ଦେବାକୁ ଅନୁରୂପ ଏକ ପିଟିଶନକୁ ନିକଟରେ ଉକ୍ତ ଖଣ୍ଡପୀଠ ଖାରଜ କରିଥିଲେ। ଏହା ଉପରେ କୌଣସି ଭିନ୍ନ ମତାମତ ନିଆଯାଇପାରିବ ନାହିଁ। ଏହି ପ୍ରସଙ୍ଗରେ ହାଇକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିବା ପରେ ☞ପୃଷ୍ଠା–୪



ଅରବିନ୍ଦ କେଜ୍‌ରିୱାଲ

# ପରୀକ୍ଷାରେ ଝିଅ ନମ୍ବର କମିବାରୁ ଶିକ୍ଷକଙ୍କୁ ହାଣିଲେ ବାପା

ଢେଙ୍କାନାଳ,୪।୪(ରତନ ନାୟାର)

ଅଷ୍ଟମ ଶ୍ରେଣୀ ପରୀକ୍ଷାରେ ଝିଅର ନମ୍ବର କମିଯିବାରୁ ସହକାରୀ ଶିକ୍ଷକଙ୍କୁ କଟୁରିରେ ହାଣିଛନ୍ତି ଅଭିଭାବକ। ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ପଣ୍ଡୁଆ ଫାଣ୍ଡି ସୋଗର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ୨ ତାରିଖରେ ଘଟିଛି ଏପରି ଏକ ଅଭାବନୀୟ ଘଟଣା। ମରଣାନ୍ତକ ଆକ୍ରମଣରେ ଗୁରୁତର ହୋଇଥିବା ସହକାରୀ ଶିକ୍ଷକ ଅଶୋକ କୁମାର ସାହୁ ଏ ନେଇ ଫାଣ୍ଡିରେ ଅଭିଯୋଗ କରିବା ପରେ ଗୁରୁବାର ପୋଲିସ ଅଭିଯୁକ୍ତ ଅଭିଭାବକ ମକରଧ୍ୱଜ ବେହେରା (୩୮)ଙ୍କୁ ଗିରଫ କରିଛି।

ପୋଲିସ କହିଛି, ସୋଗର ପଞ୍ଚାୟତ ଝଗଡ଼ପଦା ଗ୍ରାମର ମକରଧ୍ୱଜଙ୍କ ଝିଅ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଛନ୍ତି। ପରୀକ୍ଷାରେ ଝିଅର ନମ୍ବର କମିଯିବାରୁ ମକରଧ୍ୱଜ ସ୍କୁଲକୁ ଯାଇ ☞ପୃଷ୍ଠା–୪

# ସ୍କୁଲରେ ବାଜିବ 'ଜଳ ବିରତି ଘଣ୍ଟି'

## ପିଲାଙ୍କୁ ମନେପକାଇବ ପାଣି ପିଇବାର ସମୟ

ଭୁବନେଶ୍ୱର, ୪।୪
(ଅସମାପିକା ସାହୁ)

ରାଜ୍ୟର ସମସ୍ତ ବିଦ୍ୟାଳୟରେ 'ଜଳ ବିରତି ଘଣ୍ଟି' ବାଜିବ। ଏହି ସ୍ୱତନ୍ତ୍ର ଘଣ୍ଟି ଉଭୟ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କୁ ପାଣି ପିଇବାର ସମୟ ମନେପକାଇଦେବ। ଏବେ ସକାଳୁଆ ସ୍କୁଲ୍ ଚାଲିଥିବାବେଳେ ଦୈନିକ ୩ଥର ଜଳ ବିରତି ଘଣ୍ଟି ବାଜିବ। ଏଭଳି ଏକ ଅଭିନବ ପଦକ୍ଷେପ ନେଇଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ।

ରାଜ୍ୟରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଛି। ଗୁରୁବାର ସର୍ବୋଚ୍ଚ ତାପମାତ୍ରା ୪୨ଡିଗ୍ରୀ ଛୁଇଁଥିବା ବେଳେ ଅନେକ ସହରରେ ଦିନ ତାପମାତ୍ରା ୪୧ ଡିଗ୍ରୀ ପାର୍ ହୋଇଛି। ଆଗକୁ ମଧ୍ୟ ଆହୁରି ବଢ଼ିବ। ଏହାକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ବିଦ୍ୟାଳୟ ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକଙ୍କ ସମେତ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏହାସହ ସିଧାସଳଖ ଭାବରେ ସୂର୍ଯ୍ୟକିରଣ ସଂସ୍ପର୍ଶରେ ନ ଆସିବା ପାଇଁ ସଚେତନ ରହିବାକୁ ମଧ୍ୟ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ☞ପୃଷ୍ଠା–୪



**ଆଜିର ସମ୍ପାଦକୀୟ**

**ତୁର୍କୀ ଗଣତନ୍ତ୍ରର ବିଜୟ**

# ସ୍କୁଲ ସମୟ ପରିବର୍ତ୍ତନ: ଆଜି ହୋଇପାରେ ନିଷ୍ପତ୍ତି

ଭୁବନେଶ୍ୱର, ୪।୪
(ଅସମାପିକା ସାହୁ)

ରାଜ୍ୟରେ ପାରଦ ୪୨ ଡିଗ୍ରୀ ଛୁଇଁଲାଣି। ସକାଳ ୯ଟା ପରେ ବି ଘରୁ ବାହାରିବା କଷ୍ଟ ହୋଇପଡ଼ିଲାଣି। ଏପରି ସ୍ଥିତିରେ ସ୍କୁଲ ସମୟକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଚିନ୍ତା ବଢ଼ିଛି। ଖରାକୁ ଦୃଷ୍ଟିରେ ରଖି ଗଣଶିକ୍ଷା ବିଭାଗ ସ୍କୁଲ ସମୟ ପରିବର୍ତ୍ତନ କରି ସକାଳୁଆ କରିଥିଲା। ସକାଳ ୭ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ସ୍କୁଲ ଚାଲୁଛି। କିନ୍ତୁ ଛୁଟି ହେବା ପରେ ପିଲାମାନେ ଘରକୁ ଫେରିବା ବେଳେ ଉହଡହ ଖରାତାତି ସାଙ୍ଗକୁ ଗୁଳୁଗୁଳି କଷ୍ଟ ଦେଉଛି। ସେପଟେ ରାଜ୍ୟରେ ପାରଦ ଆହୁରି ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏସବୁକୁ ଦୃଷ୍ଟିରେ ରଖି କିଛିଦିନ ପାଇଁ ସ୍କୁଲ ଛୁଟି କିମ୍ବା ସମୟ ପରିବର୍ତ୍ତନ କରି ହାଫ୍ ଡେ' ସ୍କୁଲ କରିବା ପାଇଁ ଅଭିଭାବକମାନେ ଦାବି କରୁଛନ୍ତି। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ମଧ୍ୟ ସ୍କୁଲ ସମୟ ପରିବର୍ତ୍ତନ ନେଇ ସରକାରଙ୍କୁ ☞ପୃଷ୍ଠା–୪







# ମୋଦି ମିଛୁଆଙ୍କ ସର୍ଦ୍ଦାର: ଖାର୍ଗେ

## ଚାଇନା ଭାରତରେ ଅନୁପ୍ରବେଶ କରୁଥିବାବେଳେ ପ୍ରଧାନମନ୍ତ୍ରୀ ଶୋଇଯାଉଛନ୍ତି

**ଜୟପୁର,୪।୪(ପି.ଟି.)**

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମିଛୁଆଙ୍କ ସର୍ଦ୍ଦାର ବୋଲି କହିଛନ୍ତି। ଭାରତୀୟ ଅଞ୍ଚଳ ମଧ୍ୟରେ ଚାଇନା ଅନୁପ୍ରବେଶ କରୁଥିବାବେଳେ ପ୍ରଧାନମନ୍ତ୍ରୀ ଶୋଇଯାଉଥିବା ସେ ଅଭିଯୋଗ କରିଛନ୍ତି। ରାଜସ୍ଥାନର ଚିତ୍ତୋରଗଡ଼ରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ଖାର୍ଗେ କହିଥିଲେ, ମୋଦି ଦେଶ ପାଇଁ ଚିନ୍ତା କରୁନାହାନ୍ତି। ବରଂ ଦେଶ ପାଇଁ ଜୀବନ ଦେଇଥିବା ଗାନ୍ଧୀ ପରିବାରର ସଦସ୍ୟମାନଙ୍କୁ ଗାଳି ଦେବାରେ ସେ ବ୍ୟସ୍ତ ରହୁଛନ୍ତି। ପ୍ରଧାନମନ୍ତ୍ରୀ ପୂର୍ବରୁ କହିଥିଲେ,


ମଲ୍ଲିକାର୍ଜୁନ ଖାର୍ଗେ

ତାଙ୍କର ୫୬ ଇଞ୍ଚ ଛାତି ଓ ସେ ଭୟ କରନ୍ତି ନାହିଁ। ଯଦି ଆପଣ ଭୟ କରୁ ନାହାନ୍ତି, ତେବେ ଆମର ଏକ ବୃହତ୍ ଅଞ୍ଚଳକୁ ଚାଇନା ହାତରେ ଟେକିଦେଲେ କାହିଁକି। ଚାଇନା ସୈନ୍ୟ ଅନୁପ୍ରବେଶ କଲାବେଳେ ନିଦ ବଟିକା ଖାଉଛ ନା ସେମାନେ ରାଜସ୍ଥାନ କ୍ଷେତରୁ ଅଫିମ ନେଇ ଆପଣଙ୍କୁ ଖୁଆଉଛନ୍ତି ବୋଲି ଖାର୍ଗେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ବିପକ୍ଷ ନେତାମାନଙ୍କ ବିରୋଧରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର କାର୍ଯ୍ୟାନୁଷ୍ଠାନକୁ ନେଇ ଖାର୍ଗେ ମୋଦିଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଦୁର୍ନୀତିଗ୍ରସ୍ତ ନେତା ଭାଜପାକୁ ଯିବା ମାତ୍ରେ ଦୋଷମୁକ୍ତ ହୋଇଯାଉଥିବା ସେ କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ପାଖରେ ଏକ ବଡ଼ ୱାଶିଂ ମେଶିନ ରହିଥିବା ଖାର୍ଗେ କଟାକ୍ଷ କରିଛନ୍ତି। ଯେପର୍ଯ୍ୟନ୍ତ ନେତାମାନେ ଆମ ପାଖରେ ଅଛନ୍ତି, ସେମାନେ ଦୁର୍ନୀତିଗ୍ରସ୍ତ। ଭାଜପା ପାଖକୁ ଗଲେ ସେମାନେ ମାସକ ମଧ୍ୟରେ ସ୍ୱଚ୍ଛ ହୋଇଯାଉଛନ୍ତି। ଭାଜପାରେ ଥିବା ଲୋକମାନେ ଜାଲ୍ ଓ ମିଛୁଆ ଏବଂ ମୋଦି ମିଛୁଆ ମାନଙ୍କ ସର୍ଦ୍ଦାର। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ଆୟକର ବିଭାଗ କଂଗ୍ରେସ ନେତାଙ୍କ ପଛରେ ପଡ଼ିଥିବା ଖାର୍ଗେ କହିଛନ୍ତି।

ସୂଚନାଯୋଗ୍ୟ, ଚାଇନା ପ୍ରକୃତ ନିୟନ୍ତ୍ରଣ ରେଖା ଅନ୍ତର୍ଗତ ପୂର୍ବ ଲଦାଖର ସୀମାନ୍ତ ଅଞ୍ଚଳକୁ ଅକ୍ତିଆର କରି ନିଜର ବୋଲି ଦାବି କରୁଥିବା ବେଳେ ନିକଟରେ ଅରୁଣାଚଳ ପ୍ରଦେଶର ୩୦ଟି ସ୍ଥାନର ନାଁ ବଦଳାଇ ଦେଇଛି।

# ସୋନିଆ, ଅଶ୍ୱିନୀଙ୍କ ସମେତ ୧୨ ରାଜ୍ୟ ସଭା ସଦସ୍ୟ ଶପଥ ନେଲେ


ସୋନିଆ ଗାନ୍ଧୀ


ଅଶ୍ୱିନୀ ବୈଷ୍ଣବ

**ନୂଆଦିଲ୍ଲୀ,୪।୪(ପି.ଟି.)**

ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସମେତ ୧୪ ନବନିର୍ବାଚିତ ରାଜ୍ୟ ସଭା ସଦସ୍ୟ ଗୁରୁବାର ଶପଥ ଗ୍ରହଣ କରିଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଆରେ ଶପଥ ପାଠ କରିଥିଲେ। ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ନୂଆ ପାର୍ଲାମେଣ୍ଟ ଭବନରେ ସେମାନଙ୍କୁ ଏମ୍‌ପି ଭାବେ ଶପଥ ପାଠ କରାଇଥିଲେ। ସୋନିଆ ରାଜସ୍ଥାନରୁ ଉଚ୍ଚ ସଦନକୁ ନିର୍ବାଚିତ ହୋଇଥିବାବେଳେ ଅଶ୍ୱିନୀ ଓଡ଼ିଶାରୁ ନିର୍ବାଚିତ ହୋଇଛନ୍ତି। କଂଗ୍ରେସ ନେତା ଅଜୟ ମାକେନ ଏବଂ ସୟେଦ ନାସିର ହୁସେନ୍ କର୍ଣ୍ଣାଟକରୁ ଭାଜପା ନେତା ଆର୍.ପି.ଏନ୍. ସିଂ ଉତ୍ତରପ୍ରଦେଶରୁ, ସମିକ ଭଟ୍ଟାଚାର୍ଯ୍ୟ ପଶ୍ଚିମବଙ୍ଗରୁ ରାଜ୍ୟ ସଭାକୁ ଯାଇଛନ୍ତି। ଶପଥ ନେଇଥିବା ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ବିହାରରୁ ଜେଡିୟୁ ନେତା ସଞ୍ଜୟ କୁମାର ଝା, ଓଡ଼ିଶାରୁ ବିଜେଡି ନେତା ଶୁଭାଶିଷ ଖୁଣ୍ଟିଆ ଏବଂ ଦେବାଶିଷ ସାମନ୍ତରାୟ, ରାଜସ୍ଥାନରୁ ଭାଜପା ନେତା ମଦନ ରାଠୋର, ୱାଇଏସ୍‌ଆର୍‌ସିପି ନେତା ଗୋଲା ବାବୁରାଓ, ମେଦା ରଘୁନାଥ ରେଡ୍ଡୀ, ୟେରାମ ଭେଙ୍କଟ ସୁବା ରେଡ୍ଡୀ ଏବଂ ବିଆର୍‌ଏସ୍ ନେତା ରବି ଚନ୍ଦ୍ର ବଦ୍ଦିରାଜୁ। ସୂଚନାଯୋଗ୍ୟ ବିଜେଡି ଏମ୍‌ପି ପ୍ରଶାନ୍ତ ନନ୍ଦ ଓ ଅମର ପଟ୍ଟନାୟକଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଦେବାଶିଷ ଓ ସୁଭାଶିଷ ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେହିପରି ଅଶ୍ୱିନୀଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ସେ ପୁଣି ଥରେ ରାଜ୍ୟସଭାକୁ ଯାଇଛନ୍ତି।

## ସଂକ୍ଷେପରେ

### ଇରାନରେ ସଂଘର୍ଷ: ୫ ଯବାନଙ୍କ ସମେତ ୧୩ ମୃତ

**ଦୁବାଇ,୪।୪**

ଦକ୍ଷିଣ-ପୂର୍ବ ଇରାନର ବିଭିନ୍ନ ସ୍ଥାନରେ ସଂଘର୍ଷ ଘଟି ୮ ବନ୍ଧୁକଧାରୀ ଏବଂ ୫ ଯବାନ ନିହତ ହୋଇଛନ୍ତି। ଅନ୍ୟ ୧୦ ଜଣ ସୁରକ୍ଷା ବଳ କର୍ମଚାରୀ ଆହତ ହୋଇଥିବା ଜଣାପଡ଼ିଛି। ସିସ୍ତାନ ଏବଂ ବାଲୁଚିସ୍ତାନ ପ୍ରଦେଶରେ ଗତ ରାତିରେ ବନ୍ଧୁକଧାରୀମାନେ ରାସ୍କ ଟାଉନରେ ଥିବା ରିଭଲ୍ୟୁଶନାରୀ ଗାର୍ଡ ପୋଷ୍ଟ ଉପରେ ଗୁଳିମାଡ଼ କରିବା ସହ ଚାବହାର ସହରର ଏକ ତଟରକ୍ଷୀ କେନ୍ଦ୍ର ଉପରେ ଆକ୍ରମଣ କରିଥିଲେ। ୬ ଆକ୍ରମଣକାରୀ ଗିରଫ ହୋଇଛନ୍ତି।

### କଂଗ୍ରେସ ଛାଡ଼ି ଭାଜପାରେ ଗୌରବ ବଲ୍ଲଭ



**ନୂଆଦିଲ୍ଲୀ,୪।୪**

ଫାଇନାନ୍ସ ତଥା ଅର୍ଥନୀତି ସମ୍ପର୍କିତ ଟିଭି ବିତର୍କ କାର୍ଯ୍ୟକ୍ରମରେ କଂଗ୍ରେସରୁ ପ୍ରତିନିଧିତ୍ୱ କରୁଥିବା ଦଳର ମୁଖପାତ୍ର ପ୍ରଫେସର ଗୌରବ ବଲ୍ଲଭ ଗୁରୁବାର ଦଳ ଛାଡ଼ିବାର କିଛି ଘଣ୍ଟା ପରେ ଭାଜପାରେ ଯୋଗଦେଇଛନ୍ତି। ଭାଜପା ସାଧାରଣ ସମ୍ପାଦକ ବିନୋଦ ତାୱଡେଙ୍କ ଉପସ୍ଥିତିରେ ସେ ପଦ୍ମ ଧରିଛନ୍ତି। କଂଗ୍ରେସ ଦିଶାହୀନ ହୋଇପଡ଼ିଥିବା ସେ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ପାଖକୁ ଲେଖିଥିବା ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ସେ ଜାତି ଜନଗଣନାକୁ ବିରୋଧ କରିବା ସହ ସନାତନ ଧର୍ମ ବିରୋଧୀ ସ୍ଲୋଗାନ ସପକ୍ଷରେ ଯୁକ୍ତି ବାଢ଼ିପାରିବେ ନାହିଁ ବୋଲି କହି କଂଗ୍ରେସ ଛାଡ଼ିଛନ୍ତି।

### ଜନମତ ସର୍ଭେ: ୬ ରାଜ୍ୟରେ ବାଇଡେନ୍‌ଙ୍କଠାରୁ ଟ୍ରମ୍ପ୍ ଆଗରେ

**ୱାଶିଂଟନ,୪।୪**

ଆମେରିକା ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ନିକଟରେ ହୋଇଥିବା ଏକ ଜନମତ ସର୍ଭେ ରିପୋର୍ଟ ଅନୁଯାୟୀ ଜୋର୍‌ଦାର ଲଢ଼େଇ ହେବାକୁ ଥିବା ୬ରୁ ୭ ରାଜ୍ୟରେ ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ବର୍ତ୍ତମାନର ରାଷ୍ଟ୍ରପତି ତଥା ଡେମୋକ୍ରାଟ ପ୍ରାର୍ଥୀ ଜୋ ବାଇଡେନ୍‌ଙ୍କଠାରୁ ଆଗରେ ରହିଛନ୍ତି। ଉକ୍ତ ରାଜ୍ୟଗୁଡ଼ିକ ହେଲେ ପେନ୍‌ସିଲଭାନିଆ, ମିଚିଗାନ, ଆରିଜୋନା, ଜର୍ଜିଆ, ନେଭଡ଼ା ଏବଂ ନର୍ଥ କରୋଲିନା। ବାଇଡେନ୍‌ଙ୍କ ସାମର୍ଥ୍ୟକୁ ନେଇ ଭୋଟରମାନେ ପ୍ରଶ୍ନ ଉଠାଇଛନ୍ତି। ସେମାନେ ଦେଶର ଅର୍ଥବ୍ୟବସ୍ଥାକୁ ନେଇ ଅସନ୍ତୁଷ୍ଟ ଅଛନ୍ତି। ଆଗାମୀ ନିର୍ବାଚନରେ ଟ୍ରମ୍ପ୍ ଓ ବାଇଡେନ୍‌ଙ୍କ ମଧ୍ୟରେ କଡ଼ା ମୁକାବିଲା ହେବାକୁ ଥିବାବେଳେ ବିଜୟୀ ନିର୍ଦ୍ଧାରଣ କରିବାରେ ଏହି ରାଜ୍ୟଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ। ୱାଲ୍ ଷ୍ଟ୍ରିଟ୍ ଜର୍ନାଲ ପକ୍ଷରୁ ଏହି ସର୍ଭେ କରାଯାଇଥିଲା।


ଅଭିନେତ୍ରୀ ତଥା ଭାଜପା ପ୍ରାର୍ଥୀ ହେମା ମାଳିନୀ ଗୁରୁବାର ମଥୁରା ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

## ହେମାମାଳିନୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ: ସୁର୍‌ଜେୱାଲାଙ୍କୁ ମହିଳା କମିଶନଙ୍କ ସମନ୍

**ଅମ୍ବାଲା, ୪।୪**

ବଲିଉଡ୍ ଅଭିନେତ୍ରୀ ତଥା ଭାଜପା ଏମ୍‌ପି ହେମାମାଳିନୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିବାରୁ କଂଗ୍ରେସ ନେତା ରଣଦୀପ ସୁରଜେୱାଲାଙ୍କୁ ଗୁରୁବାର ହରିୟାଣା ମହିଳା କମିଶନ ସମନ୍ ଜାରି କରିଛନ୍ତି। ସୁରଜେୱାଲାଙ୍କ ବୟାନ ଫଳରେ ମହିଳାଙ୍କ ସମ୍ମାନରେ ଆଞ୍ଚ ଆସିଥିବା ଦର୍ଶାଇ ଏହି ସମନ୍ ଜାରି ହୋଇଛି। ତେବେ ଏନେଇ ଏପ୍ରିଲ ୯ରେ ଜବାବ ରଖିବାକୁ ସୁରଜେୱାଲାଙ୍କୁ ହରିୟାଣା ମହିଳା କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ହରିୟାଣା କୈଥଲ ଜିଲାର ଏକ ଗ୍ରାମରେ ନିର୍ବାଚନୀ ଜନସଭାକୁ ସମ୍ବୋଧନ କରି ହେମାମାଳିନୀଙ୍କ ବିରୋଧରେ ସୁର୍‌ଜେୱାଲା ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଏ ସମ୍ପର୍କିତ ଏକ ଭିଡିଓ ଭାଜପା ଆଇଟି ସେଲ୍ ପକ୍ଷରୁ ଜାରି କରାଯାଇ କଂଗ୍ରେସକୁ ମହିଳା ବିରୋଧୀ ଦଳ ଭାବେ କୁହାଯାଇଛି। ତେବେ ଏନେଇ କଂଗ୍ରେସ ନେତା ରଣଦୀପ ସୁର୍‌ଜେୱାଲା ପ୍ରତିକ୍ରିୟା ରଖିଛନ୍ତି। ତାଙ୍କ ଭାଷଣର କେବଳ କିଛି ଅଂଶ ଶେୟାର କରି ଭାଜପା ମିଥ୍ୟା ଅପପ୍ରଚାର କରୁଥିବା ସେ କହିଛନ୍ତି।

# ସବୁଦିନ ନିର୍ବାଚନମଣ୍ଡଳୀ ଯାଇ ଲୋକଙ୍କ ସମସ୍ୟା ସମାଧାନ କର

## ଜେଲରୁ ଆପ୍ ବିଧାୟକଙ୍କୁ କେଜ୍‌ରିୱାଲଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୪।୪**

ଆମ୍ ଆଦ୍‌ମୀ ପାର୍ଟି(ଆପ୍) ବିଧାୟକମାନେ ସେମାନଙ୍କ ନିର୍ବାଚନ ମଣ୍ଡଳୀକୁ ପ୍ରତିଦିନ ଯାଇ ଲୋକମାନଙ୍କ ସମସ୍ୟାର ସମାଧାନ କରିବାକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତିହାର ଜେଲରୁ ଏକ ବାର୍ତ୍ତା ପଠାଇଛନ୍ତି। ସ୍ତ୍ରୀ ସୁନୀତା କେଜ୍‌ରିୱାଲ ଗୁରୁବାର ଏହି ବାର୍ତ୍ତା ସମ୍ପର୍କରେ କହିଛନ୍ତି। କେଜ୍‌ରିୱାଲ ତାଙ୍କ ବାର୍ତ୍ତାରେ କହିଛନ୍ତି, ଯଦିଓ ସେ ଜେଲରେ ରହିଛନ୍ତି, ଦିଲ୍ଲୀର ଦୁଇ କୋଟି ଜନସାଧାରଣ ତାଙ୍କର ପରିବାର। ସେମାନେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବାକୁ ହେବ। ସରକାରୀ କାର୍ଯ୍ୟ ସହ ଲୋକଙ୍କ ସମସ୍ୟାର ସମାଧାନ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ କେଜ୍‌ରିୱାଲ ଗିରଫ ହୋଇ ଏପ୍ରିଲ ୧୫ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତରେ ରହିଛନ୍ତି।

# ସୋରେନ୍‌ଙ୍କ ୩୧ କୋଟି ଟଙ୍କାର ଜମିକୁ ବାଜ୍ୟାପ୍ତ କଲା ଇଡି

**ନୂଆଦିଲ୍ଲୀ,୪।୪(ପି.ଟି.)**

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଓ ତାଙ୍କ ସହଯୋଗୀମାନଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନିଲଣ୍ଡରିଂ ମାମଲାର ତଦନ୍ତ ଚଳାଇଛି। ଇତିମଧ୍ୟରେ ରାଞ୍ଚିରେ ଥିବା ସୋରେନ୍‌ଙ୍କ ୮.୮୬ ଏକର ଜମିକୁ ଇଡି ବାଜ୍ୟାପ୍ତ କରିଥିବା ଗୁରୁବାର କହିଛି। ଉକ୍ତ ସମ୍ପତ୍ତିର ମୂଲ୍ୟ ୩୧ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ୪୮ ବର୍ଷୀୟ ସୋରେନ୍‌ଙ୍କ ସମେତ ଇଡି ଭାନୁପ୍ରତାପ ପ୍ରସାଦ, ରାଜକୁମାର ପହାନ, ହିଲାରିୟାସ କଚ୍ଛପ ଏବଂ ବିନୋଦ ସିଂଙ୍କ ବିରୋଧରେ ଇଡି ମାର୍ଚ୍ଚ ୩୦ରେ ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା। କୋର୍ଟ ଗୁରୁବାର ଏହାକୁ ଶୁଣାଣି ପାଇଁ ଗ୍ରହଣ କରିଥିବା ଇଡି କହିଛି। ଉକ୍ତ ୮.୮୬ ଏକର ପ୍ଲଟ୍‌କୁ ଜବତ କରିବା ଲାଗି ଇଡି କୋର୍ଟଙ୍କୁ ନିବେଦନ କରିଛି। ଗତ ଜାନୁଆରୀରେ ଇଡି ସୋରେନ୍‌ଙ୍କୁ ଗିରଫ କରିଥିବାବେଳେ ଏହା ପୂର୍ବରୁ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ସେ ଏବେ ବିଚାରାଧୀନ କଏଦୀ ଭାବେ ରାଞ୍ଚିର ବିର୍ସାମୁଣ୍ଡା କେନ୍ଦ୍ରୀୟ ଜେଲରେ ରହିଛନ୍ତି।

# ଅମେଠିରୁ ଲଢ଼ିପାରନ୍ତି ରବର୍ଟ ଭଦ୍ରା

**ନୂଆଦିଲ୍ଲୀ, ୪।୪ (ପି.ଟି.)**

କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସ୍ୱାମୀ ରବର୍ଟ ଭଦ୍ରା ଗୁରୁବାର ସକ୍ରିୟ ରାଜନୀତିରେ ଯୋଗଦେବା ନେଇ ସଙ୍କେତ ଦେଇଛନ୍ତି। ସେ ଚଳିତ ଥର ଅମେଠିରୁ ଲୋକସଭା ନିର୍ବାଚନ ଲଢ଼ନ୍ତୁ ବୋଲି ଏଠାକାର ଜନସାଧାରଣ ଚାହୁଁଥିବା, ରବର୍ଟ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଅନେକ ବର୍ଷ ଧରି ଅମେଠି, ରାଏବରେଲି ଓ ସୁଲତାନପୁର ଅଞ୍ଚଳର ଉନ୍ନତି ପାଇଁ ଗାନ୍ଧୀ ପରିବାର କଠିନ ପରିଶ୍ରମ କରିଥିବାବେଳେ ଗତ ୫ ବର୍ଷ



ଧରି ଅମେଠି ବିକାଶଠାରୁ ବହୁ ଦୂରକୁ ଚାଲିଯାଇଥିବା ସେ କହିଛନ୍ତି।

ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀ ସ୍ମୃତି ଇରାନୀଙ୍କୁ ନିର୍ବାଚିତ କରି ଅମେଠିବାସୀ ପଶ୍ଚାତ୍ତାପ କରୁଛନ୍ତି। ବର୍ତ୍ତମାନର ଏମ୍‌ପି ଅଞ୍ଚଳର ଉନ୍ନତି ଅପେକ୍ଷା ଗାନ୍ଧୀନେହେରୁ ପରିବାରକୁ ଅଯଥା ଟାର୍ଗେଟ କରି ସମୟ ଅତିବାହିତ କରୁଥିବା ସେ ଅଭିଯୋଗ ଆଣିଛନ୍ତି।

# ବିନା ଭୋଟର ପରିଚୟପତ୍ରରେ ଭୋଟ ଦେଇହେବ

## ଗାଇଡ୍‌ଲାଇନ ଜାରି କଲେ ଇସି

**ନୂଆଦିଲ୍ଲୀ,୪।୪(ପି.ଟି.)**

କୌଣସି ଜଣେ ବି ପ୍ରକୃତ ଭୋଟର ଯେପରି ମତଦାନ ଅଧିକାରରୁ ବଞ୍ଚିତ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ଭାରତର ନିର୍ବାଚନ କମିଶନ (ଇସିଆଇ) ରାଜ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୋଟର ପରିଚୟ ପତ୍ରରେ ମୁଦ୍ରଣଗତ ତ୍ରୁଟି କିମ୍ବା ଉଚ୍ଚାରଣଗତ ତ୍ରୁଟି ରହିଥିଲେ, ସେଗୁଡ଼ିକୁ ଏଡ଼ାଇ ଯିବା ପାଇଁ ନିର୍ବାଚନ ଅଧିକାରୀମାନଙ୍କୁ କୁହାଯାଇଛି। ଇସିଆଇଙ୍କ ପକ୍ଷରୁ ଜାରି ଗାଇଡ୍‌ଲାଇନରେ କୁହାଯାଇଛି, ଗୋଟିଏ ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାରେ ଜଣକ ନାଁ ଥାଇ ଅନ୍ୟ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଜାରି କରିଥିବା ଭୋଟର ଆଇ-କାର୍ଡକୁ ସେମାନଙ୍କ ପରିଚୟ ପ୍ରମାଣ ଭାବେ ଗ୍ରହଣ କରାଯିବ। ଯଦି କୌଣସି ମତଦାତା ଭୋଟର ପରିଚୟ ପତ୍ର ଦେଖାଇ ନ ପାରନ୍ତି, ତେବେ ଫଟୋ ପରିଚୟ ଥିବା ବିକଳ୍ପ ଡକ୍ୟୁମେଣ୍ଟ ଉପସ୍ଥାପନ କରିବେ। ଏଥିପାଇଁ ଆଧାର କାର୍ଡ, ଜବ୍ କାର୍ଡ, ବ୍ୟାଙ୍କ ଏବଂ ପୋଷ୍ଟ ଅଫିସ ଇସ୍ୟୁ କରିଥିବା ପାସ୍‌ବୁକ୍, ଶ୍ରମ ମନ୍ତ୍ରଣାଳୟ ଦ୍ୱାରା ଜାରି ସ୍ୱାସ୍ଥ୍ୟ ବୀମା ସ୍ମାର୍ଟ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପାନ୍ କାର୍ଡ ଏବଂ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍) ଅଧୀନରେ ଭାରତର ରେଜିଷ୍ଟ୍ରାର ଜେନେରାଲ ଜାରି କରିଥିବା ସ୍ମାର୍ଟ କାର୍ଡକୁ ଗ୍ରହଣ କରାଯିବ। ଏହା ବ୍ୟତୀତ ଭାରତୀୟ ପାସ୍‌ପୋର୍ଟ, ଫଟୋ ଥିବା ପେନ୍‌ସନ ଦସ୍ତାବିଜ, କେନ୍ଦ୍ର, ରାଜ୍ୟ ସରକାର କିମ୍ବା ପିଏସ୍‌ୟୁ ଦ୍ୱାରା ଇସ୍ୟୁ ହୋଇଥିବା କର୍ମଚାରୀଙ୍କ ଫଟୋ ଥିବା ସର୍ଭିସ ଆଇ-କାର୍ଡକୁ ଭୋଟରଙ୍କ ପରିଚୟ ଭାବେ ଗ୍ରହଣ କରାଯିବ।

## ଫୁର୍‌ସତ

# ସମାନତା ଆଣିବାର ବିଶ୍ୱାସ ହେଉଛି ସମତା ଦିବସ



ଆଜି ଅର୍ଥାତ୍ ଏପ୍ରିଲ ୫ରେ ସମଗ୍ର ରାଜ୍ୟରେ ପାଳନ ହେଉଛି ସମତା ଦିବସ। ଜାତୀୟତାବାଦୀ ରାଜନେତା ବାବୁ ଜଗଜୀବନ ରାମଙ୍କ ଜନ୍ମ ବାର୍ଷିକୀକୁ ସମତା ଦିବସ ଭାବରେ ପାଳନ କରାଯାଏ। ସମାଜରେ ସମସ୍ତଙ୍କ ମଧ୍ୟରେ ସମାନତା ଆଣିବାର ବିଶ୍ୱାସ ଜନ୍ମାଇବା ପାଇଁ ଏହି ଦିନଟିକୁ ପାଳନ କରାଯାଇଥାଏ।

ଜଗଜୀବନ ୫ ଏପ୍ରିଲ ୧୯୦୮ରେ ଚନ୍ଦୱାଠାରେ ଏକ ହରିଜନ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେତେବେଳେ ସମାଜ ତାଙ୍କ ଉପରେ ଅନେକ ସାମାଜିକ ନୀତି ନିୟମ ପ୍ରୟୋଗ କରିଥିଲା। ଏହି କଠୋର ନିୟମ ତାଙ୍କୁ ଦୁନିଆରୁ ଅନ୍ୟମାନଙ୍କଠାରୁ ଅଲଗା କରି ରଖୁଥିଲା। ସେ ଅସ୍ପୃଶ୍ୟ ଭାବରେ ଭାଙ୍ଗି ପଡ଼ିଥିଲେ।

ଯେତେବେଳେ ସେ ଜଣେ ସ୍କୁଲ ଛାତ୍ର ଥିଲେ ସେତେବେଳେ ସେ ସାମାଜିକ ସଂସ୍କାରକ ହୋଇଥିଲେ। ସେ ବ୍ୟକ୍ତିଗତ ଭାବେ ସତ୍ୟାଗ୍ରହ ଆନ୍ଦୋଳନର ଡାକରା ଦେଇଥିଲେ। ଏଥିପାଇଁ ତାଙ୍କୁ ୧୯୫୦ରେ ଜେଲ୍ ହୋଇଥିଲା। ସେ ୧୯୩୨ରୁ ୧୯୭୭ପର୍ଯ୍ୟନ୍ତ ଭାରତୀୟ ଜାତୀୟ କଂଗ୍ରେସ ସହ ଜଡ଼ିତ ଥିଲେ ଏବଂ ୩୬ ବର୍ଷ ପର୍ଯ୍ୟନ୍ତ ଲୋକ ସଭାର ସଦସ୍ୟ ରହିଥିଲେ। ଜଗଜୀବନ ୧୯୪୬ରୁ ୧୯୬୩ ପର୍ଯ୍ୟନ୍ତ କେନ୍ଦ୍ର ମନ୍ତ୍ରୀ ଥିଲେ। ସେ ଜାନୁଆରୀରୁ ଜୁଲାଇ ୧୯୭୯ ପର୍ଯ୍ୟନ୍ତ ଭାରତର ଉପମୁଖ୍ୟମନ୍ତ୍ରୀ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ।

ସେ ଏକ ଜାତିହୀନ ଏବଂ ଗଣତାନ୍ତ୍ରିକ ହିନ୍ଦୁ ସମାଜର ସ୍ୱପ୍ନ ଦେଖିଥିଲେ। ସେ ସମାଜର ପରିବର୍ତ୍ତନ ଏବଂ ସମାଜର ଦୁର୍ବଳ ଶ୍ରେଣୀର ଉନ୍ନତି ପାଇଁ ଲବି ଗୋଷ୍ଠୀରେ ସକ୍ରିୟ ଭାବରେ ଜଡ଼ିତ ଥିଲେ। ସାମ୍ପ୍ରଦାୟିକ ପକ୍ଷପାତିତା ବିରୋଧରେ ଅସନ୍ତୋଷ ଦେଖାଇବା ପାଇଁ ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଅନୁସୂଚିତ ଜାତିର ଆୟୋଜନ କରିଥିଲେ ଏବଂ ବଙ୍ଗଳାର ସାମାଜିକ ତଥା ରାଜନୈତିକ ନେତାଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସମ୍ମିଳନୀ ଆୟୋଜନ କରିଥିଲେ। ଗାନ୍ଧିଜୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅସ୍ପୃଶ୍ୟତା ବିରୋଧୀ ଆନ୍ଦୋଳନରେ ସେ ଜଣେ ସକ୍ରିୟ ଅଂଶଗ୍ରହଣକାରୀ ଥିଲେ।

ସେ ମଣିଷର ସମ୍ମାନ ଏବଂ ସ୍ୱାଧୀନତା ଉପରେ ବିଶ୍ୱାସ କରୁଥିଲେ। କିଛି ଲୋକଙ୍କ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟାଚାରକୁ ସେ ଘୃଣା କରୁଥିଲେ ଏବଂ କାହା ପ୍ରତି ବଳାତ୍କାର ହେଲେ ଘୋର ବିରୋଧ କରୁଥିଲେ। ଜୁଲାଇ ୧୯୮୬ରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ୫ ଏପ୍ରିଲରେ ସବୁ ରାଜ୍ୟରେ ଜଗଜୀବନ ରାମଙ୍କ ଜନ୍ମ ବାର୍ଷିକୀ ପାଳନ ପାଇଁ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ।

# ଭାରତର ସାମୁଦ୍ରିକ ଇତିହାସ ଗୌରବମୟ

## ଜାତୀୟ ସାମୁଦ୍ରିକ ଦିବସ



ଭାରତର ସାମୁଦ୍ରିକ ଇତିହାସ ବେଶ୍ ସମୃଦ୍ଧ ଏବଂ ଗୌରବମୟ ଅଟେ। ପ୍ରାଚୀନ କାଳରୁ ଦକ୍ଷିଣ ଭାରତୀୟମାନେ ପୂର୍ବ ଏସିଆ ଏବଂ ପଶ୍ଚିମରେ ଆରବ ଜଗତ ସହିତ ଜାହାଜରେ ପରିବହନ କରିଆସୁଥିଲେ। ଆଧୁନିକ ଯୁଗରେ ଭାରତ ସାମୁଦ୍ରିକ କ୍ଷେତ୍ରରେ ଅନେକ ଅଗ୍ରଗତି କରିଛି। ଭାରତ ହେଉଛି ବିଶ୍ୱର ଷଷ୍ଠ ବୃହତ୍ତମ ଜାହାଜ କାରବାର ଦେଶ।

ଜାତୀୟ ସାମୁଦ୍ରିକ ଦିବସ ପ୍ରତିବର୍ଷ ୫ ଏପ୍ରିଲରେ ଦେଶରେ ପାଳନ କରାଯାଏ। ଯେଉଁମାନେ ଭାରତର ସାମୁଦ୍ରିକ ଇତିହାସ ଏବଂ ସାମୁଦ୍ରିକ କ୍ଷେତ୍ରର ବିକାଶରେ ଯୋଗଦାନ ଦେଇଛନ୍ତି, ସେମାନଙ୍କୁ ସ୍ମରଣ କରିବା ପାଇଁ ଏହି ଦିନ ପାଳନ କରାଯାଏ। ଜାତୀୟ ସାମୁଦ୍ରିକ ଦିବସ ଅବସରରେ ଭାରତ ସରକାର ସାମୁଦ୍ରିକ କ୍ଷେତ୍ରର ବିକାଶ ଏବଂ ସାମୁଦ୍ରିକ ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ସାମୁଦ୍ରିକ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଲୋକଙ୍କୁ ମଧ୍ୟ ସରକାର ପୁରସ୍କାର ପ୍ରଦାନ କରାଯାଏ।

ପ୍ରଥମ ଜାତୀୟ ସାମୁଦ୍ରିକ ଦିବସ ୫ ଏପ୍ରିଲ ୧୯୬୪ରେ ପାଳନ କରାଯାଇଥିଲା। ପ୍ରତିବର୍ଷ ପରି, ଏହି ବର୍ଷ ମଧ୍ୟ ଜାତୀୟ ସାମୁଦ୍ରିକ ଦିବସର ଥିମ ପ୍ରସ୍ତୁତ କରାଯାଇଛି। ଏହି ବର୍ଷର ବିଷୟବସ୍ତୁ ହେଉଛି 'ନାଭିଗେଟିଙ୍ଗ୍ ଦ ଫ୍ୟୁଚର୍:ସେଫ୍‌ଟି ଫାର୍ଷ୍ଟ'। ଏହି ଥିମ ସାମୁଦ୍ରିକ କ୍ଷେତ୍ରରେ ସୁରକ୍ଷାର ଗୁରୁତ୍ୱକୁ ଆଲୋକିତ କରେ।

# ଭୟରେ କାନ୍ଦିଥିଲେ ମାଧୁରୀ


ମାଧୁରୀ ଦୀକ୍ଷିତ

**ମୁମ୍ବାଇ:** ବଲିଉଡ୍‌ର କିଛି ତାରକା ଖଳନାୟକ ଭୂମିକାରେ ନିଜର ନିଖୁଣ ଅଭିନୟ ଦ୍ୱାରା ବହୁ ପ୍ରସିଦ୍ଧି ପାଇବାରେ ସଫଳ ହୋଇଛନ୍ତି। ଭେଟେରାନ୍ ଅଭିନେତା ରଞ୍ଜିତ ସେମାନଙ୍କ ମଧ୍ୟରୁ ଅନ୍ୟତମ। ଏକ ସାକ୍ଷାତ୍‌କାରରେ ଅଭିନେତା ଜଣକ ତାଙ୍କର ପୁରୁଣା ଦିନଗୁଡ଼ିକୁ ମନେ ପକାଇଛନ୍ତି। ସେ ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କ ସହ ତାଙ୍କର କାର୍ଯ୍ୟ ଅଭିଜ୍ଞତାକୁ ମଧ୍ୟ ବଖାଣିଛନ୍ତି। ଖଳନାୟକ ହୋଇଥିବାରୁ ଅଧିକାଂଶ ଚଳଚ୍ଚିତ୍ରରେ ସେ ଅଭିନେତ୍ରୀଙ୍କୁ ଜୋର ଜବରଦସ୍ତ କରିବା ଓ ସେମାନଙ୍କୁ ନିର୍ଯାତନା ଦେବାର ଅନେକ ଦୃଶ୍ୟ ରହୁଥିଲା। ସେତେବେଳେ ତାଙ୍କର ଏହି କ୍ରୁର ଅନ୍ଦାଜ ଯୋଗୁ ଅଧିକାଂଶ ଦର୍ଶକ ତାଙ୍କୁ ଭୟ କରିବା ସହ ଘୃଣା ମଧ୍ୟ କରୁଥିବା ରଞ୍ଜିତ କହିଛନ୍ତି। ୧୯୮୯ରେ ରିଲିଜ୍ ହୋଇଥିବା ସୁପରହିଟ୍ ଫିଲ୍ମ 'ପ୍ରେମ୍‌ପ୍ରତିଜ୍ଞା'ରେ ସେ ଖଳନାୟକ ହୋଇଥିବାବେଳେ ଏହାର ମୁଖ୍ୟ ଚରିତ୍ରରେ ଥିଲେ ମିଥୁନ ଚକ୍ରବର୍ତ୍ତୀ ଓ ମାଧୁରୀ ଦୀକ୍ଷିତ। ଏହି ଚଳଚ୍ଚିତ୍ରରେ ରଞ୍ଜିତଙ୍କ ସହ ମାଧୁରୀଙ୍କର ଏକ ଦୃଶ୍ୟ ଥିବାବେଳେ ଭୟରେ ମାଧୁରୀ ଶୁଟିଂ ସେଟକୁ ଆସି ନ ଥିଲେ। ଏନେଇ ତାଙ୍କୁ 'ପ୍ରେମ୍‌ପ୍ରତିଜ୍ଞା' ଚଳଚ୍ଚିତ୍ରର ନିର୍ଦ୍ଦେଶକ ସୂଚନା ଦେଇଥିଲେ ବୋଲି ରଞ୍ଜିତ କହିଛନ୍ତି। ମାଧୁରୀ କାନ୍ଦୁଛନ୍ତି ଓ ତାଙ୍କ ସହ ଦୃଶ୍ୟ କରିବାକୁ ଚାହୁଁନଥିବା ରଞ୍ଜିତ ଜାଣିବାକୁ ପାଇଥିଲେ। ଅବଶ୍ୟ ପରେ ବହୁ ବୁଝାଇବା ପରେ ମାଧୁରୀ ତାଙ୍କ ସହ ସମ୍ପୃକ୍ତ ଦୃଶ୍ୟ କରିବାକୁ ରାଜି ହୋଇଥିଲେ। ପରବର୍ତ୍ତୀ ସମୟରେ ଫିଲ୍ମର ସେହି ଦୃଶ୍ୟକୁ ମାତ୍ର ଗୋଟିଏ ଟେକ୍‌ରେ ସମ୍ପୂର୍ଣ୍ଣ କରାଯାଇଥିବା ରଞ୍ଜିତ କହିଛନ୍ତି।




# ଜିଲା ମୁଖ୍ୟ ଚିକିତ୍ସାଳୟରୁ ଶିଶୁପୁତ୍ର ଚୋରି

**ବାଲେଶ୍ୱର,୪।୪(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟର ମା' ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର(ଏମ୍‌ସିଏଚ୍) ବିଲ୍ଡିଂର ଏସ୍‌ଏନ୍‌ସିୟୁ ବିଭାଗରେ ଚିକିତ୍ସାଧୀନ ଥିବା ଏକ ୮ ଦିନର ଶିଶୁପୁତ୍ରକୁ ଗୁରୁବାର ଦ୍ୱିପ୍ରହର ସମୟରେ କେହି ବଦଳ କରି ତାଙ୍କ ସ୍ଥାନରେ ଏକ ନବଜାତ ଶିଶୁକନ୍ୟାକୁ ରଖିଦେଇ ଯାଇଥିବା ଅଭିଯୋଗ ହୋଇଛି। ଅଦ୍ୟାବଧି ଚୋରି ହୋଇଥିବା ଶିଶୁପୁତ୍ର ମିଳି ନ ଥିବା ବେଳେ ଶିଶୁକନ୍ୟାର ପରିଚୟ ମିଳିପାରିନାହିଁ। ପିଲା ଅଦଳବଦଳ ଘଟଣାକୁ ନେଇ ଅନ୍ୟ ପ୍ରସୂତିଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଡାକ୍ତରଖାନାର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ଏନେଇ ଚୋରି ହୋଇଥିବା ଶିଶୁପୁତ୍ରର ପରିବାର ଓ ସମ୍ପର୍କୀୟମାନେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ବାଲିଆପାଳ ଥାନା ଆଠବାଟିଆ ଅଞ୍ଚଳର ସୁଶାନ୍ତ ବାରିକଙ୍କ ସ୍ତ୍ରୀ ଟିକିଲିଙ୍କର ଗତ ମାର୍ଚ୍ଚ ୨୮ରେ ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ପୁତ୍ର ସନ୍ତାନ ହୋଇଥିଲା। ଏହା ତାଙ୍କର ପ୍ରଥମ ସନ୍ତାନ ଥିଲା। ତେବେ ନବଜାତ ଶିଶୁର ରିପୋର୍ଟରେ ଜଣ୍ଡିସ୍ ବାହାରିବାରୁ ଡାକ୍ତର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ପାଇଁ ପରାମର୍ଶ ଦେଇଥିଲେ। ଗତ ମଙ୍ଗଳବାର ଶିଶୁକୁ ଜିଲା ମୁଖ୍ୟ ଚିକିତ୍ସାଳୟ ମା' ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଏମ୍‌ସିଏଚ୍ ବିଭାଗ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ଦ୍ୱି-


ଏସ୍‌ଏନ୍‌ସିୟୁ ବିଭାଗ ସମ୍ମୁଖରେ ଚୋରି ହୋଇଥିବା ଶିଶୁପୁତ୍ରଙ୍କ ମା'ବାପାଙ୍କ ସହ ଅନ୍ୟମାନେ।

## ସୁରକ୍ଷା ଉପରେ ଉଠିଲା ପ୍ରଶ୍ନ

ପ୍ରହର ସମୟରେ ଶିଶୁଟି ପାଖରୁ ତାଙ୍କ ମା' ଟିକେ ବାହାରକୁ ଆସିଥିବା ବେଳେ ସେହି ବେଡ୍‌ରୁ ତାକୁ କେହି ଉଠାଇ ନେଇ ସେହି ସ୍ଥାନରେ ଏକ ନବଜାତ ଶିଶୁକନ୍ୟାକୁ ରଖିଦେଇ ଯାଇଥିବା ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ ସୁଶାନ୍ତ ଏବଂ ତାଙ୍କ ସ୍ତ୍ରୀ ସେଠାରେ ଉପସ୍ଥିତ ଥିବା ଅନ୍ୟ ନବଜାତ ଶିଶୁଙ୍କ ମା', ପରିବାର ଲୋକ, ଡାକ୍ତରଖାନା ସୁରକ୍ଷାକର୍ମୀ ଓ ଏସ୍‌ଏନ୍‌ସିୟୁର ଷ୍ଟାଫ୍‌ନର୍ସଙ୍କୁ ଜଣାଇଥିଲେ ମଧ୍ୟ କେହି ତାଙ୍କ କଥା ଶୁଣି ନ ଥିଲେ। ଏନେଇ ସୁଶାନ୍ତ ସଙ୍ଗେ ସଙ୍ଗେ ସିଡିଏମ୍‌ଓଙ୍କୁ ଜଣାଇବା ସହ ଡାକ୍ତରଖାନା ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ଡାକ୍ତରଖାନା କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀ, ସୁରକ୍ଷାକର୍ମୀ ଏବଂ ସେଠାରେ ଉପସ୍ଥିତ ରୋଗୀଙ୍କ ପରିବାର ଲୋକଙ୍କୁ ପଚରାଉଚୁରା କରିବା ସହ ତଦନ୍ତ ଆରମ୍ଭ କରିଛି। ନବଜାତ ଶିଶୁପୁତ୍ରଟି ଚୋରି ହୋଇଥିବା ବେଳେ ତାଙ୍କ ସ୍ଥାନରେ ରଖାଯାଇଥିବା ଶିଶୁକନ୍ୟାଟି କାହାର ସେନେଇ ପ୍ରଶ୍ନ ଉଠିଛି। ଏସ୍‌ଏନ୍‌ସିୟୁ ବିଭାଗ ସମ୍ମୁଖରେ ୨ଟି ସିସି କ୍ୟାମେରା ଲଗାଯାଇଥିବା ବେଳେ ୨୪ ଘଣ୍ଟିଆ ସୁରକ୍ଷାକର୍ମୀ ଏବଂ ସ୍ୱାସ୍ଥ୍ୟକର୍ମୀ ସେଠାରେ ନିୟୋଜିତ ହୋଇଥିବା ସତ୍ତ୍ୱେ ନବଜାତ ଶିଶୁ ଚୋରି ହେବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ୨୦ ଘରୋଇ ସ୍କୁଲକୁ ନୋଟିସ

## ୨୫% ମାଗଣା ସିଟ୍‌ରେ ନାମଲେଖାଇବାକୁ ମନା କରିବା ଅଭିଯୋଗ

### ବିଇଓ ଅଫିସ୍‌ରେ ତାଲା ପକାଇଲେ ଅଭିଭାବକ

**ଭୁବନେଶ୍ୱର, ୪।୪(ଅସମାପିକା ସାହୁ)**

୨୦୨୪-୨୫ ଶିକ୍ଷାବର୍ଷରେ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଘରୋଇ ସ୍କୁଲରେ ମାଗଣା ପଢ଼ିବାକୁ ମନୋନୀତ ହୋଇଥିବା ଛାତ୍ରୀଛାତ୍ରଙ୍କୁ କିଛି ସ୍କୁଲ ଫେରାଇଦେବା ପରେ ବିବାଦ ତେଜିବାରେ ଲାଗିଛି। ଏହାର ପ୍ରତିବାଦରେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଶତାଧିକ ଅଭିଭାବକ ଗୁରୁବାର ଭୁବନେଶ୍ୱର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ପରେ ବିଇଓ ସଂଘ ସହିତ ଆଲୋଚନା କରିଥିଲେ। ତେବେ ଅଭିଯୋଗ ଅନୁଯାୟୀ ୨୦ଟି ସ୍କୁଲକୁ ନୋଟିସ ଜାରି କରିଛନ୍ତି ବିଇଓ।

ଶିକ୍ଷା ଅଧିକାର ଆଇନ(ଆର୍‌ଟିଇ) ଅନୁଯାୟୀ ଘରୋଇ ବିଦ୍ୟାଳୟର ୨୫% ସିଟ୍‌ରେ ମାଗଣା ଶିକ୍ଷାଦାନ ପାଇଁ ପ୍ରାବଧାନ ରହିଛି। ହେଲେ ଏହାକୁ ବହୁ ଘରୋଇ ବିଦ୍ୟାଳୟ ମାନୁନାହାନ୍ତି। ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଆର୍‌ଟିଇ ଅଧୀନରେ ନାମଲେଖାଇବା ପାଇଁ ଛାତ୍ରୀଛାତ୍ରଙ୍କ ପ୍ରଥମ ପର୍ଯ୍ୟାୟ ତାଲିକା ପ୍ରକାଶ ପାଇଛି। ଗତ ୨୭ ତାରିଖରୁ ଚୟନ ହୋଇଥିବା ବିଦ୍ୟାଳୟରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ କିଛି ଘରୋଇ ବିଦ୍ୟାଳୟ ଆର୍‌ଟିଇ ନାମଲେଖା ପାଇଁ କୌଣସି ସିଟ୍ ଉପଲବ୍ଧ ନ ଥିବା କହି ଅଭିଭାବକଙ୍କୁ ଫେରାଇ ଦେଉଛନ୍ତି। ଏପରିକି କାଗଜପତ୍ର, ସରକାରୀ ନିର୍ଦ୍ଦେଶନାମା, ଚୟନ ତାଲିକା ଆଦି ଦେଖିବାକୁ ମଧ୍ୟ ନାରାଜ ହେଉଛନ୍ତି। ଆଉ ଦୁଇଦିନ ଅର୍ଥାତ୍ ଏପ୍ରିଲ ୬ରେ ନାମଲେଖା ଶେଷ ହେଉଥିବାବେଳେ ବହୁ ଛାତ୍ରୀଛାତ୍ର ନାମଲେଖାରୁ ବଞ୍ଚିତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ତେଣୁ ଅଭିଭାବକ ମହାସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ଶିକ୍ଷା ଅଧିକାର ଆବାହିକା କଳ୍ପନା ସାହୁ, ବିମଳ ଜେନାଙ୍କ ସମେତ ଶତାଧିକ ଅଭିଭାବକ ବିଇଓ କାର୍ଯ୍ୟାଳୟ ଆଗରେ କିଛି ସମୟ ଧାରଣା ଦେବା ସହ ତୁରନ୍ତ ନାମଲେଖା ପାଇଁ ଦାବି କରି ତାଲା ପକାଇ ଦେଇଥିଲେ। ପରେ ଅଭିଭାବକ ମହାସଂଘ ବିଇଓଙ୍କୁ ଭେଟି ସିଟ୍ ନ ଥିବା କହି ଫେରାଇ ଦେଇଥିବା ସମ୍ପୃକ୍ତ ବିଦ୍ୟାଳୟ ନାମରେ ଫେରାଦ ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ ସମ୍ପୃକ୍ତ ବିଦ୍ୟାଳୟକୁ ନିର୍ଦ୍ଦେଶ ଦେବା ସହ ନିୟମର ଅବମାନନା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକମାନେ ଦାବି କରିଥିଲେ। ଏହାପରେ ଅଭିଯୋଗ ଆସିଥିବା ୨୦ଟି ବିଦ୍ୟାଳୟକୁ ବିଇଓଙ୍କ ପକ୍ଷରୁ ନୋଟିସ୍ ପଠାଯାଇଛି। ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କ ନାମଲେଖା ତୁରନ୍ତ କରିବାକୁ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ନିର୍ଦ୍ଦେଶ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଏ ନେଇ ଭୁବନେଶ୍ୱର ବିଇଓ ପ୍ରଜ୍ଞାପାରମିତା ଜେନା କହିଛନ୍ତି, ଛାତ୍ରୀଛାତ୍ରଙ୍କ ହିତ ଦୃଷ୍ଟିରୁ ନିୟମାନୁଯାୟୀ ସମସ୍ତ ପଦକ୍ଷେପ ନିଆଯାଉଛି। ତେବେ ତୁରନ୍ତ ବଞ୍ଚିତ ଛାତ୍ରୀଛାତ୍ରଙ୍କ ନାମଲେଖା କରା ନ ଗଲେ ପୁଣି ବିଇଓ ଅଫିସକୁ ତାଲା ପକାଇବା ଶିକ୍ଷା ନିର୍ଦ୍ଦେଶାଳୟ ଅଫିସ ଆଗରେ ଅନିର୍ଦ୍ଦିଷ୍ଟକାଳ ଧାରଣା ଦିଆଯିବ ବୋଲି ମହାସଂଘ ଚେତାବନୀ ଦେଇଛି।

# ବେକ ବିନ୍ଧୁଥିବା ରୋଗୀଙ୍କୁ କୁକୁର କାମୁଡ଼ା ଇଞ୍ଜେକ୍ସନ

**ଭଦ୍ରକ,୪।୪(ସନାତନ ରାଉତ)**

ବେକ ବିନ୍ଧୁଥିବାରୁ ଚିକିତ୍ସା ପାଇଁ ଡାକ୍ତରଖାନା ଯାଇଥିଲେ। ହେଲେ ନର୍ସ ତାଙ୍କୁ କୁକୁର କାମୁଡ଼ା ଇଞ୍ଜେକ୍ସନ ଦେଇଦେଲେ। ଗୁରୁବାର ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ଏହାକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଭଣ୍ଡାରିପୋଖରୀ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା।

ସୂଚନା ଅନୁଯାୟୀ, ଭଣ୍ଡାରିପୋଖରୀ ଥାନା ଅଧୀନ ଦକ୍ଷିଣବାଡ଼ ଗାଁର ବିଜୟ ବିଶ୍ୱାଳ(୫୬)ଙ୍କ ବେକ ବିନ୍ଧୁଥିବାରୁ ସେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ପ୍ରେସ୍‌କ୍ରିପ୍‌ଶନରେ


ବିଜୟ ବିଶ୍ୱାଳ

ଔଷଧ ସହ ଡାଇକ୍ଲୋଫେନାକ ଇଞ୍ଜେକ୍ସନ ଲେଖିଥିଲେ। ବିଜୟ ଇଞ୍ଜେକ୍ସନ ନେବା ପାଇଁ ଧାଡ଼ିରେ ଠିଆ ହୋଇଥିଲେ। ସେଠାରେ ଇଞ୍ଜେକ୍ସନ ଦେଉଥିବା ନର୍ସ ଡାଇକ୍ଲୋଫେନାକ ବଦଳରେ ତାଙ୍କୁ ଭୁଲ୍‌ରେ କୁକୁର କାମୁଡ଼ା ଇଞ୍ଜେକ୍ସନ ଦେଇଥିଲେ। ଏହା ଜାଣିବା ପରେ ବିଜୟଙ୍କ ପରିବାର ଲୋକେ ନର୍ସଙ୍କୁ ଏ ସଂକ୍ରାନ୍ତରେ ପଚାରିବା ସହ ହୋହଲ୍ଲା କରିଥିଲେ। ଘଟଣାର ସମାଧାନ ପରିବର୍ତ୍ତେ ସମ୍ପୃକ୍ତ ନର୍ସ ବିଜୟଙ୍କ ପ୍ରେସ୍‌କ୍ରିପ୍‌ସନ ନେଇ ଡାକ୍ତରଖାନାରୁ ପଳାଇ ଯାଇଥିଲେ। ବିଜୟଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇ ସଙ୍ଗେ ସଙ୍ଗେ ଆଣ୍ଟି ଡୋଜ୍ ଦିଆଯାଇଥିଲା। ଇଞ୍ଜେକ୍ସନ ଦେଇଥିବା ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଜୟଙ୍କ ପରିବାର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. କମଳାକାନ୍ତ ସ୍ୱାଇଁ କହିଛନ୍ତି, ଇଞ୍ଜେକ୍ସନ ଦେଇଥିବା ନର୍ସଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯିବ। ତେବେ ଏହି ଇଞ୍ଜେକ୍ସନରେ ବିଶେଷ ପାର୍ଶ୍ୱ ପ୍ରତିକ୍ରିୟା ହୁଏ ନାହିଁ। ଚିକିତ୍ସା ପରେ ବିଜୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତାଙ୍କୁ ଅବ୍‌ଜର୍‌ଭେଶନରେ ରଖାଯାଇଛି।

# ୪୨ ଡିଗ୍ରୀ ଛୁଇଁଲା ପାରଦ

- ଆଉ ୩ ଦିନ କଲବଲ କରିବ
- ୧୧ ଜିଲାକୁ ୟେଲୋୱାର୍ଣ୍ଣିଂ
- ୭ରୁ କାଳବୈଶାଖୀ

**ଭୁବନେଶ୍ୱର,୪।୪(ଅନିଲ ଦାସ)**

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଛି। ଗୁରୁବାର ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସକୁ ଚଢ଼ିଛି । ମାଲକାନଗିରି ଓ ବୌଦ୍ଧରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ଅନୁଗୋଳରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୧.୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୪୧.୬, ସୁନ୍ଦରଗଡ଼ ୪୦.୧, ତାଳଚେର ୪୦, ଭବାନୀପାଟଣା ୪୧, ବଲାଙ୍ଗୀର ୪୧.୭, ଟିଟିଲାଗଡ଼ ୪୧, ନୂଆପଡ଼ା ୪୦.୪ ଏବଂ ରାଉରକେଲାରେ ୪୦.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି କଟକରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ରହିଥିବା ବେଳେ ଚାନ୍ଦବାଲିରେ ୩୮.୬, ଭୁବନେଶ୍ୱରରେ ୩୭.୪, ବାରିପଦାରେ ୩୭.୬, କେନ୍ଦୁଝରରେ ୩୯, ସମ୍ବଲପୁରରେ ୩୯.୮, ହୀରାକୁଦରେ ୩୯.୬, କୋରାପୁଟରେ ୩୬.୬, ଫୁଲବାଣୀରେ ୩୯.୧, ସୋନପୁରରେ ୩୯.୯, ନୟାଗଡ଼ରେ ୩୯.୧, ରାୟଗଡ଼ାରେ ୩୯.୪, ଭଦ୍ରକରେ ୩୮.୨, ଯାଜପୁରରେ ୩୭.୫, ଢେଙ୍କାନାଳରେ ୩୭.୯, ନବରଙ୍ଗପୁରରେ ୩୯ ଓ ଖୋର୍ଦ୍ଧାରେ ୩୮.୫ ଡିଗ୍ରୀ ରେକର୍ଡ କରାଯାଇଛି। ଆସନ୍ତା ଦୁଇ ଦିନ ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୨ ଡିଗ୍ରୀ ଯାଏ ବୃଦ୍ଧି ପାଇବ। ୬ ତାରିଖ ଯାଏ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରିରହିବ। ଗରମ, ଗୁଳୁଗୁଳି ସହ ପ୍ରଚଣ୍ଡ ଗ୍ରୀଷ୍ମ ଅସ୍ତବ୍ୟସ୍ତ କରିବ। ଆସନ୍ତା ୩ ଦିନ ଯାଏ ନୟାଗଡ଼, ବୌଦ୍ଧ, କନ୍ଧମାଳ, କଟକ, ଭଦ୍ରକ, ଯାଜପୁର, ବଲାଙ୍ଗୀର, କଳାହାଣ୍ଡି, ମାଲକାନଗିରି, କୋରାପୁଟ ଏବଂ ଢେଙ୍କାନାଳ ଜିଲାରେ ଗ୍ରୀଷ୍ମ ପ୍ରବାହ ହେବ। ଏହିସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସ୍ୱାଭାବିକ ତାପମାତ୍ରାରୁ ୩ରୁ ୫ ଡିଗ୍ରୀ ସେଲ୍‌ସିୟସ ଅଧିକ ରହିବା ନେଇ ଅନୁମାନ କରାଯାଇଛି। ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ଗୁଳୁଗୁଳି ଅନୁଭୂତ ହେବ। ତେବେ ଆସନ୍ତା ୭ ତାରିଖରୁ ରାଜ୍ୟରେ କାଳବୈଶାଖୀ ହେବ। ତାପମାତ୍ରା ୪୦ ଡିଗ୍ରୀ ତଳକୁ ଖସିଯିବ। ୧୩ ତାରିଖ ଯାଏ ତାତି ବଢ଼ିବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।


ଭୁବନେଶ୍ୱରରେ ଗ୍ରୀଷ୍ମ ପ୍ରବାହ ବଢ଼ିଥିବାବେଳେ ଛାତ୍ରୀମାନେ ଛତା ଓ ପାଣି ବୋତଲ ଧରି ଯାଉଛନ୍ତି।

# ଗରମ ପେଯ କୁଣ୍ଡରେ ପଡ଼ି ଛାତ୍ର ଗୁରୁତର

**ମାର୍ଶାଘାଇ,୪।୪ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )**

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମେହେନ୍ଦିନଗର ପଞ୍ଚାୟତର ବାହାକାଣ୍ଡିଆ ଗ୍ରାମର ଅନନ୍ତ ନାରାୟଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ତୃତୀୟ ଶ୍ରେଣୀ ଛାତ୍ର ଗରମ ପେଯ କୁଣ୍ଡରେ ପଡ଼ି ଗୁରୁବାର ଗୁରୁତର ହୋଇଛନ୍ତି। ସକାଳୁଆ ବିଦ୍ୟାଳୟ ଚାଲୁଥିବାରୁ ମଧ୍ୟାହ୍ନଭୋଜନ ପ୍ରସ୍ତୁତି ଚାଲିଥିଲା। ଭାତରୁ ବାହାରୁଥିବା ଗରମ ପେଯକୁ ନିକଟରେ ଏକ କୁଣ୍ଡରେ ରଖାଯାଇଥିଲା। କୁଣ୍ଡ ବୋଝେଇ ହୋଇ ରାସ୍ତାରେ ପେଯ ବୋହି ଯାଇଥିଲା। ସେହି ସମୟରେ ତୃତୀୟ ଶ୍ରେଣୀ ଛାତ୍ର ଆହ୍ୱାନ ନାୟକ ଯାଉଥିବା ବେଳେ ପେଯରେ ତାଙ୍କର ଗୋଡ଼ ଖସି ଯାଇଥିଲା। ସେ ଗରମ ପେଯ କୁଣ୍ଡରେ ପଡିଯାଇଥିଲେ। ତୁରନ୍ତ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟର ବର୍ନିଂ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ଛାତ୍ର ଆହ୍ୱାନଙ୍କ ପଛ ପଟ ସମ୍ପୂର୍ଣ୍ଣ ପୋଡି ଯାଇଛି। ସ୍କୁଲ କର୍ତ୍ତୃପକ୍ଷ ଆହ୍ୱାନଙ୍କ ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ତାଙ୍କ ମା' ବିଜୟଲକ୍ଷ୍ମୀ ନାୟକ ଦାବି କରିଛନ୍ତି। ଏ ସମ୍ପର୍କରେ ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।



# 'ଅଗ୍ନି-ପ୍ରାଇମ୍'ର ପରୀକ୍ଷଣ

**ବାଲେଶ୍ୱର, ୪।୪ (ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ) ଅଧୀନରେ ଥିବା ଅବଦୁଲ କଲାମ ଦ୍ୱୀପରୁ ବୁଧବାର ରାତି ୭ଟା ବେଳେ ନ୍ୟୁ ଜେନେରେଶନ୍ ବାଲିଷ୍ଟିକ୍ ମିଶାଇଲ୍ ଅଗ୍ନି-ପ୍ରାଇମ୍‌ର ପରୀକ୍ଷଣ ହୋଇଛି। ଏହି ମିଶାଇଲ ଜଳପଥରେ ଶତ୍ରୁ ଜାହାଜ ଓ ଆକାଶମାର୍ଗରେ ବିଭିନ୍ନ ଶତ୍ରୁ ହେଲିକପ୍ଟରଗୁଡ଼ିକୁ ଚିହ୍ନଟ କରିପାରିବାର ଦକ୍ଷତା ରଖିଛି। ପରୀକ୍ଷଣ ସମୟରେ ବହୁ ପ୍ରତିରକ୍ଷା ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ପ୍ରତିରକ୍ଷା ବିଭାଗର ମୁଖ୍ୟ ଜେନେରାଲ ଅନୀଲ ଚୌହାନ, ଡିଆର୍‌ଡିଓ ଅଧ୍ୟକ୍ଷ ଡ. ସମୀର ଭି କମାଟ ସଫଳ ପରୀକ୍ଷଣ ନେଇ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ଅଗ୍ନି ପ୍ରାଇମ୍ ମିଶାଇଲ।

# ଗହୀରମଥାରେ ଅଲିଭ୍‌ରିଡ୍‌ଲେଙ୍କ ଗଣ ଅଣ୍ଡାଦାନ

**ରାଜନଗର, ୪।୪ (ଭାସ୍କର ରାଉତରାୟ)**

କେନ୍ଦ୍ରାପଡ଼ା ଉପକୂଳର ଗହୀରମଥାଠାରେ ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ଅନୁକୂଳରେ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ବୁଧବାର ପ୍ରଥମ ଦିନରେ ପ୍ରାୟ ୮୦ ହଜାର କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିବା ବନ ବିଭାଗ ସୂତ୍ରରୁ ଜଣାପଡିଛି। ଅଲିଭ ରିଡ୍‌ଲେ ମା' କଇଁଛମାନେ କୂଳଠାରୁ ୧ କିମି ଭିତରେ ଦୀର୍ଘ ୨ମାସ ହେଲା ଭିଡ ଜମାଇ ଥିଲେ ମଧ୍ୟ ପାଗ ଅନୁକୂଳ ହେଉ ନ ଥିବାରୁ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହେଉ ନ ଥିଲେ। ବୁଧବାରଠାରୁ ପାଗ ଶୃଙ୍ଖଳା ସାଙ୍ଗକୁ ଦକ୍ଷିଣା ପବନ ବୋହିବାରୁ ଗୋଟିଏ ଦିନରେ ୮୦ ହଜାର ମା' ଅଲିଭ ରିଡ୍‌ଲେ ଗଣ ଅଣ୍ଡାଦାନ କରିଛନ୍ତି।

ବୁଧବାର ସନ୍ଧ୍ୟାରୁ ହଠାତ୍ ଦଳ ଦଳ ହୋଇ ମା' କଇଁଛମାନେ ଗହୀରମଥାର ନାସୀ-୨ ବାଲୁକା ଶଯ୍ୟାକୁ ଉଠି ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଭୋର ଯାଏ ଏହି ପ୍ରକ୍ରିୟା ଜାରି ରହିଥିଲା। ପ୍ରଥମଦିନରେ ଏହି ସଂଖ୍ୟା ଭଲ ଥିବାରୁ ଓ ମା' କଇଁଛମାନେ କୂଳରେ ଥିବାରୁ ଚଳିତବର୍ଷ ରେକର୍ଡ ସଂଖ୍ୟକ ଗଣ ଅଣ୍ଡାଦାନ ହେବା ନେଇ ଆଶା ପ୍ରକାଶ ପାଇଛି। ମା' କଇଁଛମାନେ ବେଳାଭୂମି ବାଲିରେ ପଛପଟ ଗୋଡରେ ୧ ଫୁଟରୁ ଦେଢ ଫୁଟ ଗଭୀର ଗାତ ଖୋଳିଥାନ୍ତି। ଗାତ ଖୋଳିବା ପରେ ମା' କଇଁଛ ପ୍ରାୟ ୧୦୦ଟି ଉପରେ ଅଣ୍ଡା ଦେଇଥାଏ। ପ୍ରତ୍ୟେକ ଅଣ୍ଡାର ଆକାର ଗୋଟିଏ ପିଙ୍ଗ ପିଙ୍ଗ ବଲ ପରି। ଅଣ୍ଡାର ଖୋଳପା ନମନୀୟ ହୋଇଥିବାରୁ ଅଣ୍ଡା ଗାଳିବା ସମୟରେ ତାହା ଫାଟି ନ ଥାଏ। ଅଣ୍ଡା ଦେଇ ସାରିବା ପରେ ମା' କଇଁଛ ତା'ର ଗାତକୁ ବାଲି ଘୋଡ଼ାଇ ଲୁଚାଇ ପକାଇ ପୁଣି ସମୁଦ୍ରକୁ ଫେରିଯାଏ। ସୂର୍ଯ୍ୟଙ୍କ ଉତ୍ତାପରେ ଉଷୁମ ହୋଇ ଅଣ୍ଡାଗୁଡ଼ିକରୁ ୪୫ ରୁ ୬୦ ଦିନ ମଧ୍ୟରେ କଇଁଛ ଶାବକ ବାହାରିଥାନ୍ତି। ବିରଳ ଅଲିଭରିଡ୍‌ଲେ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଏମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଅଣ୍ଡାଦାନ ସ୍ଥଳକୁ ବାଡ଼ ବୁଜାଯିବା ସହ ବନ କର୍ମଚାରୀମାନେ ଅଣ୍ଡାଦାନ ସ୍ଥଳକୁ ଜଗି ରହିଛନ୍ତି। ରାଜନଗର ଓ ଭଦ୍ରକ ଡିଭିଜନ ପକ୍ଷରୁ ଅଲିଭରିଡ୍‌ଲେଙ୍କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ, ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣା ପ୍ରମୁଖ ଅଣ୍ଡାଦାନ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି। ଚଳିତବର୍ଷ ଶତାଧିକ ଅଲିଭ ରିଡ୍‌ଲେଙ୍କ ମୃତ୍ୟୁ ଉଦ୍‌ବେଗ ସୃଷ୍ଟି କରିଥିଲା। କଇଁଛଙ୍କ ମୃତ୍ୟୁ ସାଙ୍ଗକୁ ଠିକ୍ ସମୟରେ ପ୍ରତିକୂଳ ପାଗ ଯୋଗୁ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ବିଳମ୍ବ ହୋଇଥିଲା। କୂଳରେ କଇଁଛ ଥିବାରୁ ଚଳିତବର୍ଷ ରେକର୍ଡ ସଂଖ୍ୟକ ଗଣଅଣ୍ଡାଦାନ ହେବା ନେଇ ଆଶା ପ୍ରକାଶ ପାଇଛି। ବନ ବିଭାଗ ରିପୋର୍ଟ ମୁତାବକ, ୨୦୧୯-୨୦ରେ ୪ ଲକ୍ଷ ୭ହଜାର ୨୦୪ଟି କଇଁଛ, ୨୦୨୦-୨୧ରେ ୩ ଲକ୍ଷ ୪୯ ହଜାର ୬୪୯, ୨୦୨୧-୨୨ରେ ୫ ଲକ୍ଷ ୧ହଜାର ୧୫୭ଟି କଇଁଛ, ଗତବର୍ଷ ୨୦୨୨-୨୩ରେ ୫ ଲକ୍ଷ ୧୨ ହଜାର ୧୩୫ କଇଁଛ ଗଣଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ।



ଆଜିର ମନ୍ତବ୍ୟ: ଏକ ବିଷାକ୍ତ ସର୍ପକୁ ବିଶ୍ୱାସ କରି ଘରେ ରଖାଯାଇପାରେ। କିନ୍ତୁ ଭାଜପାକୁ ଭରସା କରିହେବନାହିଁ। – ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାସେଶ୍ୱରୀ ଏଣ୍ଟରଟେନମେଣ୍ଟର ଚଳଚ୍ଚିତ୍ର 'ସିନ୍ଦୂରା'ର ପ୍ରିମିୟର ଶୋ', ସ୍ଥାନ: ସିନେପଲିସ, ସମୟ: ଅପରାହ୍ନ ୫ଟା।
- ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଦଶଦୋଳ ମେଳଣର ଚତୁର୍ଦ୍ଦଶ ବାର୍ଷିକୀ ସମାରୋହ, ସ୍ଥାନ: ବିଷ୍ଣୁ ମନ୍ଦିର ପରିସର, ଶହୀଦ ନଗର, ସମୟ: ରାତି ୮ଟା।

## କଟକ

- ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ଦ୍ୱିତୀୟ ଦିବସ, ସ୍ଥାନ: କଟକ ମାତୃଭବନ, ସମୟ: ପୂର୍ବାହ୍ନ ୮ଟା ୩୦।
- ମହାମାୟା ଶିଶୁ ମନ୍ଦିରର ଏକବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: କଟକ ଚୌଧୁରୀବଜାରସ୍ଥିତ ଟାଉନ୍ ହଲ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- କମ୍ବାଟ କୁସ୍ତି ପ୍ରତିଯୋଗିତାର ଆରମ୍ଭ, ସ୍ଥାନ: ଶରଧାବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟସ୍ତରୀୟ ଟେନିସ ବଲ୍ ଖେଳାଳିଙ୍କ ଲକ୍ଷ୍ମୌ ଯାତ୍ରା, ସ୍ଥାନ: ପୁରୀ ରେଲୱେ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା।
- ଗଙ୍ଗାଧର ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।
- ସଦାଶିବ ରଥଶର୍ମାଙ୍କ ମହାପ୍ରୟାଣ ଦିବସ, ସ୍ଥନ: ସଦାଶିବ ରଥଶର୍ମା ମାର୍ଗ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ବୋଲଗଡ଼ ପ୍ରିମିୟର ଲିଗ୍, ସ୍ଥାନ: ପିଏନ୍ କଲେଜ ନିକଟ ଖେଳପଡ଼ିଆ, ବୋଲଗଡ଼, ସମୟ: ଅପରାହ୍ନ ୩ଟା।
- ବାଦୀପାଲା, କାଇପଦର, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀମଦ ଭଗବତ କଥାଯଜ୍ଞ, ସ୍ଥାନ: ଦୁଲଣା ଶକ୍ତିପୀଠ, ଦୁଲଣାସାହି, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀମଦ ରାମଚରିତ ମାନସ ନବାହ୍ନ ପାରାୟଣ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ମା'ଅପୂଜାଚଣ୍ଡୀଙ୍କ ପୀଠ, ହଳଦୀପଦା, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- କୁପାରୀ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ, ସ୍ଥାନ: ଚୁନନଟି ଗ୍ରାମ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ଆଲୋଚନାଚକ୍ରର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ରେମୁଣା, ସମୟ: ଅପରାହ୍ନ ୩ଟା।
- ବେଳାଭୂମି ବାରୁଣୀ ମହୋତ୍ସବ ଉଦ୍‌ଘାଟନୀ, ସ୍ଥାନ: ଚଉମୁଖ ସମୁଦ୍ର ବେଳାଭୂମି, ବାଲିଆପାଳ, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ବାରୁଣୀ ଯଜ୍ଞ ଆରମ୍ଭ, ସ୍ଥାନ: କୁଣ୍ଡିକାଳୀ ପୀଠ, ମାଳିଅରୁଆ, ଭଦ୍ରକ, ସମୟ: ସକାଳ ୬ଟା।
- ଗଣଦୌଡ଼, ସ୍ଥାନ: ତିହିଡ଼ି ବଜାର, ସମୟ: ସକାଳ ୭ଟା।
- ସଡ଼କ ସଚେତନତା ଶୋଭାଯାତ୍ରା, ସ୍ଥାନ: ତିହିଡ଼ି ବଜାର, ସମୟ: ପୂର୍ବାହ୍ନ ୧୦ଟା।
- ପଣ୍ଡିତ ଶିବ ପ୍ରସାଦ ଦାଶଙ୍କ ସ୍ମୃତିସଭା ଓ ସ୍ମରଣିକା ଉନ୍ମୋଚନ ଉତ୍ସବ, ସ୍ଥାନ: ଆର୍ତ୍ତୁଂ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଭାରତ ବିକାଶ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ସିଟି ରେସିଡେନ୍ସି, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା ୩୦।

## କେନ୍ଦୁଝର

- ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ସୋସୋ ଗଡ଼ନାୟକ ସାହି, ହାଟଡ଼ିହୀ, ସମୟ: ପ୍ରାତଃ ୫ ଟା।
- ୨୪ ପ୍ରହର ନାମଯଜ୍ଞ ସ୍ଥାନ: ଝାଟିପଡ଼ା, ପାଟଣା, ସମୟ: ପ୍ରାତଃ ୫ଟା।
- ନିର୍ବାଚନ ପ୍ରସ୍ତୁତି ସମ୍ପର୍କିତ ପ୍ରେସମିଟ୍, ସ୍ଥାନ: ଦରବାର ହଲ, କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ମହାବୀର ସେବା ସଂଗଠନର ପ୍ରସ୍ତୁତି ବୈଠକ, ସ୍ଥାନ: ଆଗର୍ଦା ଶିବ ମନ୍ଦିର, ଘସିପୁରା, ସମୟ: ଅପରାହ୍ନ ୪ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ ଓ ନଗର ପରିକ୍ରମା: ସ୍ଥାନ: ବେଲବାହାଳି, ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- କଦଳେଇ ପୀଠରେ ୪ ତମ ବାର୍ଷିକ ଉତ୍ସବ, ସ୍ଥାନ: ବେଲବାହାଳି, ଆନନ୍ଦପୁର, ସମୟ: ସକାଳ ୮ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ ଓ ନଗର ପରିକ୍ରମା, ସ୍ଥାନ: ତରୁଆଁ, ଘସିପୁରା, ସମୟ: ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- ଜିଲା ଶିକ୍ଷା ଓ ଶିକ୍ଷକ ତାଲିକ ପ୍ରତିଷ୍ଠାନ ଆନୁକୂଲ୍ୟରେ ରକ୍ତଦାନ ଶିବିର, ସ୍ଥାନ: ମୁର୍ଗାବାଡ଼ି, ବାରିପଦା, ସମୟ: ସକାଳ ୮ଟା।
- ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଟିମ୍-ଏକୁ ଭେଟିବ ଟିମ୍-ଇ, ସ୍ଥାନ: ମଧୁବନ ମିନି ଷ୍ଟାଡିୟମ, ବାରିପଦା, ସମୟ: ସକାଳ ୯ଟା।
- ପଞ୍ଚକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ବଡ଼ସାହି ବ୍ଲକ ସାନକେରକ କଳାମନ୍ଦିର ପରିସର, ସମୟ:ଅପରାହ୍ନ ୩ଟା।

## ବ୍ରହ୍ମପୁର

- ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗର ପାଠଚକ୍ର, ସ୍ଥାନ: ବିଭାଗୀୟ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।

## ଗଞ୍ଜାମ

- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର ବ୍ଲକ ଡୁରୁମୁ, ସମୟ: ସକାଳ: ୧୦ ଟା।
- ଅର୍ଥନୀତି ବିଭାଗର ସଭା, ସ୍ଥାନ: ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ଗାଲେରୀ ଧୁଳି ଦଣ୍ଡ ନାଚ, ସ୍ଥାନ: ବେଲଗୁଣ୍ଠା ବ୍ଲକ ଭୂଷଣ୍ଡପାଳ, ସମୟ: ଅପରାହ୍ନ ୧ ଟା।
- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର ଏନଏ ସି, ସମୟ: ଅପରାହ୍ନ ୫ ଟା।
- ପୂର୍ବତନ ଏନ୍‌ଏସି ଅଧକ୍ଷଙ୍କ ବିୟୋଗରେ ଶୋକସଭା, ସ୍ଥାନ: ଭଞ୍ଜନଗର ଆଦେନୀ କଲୋନୀ, ସମୟ: ସନ୍ଧ୍ୟା ୭ ଟା।

## କନ୍ଧମାଳ

- ବିଜେଡିର କର୍ମୀସମ୍ମିଳନୀ,ସ୍ଥାନ:ସୋନପୁର, ସମୟ:ପୂର୍ବାହ୍ନ ୧୦ ଟା।
- ଅଷ୍ଟ ଶମ୍ଭୁ ମିଳନ, ସ୍ଥାନ:କୁସୁମେଣ୍ଡି, ଲାଇନପଡ଼ା, ସମୟ:ପୂର୍ବାହ୍ନ ୧୦ଟା।
- ବାରୁଣୀ ସ୍ନାନ ଯାତ୍ରା, ସ୍ଥାନ:ହାତୀମୁଣ୍ଡା ପଞ୍ଚାୟତ ଋଷିମାଳ ପାହାଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ:ପ୍ଲିହେରି,ସମୟ:ଅପରାହ୍ନ୨ ଟା
- ତେରଦଣ୍ଡ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗା ମଣ୍ଡପ, ରାଇକିଆ, ସମୟ:ଅପରାହ୍ନ ୪ଟା୩୦।
- ଭାଗବତ କଥା ମହୋତ୍ସବ, ସ୍ଥାନ: ଫୁଲବାଣୀ ପାରିଜାତ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ପଞ୍ଚୁ ଦଣ୍ଡ ମିଳନ,ସ୍ଥାନ: ଖଜୁରୀପଡ଼ା, ସମୟ:ସନ୍ଧ୍ୟା ୭ଟା।
- ଅଷ୍ଟ ଶମ୍ଭୁ ମିଳନ, ସ୍ଥାନ: ନେଡିଗୁଡ଼ା, ବ୍ଲକ ଖଜୁରିପଡ଼ା, ସମୟ: ସନ୍ଧ୍ୟା ୭ଟା।

## କୋରାପୁଟ

- ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ୩ୟ ସନ୍ଧ୍ୟାରେ ୨ ସଂସ୍ଥା ପକ୍ଷରୁ ନାଟକ ମଞ୍ଚସ୍ଥ କାର୍ଯ୍ୟକ୍ରମ, ସ୍ଥାନ: ଦାମନଯୋଡି ନାଲ୍‌କୋ ଟାଉନଶିପ ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ଗଙ୍ଗାଧର ପତ୍ରାବଳୀ ପୁସ୍ତକ ଉନ୍ମୋଚନ, ଅମୃତ ବିହାରସ୍ଥିତ ପ୍ରଶାସନିକ କୋଠା, ପୂର୍ବାହ୍ନ ୧୦ଟା।
- ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ତବଲା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବଲାଙ୍ଗୀର

- ଓଡ଼ିଶା କଳାକାର କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଘାଟନ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ଷୋହଳ ପ୍ରହର ନାମଯଜ୍ଞର ଉଦ୍‌ଯାପନୀ, ସ୍ଥାନ: ଖପ୍ରାଖୋଲ ବ୍ଲକ ହରିଶଙ୍କର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମା' ବସ୍ତ୍ରେନ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମ୍ୟାଚ– ଜରାସିଂହା ବନାମ ବାନ୍ଧୁପଲା, ସ୍ଥାନ:ମୁରିବାହାଲ ପଞ୍ଚାୟତି ହାଇସ୍କୁଲ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର

- ବହଳପଦର ପ୍ରିମିୟର ଲିଗ କ୍ରିକେଟର ଅଷ୍ଟମ ଦିବସ, ସ୍ଥାନ:ବହଳପଦର ଖେଳପଡିଆ, ବୀରମହାରାଜପୁର, ସମୟ:ସକାଳ ୮ ଟା।
- ଖଣ୍ଡହତା ପ୍ରିମୟର ଲିଗ କ୍ରିକେଟର ଚତୁର୍ଥ ଦିବସ, ସ୍ଥାନ: ଖଣ୍ଡହତା ଖେଳପଡିଆ,ସମୟ: ସକାଳ ୮ ଟା।
- ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଅବସରରେ ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ:ବଡ଼ବର୍ଡାକଟା, ବୀରମହାରାଜପୁର,ସମୟ : ସକାଳ ୯ ଟା।
- ମହିଷାସୁର ଦରବାରର ଶେଷ ସନ୍ଧ୍ୟା, ସ୍ଥାନ: ବଡ଼ବର୍ଡ଼ାକଟା, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା

- ହନୁମାନ ମନ୍ଦିରର ରୌପ୍ୟ ଜୟନ୍ତୀ ପ୍ରସ୍ତୁତି, ସ୍ଥାନ: କୋଏଲ ନଗର, ସମୟ: ସନ୍ଧ୍ୟା ୭ଟା।
- ଆମ୍ବେଡ଼କର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସକାଳ ୮ଟା।
- ଦୋକାନ ଭଡା ହ୍ରାସ ଦାବି ନେଇ ଆରଏମସିରେ ଫେରାଦ୍, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ରାତ୍ରକାଳୀନ କ୍ରିକେଟ ମ୍ୟାଚ୍, ସ୍ଥାନ: ସେକ୍ଟର–୩ ବଲାଙ୍ଗୀର ବସ୍ତି, ସମୟ: ରାତି ୮ଟା।

## ବରଗଡ଼

- ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଖୁଣ୍ଟପାଲି, ଗାଇସିଲେଟ୍, ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ମାଁ କରମସାନୀ ମନ୍ଦିର, ବରଡ଼ୋଲ, ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଣ ପ୍ରତିଷ୍ଠା ରୌପ୍ୟ ଜୟନ୍ତୀ, ସ୍ଥାନ: ଝାରବନ୍ଧ, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଦ୍ୱିତୀୟ ପର୍ଯ୍ୟାୟ ପୋଲିଂ ଅଫିସରଙ୍କ ତାଲିମ ଶିବିର, ସ୍ଥାନ: ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲ, କର୍ଲାମୁଣ୍ଡା, ସମୟ: ସକାଳ ୯ଟା।
- ବିବାଦୀୟ ବିଦ୍ୟୁତ୍ ବିଲ୍‌ର ସମାଧାନ ପାଇଁ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଜିଆରପି କ୍ୟାମ୍ପ, ସ୍ଥାନ: ଚାରବାହାଲ, ଜୁନାଗଡ଼ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ, କଳସ ଯାତ୍ରା, ସ୍ଥାନ: କୋମନା ବ୍ଲକ ଭେଲା ଗାଁ, ସମୟ: ସକାଳ ୬ଟା ୨୫।
- ସାହୁ ସମାଜର କରମା ଜୟନ୍ତୀ, କଳସ ଯାତ୍ରା ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ପୂର୍ବାହ୍ନ ୧୦ ଟା।

## ବୌଦ୍ଧ

- କଣ୍ଟାମାଳ ବ୍ଲକ ଶ୍ରୀରାମ ମନ୍ଦିରରେ ତୁଳସୀ ରାମାୟଣ ପାରାୟଣ ଓ ପ୍ରବଚନ, ସ୍ଥାନ: ଦୁର୍ଗା ମଣ୍ଡପ, ସମୟ: ସକାଳ ୮ଟା।
- କଣ୍ଟାମାଳ ବ୍ଲକ ଖୁଣ୍ଟଗୋରା ପଞ୍ଚାୟତ ବନ୍ଧଗୋରା ଶିବ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- କଣ୍ଟାମାଳ ବ୍ଲକ ଅଇଁଲାଗୁଆଁ ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ–ଅଭିଭାବକ ବୈଠକ, ସ୍ଥାନ: ବିଦ୍ୟାଳୟ ସଭାଗୃହ, ସକାଳ: ୯ଟା।

## ଦେବଗଡ଼

- ପ୍ରଣବ ପ୍ରକାଶ ଦାସଙ୍କ ଦେବଗଡ ଗ୍ରସ୍ତ ଅବସରରେ ବାଇକ୍ ରାଲି, ସ୍ଥାନ: ନୂଆ ବସ୍ ଷ୍ଟାଣ୍ଡରୁ ବଡ ବଗିଚା ,ସମୟ: ପୂର୍ବାହ୍ନ ୧୧ଟା।
- ନିର୍ବାଚନୀ ବୈଠକ,ସ୍ଥାନ: ପ୍ରଧାନପାଟ ବଡ ବଗିଚା, ସମୟ: ଅପରାହ୍ନ ୧୨ଟା।
- ରାଧା କୃଷ୍ଣାୟ ମହାପ୍ରଭୁଙ୍କ ଦଶଦଳ ଯାତ୍ରା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଲାଡ଼ି,ସ୍ଥାନ: ନିର୍ବେଣି ସାହି ୱାର୍ଡ ନଂ. ୯, ସମୟ: ରାତି ୯ଟା।

## ଢେଙ୍କାନାଳ

- ଜିଲା ଓକିଲ ସଂଘର ଶପଥ ଗ୍ରହଣ ଉତ୍ସବ, ସ୍ଥାନ: ସଂଘ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧ଟା ୧୫।

## ଅନୁଗୋଳ

- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଶିଶୁ ସୁରକ୍ଷା ବିଭାଗର ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ବିଭିନ୍ନ ବ୍ୟାଙ୍କର ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ମେରାଇନ ବିଭାଗ ପକ୍ଷରୁ ୬୧ତମ ଜାତୀୟ ନୌବାଣିଜ୍ୟ ଦିବସ ସ୍ଥାନ: ୱେଟବେସିନ, ପାରାଦୀପ ବନ୍ଦର, ସକାଳ ୯ଟା।
- ଉପକୂଳ ସୁରକ୍ଷା ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ କୋଷ୍ଟଗାର୍ଡ ପକ୍ଷରୁ କର୍ମଶାଳା, ସ୍ଥାନ: ଓଡ଼ିଶା କୋଷ୍ଟଗାର୍ଡ ମୁଖ୍ୟାଳୟ ୭,ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ବାବା ମଣିକେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ଦକ୍ଷିଣା ପ୍ରିମିୟର ଲିଗ, ସ୍ଥାନ: ଦକ୍ଷିଣା କ୍ରିକେଟ ଗ୍ରାଉଣ୍ଡ, ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଗଡ଼ମଧୁପୁର ମେଳଣ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ଗଡ଼ମଧୁପୁର ଇନ୍ଦ୍ର ପଡ଼ିଆ, ସମୟ: ସକାଳ ୬ଟା।
- ୪୧ତମ ବିଶ୍ୱଶାନ୍ତି ତାରିଣୀ ମହାଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକ କଣ୍ଟାମାଳିଆସ୍ଥିତ ମା' ତାରିଣୀ ପୀଠ,ସମୟ: ସକାଳ ୬ଟା।
- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତମାନଙ୍କ ଧାରଣା, ସ୍ଥାନ : ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ : ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ : ସକାଳ ୭ଟା।
- ବିଜେଡିର କର୍ମୀ ସମ୍ମିଳନୀ,ସ୍ଥାନ : ଯାଜପୁର ବ୍ଲକ କବୀରପୁର ଦଶହରା ପଡ଼ିଆ, ସମୟ : ଅପରାହ୍ନ ୪ଟା।

## ନୟାଗଡ଼

- ଦଶଦୋଳ ଯାତ୍ରାର ୨ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ୍‌ର ଇଟାମାଟି ମେଡ଼ିକାଲ ପଡ଼ିଆ, ସମୟ:ସକାଳ ୬ଟା।
- ଦଶଦୋଳ ଯାତ୍ରାର ୨ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ୍‌ର ବାଲୁଗାଁ ହାଟ ପଡ଼ିଆ, ସମୟ:ସକାଳ ୬ଟା।
- ଦଶଦୋଳ ଯାତ୍ରାର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍‌ର ଖଳିସାହି ମେଳଣ ପଡ଼ିଆ, ସମୟ: ସକାଳ ୭ଟା।

# ୪ ଲୋକ ସଭା ଓ ୨୮ ବିଧାନସଭା କ୍ଷେତ୍ରର ପ୍ରସ୍ତୁତି ସମୀକ୍ଷା

**ସମ୍ବଲପୁର,୪।୪ (ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ଗସ୍ତରେ ଆସି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ କୁମାର ଧଳ ଗୁରୁବାର ସମ୍ବଲପୁର ସହିତ ସୁନ୍ଦରଗଡ଼, ବରଗଡ଼ ଓ ଢେଙ୍କାନାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୨୮ ବିଧାସନସଭା କ୍ଷେତ୍ରରେ ନିର୍ବାଚନୀ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ସ୍ଥାନୀୟ ମହାନଗର ନିଗମ ନୂତନ କୋଠା ସମ୍ମିଳନୀ କକ୍ଷ (ଓସ୍ୱାନ ହଲ)ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରକ୍ଷା ବ୍ୟବସ୍ଥା, ନିର୍ବାଚନ ଆଚରଣ ବିଧି ତଥା ଭୋଟରଙ୍କ ସୁବିଧା ପାଇଁ ଗ୍ରହଣ କରାଯାଇଥିବା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏଥିସହ ଆଭାସୀ ଜରିଆରେ ସେ ଅତିରିକ୍ତ ଡିଜି ତଥା ପୋଲିସ ନୋଡାଲ ଅଧିକାରୀ ସଞ୍ଜୟ ସିଂ, ତାଳଚେର ଡିଆଇଜି ସତ୍ୟବ୍ରତ ଭୋଇ, ରାଉରକେଲା ଡିଆଇଜି ନିତି ଶେଖର ତଥା ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଲୋଚନା କରିଥିଲେ। ସେ କହିଥିଲେ, ପେଡ୍ ଭୋଟ୍ ଓ ଟଙ୍କା ଚାଲାଣ ଉପରେ ମଧ ତୀକ୍ଷ୍ଣ ନଜର ରଖାଯିବ। ମୋଟ୍ ବୁଥ ମଧ୍ୟରୁ ୧୦ ପ୍ରତିଶତ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ଏହା ଉପରେ ମଧ ତୀକ୍ଷ୍ଣ ନଜର ରଖାଯାଇଛି। ସୁରକ୍ଷା ପାଇଁ ବର୍ତ୍ତମାନଠାରୁ ପୋଲିସ ସୁରକ୍ଷା କର୍ମୀ ଓ ଏକ କମ୍ପାନୀ ସିଆର୍‌ପିଏଫ୍ ଯବାନଙ୍କୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି। ପୋଲିଂ ବୁଥ୍‌ରେ ଭୋଟରଙ୍କ ପାଇଁ ବିଶ୍ରାମ, ଶୁଦ୍ଧ ପାନୀୟ ଜଳ, ପ୍ରାଥମିକ ଚିକିତ୍ସାକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ବୟସ୍କ ଭୋଟର ଓ ଦିବ୍ୟାଙ୍ଗଙ୍କ ମତଦାନ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ପ୍ରାର୍ଥୀଙ୍କ ପାଇଁ ସୁବିଧା ପୋର୍ଟାଲର ବ୍ୟବସ୍ଥା ହୋଇଛି। ଏଥିରେ ସେମାନେ ଅନ୍‌ଲାଇନ ମାଧ୍ୟମରେ ନାମାଙ୍କନ ଦାଖଲ କରିପାରିବେ। ଏହାବ୍ୟତୀତ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ସାଧାରଣ ଜନତାଙ୍କ ଲାଗି ସି-ଭିଜିଲ୍ ଆପ୍ ବ୍ୟବହାର ସହିତ ଜିଲାସ୍ତରୀୟ କଣ୍ଟ୍ରୋଲ ରୁମ୍ ଟୋଲ ଫ୍ରି ନମ୍ବର ୧୯୫୦ରେ ଯୋଗାଯୋଗ କରି ଅଭିଯୋଗ ଦାଖଲ ବ୍ୟବସ୍ଥା ହୋଇଛି। ଅଭିଯୋଗ ମିଳିଲେ ୧୦୦ ମିନିଟରେ ନିରାକରଣ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ନିର୍ବାଚନ ମାର୍ଗଦର୍ଶିକା ପତ୍ର ପ୍ରତ୍ୟେକ ଭୋଟରଙ୍କ ପରିବାରଙ୍କ ନିକଟରେ ପହଞ୍ଚାଇବାକୁ ସେ ନିୟୋଜିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖବରଦାତା ସମ୍ମିଳନୀରେ ଉତ୍ତରାଞ୍ଚଳ ଆର୍‌ଡିସି ଶ୍ରୀକାନ୍ତ ପୃଷ୍ଟି, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଓ ଅତିରିକ୍ତ ନିର୍ବାଚନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀ।

### ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ବଲପୁର ଗସ୍ତ

■ ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ ମତଦାନ ଉପରେ ଗୁରୁତ୍ୱ

# ମୁଣ୍ଡ ଗଣ୍ଡି ଅଲଗା

**ପାହାଡ଼ ଉପରେ ଗଳିତ ମୃତଦେହ**

**ନୀଳଗିରି, ୪।୪(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ପଞ୍ଚଲିଙ୍ଗେଶ୍ୱର ପାହାଡ଼ ଉପରେ ମୁଣ୍ଡ ଗଣ୍ଡି ଅଲଗା ହୋଇ ପଡ଼ିଥିବା ବ୍ୟକ୍ତିଙ୍କ ଗଳିତ ମୃତଦେହ ମିଳିଛି। ଶରୀରଠାରୁ ୫୦ ମିଟର ଦୂରରେ ପଡିଥିବା ମୁଣ୍ଡକୁ ପୋଲିସ ଜବତ କରିଛି। ବ୍ୟକ୍ତିଜଣକ କିଛିଦିନ ତଳୁ ନିଖୋଜ ଥିଲେ। ତାଙ୍କୁ ହତ୍ୟା କରି କେହି ଫିଙ୍ଗି ଦେଇଥିବା ପୋଲିସ ସନ୍ଦେହ କରୁଛି। ସୂଚନା ଅନୁଯାୟୀ, ଶ୍ୟାମସୁନ୍ଦରପୁର ପଞ୍ଚାୟତ କେନ୍ଦୁନାଳ ଗ୍ରାମର ମାଧ ସିଂ (୫୫) ମାର୍ଚ୍ଚ ୯ରୁ ଘରୁ ନିଖୋଜ ଥିଲେ। ମୃତଦେହ ତାଙ୍କର ହୋଇଥିବା ଅନୁମାନ କରାଯାଉଛି। ମାଧ ସିଂଙ୍କ ଭାଇ ମୃତଦେହ ନିକଟରେ ପଡ଼ିଥିବା ପୋଷାକକୁ ଚିହ୍ନଟ କରି ଏହା ତାଙ୍କ ଭାଇଙ୍କର ବୋଲି ସେ କହିଛନ୍ତି। ତାଙ୍କ ଭାଇ କିଛିଦିନ ତଳେ ଘରେ ଝଗଡା କରି ପଳାଇଆସିଥିବା ସେ କହିଛନ୍ତି। ନୀଳଗିରି ପୋଲିସ ତଦନ୍ତ ଚଳାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୩ / ୨୪) ରୁଜୁ ହୋଇଛି।

**ପ୍ରଥମ ପୃଷ୍ଠାରୁ...**

## ଜୀବନ ନେଉଛି...

ଲୋକଙ୍କ ପ୍ରାଣହାନି ଘଟିବା ପରେ ସିଏମ୍‌ସି ପକ୍ଷରୁ ମୁକୁଳା ଡ୍ରେନ୍ ପାର୍ଶ୍ୱରେ ବାଉଁଶ ବନ୍ଧା ଯାଇଥିଲା। ହେଲେ ସେଗୁଡ଼ିକ ଏବେ ନଷ୍ଟ ହୋଇଗଲାଣି। ପ୍ରଶାସନ ମୁକୁଳା ଡ୍ରେନ୍ ସମସ୍ୟା ସମାଧାନ ଦିଗରେ ସେଭଳି ଦୃଢ଼ ଓ ସମୟୋପଯୋଗୀ ପଦକ୍ଷେପ ନେଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ସ୍କୁଲରେ ବାଜିବ...

ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ବିଦ୍ୟାଳୟରେ 'ଜଳ ବିରତି ଘଣ୍ଟି' ଲାଗୁ କରିବାକୁ ପ୍ରସ୍ତାବ ଦିଆଯାଇଛି। ଛାତ୍ରୀଛାତ୍ର ବିଦ୍ୟାଳୟରେ ଉପସ୍ଥିତ ଥିବା ସମୟରେ, ସେମାନଙ୍କ ମାନସିକ ଏବଂ ଶାରୀରିକ ସୁସ୍ଥତା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶାଳବୀ ଜାରି ହୋଇଛି। ଏ ନେଇ ଗଣଶିକ୍ଷା ସଚିବ ଅଶ୍ୱଥୀ ଏସ୍. ସମସ୍ତ ଜିଲା ଶିକ୍ଷାଧିକାରୀ ତଥା ଜିଲା ପ୍ରକଳ୍ପ ଅଧିକାରୀ, ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ପ୍ରସ୍ତାବିତ କାର୍ଯ୍ୟକଳାପ ଅନୁଯାୟୀ, ରାଜ୍ୟର ସମସ୍ତ ବିଦ୍ୟାଳୟରେ ଦିନକୁ ତିନିଥର ଅର୍ଥାତ୍ ସକାଳ ୮ଟା ୩୦, ପୂର୍ବାହ୍ନ ୧୦ଟା ଏବଂ ୧୧ଟାରେ ଏକ ସ୍ୱତନ୍ତ୍ର ଘଣ୍ଟି ବାଜିବ। ଉଭୟ ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କୁ ପାଣି ପିଇବା ପାଇଁ ମନେପକାଇବା ସହ ନିଜକୁ ହାଇଡ୍ରେଟ୍ ରଖିବା ହେଉଛି ଏହି ଘଣ୍ଟି ବାଜିବାର ମୁଖ୍ୟ ଉଦ୍ଦେଶ୍ୟ। ସମସ୍ତ ଛାତ୍ରୀଛାତ୍ର ନିର୍ଦ୍ଧାରିତ ସମୟରେ ପାଣି ପିଉଛନ୍ତି କି ନାହିଁ ଏହାକୁ ଶିକ୍ଷୟିତ୍ରୀଶିକ୍ଷକ ତଦାରଖ କରିବେ। ଏଥିସହ ସ୍କୁଲ ଆସିବା ସମୟରେ ଛତା କିମ୍ବା ଟୋପି ବ୍ୟବହାର କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେବେ। ତେଣୁ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଅନୁରୋଧ କରାଯାଇଛି ଯେ, ନିଜ ଜିଲାର ସମସ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ସହାୟତାରେ 'ଜଳ ବିରତି ଘଣ୍ଟି'କୁ ବାଧ୍ୟତାମୂଳକ କରିବେ। ଫଳରେ ଏହି ପଦକ୍ଷେପ ଗ୍ରୀଷ୍ମଦିନରେ ଛାତ୍ରୀଛାତ୍ରଙ୍କ ସୁସ୍ଥତା ନିମନ୍ତେ ବିଶେଷ ସହାୟକ ହେବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି।

## ଗଣତନ୍ତ୍ରକୁ ତା' ବାଟରେ...

ଆବେଦନକାରୀ ହିନ୍ଦୁ ସେନାର ବିଷ୍ଣୁ ଗୁପ୍ତାଙ୍କ ଓକିଲ କହିଥିଲେ, ଆବେଦନ ପ୍ରତ୍ୟାହାର କରିନେବା ଲାଗି ତାଙ୍କୁ ନିର୍ଦ୍ଦେଶ ମିଳିଛି। ଉକ୍ତ ଆବେଦନ ନେଇ ସେ ଉପରାଜ୍ୟପାଳଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ୍ ଗିରଫ ହେବା ସତ୍ତ୍ୱେ ନିଜ ପଦରୁ ଇସ୍ତଫା ନ ଦେଇ ଜେଲରୁ ସରକାର ଚଳାଉଛନ୍ତି। ଜେଲରୁ ସରକାର ଚଳାଇବା ସହଜ ନ ହେଲେ ମଧ ଜଣେ ଗିରଫ ମୁଖ୍ୟମନ୍ତ୍ରୀଙ୍କୁ ପଦରୁ ହଟାଇବା ପାଇଁ ସମ୍ବିଧାନରେ କୌଣସି ବ୍ୟବସ୍ଥା ନାହିଁ।

## ପରୀକ୍ଷାରେ ଝିଅ ନମ୍ବର...

ଏ ସମ୍ପର୍କରେ ଶିକ୍ଷକ ଅଶୋକ କୁମାରଙ୍କୁ ପଚରାଉଚରା କରିଥିଲେ। ସେଠାରେ ଯୁକ୍ତିତର୍କ ପରେ ମକରଧ୍ୱଜ ସ୍କୁଲ ବାହାରକୁ ଆସି ଗେଟ୍ ନିକଟରେ ଶିକ୍ଷକଙ୍କୁ ଅପେକ୍ଷା କରି ରହିଥିଲେ। ସ୍କୁଲ ଛୁଟି ପରେ ଶିକ୍ଷକ ଅଶୋକ କୁମାର ଗେଟ୍ ବାହାରକୁ ଆସିବା ମାତ୍ରେ ମକରଧ୍ୱଜ ଏକ କଟୁରିରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। କଟୁରି ଚୋଟରେ ଶିକ୍ଷକ ସାହୁଙ୍କ ଡାହାଣ ହାତ ଓ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ସଂକ୍ରାନ୍ତରେ ଶିକ୍ଷକ ଫାଣ୍ଡିରେ ଅଭିଯୋଗ କରିବା ପରେ ଡୁମୁସିଙ୍ଗା ଥାନାରେ ନଂ–୯୧।୨୪ରେ ଏକ ମାମଲା ରୁଜୁ କରାଯାଇଛି।

## ସ୍କୁଲ ସମୟ...

ଅନୁରୋଧ କରିଛି। ଅପରପକ୍ଷେ ଗୁରୁବାର ବଲାଙ୍ଗୀର ଜିଲାରେ ସ୍କୁଲ ସମୟ ପରିବର୍ତ୍ତନ କରାଯାଇଛି। ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ, ସକାଳ ସାଢ଼େ ୬ଟାରୁ ସ୍କୁଲ ଖୋଲିବ ଓ ସାଢ଼େ ୧୦ଟାରେ ଛୁଟି ହେବ। ସେହିପରି ପୂର୍ବରୁ ଗଜପତି ଜିଲାରେ ମଧ ସ୍କୁଲ ସମୟ ପରିବର୍ତ୍ତନ ହୋଇଛି। ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ପାଠପଢ଼ା ହେଉଛି। ତେଣୁ ରାଜ୍ୟରେ ସ୍କୁଲ ପରିବର୍ତ୍ତନ ପାଇଁ ଦାବି ହେଉଥିବାରୁ ରାଜ୍ୟ ସରକାର ଶୁକ୍ରବାର ଏ ଦିଗରେ ପଦକ୍ଷେପ ନେବେ ବୋଲି ଜଣାପଡ଼ିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଶନିକ୍ଷେତ୍ରସ୍ଥ ଦଶମ ଚନ୍ଦ୍ର ହେତୁ ସକାଳୁ ସାଧାରଣ କଥାକୁ ନେଇ ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ। କର୍ମକ୍ଷେତ୍ରରେ ଅଧିକାରୀମାନେ ଆପଣଙ୍କ କାର୍ଯ୍ୟର ପ୍ରଶଂସା କରିପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରାଦିରେ ପ୍ରଶଂସିତ ଓ ସମ୍ମାନିତ ହେବେ।

**ବୃଷ** – ଉଚ୍ଚାରୋହି ରବି ପାପଯୁକ୍ତ ଯୋଗୁ ସାମାଜିକ ସ୍ତରରେ ବ୍ୟସ୍ତ ରହି ଘର କାମକୁ ପାସୋରି ପାରନ୍ତି। ସମୟାନୁବର୍ତ୍ତିତା ଓ କର୍ମଦକ୍ଷତା ହେତୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଚେଷ୍ଟା କରୁଥିବା ଅର୍ଥ ସମ୍ପର୍କୀୟ କାମରେ ଆଂଶିକ ସଫଳତା ପାଇବେ। ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ଅଯଥା ମନସ୍ତାପ କରିପାରନ୍ତି।

**ମିଥୁନ** – ଶନିଙ୍କ ଦୃଷ୍ଟି ପ୍ରଭାବରେ ଆଜି ପ୍ରଶାସନିକ ସ୍ତରରେ ସ୍ଥିର ନିଷ୍ପତ୍ତି ନେବାରେ ହଡ଼ବଡ଼େଇ ଯିବେ। ନିଜର ସୁବିଧାକୁ ପ୍ରାଥମିକତା ଦେଇ ବନ୍ଧୁମାନେ ନିୟମ ବହିର୍ଭୂତ କାମ କରିବାର ଆଶଙ୍କା ଦେଖାଦେବ। ସହକର୍ମୀ କେହି ବେଖାତିର ପ୍ରଦର୍ଶନ କରିପାରନ୍ତି। ଶିକ୍ଷା, ସାହିତ୍ୟ, ସାମ୍ବାଦିକତା ଓ ସଙ୍ଗୀତାଦି କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ।

**କର୍କଟ** – ରାଶିପ୍ରତି ଚନ୍ଦ୍ରଙ୍କ ଦୃଷ୍ଟି ପ୍ରଭାବରୁ ଆପଣଙ୍କ କାର୍ଯ୍ୟଦକ୍ଷତା ପ୍ରତ୍ୟେକ ସଫଳତାର ମାପକାଠି ହେବ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିବା ସଙ୍ଗକୁ କାର୍ଯ୍ୟାରମ୍ଭର ପରିକଳ୍ପନା କରିପାରନ୍ତି। କର୍ମକ୍ଷେତ୍ରରେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ଋଣ, ଦୂରଯାତ୍ରା, ପରିବାରଠାରୁ ଅଲଗା ହେବା ଦୁଶ୍ଚିନ୍ତାର କାରଣ ହେବ।

**ସିଂହ** – ଭାଗ୍ୟଭାବସ୍ଥ ବୃହସ୍ପତି ଯୋଗୁ ଅଭିଳଷିତ ଜିନିଷ ପ୍ରାପ୍ତି ସକାଶେ ମାର୍ଗ ଉନ୍ମୁକ୍ତ କରିବ। ଯେଉଁ କାର୍ଯ୍ୟ ସକାଶେ ଚେଷ୍ଟା କରୁଛନ୍ତି, ସେଥିରେ ସଫଳତା ନିଶ୍ଚିତ। ପାରିବାରିକ ଜୀବନରେ ବିକର୍ଷଣର ପ୍ରତିକ୍ରିୟା ମାନସିକସ୍ତରକୁ କଳୁଷିତ କରିପାରେ। ଶତ୍ରୁମାନେ ଦୂରେଇ ରହିବେ କିମ୍ବା ମୁହଁ ସାମନାରେ କହିବାକୁ ସାହସ କରିପାରିବେ ନାହିଁ।

**କନ୍ୟା** – ତିନୋଟି ଗ୍ରହ ରାଶିକୁ ଦେଖୁଥିବାରୁ ଆଜି ଯାହା କରିବାକୁ ଇଚ୍ଛା କରିବେ ସେଥିରେ ଅସୁବିଧା ରହିବ ନାହିଁ। ଶିକ୍ଷାକ୍ଷେତ୍ର, ପରୀକ୍ଷା, ସନ୍ତାନ, ଲେଖାପଢ଼ା କ୍ଷେତ୍ରରେ କିଛିଟା ବ୍ୟତିକ୍ରମର ଆଶଙ୍କା ଦେଖାଦେଇପାରେ। ସହନଶୀଳତା, ତ୍ୟାଗସ୍ୱୀକାର ଓ ପରୋପକାର ପ୍ରବୃତ୍ତି ହେତୁ ସର୍ବସାଧାରଣରେ ସମ୍ମାନିତ ହେବେ।

**ତୁଳା** – ଚତୁର୍ଥ କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରେ ପାରିପାର୍ଶ୍ୱିକ ପରିବେଶ ଓ ପରିସ୍ଥିତି ଅନୁକୂଳ ରହିବ। ଦ୍ୱାଦଶସ୍ଥ କେତୁଙ୍କ ପ୍ରଭାବରୁ ଅସୁସ୍ଥ ମାନସିକତାଜନିତ ଦୁଃସ୍ୱପ୍ନଦର୍ଶନ ଅଯଥା ଭୟ ଓ ଆଶଙ୍କା ଜାଗ୍ରତ କରାଇବ। ପାରିବାରିକ ଜୀବନ ଗତାନୁଗତିକ ରୀତିରେ ଗଡ଼ି ଚାଲିବାରୁ ଆଶ୍ୱସ୍ତି ଲାଭ କରିବେ। ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ।

**ବିଛା** – ସମସ୍ୟା ରହିଥିଲେ ମଧ ଭାଗ୍ୟସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି କାରଣରୁ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ପରିବାରର ଖର୍ଚ୍ଚ ଦ୍ୱିଗୁଣା ହୋଇପାରେ କିନ୍ତୁ ଅନ୍ୟକୁ ହାତ ପତାଇବାକୁ ପଡ଼ିବ ନାହିଁ। ଛୋଟ କଥାକୁ କେନ୍ଦ୍ରକରି ଘରୋଇ କଳହଜନିତ ଅଶାନ୍ତି ଲାଗିରହିବ। ପଦସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ଧନୁ** – ପରିସ୍ଥିତି ସ୍ୱାଭାବିକ ନ ଥିଲେ ମଧ ଚନ୍ଦ୍ରଙ୍କ ପ୍ରଭାବରେ ମିଠାକଥା କହି କାର୍ଯ୍ୟ ହାସଲ କରିପାରିବେ। ବ୍ୟବସାୟ, ପରିବହନ କ୍ଷେତ୍ରରେ ପ୍ରତିଯୋଗିତାମୂଳକ ମନୋଭାବ ଉପୁଜିପାରେ। ପଡ଼ୋଶୀ ସାଧାରଣ କଥାକୁ କେନ୍ଦ୍ରକରି କଳହ କରିପାରନ୍ତି । ପିଲାଙ୍କ ସ୍ୱାସ୍ଥ୍ୟହାନି ଏବଂ ଭୁଲ୍ ବୁଝାମଣାଜନିତ ଅସହଯୋଗ କାରଣରୁ ଚିନ୍ତିତ ରହିପାରନ୍ତି।

**ମକର** – ଶ୍ରୀଚନ୍ଦ୍ର ପ୍ରଭାବରେ ପୂର୍ବର ଦୁଃସ୍ଥିତିରେ ପରିବର୍ତ୍ତନ ଘଟିବାରୁ ଶାନ୍ତିରେ ନିଃଶ୍ୱାସ ମାରିବେ। ଅତୀତରେ ଘଟଣା ସକାଶେ ଯେଉଁଭଳି ଆଶଙ୍କା କରୁଛନ୍ତି ସେପରି କିଛି ହେବ ନାହିଁ। କର୍ତ୍ତବ୍ୟପରାୟଣତା ଓ କାର୍ଯ୍ୟଦକ୍ଷତା କାରଣରୁ କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇବେ। କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ** – ବଳଶାଳୀ ମଙ୍ଗଳ ପ୍ରଭାବରୁ ପ୍ରଶାସନାଦି ପ୍ରତ୍ୟେକ କ୍ଷେତ୍ରରେ ସହମତି ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିପାରିବେ। ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ନିଜ ମନକୁ ନ ପାଇଲେ ମଧ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ଆହ୍ୱାନରେ ସାମାଜିକ କିମ୍ବା ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିବେ।

**ମୀନ** – ଗୁରୁଙ୍କ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ସମାଧାନ ସହ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ କରିପାରନ୍ତି କିନ୍ତୁ କିଛି କରିବାର ଉପାୟ ପାଇବେ ନାହିଁ। ସଂଗଠନ, ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

ଆଜି ଏପ୍ରିଲ ୫ ତାରିଖ, ସମତା ଦିବସ, ରାଷ୍ଟ୍ରୀୟ ନୌସେନା ଦିବସ, ରାଷ୍ଟ୍ରୀୟ ସାମୁଦ୍ରିକ ଦିବସ, ଶରଣ, ଚୈତ୍ର କୃଷ୍ଣପକ୍ଷର ସର୍ବସମ୍ମତ, ପାପମୋଚିନୀ ଏକାଦଶୀ ଯୁକ୍ତ ଦ୍ୱାଦଶୀ ଶୁକ୍ରବାର, ରାଶି ନକ୍ଷତ୍ର–ଧନିଷ୍ଠା/କୁମ୍ଭ, ଏକାଦଶୀ ଏବଂ ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ପ୍ରାତଃ ଘ.୦୫.୪୦ମି. ଗତେ ଘ.୦୬.୨୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୧୭ମି. ଗତେ ଘ.୧୧.୪୯ମି. ମଧ୍ୟେ ରାହୁକାଳ।

**ହିମାଚଳରେ ଭୂକମ୍ପ**

ହିମାଚଳପ୍ରଦେଶର ଚାମ୍ବା ଅଞ୍ଚଳରେ ଗୁରୁବାର ରାତି ୯ଟା ୩୪ ମିନିଟ ସମୟରେ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୩। ୧୦ କିଲୋମିଟର ଗଭୀରରେ ଏହାର କେନ୍ଦ୍ରସ୍ଥଳ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। କିଛି ସମୟ ପାଇଁ ଭୂକମ୍ପ ଅନୁଭୂତ ହୋଇଥିବାବେଳେ ଏହାର ଝଟକା ପଞ୍ଜାବ ଓ ହରିୟାଣାରେ ଅନୁଭୂତ ହୋଇଛି। ଏଥିରେ କୌଣସି ଧନଜୀବନ କ୍ଷୟକ୍ଷତିର ଖବର ମିଳିନାହିଁ। ସୂଚନାଯୋଗ୍ୟ, ୧୯୦୫ରେ ଏହି ଦିନରେ ହିମାଚଳପ୍ରଦେଶର କାଙ୍ଗ୍ରା ଜିଲାରେ ୮ ତୀବ୍ରତାର ଭୂକମ୍ପ ହୋଇ ୨୦,୦୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଥିଲା।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବଂଶାନୁକ୍ରମିକ ରାଜନୀତି | ପିଲାଙ୍କୁ ବାଟ ଛାଡୁଛନ୍ତି ବାପା

ଭୁବନେଶ୍ୱର,୪।୪(ଅନିଲଦାସ)

ଦୀର୍ଘବର୍ଷଧରି ଚାଲିଆସିଥିବା ବଂଶାନୁକ୍ରମିକ ରାଜନୀତି ଏବେ ବି ବଳବତ୍ତର ରହିଛି। ସାଧାରଣ ପରିବାର ଅପେକ୍ଷା ରାଜନୈତିକ ପରିବାରରୁ ହିଁ ନୂଆ ରାଜନେତାଙ୍କ ଅଭ୍ୟୁଦୟ ଘଟୁଛି। ବିଭିନ୍ନ ଦଳରେ ଏଭଳି ଟ୍ରେଣ୍ଡ ଜାରି ରହିଛି। ବାପ ପରେ ପୁଅ କିମ୍ବା ଝିଅମାନଙ୍କୁ ଉତ୍ତରାଧିକାରୀ ସୂତ୍ରରେ ରାଜନୀତି ମଇଦାନରେ ଦେଖିବାକୁ ମିଳୁଛି। ରାଜନେତାମାନେ ଯଦି କୌଣସି ମାମଲାରେ ଫସି ଯାଉଛନ୍ତି କିମ୍ବା ବୟସାଧିକ୍ୟ ହୋଇ ଯାଉଛନ୍ତି ତେବେ ସେମାନେ ନିଜର ଉତ୍ତରାଧିକାରୀ ଭାବେ ଝିଅ କିମ୍ବା ପୁଅକୁ ରାଜନୀତିକୁ ଆଣୁଛନ୍ତି। ଏ କ୍ଷେତ୍ରରେ ରାଜନୈତିକ ଦଳଗୁଡ଼ିକ ମଧ୍ୟ ପୂର୍ଣ୍ଣ ସହଯୋଗ କରୁଛନ୍ତି। ନିକଟରେ ସାଧାରଣ ନିର୍ବାଚନ ପାଇଁ ପ୍ରକାଶ ପାଇଥିବା ପ୍ରାର୍ଥୀ ତାଲିକାରେ ଏଭଳି ଝଲକ ଦେଖିବାକୁ ମିଳିଛି। ରାଜନୀତି ମଇଦାନରେ ଦୀର୍ଘ ବର୍ଷ ଧରି ବାପା ଲଢୁଥିଲେ। ଏଣିକି ବାପାଙ୍କ ବଦଳରେ ଝିଅ କିମ୍ବା ପୁଅ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ୨୦୨୪ ନିର୍ବାଚନରେ ଝିଅ, ପୁଅଙ୍କୁ ବାପାମାନେ ବାଟ ଛାଡ଼ିଛନ୍ତି। ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଏଥର ନିର୍ବାଚନ ରାଜନୀତିରୁ ସନ୍ନ୍ୟାସ ନେବାପରେ ତାଙ୍କ ସାନ ପୁଅ ସମରେନ୍ଦ୍ର ମିଶ୍ର ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ୨୦୧୯ରେ କଂଗ୍ରେସରୁ ସାଂସଦ ପ୍ରାର୍ଥୀ ହୋଇ ପରାଜୟ ବରଣ କରିଥିବା ସମରେନ୍ଦ୍ର ଏଥର ବାପାଙ୍କ ଆସନ ବଲାଙ୍ଗୀର ବିଧାନସଭାରୁ କଂଗ୍ରେସ ଟିକେଟରେ ନିର୍ବାଚନ ଲଢ଼ିବେ। ସେହିପରି ବଲାଙ୍ଗୀର ଜିଲା ଲୋଇସିଂହାରେ ମଧ୍ୟ ନୂଆ ଚେହେରା ଦେଖିବାକୁ ମିଳିବ। ୫ ଥର ବିଧାୟକ ହୋଇଥିବା ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରାଙ୍କ ପୁଅ ନୀହାର ରଞ୍ଜନ ବେହେରା ପ୍ରଥମ ଥର ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ନିର୍ବାଚନ ରାଜନୀତିରୁ ଏକପ୍ରକାର ଦୂରେଇ ଯାଇଥିବା ଯୋଗେନ୍ଦ୍ର ଲୋଇସିଂହା ଆସନରୁ ପୁଅକୁ ବିଜେଡି ଟିକେଟରେ ଛିଡ଼ା କରାଇଛନ୍ତି। ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଭୁଜବଳ ମାଝି ନିଜେ ନବରଙ୍ଗପୁର ଲୋକ ସଭା ଆସନରୁ ଲଢ଼ିବା ସହିତ ଝିଅ ଲିପିକା ମାଝିଙ୍କୁ ଡାବୁଗାଁ ବିଧାନସଭା ଆସନ ପାଇଁ କଂଗ୍ରେସ ଟିକେଟ ଦେବାରେ ସଫଳ ହୋଇଛନ୍ତି।

ସେହିପରି କଳାହାଣ୍ଡି ଲୋକ ସଭା ସଦସ୍ୟ ତଥା ବରିଷ୍ଠ ଭାଜପା ନେତା ବସନ୍ତ ପଣ୍ଡା ଆସନ୍ତା ନିର୍ବାଚନରେ ଲଢ଼ିବେ ନାହିଁ। ପୁଅ ଅଭିନନ୍ଦନ କୁମାର ପଣ୍ଡା ପ୍ରଥମ ଥର ପାଇଁ ଭାଜପା ଟିକେଟରେ ନୂଆପଡ଼ା ସଦର ଆସନରୁ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି। ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ନିର୍ବାଚନ ରାଜନୀତିରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ବାପାଙ୍କ ମଙ୍ଗଧରି ବଡ଼ପୁଅ କଳିକେଶ ନାରାୟଣ ସିଂଦେଓ ବୈତରଣୀ ପାରିହେବାକୁ ପଣ କରିଛନ୍ତି। ପୂର୍ବରୁ ୨ ଥର ଏମ୍‌ପି ହୋଇଥିବା କଳିକେଶ ୨୦୧୯ ନିର୍ବାଚନରେ ପରାଜୟ ହୋଇଥିଲେ। ଚଳିତ ନିର୍ବାଚନରେ ସେ ବଲାଙ୍ଗୀର ବିଧାନସଭା ସିଟ୍‌ରେ ବିଜେଡି ଟିକେଟରେ ନିଜର ଭାଗ୍ୟ ପରୀକ୍ଷା କରିବେ।

ସେହିପରି କଳାହାଣ୍ଡିରେ ମଧ୍ୟ ଦେଖିବାକୁ ମିଳିଛି କଂଗ୍ରେସର ବାପ-ପୁଅ ଯୋଡ଼ି। କଂଗ୍ରେସର ପୂର୍ବତନ ମନ୍ତ୍ରୀ ଭକ୍ତଚରଣ ଦାସ ଏବଂ ତାଙ୍କ ପୁଅ ସାଗର ଚରଣ ଦାସ। ଭବାନୀପାଟଣା ଆସନକୁ ପୂର୍ବରୁ ୩ ଥର ଦଖଲ କରିଥିବା କଂଗ୍ରେସ ଦଳର ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଦାସ ଏଥର ପୁଅକୁ ମୈଦାନକୁ ଆଣିଛନ୍ତି। ୨୦୧୯ ନିର୍ବାଚନରେ ତୃତୀୟ ସ୍ଥାନରେ ରହିଥିବା ସାଗର ଭବାନୀପାଟଣାରେ ଏଥର ଭାଗ୍ୟ ପରୀକ୍ଷା କରିବେ। ଅପରପକ୍ଷେ ଭକ୍ତ ଲୋକ ସଭା ଛାଡ଼ି ନର୍ଲା ବିଧାନସଭା ଆସନରୁ ଲଢ଼ିବେ। ସେହିପରି ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଚଳିତ ନିର୍ବାଚନରେ ପ୍ରତ୍ୟକ୍ଷ ରାଜନୀତିରୁ ଓହରି ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀରେ ପୁଅ ଅଙ୍କିତ ପ୍ରତାପ ଜେନାଙ୍କୁ ମଇଦାନକୁ ଓହ୍ଲାଇଛନ୍ତି। ସୂର୍ଯ୍ୟନାରାୟଣ ପାତ୍ରଙ୍କ ବିୟୋଗ ପରେ ତାଙ୍କ ପୁଅ ବିପ୍ଳବ ପାତ୍ର ପ୍ରଥମ ଥର ପାଇଁ ନିଜର ରାଜନୈତିକ ଭାଗ୍ୟ ପରୀକ୍ଷା କରୁଛନ୍ତି। ସେହିପରି ବିଜେଡିର ବରିଷ୍ଠ ନେତା ପ୍ରଦୀପ ମହାରଥୀଙ୍କ ବିୟୋଗ ପରେ ରୁଦ୍ର ମହାରଥୀ, ଦାମ ରାଉତଙ୍କ ପରେ ସମ୍ବିତ ରାଉତରାୟ, ନବ ଦାସଙ୍କ ଝିଅ ଦୀପାଳି ଦାସ, ପର୍ଶୁରାମ ପାଣିଗ୍ରାହୀଙ୍କ ପୁଅ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବିଜୟଶ୍ରୀ ରାଉତରାୟଙ୍କ ପୁଅ ବିଷ୍ଣୁବ୍ରତ ରାଉତରାୟ ମଧ୍ୟ ରାଜନୀତି ମଇଦାନରେ ସକ୍ରିୟ ଅଛନ୍ତି।

ତେବେ ବାପାଙ୍କ ପତିଆରା ବଜାୟ ରଖିବାକୁ ଝିଅ ଓ ପୁଅମାନେ କେତେ ସକ୍ଷମ ହେବେ ତାହା ଆଗାମୀ ଦିନରେ ଜଣାପଡ଼ିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭଣ୍ଡାରି ହାତରେ ପଡିଛି ଚୁଟି
ଯେଣିକି ଝିଙ୍କଇ ତେଣିକି ଉଠି।**

ନିଜର ଗୁମର ବା ଦୋଷ ଦୁର୍ବଳତା କେବେ ଅନ୍ୟ ଆଗରେ ପ୍ରକାଶ କରିବା ଉଚିତ ହୁଏ ନାହିଁ। କାରଣ ଏଭଳି ସ୍ଥଳେ ଉକ୍ତ ବ୍ୟକ୍ତି ଜଣକ ତାକୁ ଡରେଇ ବା ଧମକେଇ ନିଜର ସମସ୍ତ କାର୍ଯ୍ୟ କରାଇନେବା ସହ ଅନେକ ଫାଇଦା ଉଠାଉଥିବାର ଦେଖିବାକୁ ମିଳିଥାଏ। ଏଭଳି ବ୍ୟକ୍ତିଙ୍କ କବଳରେ ଥରେ ପଡିଗଲେ କେହି ନିଜ ଇଚ୍ଛାନୁସାରେ କିଛି ବି କରିପାରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଭଗବାନ୍ କେଭେଁ ନୁହନ୍ତି ଭକୁଆ,
ପରୀକ୍ଷକ ନିରୀକ୍ଷକ ହୋଇ ସବୁ ଜାଣନ୍ତି ଆଗୁଆ।**

ସୃଷ୍ଟିକର୍ତ୍ତା ଭଗବାନ୍ ସର୍ବବ୍ୟାପକ, ସର୍ବବିଦ୍ୟମାନ। ମନୁଷ୍ୟର ସମସ୍ତ କାର୍ଯ୍ୟକଳାପ ତଥା ମନୋଭାବକୁ ସେ ଭଲ ଭାବେ ପରୀକ୍ଷା ନିରୀକ୍ଷା କରି ସବୁ କିଛି ଜାଣିପାରନ୍ତି। ତାଙ୍କର ସର୍ବଜ୍ଞତା ପଣିଆକୁ ଉପେକ୍ଷା କରିବା ଆଦୌ ଉଚିତ ନୁହେଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ଜଙ୍ଗଲ ନିଆଁରେ ୩ ବନ କର୍ମଚାରୀ ଅଚେତ

ଜୟପୁର, ୪।୪(ପବନ ପାଣିଗ୍ରାହୀ)

ଜୟପୁର ବନାଞ୍ଚଳ ଅଧୀନ ଡଙ୍ଗରଛିଞ୍ଚି, ଜବାକନାଡ଼ି, ଘାଟବାଗରା, ଗଡପଦର ପାହାଡ଼ ଓ ମାଳିଗୁଡ଼ା ଜଙ୍ଗଲରେ ନିଆଁ ଲାଗିଛି। ଗଡ଼ପଦର ପାହାଡ଼ରେ ଲାଗିଥିବା ନିଆଁକୁ ଆୟତ୍ତ କରିବାକୁ ୮ ବନ କର୍ମଚାରୀ ଯାଇଥିବାବେଳେ ଧୂଆଁରେ ରୁନ୍ଧି ହୋଇ ପାରା ଓ ଫାୟର ସ୍କ୍ୱାଡର ୩ ଜଣ କର୍ମଚାରୀ ଅଚେତ ହୋଇ ଯାଇଥିଲେ। ଦମକଳ ବାହିନୀ ଓ ଆମ୍ବୁଲାନ୍ସକୁ ଅନ୍ୟ କର୍ମଚାରୀମାନେ ଖବର ଦେଇଥିଲେ। ବହୁ କଷ୍ଟରେ ସେମାନଙ୍କୁ ଉଦ୍ଧାର କରାଯାଇ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ନିଆଁ ଲାଗିବା ଯୋଗୁ ବହୁ ଔଷଧୀୟ ବୃକ୍ଷ ଓ ବିଭିନ୍ନ ପ୍ରଜାତିର ଗଛ କ୍ଷତିଗ୍ରସ୍ତ ହୋଇଛି।



କର୍ମଚାରୀମାନେ ନିଆଁକୁ ଆୟତ୍ତ କରୁଛନ୍ତି।

# ଜେନାପୁର ସରପଞ୍ଚଙ୍କ ଆତ୍ମହତ୍ୟା

ଧର୍ମଶାଳା/ଜେନାପୁର,୪।୪
(ବଟକୃଷ୍ଣ ପରିଡ଼ା/ଅଶୋକ ଦାସ)

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଧୀନ ଜେନାପୁର ପଞ୍ଚାୟତର ମହିଳା ସରପଞ୍ଚ ସିପାଲତା ମଲିକ(୩୨) ଗୁରୁବାର ଅପରାହ୍ନରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସିପାଲତାଙ୍କର ସ୍ୱାମୀ ଶୁକଦେବଙ୍କ ସହ କୌଣସି କାରଣବଶତଃ କଳହ ହୋଇଥିଲା। ଏହି ପାରିବାରିକ କଳହକୁ କେନ୍ଦ୍ରକରି ପରିବାର ଲୋକେ ଶୋଇଥିବାବେଳେ ସିପାଲତା ନିଜ ଶାଢ଼ି ସାହାଯ୍ୟରେ ତାଙ୍କ ଘର ଫ୍ୟାନରେ ଝୁଲି ପଡ଼ିଥିଲେ। ପରିବାର ଲୋକେ ଏକଥା ଜାଣିବା ପରେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସ୍ଥାନୀୟ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ସମେତ ବହୁ ବିଜେଡି କର୍ମୀ ଡାକ୍ତରଖାନାରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କର ଏଭଳି ମୃତ୍ୟୁରେ ଜେନାପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସିପାଲତା ୨୦୨୨ ପଞ୍ଚାୟତ ନିର୍ବାଚନରେ ନିର୍ବାଚିତ ହୋଇଥିଲେ।



ସିପାଲତା ମଲିକ

# ୫ ନଦୀଘାଟ ଯାଞ୍ଚ କଲେ ଏନ୍‌ଜିଟି ଟିମ୍

**ଆନ୍ଧ୍ରକୁ ବାଲି ଚାଲାଣ ଘଟଣା**

ପଟ୍ଟାଙ୍ଗି/କୋରାପୁଟ,୪।୪
(ଶରତ ଧଳ/ଅମିତାଭ ବେହେରା)

ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମାଛକୁଣ୍ଡ ନଦୀଘାଟରୁ ପରିବେଶ ନଷ୍ଟ କରି ବେଆଇନ ଭାବେ ଆନ୍ଧ୍ର ଅଞ୍ଚଳକୁ ବାଲି ଚାଲାଣ ହେଉଥିବା ସମ୍ପର୍କରେ ନନ୍ଦପୁର ବ୍ଲକର ପାଛଲୁଙ୍ଗ ପଞ୍ଚାୟତ ସରପଞ୍ଚ ପୂଜା ଖିଲ ଜାତୀୟ ହରିତ ପ୍ରାଧିକରଣ (ଏନ୍‌ଜିଟି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ଫଳରେ ଟ୍ରିବ୍ୟୁନାଲ ଅଭିଯୋଗର ତଦନ୍ତ କରିବାକୁ ଏକ ଜାତୀୟ ସ୍ତରର କମିଟି ଗଠନ କରି ତଦନ୍ତ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ କମିଟି ଗୁରୁବାର ପୂର୍ବାହ୍ନ ୧୧ଟାରେ କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଛଲୁଙ୍ଗ ପଞ୍ଚାୟତର ଦୁଇ ରାଜ୍ୟର ସୀମା ନିର୍ଦ୍ଧାରଣ କରୁଥିବା ମାଛକୁଣ୍ଡ ନଦୀର ଶୋଭାପୁଟ ପୋଲ, ସୁଡୁବ, ସାରିଆପାଲି, ପ୍ରଧାନିପୁଟ, ମାରିପୁଟ, ରାତୁଲପୁଟ ଓ ପାଡୁଆ ପଞ୍ଚାୟତର ଡୁରୁବା ଗାଲଗାଣ୍ଡା ନଦୀଘାଟ ଯାଞ୍ଚ କରିଥିଲେ। ଟିମ୍‌ରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ସନ୍ଦୀପ ରାୟ, ସିପିସିବି ଆର୍‌ଡି ଚେନ୍ନାଇର ସୌମ୍ୟା ଡି., ଜିଲା ଖଣିଜ ଅଧିକାରୀ ଏସ୍‌ଏନ୍ ରାଜୁ, ଏମ୍‌ଓଇଏଫ୍ ଆଣ୍ଡ ସିସି ଭୁବନେଶ୍ୱରର ସନ୍ଦୀପ ନନ୍ଦୀ, କୋରାପୁଟ ଜିଓଲୋଜି ବିଭାଗର ଯୁଗ୍ମ ନିର୍ଦ୍ଦେଶକ କ୍ୟୁଜେ ଖାନ୍, ଉପଜିଲାପାଳ ବେଣୁଧର ଶବର, ଓଏସ୍‌ପିସିବି ରିଜିଓନାଲ ଅଧିକାରୀ ଦୀପେଶ ବିଶ୍ୱାଳ, ଇଇ ଆରଓ ଏପିପିସିବି ବିଜୟନଗରମର ଡ. ବିଭି ସରିତାଙ୍କୁ ନେଇ ଗଠିତ ଟିମ୍ ମାଛକୁଣ୍ଡ ନଦୀର ଉପରୋକ୍ତ ଘାଟ ପରିଦର୍ଶନ କରିଥିଲେ।

# ପାଣିରେ ପଡ଼ି ଶିଶୁପୁତ୍ର ମୃତ

ପଟ୍ଟାମୁଣ୍ଡାଇ, ୪।୪ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା କଖାରୁଣି ପଞ୍ଚାୟତ ଓସଙ୍ଗରା ଗାଁର ଗୁରୁବାର ପୋଖରୀରେ ପଡ଼ି ପ୍ରକାଶ ନାୟକଙ୍କ ପୁଅ ପ୍ରିନ୍ସଙ୍କ ମୃତ୍ୟୁ ଘଟିଛି। ସେ ଗାଁ ପିଲାଙ୍କ ସାଙ୍ଗରେ ପୋଖରୀ ହୁଡାରେ ଖେଳିବା ସମୟରେ ଗୋଡ଼ ଖସିଯିବାରୁ ଭିତରକୁ ଖସି ପଡ଼ିଥିଲେ। ଶିଶୁପୁତ୍ରକୁ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଗ୍ରାମର ଜଣେ ବ୍ୟକ୍ତି ନିଜ ଜାଗାରେ ଘର କରୁଥିବା ବେଳେ ଏକ ସେପ୍ଟି ଟାଙ୍କି କାର୍ଯ୍ୟ ଅଧା ହୋଇ ପଡିଛି। ଗାଁରେ କୀର୍ତ୍ତନ ମଣ୍ଡଳୀ କୀର୍ତ୍ତନ କରୁଥିବା ବେଳେ ପ୍ରିନ୍ସ ଦେଖିବାକୁ ଯାଇଥିଲେ। ସେଠାରେ ଅସାବଧାନତା ବଶତଃ ସେ ଖୋଲା ଥିବା ସେପ୍ଟି ଟାଙ୍କିରେ ପଡି ମୃତ୍ୟୁ ହୋଇଛି ବୋଲି ଗାଁର କେତେଜଣ ଲୋକ କହୁଛନ୍ତି। ଏ ସମ୍ପର୍କରେ ଆଇଆଇସି ପଦ୍ମାଳୟା ପ୍ରଧାନଙ୍କୁ ପଚାରିବାରେ ଚିକିତ୍ସାଳୟରୁ ଖବର ଆସିଛି ଜଣେ ଶିଶୁପୁତ୍ର ଚିକିତ୍ସା ଲାଗି ଆସିବା ପୂର୍ବରୁ ମୃତ୍ୟୁ ହୋଇଛି।

# ମନ୍ତ୍ରୀ ପ୍ରଦୀପ ଅମାତଙ୍କ ପିତୃ ବିୟୋଗ

ବୌଦ୍ଧ,୪।୪(ଅଜିତ କୁମାର ବାରିକ)



ଗୌରୀଶଙ୍କର ଅମାତ

ବୌଦ୍ଧ ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ପିତା ଗୌରୀଶଙ୍କର ଅମାତ (୯୦)ଙ୍କ ବୁଧବାର ବିଳମ୍ବିତ ରାତିରେ ଭୁବନେଶ୍ୱରସ୍ଥିତ ମନ୍ତ୍ରୀଙ୍କ ବାସଭବନରେ ପରଲୋକ ହୋଇଛି। କିଛି ଦିନ ପୂର୍ବରୁ ତାଙ୍କର ଗୋଡ଼ ଭାଙ୍ଗିଯାଇଥିଲା। ପ୍ରଚାର କାର୍ଯ୍ୟରେ ବୌଦ୍ଧରେ ଥିବା ମନ୍ତ୍ରୀ ବାପାଙ୍କ ମୃତ୍ୟୁ ଖବର ପାଇ ଭୁବନେଶ୍ୱର ଯାଇଥିବା ବେଳେ ଗୌରୀଶଙ୍କରଙ୍କ ମରଶରୀରକୁ ଗୁରୁବାର ବୌଦ୍ଧ ଅଣାଯାଇଥିଲା । ପରେ କନ୍ଧମାଳ ବିଧାୟକ ମହୀଧର ରଣା, ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେରଙ୍କ ସମେତ ବହୁସଂଖ୍ୟାରେ ନେତା, କର୍ମୀ, ବନ୍ଧୁବାନ୍ଧବ ଓ ସହରର ବୁଦ୍ଧିଜୀବୀମାନେ ବୌଦ୍ଧ ସହରସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ । ଅପରାହ୍ନରେ ବୌଦ୍ଧ ଶ୍ମଶାନ ଘାଟଠାରେ ଗୌରୀଶଙ୍କରଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ଼ନାତି ଦୀପକ କୁମାର ଅମାତ ମୁଖାଗ୍ନି ଦେଇଥିଲେ।

# ରାହୁଲଙ୍କ ସମ୍ପତ୍ତି ୨୦ କୋଟି

ନୂଆଦିଲ୍ଲୀ, ୪।୪ (ପି.ଟି.)

କଂଗ୍ରେସ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପୁନର୍ବାର କେରଳର ୱାୟନାଡ଼ ଆସନରୁ ଲୋକ ସଭା ନିର୍ବାଚନ ଲଢୁଛନ୍ତି। ସେ ବୁଧବାର ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନାମାଙ୍କନ ପତ୍ର ଦାଖଲ ସମୟରେ ଦେଇଥିବା ଆଫିଡାଭିଟ୍ ଅନୁଯାୟୀ ରାହୁଲଙ୍କ ସମୁଦାୟ ୨୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ତାଙ୍କର ସମୁଦାୟ ୯.୨୪ କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତି ଥିବାବେଳେ ୧୧.୧୪ କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ସେହିପରି ତାଙ୍କ ନାମରେ କୌଣସି ଯାନବାହନ କିମ୍ବା ଆବାସିକ ଫ୍ଲାଟର ମାଲିକାନା ନାହିଁ। ରାହୁଲଙ୍କ ନିକଟରେ ୫୫ ହଜାର ଟଙ୍କା ନଗଦ ଥିବାବେଳେ ତାଙ୍କର ୨୬.୨୫ ଲକ୍ଷ ଟଙ୍କା ବ୍ୟାଙ୍କରେ ଜମା ରହିଛି। ସେହିପରି ରାହୁଲ ଶେୟାର ମାର୍କେଟରେ ୪.୩୩ କୋଟି ଟଙ୍କା, ମ୍ୟୁଚୁଆଲ ଫଣ୍ଡରେ ୩.୮୧ କୋଟି ଟଙ୍କାର ନିବେଶ କରିଛନ୍ତି। ତାଙ୍କ ନିକଟରେ ୧୫.୨୧ ଲକ୍ଷ ଟଙ୍କାର ସୁନା ବଣ୍ଡ, ୪.୨୦ ଲକ୍ଷ ଟଙ୍କାର ଅଳଙ୍କାର ମଧ୍ୟ ରହିଛି। ସେହିପରି ରାହୁଲଙ୍କ ନାମରେ ଗୁରୁଗ୍ରାମରେ ୯ କୋଟି ମୂଲ୍ୟର ନିଜସ୍ୱ କାର୍ଯ୍ୟାଳୟ ମଧ୍ୟ ରହିଛି।

# ଫୁଟ୍‌ବଲରଙ୍କୁ ଗୁଳିକରି ହତ୍ୟା

ଜୋହାନ୍ସବର୍ଗ,୪।୪(ପି.ଟି.)



ଲୁକ୍ ଫ୍ଲ୍ୟୁୟର୍ସ

ଦକ୍ଷିଣ ଆଫ୍ରିକା ଫୁଟ୍‌ବଲର ତଥା ଅଲିମ୍ପିଆନ ଲୁକ୍ ଫ୍ଲ୍ୟୁୟର୍ସଙ୍କୁ ବୁଧବାର ଗୁଳିକରି ହତ୍ୟା କରାଯାଇଛି। ଲୁଟ କରିବା ଉଦ୍ୟମରେ କିଛି ଦୁର୍ବୃତ୍ତ ତାଙ୍କୁ ଗୁଳିକରି ହତ୍ୟା କରିଥିବା ଜଣାପଡିଛି। ଲୁକ୍‌ଙ୍କ କ୍ଲବ କାଇଜର୍ ଚିଫ୍‌ସ ମୁଖ୍ୟ ଏହି ଘଟଣା ସମ୍ପର୍କରେ ଗୁରୁବାର ସୂଚନା ଦେବା ସହ ଦୁଃଖପ୍ରକାଶ କରିଛନ୍ତି। ୨୪ ବର୍ଷୀୟ ଡିଫେଣ୍ଡର ଜଣଙ୍କ ଏକ ପେଟ୍ରୋଲ ଟାଙ୍କିରେ ରହିଥିବା ବେଳେ ଏଭଳି ଘଟଣା ଘଟିଥିଲା। ଜୋହାନ୍ସବର୍ଗର ହନିଡିଉ ଅଞ୍ଚଳରେ ଏଭଳି ଘଟଣା ଘଟିଥିଲା। ପୋଲିସ ସୂଚନା ମୁତାବକ ଲୁଟେରାମାନେ ଲୁକ୍‌ଙ୍କୁ ଗୁଳି କରି ହତ୍ୟା କରିବା ସହ ତାଙ୍କ କାର୍ ଧରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ହତ୍ୟା ଓ ଲୁଟ୍ ମାମଲା ଦାଏର କରି ପୋଲିସ ତଦନ୍ତ ଜାରି ରଖିଥିବା କହିଛନ୍ତି ମୁଖପାତ୍ର ମାଭେଲା ମାସୋଣ୍ଡୋ। ଲୁକ୍ ଫ୍ଲ୍ୟୁୟର୍ସ ଦକ୍ଷିଣ ଆଫ୍ରିକା ୨୩ ବର୍ଷରୁ କମ୍ ଦଳରେ ଖେଳୁଥିବା ବେଳେ ସେ ଟୋକିଓ ଅଲିମ୍ପିକ୍ସରେ ଦକ୍ଷିଣ ଆଫ୍ରିକାର ପ୍ରତିନିଧିତ୍ୱ କରିଥିଲେ। ଦକ୍ଷିଣ ଆଫ୍ରିକାରେ କାର୍ ହାଇଜାକିଙ୍ଗ ଅତ୍ୟନ୍ତ ସାଧାରଣ ଘଟଣା । ୨୦୨୩ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ୫୯୭୩ଟି ଏଭଳି ଘଟଣା ଘଟିଥିବା ବେଳେ ଏହାର ଶିକାର ହୋଇ ପ୍ରାଣ ହରାଇଛନ୍ତି ପ୍ରତିଭାବାନ ଫୁଟ୍‌ବଲର ଲୁକ୍ ଫ୍ଲ୍ୟୁୟର୍ସ।



ନୂଆଦିଲ୍ଲୀର ସିପିଆଇ(ଏମ୍) ମୁଖ୍ୟାଳୟରେ ଗୁରୁବାର ଦଳର ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରୁଛନ୍ତି ବରିଷ୍ଠ ନେତା ସୀତାରାମ ୟେଚୁରୀ, ପ୍ରକାଶ କରାଟ ଏବଂ ବ୍ରିନ୍ଦା କରାଟ।

# ପଶ୍ଚିମବଙ୍ଗ ସରକାରଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା

**ସନ୍ଦେଶଖାଲି ମାମଲା**

କୋଲକାତା,୪।୪

ଲୋକ ସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲା ଅନ୍ତର୍ଗତ ସନ୍ଦେଶଖାଲିରେ ଦଳିତ ମହିଳାଙ୍କୁ ଯୌନ ନିର୍ଯାତନା, ସେମାନଙ୍କଠାରୁ ଜବରଦସ୍ତ ଟଙ୍କା ଆଦାୟ ଓ ସମ୍ପତ୍ତି ଜବତ ମାମଲାର ତଦନ୍ତ ଦାବିରେ ଦାଖଲ ସତ୍ୟପାଠଗୁଡ଼ିକର ଶୁଣାଣି ବେଳେ କାଲ୍‌କାଟା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ସନ୍ଦେଶଖାଲି ମାମଲାରେ ମୁଖ୍ୟ ଅଭିଯୁକ୍ତ ସ୍ଥାନୀୟ ନେତା ଶେଖ୍ ଶାହଜାହାନଙ୍କୁ ସୁରକ୍ଷା ଦେଇ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସମାଲୋଚିତ ହୋଇଥିଲା। ଏହି ମାମଲାରେ ରାଜ୍ୟ ସରକାର ଦାୟିତ୍ୱ ଏଡ଼ାଇ ଯାଇପାରିବେ ନାହିଁ ବୋଲି ଟିଏମ୍‌ସି ମୁଖ୍ୟ ବିଚାରପତି ଟି.ଏସ୍. ସିବଗ୍ନାନମଙ୍କ ଖଣ୍ଡପୀଠ କହିବା ସହ ଅଭିଯୋଗ ସତ୍ୟ ବୋଲି କହିଛନ୍ତି। ଯଦି ଗୋଟିଏ ସତ୍ୟପାଠ ଠିକ୍ ହୋଇଥାଏ ଲଜ୍ଜାଜନକ ଏବଂ ଯଦି ୧ ପ୍ରତିଶତ ସତ ଥାଏ, ତେବେ ଅତ୍ୟନ୍ତ ଲଜ୍ଜାଜନକ। ମାମଲା ପାଇଁ ସମ୍ପୂର୍ଣ୍ଣ ଜିଲା ପ୍ରଶାସନ ଏବଂ ଶାସକ ଦଳ ନୈତିକତା ଦୃଷ୍ଟିରୁ ୧୦୦ ପ୍ରତିଶତ ଦାୟୀ ବୋଲି ଖଣ୍ଡପୀଠ କହିଛନ୍ତି। ଅଭିଯୋଗର ୨ ମାସ ପରେ ଫେବୃଆରୀ ୨୯ରେ ଅଭିଯୁକ୍ତ ଶାହାଜାହାନଙ୍କୁ ଗିରଫ କରାଯାଇଥିଲା, ଯେଉଁଥିପାଇଁ ରାଜ୍ୟ ସରକାର ସମାଲୋଚିତ ହୋଇଥିଲେ। ତାଙ୍କୁ ଗିରଫ କରିବା ପାଇଁ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେବାକୁ ପଡ଼ିଥିଲା। ୫୫ଦିନ ଲୁଚକାଳି ଖେଳିବା ପରେ ଶାହାଜାହାନ ଧରାଦେଇଥିଲେ। ଏହା ପରେ ବି ତୁମେ ଅସ୍ପଷ୍ଟ ଆଭିମୁଖ୍ୟ ନେଉଛ। କେବଳ ତୁମେ ଆଖି ବନ୍ଦ ରଖିଲେ, ଦୁନିଆଁ ଅନ୍ଧାର ହୋଇଯିବ ନାହିଁ ବୋଲି ଶାହାଜାହାନଙ୍କ ଓକିଲଙ୍କୁ ମୁଖ୍ୟ ବିଚାରପତି କହିଥିଲେ।

# ନବନୀତ ରାଣାଙ୍କୁ ସୁପ୍ରିମକୋର୍ଟ ଆଶ୍ୱସ୍ତି

ନୂଆଦିଲ୍ଲୀ,୪।୪(ପି.ଟି.)



ନବନୀତ କୌର ରାଣା

ମହାରାଷ୍ଟ୍ରର ଅମରାବତୀ ଏମ୍‌ପି ନବନୀତ କୌର ରାଣାଙ୍କ ଅନୁସୂଚିତ ଜାତି ପ୍ରମାଣପତ୍ରକୁ ସୁପ୍ରିମକୋର୍ଟ ଗୁରୁବାର କାଏମ୍ ରଖିଛନ୍ତି। ଫଳରେ ଲୋକ ସଭା ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଶେଷ ଦିନରେ ନବନୀତଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ସେ ମହାରାଷ୍ଟ୍ରର ଦଳିତଙ୍କ ପାଇଁ ସଂରକ୍ଷିତ ଉକ୍ତ ଆସନରୁ ଭାଜପା ଟିକେଟରେ ନିର୍ବାଚନ ଲଢ଼ିବା ସ୍ପଷ୍ଟ ହୋଇଯାଇଛି। ସୂଚନାଯୋଗ୍ୟ, ନବନୀତ ମୋଚି ଜାତିର ହୋଇଥିବା ନେଇ ୨୦୧୩ ଅଗଷ୍ଟ ୩୦ରେ ମୁମ୍ବାଇ ଉପଜିଲାପାଳ ଜାତି ପ୍ରମାଣପତ୍ର ଇସ୍ୟୁ କରିଥିଲେ। ୨୦୨୧ରେ ବମ୍ବେ ହାଇକୋର୍ଟ ତାଙ୍କ ରାୟରେ ଉକ୍ତ ପ୍ରମାଣପତ୍ରକୁ ବାତିଲ କରିଦେଇଥିଲେ। ଶିବସେନା ନେତା ଆନନ୍ଦରାଓ ଅଦସୁଲ ମୁମ୍ବାଇ ଜିଲା ଜାତି ପ୍ରମାଣପତ୍ର ଯାଞ୍ଚ କମିଟିରେ ଅଭିଯୋଗ କରିଥିବାବେଳେ ଏହା ନବନୀତଙ୍କ ସପକ୍ଷରେ ରାୟ ଦେବା ସହ ସାର୍ଟିଫିକେଟ୍‌କୁ ବୈଧ ରଖିଥିଲା। ଏହା ପରେ ଶିବସେନା ନେତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାରୁ ନବନୀତଙ୍କ ସାର୍ଟିଫିକେଟ ଖାରଜ ହୋଇଯାଇଥିଲା।

# ନିର୍ଦ୍ଦେଶ ଅନୁଯାୟୀ ଦଳୀୟ ଚିହ୍ନ ବ୍ୟବହାର କର

## ଶରଦ, ଅଜିତ ପାୱାରଙ୍କୁ କହିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୪।୪(ପି.ଟି.)

ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ଏନ୍‌ସିପିର ଦୁଇ ଗୋଷ୍ଠୀଙ୍କୁ ଦଳୀୟ ଚିହ୍ନ ଓ ନାଁ ବ୍ୟବହାର କରିବାକୁ ହେବ ବୋଲି ସୁପ୍ରିମକୋର୍ଟ ଗୁରୁବାର ସ୍ପଷ୍ଟ କରିଦେଇଛନ୍ତି। ପ୍ରଥମ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ପାଇଁ ମତଦାନ ପୂର୍ବରୁ ସର୍ବୋଚ୍ଚ ଅଦାଲତ ଏନ୍‌ସିପି ପ୍ରତିଷ୍ଠାତା ଶରଦ ପାୱାର ଗୋଷ୍ଠୀ ଏବଂ ମହରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଗୋଷ୍ଠୀକୁ ଏହା କହିଛନ୍ତି। ଶରଦ ପାୱାରଙ୍କ ଗୋଷ୍ଠୀକୁ ଆଗାମୀ ଲୋକ ସଭା ଓ ୪ ରାଜ୍ୟ ବିଧାନସଭା ନିର୍ବାଚନରେ 'ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି-ଶରଦ ଚନ୍ଦ୍ର ପାୱାର' ନାଁ ସହ 'ତୂରୀ ବଜାଉଥିବା ବ୍ୟକ୍ତି'କୁ ନିର୍ବାଚନୀ ଚିହ୍ନ ଭାବେ ବ୍ୟବହାର କରିବାକୁ ମାର୍ଚ୍ଚ ୧୯ରେ ସୁପ୍ରିମକୋର୍ଟ ଅନୁମତି ଦେଇଥିଲେ। ସେହିପରି ଅଜିତଙ୍କ ଗୋଷ୍ଠୀ ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ନାଁ ଏବଂ 'ଘଣ୍ଟା'କୁ ନିର୍ବାଚନୀ ଚିହ୍ନ ଭାବେ ବ୍ୟବହାର କରିବାକୁ କୁହାଯାଇଥିଲା। ମାମଲା ବର୍ତ୍ତମାନ କୋର୍ଟଙ୍କ ବିଚାରାଧୀନ ଥିବାରୁ ଚୂଡ଼ାନ୍ତ ରାୟ ପ୍ରକାଶ ପାଇବା ପର୍ଯ୍ୟନ୍ତ ଘଣ୍ଟା ଚିହ୍ନ ଏନ୍‌ସିପି (ଅଜିତ୍ ଗୋଷ୍ଠୀ)କୁ ଦିଆଯାଇଥିବା ନେଇ ଏକ ସର୍ବସାଧାରଣ ବିଜ୍ଞପ୍ତି ଏହି ଦଳ ଇଂଲିଶ, ହିନ୍ଦୀ ଏବଂ ମରାଠୀ ଖବରକାଗଜରେ ପ୍ରକାଶ କରିବାକୁ ଜଷ୍ଟିସ ସୂର୍ଯ୍ୟ କାନ୍ତ ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ କହିଛନ୍ତି। ଏଥିସହ ଦୁଇ ବିଦ୍ରୋହୀ ଗୋଷ୍ଠୀ ପକ୍ଷରୁ ଦାଏର ଆବେଦନକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି।

# ସିବିଏସ୍‌ଇ ଏକାଦଶ, ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫର୍ମାଟ ବଦଳିଲା

ନୂଆଦିଲ୍ଲୀ,୪।୪(ପି.ଟି.)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) କର୍ତ୍ତୃପକ୍ଷ ୨୦୨୪-୨୫ ଶିକ୍ଷାବର୍ଷ ଲାଗି ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫର୍ମାଟରେ ପରିବର୍ତ୍ତନ କରିଛନ୍ତି। ପରୀକ୍ଷାରେ ଅଧିକ ଦକ୍ଷତା ଆଧାରିତ ପ୍ରଶ୍ନ ଆସିବ। ଏହି ପ୍ରଶ୍ନଗୁଡ଼ିକ ମଧ୍ୟରେ ବିବିଧ ଚୟନାତ୍ମକ ପ୍ରଶ୍ନ (ମଲ୍ଟିପଲ୍ ଚଏସ୍ କୋଶ୍ଚିନ), ମାମଲା ଆଧାରିତ ପ୍ରଶ୍ନ, ଉତ୍ସ ଆଧାରିତ ସମନ୍ୱିତ ପ୍ରଶ୍ନ ବା ଅନ୍ୟ କୌଣସି ପ୍ରକାର ପ୍ରଶ୍ନ ୪୦ରୁ ୫୦ ପ୍ରତିଶତକୁ ବୃଦ୍ଧି କରାଯାଇଛି। ସଂକ୍ଷିପ୍ତ ଏବଂ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନକୁ ୪୦ରୁ ୩୦ ପ୍ରତିଶତକୁ ହ୍ରାସ କରାଯାଇଛି। ଜାତୀୟ ଶିକ୍ଷାନୀତି, ୨୦୨୦ ଅନୁଯାୟୀ ବିଦ୍ୟାଳୟରେ ସାମର୍ଥ୍ୟ ଆଧାରିତ ଶିକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲାଗି ବୋର୍ଡ ଅନେକ ପଦକ୍ଷେପ ନେଇଥିବା ଏହାର ନିର୍ଦ୍ଦେଶକ (ଏକାଡେମିକ୍) ଜୋସେଫ୍ ଏମାନୁଏଲ୍ କହିଛନ୍ତି।

ଭିତରେ କୌଣସି ପ୍ରଲୋଭନ ଜାଗିଲେ ତାକୁ ପ୍ରତିରୋଧ କର। ତା'ପାଖରେ ନିଜକୁ ସମର୍ପି ଦିଅନା। ଥରକ ପାଇଁ ହେଲେ ବି-ଯଦି ତୁମେ ପ୍ରଲୋଭନକୁ ପ୍ରଶ୍ରୟ ଦେଇଛ- ତା'ହେଲେ ତୁମ ଇଚ୍ଛାଶକ୍ତିର ବଳ କମିଯିବ ଏବଂ ବାରମ୍ବାର ପରାଜୟ ପାଇଁ ବାଟ ଖୋଲିଯିବ। -ଶ୍ରୀମା

-ପାପମୋଚନୀ ଏକାଦଶୀ, ଜୁମାତୁଲା ୱିଦା ଓ ହଳ ନିଷେଧ



# ତୁର୍କୀ ଗଣତନ୍ତ୍ରର ବିଜୟ



ସିନାନ ଉଲ୍‌ଗେନ

ତୁର୍କୀରେ ମାର୍ଚ୍ଚ ୩୧ (ରବିବାର)ରେ ଅନୁଷ୍ଠିତ ସ୍ଥାନୀୟ ନିର୍ବାଚନର ଫଳାଫଳ ଅନେକ ପର୍ଯ୍ୟବେକ୍ଷକଙ୍କୁ ଆଶ୍ଚର୍ଯ୍ୟ କରିଛି। ମେଟ୍ରୋପଲିଟାନ, ଡିଷ୍ଟ୍ରିକ୍ଟ ମ୍ୟୁନିସିପାଲ, ପ୍ରୋଭିନ୍‌ସିଆଲ ଓ ମ୍ୟୁନିସିପାଲ କାଉନ୍‌ସିଲର ପାଇଁ ହୋଇଥିବା ଏହି ନିର୍ବାଚନରେ ତୁର୍କୀର ବିରୋଧୀ ଦଳ ବୃହତ୍ ବିଜୟ ହାସଲ କରିଛି। ଦେଶର ଘରୋଇ ରାଜନୈତିକ ଗତିଶୀଳତାକୁ ଏହା ପୁନଃରୂପ ଦେବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ମୁଖ୍ୟ ବିରୋଧୀ ଦଳ ରିପବ୍ଲିକାନ ପିପୁଲସ୍ ପାର୍ଟି(ସିଏଚ୍‌ପି) ଜାତୀୟ ଭୋଟ୍‌ର ୩୭.୮% ହାସଲ କରିଛି। ତୁର୍କୀର ରାଷ୍ଟ୍ରପତି ରେସିପ ତଇପ ଏର୍ଦୋଗାନ ଓ ତାଙ୍କ ଶାସକ ଦଳ ଜଷ୍ଟିସ ଆଣ୍ଡ୍ ଡେଭଲପ୍‌ମେଣ୍ଟ ପାର୍ଟି (ଏକେପି) ପାଇଁ ବଡ଼ ଝଟ୍‌କା ହୋଇଛି। ଏକେପି ଏହି ନିର୍ବାଚନରେ ୩୫.୫% ଭୋଟ ପାଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସିଏଚ୍‌ପି ମେୟରମାନେ ବର୍ତ୍ତମାନ ତୁର୍କୀର ୮୧ଟି ପ୍ରଦେଶରୁ ୩୫ଟିରେ ଶାସନ କରିବେ। ଏହା ବ୍ୟତୀତ ମୋଟ ୫୩ ମିଲିୟନ ଜନସଂଖ୍ୟା ବିଶିଷ୍ଟ ୧୦ଟି ବୃହତ୍ ମେଟ୍ରୋପଲିଟାନରେ ମଧ୍ୟ ଏହି ଦଳ କ୍ଷମତାରେ ରହିବ। ଅନ୍ୟପକ୍ଷରେ ଏକେପି କେବଳ ୨୪ଟି ପ୍ରଦେଶର ୧୯.୫ ମିଲିୟନ ଲୋକଙ୍କର ପ୍ରତିନିଧିତ୍ୱ କରିବ।

ସିଏଚ୍‌ପିର ଅଭୂତପୂର୍ବ ବିଜୟ ପଛର ଏକ ପ୍ରମୁଖ କାରଣ ହେଉଛି ତୁର୍କୀର ଏବକାର ଅର୍ଥନୈତିକ ଅବନତି। ଶେଷରେ ଦୁର୍ବଳ ଭାବେ ବିବେଚିତ ମାକ୍ରୋଅର୍ଥନୈତିକ ନୀତିର ରାଜନୈତିକ ପରିଣାମକୁ ଏର୍ଦୋଗାନ ଏବଂ ଏକେପି ଏବେ ଅନୁଭବ କରୁଛନ୍ତି। ଏହି ନୀତି ମୁଦ୍ରାସ୍ଫୀତି ବଢ଼ାଇ ଦେଇଛି ଏବଂ ତୁର୍କୀ ମୁଦ୍ରାକୁ ଲଗାତର ଶକ୍ତ ଝଟ୍‌କା ଦେଇଆସିଛି, ଯାହା ଅଧିକାଂଶ ତୁର୍କୀବାସୀଙ୍କ କ୍ରୟ କ୍ଷମତା ହ୍ରାସ କରିଛି। ତୁର୍କୀର ମହାନଗର ନିଗମ ଅଞ୍ଚଳରେ ଏହା ଅଧିକ ଦୃଶ୍ୟମାନ; ଯେଉଁଠାରେ ଶ୍ରମିକମାନେ ବ୍ୟବସାୟିକ ବ୍ୟବସ୍ଥାରେ ଅଧିକ ଜଡ଼ିତ ରହିଛନ୍ତି। ଗଭୀର ଅର୍ଥନୈତିକ ମାନ୍ଦାବସ୍ଥା ହିଁ ଏକେପି ଭୋଟରମାନଙ୍କ ଆକ୍ରୋଶର କାରଣ, ଯାହା ପାଇଁ ମତଦାନ ହାର କମିଗଲା।

ଏହି ନିର୍ବାଚନରେ ତୁର୍କୀର ରାଜନୈତିକ ବିରୋଧୀ ନେତା ଭାବେ ଜଣାଶୁଣା ତଥା ଇସ୍ତାନବୁଲର ସିଏଚ୍‌ପି ମେୟର ଏକ୍ରେମ ଇମାମୋଗ୍ଲୁଙ୍କ ଉତ୍ଥାନ ତୁର୍କୀ ଗଣତନ୍ତ୍ରର ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ। ସେ ୫୧% ଭୋଟ ପାଇ ପୁନର୍ବାର ନିର୍ବାଚିତ ହୋଇଛନ୍ତି। ସେ ଏକେପି ପ୍ରାର୍ଥୀ ମୁରତ କୁରୁମଙ୍କୁ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। କୁରୁମଙ୍କ ପ୍ରଚାର ଅଭିଯାନରେ ଏର୍ଦୋଗାନ ସାମିଲ ହେବା, ମିଡିଆ ପ୍ରଚାର



ଏବଂ ଅନ୍ୟ ସରକାରୀ ସୁବିଧାକୁ ବିଚାର କଲେ ଏକ୍ରେମଙ୍କ ବିଜୟ ଅତ୍ୟନ୍ତ ଭଲ ବୋଲି ସ୍ୱୀକାର କରାଯାଇପାରେ। ବାସ୍ତବରେ, ଶାସକ ଏକେପି (ମୁଖ୍ୟତଃ ଏର୍ଦୋଗାନ)ଙ୍କ ଉପରେ ଇମାମୋଗ୍ଲୁଙ୍କ ଏହା ତୃତୀୟ ବିଜୟ। ପାଞ୍ଚ ବର୍ଷ ପୂର୍ବେ ସେ ଇସ୍ତାନବୁଲ ମେୟର ନିର୍ବାଚନରେ ପୂର୍ବତନ ଏକେପି ପ୍ରଧାନମନ୍ତ୍ରୀ ବିନାଲି ୟିଲଡିରିମଙ୍କୁ ୧୩,୦୦୦ ଭୋଟରେ ପରାସ୍ତ କରିଥିଲେ। ନିର୍ବାଚନର ଫଳାଫଳ ତଥା ଇମାମୋଗ୍ଲୁଙ୍କ ବିଜୟକୁ ସ୍ୱୀକାର କରିବା ପାଇଁ ଏର୍ଦୋଗାନଙ୍କ ସରକାର ମନା କରିଦେଇଥିଲେ। ନିର୍ବାଚନରେ ଅନିୟମିତତା ହୋଇଥିବା ଦର୍ଶାଇ ତାହାକୁ ପୁନର୍ବାର କରିବା ପାଇଁ ବାଧ୍ୟ କରିଥିଲେ। ହେଲେ ଇମାମୋଗ୍ଲୁ ପାଖାପାଖି ୮୦୦,୦୦୦ ଭୋଟରେ ଜିତିଥିଲା। ରବିବାର ଦିନ ଇମାମୋଗ୍ଲୁଙ୍କ ବିଜୟକୁ ୨୦୧୯ ସ୍ଥାନୀୟ ନିର୍ବାଚନର ଶେଷ ପର୍ଯ୍ୟାୟ ଏବଂ ୨୦୨୮ ଆଗାମୀ ରାଷ୍ଟ୍ରପତି ନିର୍ବାଚନର ପ୍ରଥମ ପର୍ଯ୍ୟାୟ ବୋଲି ବୁଝିବାକୁ ହେବ।

ନିକଟ ଭବିଷ୍ୟତରେ ତୁର୍କୀ ସମ୍ବିଧାନରେ ସଂଶୋଧନ ବଳରେ ୨୦୨୮ ପରେ ଏର୍ଦୋଗାନଙ୍କୁ ଦ୍ୱିତୀୟ ଥର ଶାସନ କରିବା ସକାଶେ କରାଯାଉଥିବା ପ୍ରୟାସରେ ଏହି ନିର୍ବାଚନ ପରିଣାମ ବାଧା ସୃଷ୍ଟି କରିପାରେ। ପ୍ରଥମଥର ପାଇଁ ଏକେପିର ହ୍ରାସ ପାଇଥିବା ରାଜନୈତିକ ସ୍ଥିତି ଏଭଳି ପଦକ୍ଷେପର ବୈଧତାକୁ କ୍ଷୁଣ୍ଣ କରିଛି। ସାମ୍ବିଧାନିକ ପରିବର୍ତ୍ତନ ହେବାର ସମ୍ଭାବନା ମଧ୍ୟରେ ରାଜନୈତିକ ଉତ୍ତରାଧିକାର ପ୍ରଶ୍ନ ଅଧିକ ଗୁରୁତ୍ୱ ବହନ କରେ। ଯଦି ଏର୍ଦୋଗାନ ରାଷ୍ଟ୍ରପତି ଭାବରେ ତାଙ୍କର ଶେଷ କାର୍ଯ୍ୟକାଳର ଦାୟିତ୍ୱ ବହନ କରୁଛନ୍ତି, ତେବେ ନିକଟରେ ସେ ଦେଇଥିବା ମନ୍ତବ୍ୟରେ ଏକ ଆଇନଗତ ସମ୍ଭାବନା (ତାଙ୍କ ରାଜନୈତିକ ନେତୃତ୍ୱକୁ କିଏ ବହନ କରିବେ) ଥିବା ମନେକରାଯାଉଛି।

ଏକେପିର ଉଲ୍ଲେଖନୀୟ ପରାଜୟ ଦେଶର ବହୁ ପୁରୁଣା ଅର୍ଥନୈତିକ ସମନ୍ୱୟ କାର୍ଯ୍ୟକ୍ରମର ଭବିଷ୍ୟତ ଉପରେ କଳାବାଦଲ ଛାଇ ଦେଇଛି। ମେ ୨୦୨୩ରେ ରାଷ୍ଟ୍ରପତି ନିର୍ବାଚନ ପରେ ଏବେ ପାର୍ଟିର ଘୋର ନିର୍ବାଚନୀ ବିପର୍ଯ୍ୟୟ ପାଇଁ ଅଥନୈତିକ ସିଦ୍ଧାନ୍ତକୁ ଏକେପିର ଅନେକ ସଦସ୍ୟ ଦାୟୀ କରିବେ। ଏହା ନିଶ୍ଚିତ ଯେ, ଅତ୍ୟଧିକ ସୁଧ ହାର ବୃଦ୍ଧି ଏବଂ ରକ୍ଷଣଶୀଳ ଆର୍ଥିକ ନୀତି ଦ୍ୱାରା ସୃଷ୍ଟି ହୋଇଥିବା ଅର୍ଥନୈତିକ ମାନ୍ଦାବସ୍ଥା ଏକେପି ଭୋଟରଙ୍କ ଅସନ୍ତୋଷର କାରଣ ହୋଇଛି। କିନ୍ତୁ ଏହି ପ୍ରତିକୂଳ ସ୍ଥିତି ଲାଗିରହିଛି ଏବଂ ଅତି କମ୍‌ରେ ଆଉ ୧୨-୧୮ ମାସ ପର୍ଯ୍ୟନ୍ତ ନିଶ୍ଚିତ ରହିବ। ଏହି କାରଣରୁ ଏକେପି ଏଭଳି ଦୁଃଖଦାୟକ ସ୍ଥିତିରୁ ରକ୍ଷା ପାଇବା ଲାଗି ଦଳ ମଧ୍ୟରେ ରାଜନୈତିକ ସମର୍ଥନ ହ୍ରାସକୁ ରୋକିବା ଉଚିତ।

ଗତ ବର୍ଷ ଅନୁଷ୍ଠିତ ରାଷ୍ଟ୍ରପତି ଏବଂ ସଂସଦୀୟ ନିର୍ବାଚନରେ ଏର୍ଦୋଗାନଙ୍କ ବିରୋଧରେ ଲଢୁଥିବା ସେତେବେଳର ସିଏଚ୍‌ପି ନେତା କେମାଲ କିଲିକଡାରୋଗ୍ଲୁଙ୍କୁ ବୃହତ୍ ବିରୋଧୀ ମେଣ୍ଟ ସମର୍ଥନ କରି ଆଶାନୁରୂପ ସଫଳତା ନ ପାଇଲା ପରେ ମାର୍ଚ୍ଚ ୩୧ରେ ଅନୁଷ୍ଠିତ ସ୍ଥାନୀୟ ନିର୍ବାଚନରେ ପ୍ରତ୍ୟେକ ଦଳ ନିଜର ପ୍ରାର୍ଥୀ ଦେଇଥିଲେ। ବିରୋଧୀ ନିୟନ୍ତ୍ରଣରେ ରହିଥିବା ଏବକାର ମେୟରମାନଙ୍କ ପାଇଁ ଏହା ପରାଜୟର ବିପଦ ବଢ଼ାଇ ଦେଇଥିଲା। କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକ ନିଜ ନିର୍ବାଚନ କ୍ଷେତ୍ରରେ ସମସ୍ତ ବର୍ଗର ବିରୋଧୀ ଭୋଟରଙ୍କୁ ସିଧାସଳଖ ଆକର୍ଷିତ କରି ଏହି ବାଧାବିଘ୍ନକୁ ଅତିକ୍ରମ କରିଥିଲେ। ସେମାନଙ୍କ ପ୍ରଭାବୀ ପଦକ୍ଷେପଗୁଡ଼ିକୁ ଆଧାର କରି ଇମାମୋଗ୍ଲୁ ଓ ରାଜଧାନୀ ଅଙ୍କରର ବର୍ତ୍ତମାନର ସିଏଚ୍‌ପି ମେୟର ମନସୁର ୟାଭାଶ ନିଜ ଦଳ ବାହାରର ଭୋଟରଙ୍କୁ ଆକର୍ଷିତ କରିପାରିଛନ୍ତି। ଏହା ବିଶେଷକରି ଇମାମୋଗ୍ଲୁ ଓ ଅଧ୍ୟକ୍ଷ ଓଜଗୁର ଓଜେଲଙ୍କ ପରିଚାଳିତ ବିରୋଧୀ ଦଳ ସିଏଚପିକୁ ୨୦୨୮ ରାଷ୍ଟ୍ରପତି ନିର୍ବାଚନ ପର୍ଯ୍ୟନ୍ତ ଆରାମରେ ନେତୃତ୍ୱ ଦେବା ସ୍ଥିତିରେ ରହିଛନ୍ତି।

ଶେଷରେ, ରବିବାରରେ ହୋଇଥିବା ନିର୍ବାଚନରେ ତୁର୍କୀ ଗଣତନ୍ତ୍ରର ପ୍ରକୃତ ବିଜୟ ହୋଇଛି ବୋଲି କୁହାଯାଇପାରେ। ତୁର୍କୀର ଭୋଟରମାନେ ପୁନର୍ବାର ବହୁଦଳୀୟ ଗଣତନ୍ତ୍ର ପ୍ରତି ଗଭୀର ନିଷ୍ଠା ବା ସମ୍ବନ୍ଧ ପ୍ରତିପାଦିତ କରିବା ସହ ଭବିଷ୍ୟତରେ ଗଣତାନ୍ତ୍ରିକ ପରିବର୍ତ୍ତନରେ ବିଶ୍ୱାସ ପ୍ରଦର୍ଶନ କରିଥିଲେ। ବିଗତ ଏକ ଦଶନ୍ଧି ମଧ୍ୟରେ ଏହା ନିଃସନ୍ଦେହ ଯେ, ଦେଶ ଏର୍ଦୋଗାନଙ୍କ ଏକଚ୍ଛତ୍ରବାଦ ଶାସନ ଅଧୀନରେ ବହୁତ ପଛକୁ ଚାଲିଯାଇଛି। କିନ୍ତୁ ରବିବାର ଦିନ, ତୁର୍କୀମାନେ ଦର୍ଶାଇ ଦେଇଛନ୍ତି ଯେ, ଦ୍ୱିତୀୟ ଶତାବ୍ଦୀରେ ପ୍ରବେଶ କରିଥିବା ତୁର୍କୀ ଗଣତନ୍ତ୍ର ଏବେ ବି ଗଣତାନ୍ତ୍ରିକ ଦୁନିଆରେ ସମ୍ପୂର୍ଣ୍ଣ ମଜଭୁତ ରହିଛି।

**ତୁର୍କୀର ପୂର୍ବତନ କୂଟନୀତିଜ୍ଞ**

## ସ୍ୱଚ୍ଛ ଭାରତର ପାଇଖାନା



ପ୍ରଣତି ଆଚାର୍ଯ୍ୟ ମିଶ୍ର

କେନ୍ଦ୍ର ସରକାର ବିଭିନ୍ନ ସମୟରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ସ୍ୱଚ୍ଛ ଭାରତ ଅଭିଯାନରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପ୍ରଧାନମନ୍ତ୍ରୀ ୨୦୧୪ରେ ଦେଶକୁ ଖୋଲା ଶୌଚମୁକ୍ତ କରିବା ଲାଗି ସଂକଳ୍ପ ନେଇଥିଲେ ଏବଂ ଏହି ସଂକଳ୍ପକୁ ପୂରଣ କରି ଆଜି ଦେଶରେ ୧୦ କୋଟି ଶୌଚାଳୟ ନିର୍ମାଣ କରାଯାଇସାରିଛି। କିନ୍ତୁ କେଉଁଠି ବ୍ୟବହାର ଅନୁପଯୋଗୀ ହୋଇ ଭୂତକୋଠି ପାଲଟିଛି, କେଉଁଠି ଅବହେଳା ପାଇଁ ଆବର୍ଜନା ପାଣି ରାସ୍ତାରେ ଭାସି ଏକ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ନାରୀର ସମ୍ମାନ ଓ ଗରିମାକୁ ଲକ୍ଷ୍ୟ ରଖି ଶୌଚାଳୟ ନିର୍ମାଣ ଏକ ଉନ୍ନତ ଚିନ୍ତାଧାରା। କିନ୍ତୁ ଆମର ଏଠି ଶ୍ରୀମତୀ ପାଇଖାନା ଯେତେ ଆଗକୁ ଗଲେ ବି ସେଇ ଚୁଲି ମୁଣ୍ଡକୁ। ଆମ ଦେଶରେ ଦୁଇଟି ଭାରତ ଏକାଠି ରୁହନ୍ତି। ଗୋଟିଏ ହେଲା ପଇସାବାଲାଙ୍କ ଭାରତ ଓ ଅନ୍ୟଟି ହେଲା ଦରିଦ୍ର ଭାରତ। ଦ୍ୱିତୀୟ ଭାରତରେ ବିଶ୍ୱର ଦରିଦ୍ର ଜନତାଙ୍କର ଏକ ତୃତୀୟାଂଶ। ସଂଖ୍ୟା ପ୍ରାୟ ୪୫ କୋଟି ୬୦ ଲକ୍ଷ। ପ୍ରତି ଦଶ ଜଣରେ ଚାରି ଜଣ। ପ୍ରତ୍ୟେକଙ୍କ ହାରାହାରି ଦୈନିକ ରୋଜଗାର ୫୦ ଟଙ୍କାରୁ କମ୍। ଓଡ଼ିଶାରେ ଏହି ପରିମାଣ ପାଖାପାଖି ଅଧା। ଏଠି ଦରିଦ୍ର ଖାଉଟିଆଙ୍କ ମୁଣ୍ଡ ପିଛା ଦୈନିକ ଖର୍ଚ୍ଚ ମାତ୍ର ବାର ଟଙ୍କା। 'ଅମ୍ବାନୀ 'ଓ 'ବିର୍ଲା' ବାସ କରୁଥିବା ଭାରତ ଗୋଟିଏ ଦେଶ ନୁହେଁ। ତେଣୁ ଦ୍ୱିତୀୟ ଭାରତୀୟଙ୍କ ଦେଶର ବାସିନ୍ଦା ଶ୍ରୀଯୁକ୍ତ ଟଏଲେଟକୁ କିପରି ବ୍ୟବହାର କରିବେ? ସେମାନଙ୍କ ପାଇଁ ଶ୍ରୀମତୀ ପାଇଖାନା ଆବଶ୍ୟକ। ସ୍ୱଚ୍ଛ ଭାରତ ଅଭିଯାନରେ ଏବେ ଗାଁ ଗାଁରେ ପାଇଖାନା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ। ପ୍ରତି ଘର ପିଛା ୨୦ ହଜାର। ଶୌଚାଳୟ ଆଗରେ ସ୍ୱଚ୍ଛ ଭାରତ ଅଭିଯାନର ଲୋଗୋ। କିନ୍ତୁ ଏହା କେତେ ବ୍ୟବହାର ହୁଏ ତାହା ବ୍ୟବହାରକାରୀ କହିବେ।

ଗରିବ ଶ୍ରେଣୀ ଓ ଗ୍ରାମାଞ୍ଚଳର ମହିଳାମାନେ ଶୌଚାଳୟ ଅଭିଯାନ ଦ୍ୱାରା ବିଶେଷ ଭାବରେ ଉପକୃତ ହେଉଛନ୍ତି। ଏହା ଆମେ କାଗଜକଲମରେ ଦେଖୁଛନ୍ତି। ଏବେ ବି ପାଣି ଓ ଶୌଚ ବ୍ୟବସ୍ଥାର ଅଭାବ ଗ୍ରାମାଞ୍ଚଳରେ ରୋଗ ଓ ମୃତ୍ୟୁର ପ୍ରଧାନ କାରଣ। ପ୍ରତିବର୍ଷ ଅଠର ଲକ୍ଷ ଲୋକଙ୍କର ମୃତ୍ୟୁ ଏହି କାରଣରୁ ହୁଏ। ଏମାନଙ୍କ ମଧ୍ୟରୁ ଅଧିକାଂଶ ମହିଳା। ଯେଉଁଠି ଖରାଦିନ ପୂର୍ବରୁ ଲୋକେ ପାଣି ପାଇଁ ହନ୍ତସନ୍ତ ହୁଅନ୍ତି ସେଠାରେ ଶୌଚାଳୟ ବ୍ୟବହାର ସ୍ୱପ୍ନ ପରି।

ରାଜୀବ ଗାନ୍ଧୀ ନ୍ୟାଶନାଲ ଡ୍ରିଙ୍କିଙ୍ଗ ୱାଟର ମିଶନଙ୍କ ରିପୋର୍ଟ ଅନୁସାରେ ଆମ ଦେଶର ପ୍ରାୟ ତିନି କୋଟି ଲୋକ ସାନିଟେସନ ବା ପରିମଳ ସମ୍ପର୍କିତ ରୋଗରେ ପୀଡ଼ିତ। ଓଡ଼ିଶାରେ ମାତ୍ର ୩୦ ରୁ ୪୦ ଭାଗ ଘରେ ଶୌଚାଳୟ ଅଛି। ସହରାଞ୍ଚଳରେ ଏହି ଅନୁପାତ ୭୦ ରୁ ୮୦ ଭାଗ। ଏକ ସର୍ଭେ ଅନୁଯାୟୀ ୧୯୮୧ ମସିହାରେ କେବଳ ଶତକଡା ଏକ ଭାଗ ଲୋକଙ୍କର ଟଏଲେଟ ଥିଲା। ଏକ ଭାଗରୁ ବଢ଼ି ୪୦ ଭାଗ ହେବାକୁ ଲାଗିଲାଣି ୪୦ ବର୍ଷ। ତେଣୁ ସରକାର ଓ ଯୋଜନା କମିଶନ ଏଥିପାଇଁ ନୂଆବାଟ ଖୋଜୁଛନ୍ତି। ପରିମଳ ଅଭିଯାନର ସଫଳତା ପାଇଁ ପ୍ରଥମ ଆବଶ୍ୟକତା ହେଲା ସ୍ୱଭାବ ପରିବର୍ତ୍ତନ। ବିଭିନ୍ନ ଦେଶରେ ଏ ସମ୍ପର୍କରେ ପରୀକ୍ଷା ନିରୀକ୍ଷା ଚାଲିଛି। ଭିଏତନାମ, କାମ୍ବୋଡିଆ ଓ ଇଣ୍ଡୋନେସିଆରେ ସଫାସୁତୁରା ଘରର ସଂଜ୍ଞା ହେଲା ଯେଉଁଠି ଦୁର୍ଗନ୍ଧ ନ ଥିବ, ମଶା, ଡାଆଁଶ, ମାଛି ଉଡୁ ନ ଥିବେ। ଥାଇଲାଣ୍ଡ ଏହି ସଂଜ୍ଞାକୁ ପ୍ରଚାର କରି, ଏବେ ଶତକଡା ଶହେ ଘରେ ଶୌଚାଳୟ ବ୍ୟବସ୍ଥା କରିବାରେ ସଫଳ ହୋଇଛି। ବାଂଲାଦେଶ ଓ ଚାଇନା ସମ୍ପୂର୍ଣ୍ଣ ପରିମଳ ଅଭିଯାନରେ ଭାରତଠାରୁ ଆଗରେ ଅଛନ୍ତି। ବ୍ରାଜିଲ, ମେକ୍ସିକୋ ଗତି ଆମରି ଭଳି। ଦିଲ୍ଲୀର ୫୬୦୦ କିଲୋମିଟର ଡ୍ରେନେଜ ଲାଇନ ଅଧାରୁ ଅଧିକ ପଙ୍କଦ୍ୱାରା ଅଚଳ। ଆମ ରାଜଧାନୀରେ ଓଭର ଫ୍ଲୋ ଏକ ଦୈନନ୍ଦିନ ଘଟଣା। ବର୍ଷାଦିନେ ଡ୍ରେନ ଗୁଡ଼ିକର ଅବସ୍ଥା କହିଲେ ନ ସରେ।

ମହାତ୍ମା ଗାନ୍ଧୀ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବାପାଇଁ ଇଚ୍ଛା ପ୍ରକାଶ କରୁଥିବା ଲୋକଙ୍କୁ ପ୍ରଥମେ ପବ୍ଲିକ ଲାଟ୍ରିନ ସଫା କରିବାକୁ କହୁଥିଲେ ଏବଂ ସାବରମତୀ ଆଶ୍ରମରେ ନିଜେ ଏହାର ନେତୃତ୍ୱ ନେଉଥିଲେ। ସେ କହୁଥିଲେ, ମତେ ଯଦି ଭାରତର ସ୍ୱାଧୀନତା ଓ ପରିମଳ, ଏ ଦୁଇଟି ମଧ୍ୟରୁ ପ୍ରଥମେ ଗୋଟିଏ ବାଛିବାକୁ କୁହାଯିବ, ମୁଁ ଆଗ ପରିମଳକୁ ବାଛିବି, କାରଣ ପ୍ରଥମ ସ୍ୱାଧୀନତା ହେଉଛି ପରିମଳ, ଶୌଚ ବ୍ୟବସ୍ଥା ଓ ନିର୍ମଳ ପରିବେଶ। ସମସ୍ତଙ୍କୁ ଜଣା, ବାପୁଜୀ ତୃତୀୟ ଶ୍ରେଣୀ ରେଳଯାତ୍ରା କରୁଥିଲା ବେଳେ ପ୍ରଥମେ ସେଇ ରେଳ ବଗିଟିକୁ ସଫା କରୁଥିଲେ। ସ୍ୱାଧୀନତା ଆନ୍ଦୋଳନ ବେଳେ ଯେଉଁଠି ତାଙ୍କ ଶିବିର ଲାଗୁଥିଲା, ତା'ପୂର୍ବରୁ ଲାଟ୍ରିନ ବ୍ୟବସ୍ଥା କରାଯାଉଥିଲା।

**ନୟାଗଡ଼, ମୋ:୯୪୩୭୬୪୨୯୪୭**

## ଏଇ ଭାରତରେ

ଜଳ ସଂରକ୍ଷଣ ଓ ଏହାର ପୁନଃ ବ୍ୟବହାରର ଆବଶ୍ୟକତା ଏବେ ଜରୁରୀ ହୋଇପଡ଼ିଛି। ଏଥିରେ ଯଦି ଆମେ ପ୍ରଭାବୀ ଢଙ୍ଗରେ ପଦକ୍ଷେପ ନ ନେବା ତେବେ ଆଗାମୀ ଦିନରେ ଗମ୍ଭୀର ଜଳାଭାବର ସମ୍ମୁଖୀନ ହେବାକୁ ପଡ଼ିବ। ଏହା ଏବେ ମଧ୍ୟ ଦେଶର ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ଦେଖାଗଲାଣି। ଏଭଳି ସ୍ଥିତିକୁ ଲକ୍ଷ୍ୟ କରି ଘରେ ବ୍ୟବହୃତ ଜଳକୁ ପୁନଃ ବ୍ୟବହାରକ୍ଷମ କରିବାର ବାଟ ଦେଖାଇଛନ୍ତି ମହାରାଷ୍ଟ୍ରର ଅଭିଜିତ ସାଥେ। ଦେଶର ବିଭିନ୍ନ ସହରରେ ଥିବା ଆପାର୍ଟମେଣ୍ଟଗୁଡ଼ିକରେ ପ୍ରତିଦିନ ଘରୋଇ ଭାବେ ଯଥା ରୋଷେଇ, ଗାଧୁଆ, ବାସନ ଓ ପୋଷାକ ସଫା ଇତ୍ୟାଦିରେ ବ୍ୟବହୃତ ୧.୨୫ ଲକ୍ଷ ଲିଟର ଜଳ (ଗ୍ରେ ୱାଟର)କୁ ରିସାଇକ୍ଲିଂ ବା ପୁନଃ ବ୍ୟବହାର ଯୋଗ୍ୟ କରିପାରୁଛନ୍ତି। ଏହାକୁ ପାନୀୟ ବ୍ୟତୀତ ପୁନର୍ବାର ଘର କାର୍ଯ୍ୟରେ ବ୍ୟବହାର କରାଯାଉଛି। ଗ୍ରେ ୱାଟର ବ୍ୟବହାର ଫଳରେ ୪୦% ଫ୍ରେଶ୍ ୱାଟର ବା ବିଶୁଦ୍ଧ ଜଳ ବଞ୍ଚାଯାଇପାରିବ ବୋଲି କହନ୍ତି ଅଭିଜିତ। ସେ 'ଜଳ ସେବକ' ସଂସ୍ଥା ପ୍ରତିଷ୍ଠା କରି ତା' ମାଧ୍ୟମରେ ଏହି କାର୍ଯ୍ୟ ପରିଚାଳନା କରୁଛନ୍ତି। ଦେଶର ୧୨ଟି ସହରରେ ଏଥିପାଇଁ ଆବଶ୍ୟକ ଉପକରଣ ଲଗାଇପାରିଛନ୍ତି। ଘରୋଇ କାର୍ଯ୍ୟରେ ବ୍ୟବହାର ପରେ ଭାରତରେ ପ୍ରତିଦିନ ୩୧ ବିଲିୟନ ଜଳ ନଷ୍ଟ କରାଯାଇଥାଏ। ଏହାକୁ ଦେଖିଲେ ଜଳର ପୁନଃବ୍ୟବହାର କରିବାରେ ଅଭିଜିତଙ୍କ ପ୍ରୟାସର ପ୍ରାସଙ୍ଗିକତା ଯଥେଷ୍ଟ ରହିଛି ବୋଲି କୁହାଯିବ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୫ ଏପ୍ରିଲ ୧୯୭୫**

- ପାର୍ଲାମେଣ୍ଟାରୀ ଡିଏମ୍‌କେ ଦଳର ଉପନେତା ଜି. ବିଶ୍ୱନାଥଙ୍କ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ।
- ଆନ୍ଧ୍ରପ୍ରଦେଶ ୱାରଙ୍ଗଲ ଜିଲାର ଚେନ୍‌ବୁର ବିଧାନସଭା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଏନ୍. ୟେଥିରାଜା ରାଓ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ।
- ଭାରତ ଓ ଇଣ୍ଡୋନେସିଆର ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ୧୬୫ ନିୟୁତ ଡଲାରର ଆର୍ଥିକ ସାହାଯ୍ୟ ଘୋଷଣା।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | 9 | | | | 4 | 7 | |
| 2 | | | | | 4 | 6 | | |
| | 3 | | 6 | | | | | 5 |
| | | | | 8 | 9 | | 2 | 1 |
| | | | | | | | 6 | |
| | | | | 2 | | 7 | | |
| | | | | 3 | | | | 2 |
| | | 7 | 1 | | | 5 | 8 | |
| | | | 5 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 5 | 7 | 4 | 6 | 3 | 9 | 2 |
| 4 | 2 | 9 | 3 | 5 | 1 | 7 | 8 | 6 |
| 6 | 7 | 3 | 2 | 8 | 9 | 1 | 5 | 4 |
| 7 | 3 | 4 | 9 | 6 | 8 | 2 | 1 | 5 |
| 1 | 6 | 8 | 5 | 3 | 2 | 4 | 7 | 9 |
| 5 | 9 | 2 | 1 | 7 | 4 | 6 | 3 | 8 |
| 3 | 4 | 1 | 6 | 9 | 5 | 8 | 2 | 7 |
| 2 | 5 | 6 | 8 | 1 | 7 | 9 | 4 | 3 |
| 9 | 8 | 7 | 4 | 2 | 3 | 5 | 6 | 1 |

ଗତକାଲିର ଉତ୍ତର

# ପରିବର୍ତ୍ତିତ ନିର୍ବାଚନୀ ରଣକୌଶଳ



ଲଳିତ ମୋହନ ମିଶ୍ର

୧୯୪୭ରେ ଦେଶ ସ୍ୱାଧୀନ ହେବାପରେ ୧୯୫୧-୫୨ରେ ଦେଶର ପ୍ରଥମ ଲୋକ ସଭା ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଲା। ପ୍ରଥମ ଲୋକ ସଭା ନିର୍ବାଚନରେ କଂଗ୍ରେସ ଦଳ ୪୮୯ ଲୋକ ସଭା ଆସନ ଓ ୪୫ ପ୍ରତିଶତ ଭୋଟ ପାଇ କେନ୍ଦ୍ରରେ ସରକାର ଗଠନ କଲା। ଓଡ଼ିଶାରେ ୧୪୦ ବିଧାନସଭା ଆସନରୁ କିନ୍ତୁ କଂଗ୍ରେସ ଦଳ ୬୭ ଆସନ ଓ ୩୮ ପ୍ରତିଶତ ଭୋଟ ପାଇ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରିତ୍ୱରେ ଅନ୍ୟମାନଙ୍କ ସହାୟତାରେ ରାଜ୍ୟ ସରକାର ଗଠନ କଲା। ସେତେବେଳେ ୨୧ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ନାଗରିକ ବାଲଟ ପେପରରେ ଭୋଟ୍ ଦାନ କରୁଥିଲେ, ଯେଉଁମାନଙ୍କର ସଂଖ୍ୟା ଦେଶରେ ପ୍ରାୟ ୧୭ କୋଟି ଓ ଆମ ରାଜ୍ୟରେ ପ୍ରାୟ ୩୭ ଲକ୍ଷ ଥିଲା। ୧୯୮୯ରେ ସମ୍ବିଧାନ ସଂଶୋଧନ ହୋଇ ମତଦାନର ବୟସକୁ ୧୮ ବର୍ଷକୁ ହ୍ରାସ କରାଗଲା। ଏବେ ୨୦୨୪ ନିର୍ବାଚନ ପାଇଁ ପଞ୍ଜିକୃତ ମତଦାତାଙ୍କ ସଂଖ୍ୟା ଦେଶରେ ପ୍ରାୟ ୯୭ କୋଟି ଓ ଓଡ଼ିଶାରେ ପ୍ରାୟ ୩.୩ କୋଟି। ୧୯୫୨ ଓ ୨୦୨୪ ନିର୍ବାଚନ ମଧ୍ୟରେ ଦଳଗୁଡ଼ିକର ନିର୍ବାଚନୀ ରଣକୌଶଳରେ ଯେଉଁ କେତେକ ପ୍ରମୁଖ ପରିବର୍ତ୍ତନ ହୋଇଛି ତାହା ଆଲୋଚନା କରିବା।

ପ୍ରଥମେ ନିର୍ବାଚନୀ ଇସ୍ତାହାର ଉପରେ ଆଲୋକପାତ କରିବା, ଯାହା ଦଳଗୁଡ଼ିକର ନିର୍ବାଚନ ପ୍ରକ୍ରିୟାର ଏକ ପ୍ରମୁଖ ଅଂଶ। ୧୯୫୨ରୁ ଏହି ବ୍ୟବସ୍ଥା ପ୍ରଚଳିତ । ଦେଶର ପ୍ରଥମ ନିର୍ବାଚନ ସ୍ୱାଧୀନତା ଭାବପ୍ରବଣତା ଉପରେ ଲଢ଼ାଯାଇଥିବାରୁ ସେତେବେଳେ ଦଳଗୁଡ଼ିକର ନିର୍ବାଚନୀ ଇସ୍ତାହାରର ପ୍ରାୟ ଗୁରୁତ୍ୱ ନ ଥିଲା। ଆସ୍ତେ ଆସ୍ତେ ଦଳଗୁଡ଼ିକ ସେମାନଙ୍କ ନିର୍ବାଚନୀ ଇସ୍ତାହାରକୁ ନିର୍ବାଚନରେ ଉପସ୍ଥାପିତ କରି ଭୋଟ ମାଗିଲେ। ଏବେ ମଧ୍ୟ ନିର୍ବାଚନୀ ଇସ୍ତାହାର ଦଳଗୁଡ଼ିକ ପ୍ରସ୍ତୁତକରି ନିର୍ବାଚନବେଳେ ଉପସ୍ଥାପନ କରୁଛନ୍ତି। କିନ୍ତୁ ଦଳଗୁଡ଼ିକ ନିର୍ବାଚିତ ହୋଇ ସରକାରକୁ ଆସିବା ପରେ ନିର୍ବାଚନୀ ପ୍ରତିଶ୍ରୁତିଗୁଡ଼ିକୁ ନ ମାନିବା ଦେଖାଯାଉଛି। ଇସ୍ତାହାର ସ୍ଥାନରେ ଏବେ 'ଗ୍ୟାରେଣ୍ଟି' ଶବ୍ଦର ପ୍ରଚଳନ ଦେଖାଯାଉଛି ଯଥା- ମୋଦିଙ୍କର ଗ୍ୟାରେଣ୍ଟି ଓ ରାହୁଲଙ୍କ ଗ୍ୟାରେଣ୍ଟି। ସେହିପରି ନିର୍ବାଚନ ପୂର୍ବରୁ ଦଳଗୁଡ଼ିକ ଏକ 'ଇଲେକ୍‌ଶନ-ନ୍ୟାରେଟିଭ୍' ବା 'ନିର୍ବାଚନୀ କଥା' ୨ ବା ୩ଟି ପ୍ରମୁଖ ବିଷୟ ଉପରେ ପ୍ରସ୍ତୁତକରି ନିର୍ବାଚନକୁ ପ୍ରଭାବିତ କରୁଛନ୍ତି। କଂଗ୍ରେସ ଆସନ୍ତା ଲୋକ ସଭା ନିର୍ବାଚନ ପାଇଁ ପଛୁଆବର୍ଗ ବିକାଶ, ବିପନ୍ନ ଗଣତନ୍ତ୍ର ତଥା ବେକାରି ପରି ତିନୋଟି ବିଷୟକୁ ନିର୍ବାଚନୀ କଥା ରୂପେ ଉପସ୍ଥାପନା କରୁଥିବାବେଳେ ଭାରତୀୟ ଜନତା ପାର୍ଟି ବିକଶିତ ଭାରତ- ୨୦୪୭, ଭ୍ରଷ୍ଟାଚାର, ଗରିବୀକଲ୍ୟାଣ, ଜାତୀୟତାବାଦ୍ ଓ ହିନ୍ଦୁତ୍ୱକୁ ୨୦୨୪ର ନିର୍ବାଚନୀ କଥା ରୂପେ ପ୍ରଚାର କରୁଛି।

ଦ୍ୱିତୀୟ ନିର୍ବାଚନୀ ରଣକୌଶଳରେ ପରିବର୍ତ୍ତନ ହେଲା ବୈଜ୍ଞାନିକ ପଦ୍ଧତିରେ ନିର୍ବାଚନ ଲଢ଼ିବା। ଏବେ ଦଳଗୁଡ଼ିକ ସର୍ଭେ ସଂସ୍ଥାମାନଙ୍କୁ ନିୟୋଜିତ କରି ଦଳର ସ୍ଥିତି ନିର୍ବାଚନ ପୂର୍ବରୁ ଆକଳନ କରୁଛନ୍ତି। ବୃହତ୍ (ମାଇକ୍ରୋ) ସ୍ତରରେ ଦଳର କେଉଁ କେଉଁ ଆସନରେ ସ୍ଥିତି ଭଲ ଅଛି ଏବଂ କେଉଁ ସାମାଜିକ ଗୋଷ୍ଠୀ ଦଳକୁ ସମର୍ଥନ କରୁଛନ୍ତି ଓ ଏହାର କାରଣ, କିପରି ଭୋଟ ପ୍ରତିଶତ ବୃଦ୍ଧି ହେବ, ଦଳର ସର୍ବଶ୍ରେଷ୍ଠ ନେତୃତ୍ୱଙ୍କର ଲୋକପ୍ରିୟତା କେତେ ଓ କ'ଣ କଲେ ଏହା ବୃଦ୍ଧି ହେବ ଇତ୍ୟାଦି ଉପରେ ସର୍ଭେ କରାଯାଇ ସେହି ଅନୁଯାୟୀ ନିର୍ବାଚନୀ ରଣକୌଶଳ ସ୍ଥିର କରାଯାଉଛି। ସେହିପରି



ମାଇକ୍ରୋ (ନିର୍ବାଚନମଣ୍ଡଳୀ) ସ୍ତରରେ ମଧ୍ୟ ସର୍ଭେ କରାଯାଉଛି। ଦଳର ପ୍ରାର୍ଥୀଙ୍କର ଲୋକପ୍ରିୟତା କେତେ ଅଛି, କେଉଁ ଅଞ୍ଚଳର ଓ କେଉଁ ଗୋଷ୍ଠୀର ଲୋକେ ଦଳକୁ ଭୋଟ ଦେଉନାହାନ୍ତି, ପ୍ରତିନିଧି ପରିବର୍ତ୍ତନର ଆବଶ୍ୟକତା ଅଛି କି ନାହିଁ ଇତ୍ୟାଦି ସହିତ ଦଳ କିପରି ଜିତିବ, ତାହାର ପ୍ରାକ୍ ନିର୍ବାଚନୀ ଆକଳନ କରାଯାଉଛି। ଦଳଗୁଡ଼ିକ ଏକାଧିକ ସର୍ଭେ ସଂସ୍ଥାଙ୍କୁ ମଧ୍ୟ ନିୟୋଜିତ କରୁଛନ୍ତି। ପ୍ରଶାନ୍ତ କିଶୋରଙ୍କ ପରି ନିର୍ବାଚନ ରଣନୀତିକାରମାନଙ୍କୁ ଦଳଗୁଡ଼ିକ ନିୟୋଜିତ କରୁଛନ୍ତି। ତେବେ ଏହି ସର୍ଭେର ଫଳାଫଳ ପ୍ରକାଶିତ ହୁଏନାହିଁ। ଦଳଗୁଡ଼ିକ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରିବା ଯୋଗୁ ଗୋଟିଏ ଶାସକ ଦଳକୁ ବିରୋଧୀ ଦଳ ପରାଜିତ କରିବା କଷ୍ଟସାଧ ହେବା ଲକ୍ଷ୍ୟ କରାଯାଉଛି।

ତୃତୀୟ ପରିବର୍ତ୍ତିତ କ୍ଷେତ୍ର ହେଲା ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ଉପରେ ନିର୍ବାଚନୀ ପ୍ରଚାରର ଗୁରୁତ୍ୱ ହ୍ରାସ ଏବଂ ସାମାଜିକ ଗଣମାଧ୍ୟମର ଗୁରୁତ୍ୱ ବୃଦ୍ଧି। ଏବେ ପ୍ରତ୍ୟେକ ଦଳ, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିଧାୟକ, ସାଂସଦ ପ୍ରମୁଖ ସାମାଜିକ ଗଣମାଧ୍ୟମର ବ୍ୟବହାର କରୁଛନ୍ତି। ଦଳଗୁଡ଼ିକରେ ଆଇ.ଟି. ସେଲ୍ ବା ପ୍ରଯୁକ୍ତିବିଦ୍ୟା ପ୍ରକୋଷ୍ଠ ଖୋଲାଯାଇ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରାଯାଉଛି। ଏକ୍ସ, ଫେସ୍‌ବୁକ୍, ହ୍ୱାଟ୍‌ସଆପ୍, ଇନ୍‌ଷ୍ଟାଗ୍ରାମ୍, ରିଲ୍ ଆଦି ସାମାଜିକ ଗଣମାଧ୍ୟମର କେଉଁ ରାଜ୍ୟରେ ବା କେଉଁ ନିର୍ବାଚନମଣ୍ଡଳୀରେ କିପରି ବ୍ୟବହାର କଲେ ଦଳକୁ ଅଧିକ ଲାଭ ମିଳିବ, ତାହା ଦଳଗୁଡ଼ିକର ପ୍ରଯୁକ୍ତି ବିଦ୍ୟା ପ୍ରକୋଷ୍ଠ ସ୍ଥିର କରୁଛନ୍ତି। ତେବେ ଏଥିରେ ଦୁଇଟି ସମସ୍ୟା ଅଛି। ପ୍ରଥମତଃ, ବିଷୟବସ୍ତୁ ଠିକ୍ ନ ଥିଲେ ଲୋକେ ପଢ଼ିବେ ନାହିଁ। ଏଥିପାଇଁ ସ୍ୱତନ୍ତ୍ର କଣ୍ଟେଣ୍ଟ ଟିମ୍ ରହିବା ଆବଶ୍ୟକ। ଦ୍ୱିତୀୟ ସମସ୍ୟା ହେଲା ନକାରାତ୍ମକ ମତ ଦେଉଥିବା ବ୍ୟକ୍ତିମାନଙ୍କୁ ପ୍ରତିରୋଧ କରାଇବା। ଏଥିପାଇଁ ସବୁବେଳେ ସଜାଗ ରହିବା ଆବଶ୍ୟକ। ସାମାଜିକ ଗଣମାଧ୍ୟମର ମୁଖ୍ୟ ଅସୁବିଧା ହେଲା ଏମାନେ ମିଛ କହି ଅଧିକାଂଶ ମତଦାତାଙ୍କୁ ନିର୍ବାଚନ ବେଳେ ପ୍ରଭାବିତ କରନ୍ତି। କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ପରିସ୍ଥିତିକୁ ଜଟିଳ କରିଛି। ଜଣକ ବିରୁଦ୍ଧରେ ବା ଗୋଟିଏ ଦଳ ବିରୋଧରେ ପ୍ରଚାର କରିବାକୁ ଅଧିକ ସମୟ ଲାଗୁନାହିଁ।

ଚତୁର୍ଥ ପରିବର୍ତ୍ତିତ କ୍ଷେତ୍ର ହେଲା ନିର୍ବାଚନରେ କଳାଟଙ୍କାର ବହୁଳ ବ୍ୟବହାର। ୧୯୫୧-୫୨ ନିର୍ବାଚନରେ ଟଙ୍କା ଦେଇ ଭୋଟ କିଣାଯାଉ ନ ଥିଲା। ଏବେ ନିର୍ବାଚନରେ ଦଳଗୁଡ଼ିକ ମତଦାତାମାନଙ୍କୁ ଟଙ୍କା, ବସ୍ତ୍ର, ଭୋଜି, ସୁନାଗହଣା ଓ ମାଦକଦ୍ରବ୍ୟ ଆଦି ବଣ୍ଟନ କରିବା ଦେଖାଯାଉଛି। ଗତ ୫ଟି ବିଧାନସଭା ନିର୍ବାଚନବେଳେ ନିର୍ବାଚନ କମିଶନ ପ୍ରାୟ ୧୭୦୦ କୋଟି ଟଙ୍କାର ନଗଦ ଓ ଅନ୍ୟାନ୍ୟ ଲାଞ୍ଚ ସାମଗ୍ରୀ ଜବତ କରିଥିଲେ, ଯାହାକି ଦେଶର ସର୍ବକାଳୀନ ରେକର୍ଡ ଥିଲା।

ପଞ୍ଚମ ପରିବର୍ତ୍ତିତ କ୍ଷେତ୍ର ହେଲା ସଙ୍ଗଠନ ଉପରେ ଗୁରୁତ୍ୱ। ଆଗକାଳରେ ଦଳଗୁଡ଼ିକ ବିଧାୟକ ଓ ସାଂସଦମାନଙ୍କ ଉପରେ ସଙ୍ଗଠନ ଦାୟିତ୍ୱ ଦେଉଥିଲେ। ଏବେ ଦଳଗୁଡ଼ିକ ବୁଥ୍‌ସ୍ତରୀୟ ସଙ୍ଗଠନ ଓ ପଞ୍ଚାୟତସ୍ତରୀୟ ସଙ୍ଗଠନ ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଛାତ୍ର, ଯୁବ, ମହିଳା, କୃଷକ, ଶ୍ରମିକ, ସାମାଜିକ ଗୋଷ୍ଠୀ ଆଦି ସଙ୍ଗଠନ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି। ଯାହାଫଳରେ ଦଳର ଜିଲା ଓ ତୃଣମୂଳ ସ୍ତରର ସଙ୍ଗଠନ ଅଧିକ ମଜଭୁତ ହୋଇପାରିଛି। ମୋଟାମୋଟି ଭାବେ ଅନୁଧ୍ୟାନ କଲେ ଦେଖାଯାଏ ଯେ, ଆମ ଦେଶରେ ନିର୍ବାଚନ ବ୍ୟୟବହୁଳ ହେଉଛି ଏବଂ ମଧ୍ୟବିତ୍ତ ବର୍ଗର ନିର୍ବାଚନୀ ଗୁରୁତ୍ୱ ହ୍ରାସ ପାଉଛି।

**ମୋ: ୭୦୦୮୨୩୩୭୨୯**

## ପାଠକ ଶ୍ରେଷ୍ଠ ବିଚାରକ

### କ୍ଷମତାପାଗଳଙ୍କ ଦଳ ଡିଆଁ

ମହାଶୟ,

ବର୍ତ୍ତମାନ ଅନେକ କ୍ଷମତାପାଗଳ ନେତା ଏକ ଦଳରୁ ଅନ୍ୟ ଏକ ଦଳକୁ ଲମ୍ଫ ପ୍ରଦାନ କରୁଛନ୍ତି। ଉଦ୍ଦେଶ୍ୟ ହେଉଛି ସେହି ଦଳର ଟିକେଟ ପାଇ ସାଂସଦ କିମ୍ବା ବିଧାୟକ ହେବା। ଏମାନଙ୍କ ମଧ୍ୟରେ ଅଛନ୍ତି ଅନେକ ରାଜନୈତିକ ନେତା ଯେଉଁମାନ କି ଏକାଧିକ ଥର ସାଂସଦ ଓ ବିଧାୟକ ହୋଇଛନ୍ତି। ବର୍ତ୍ତମାନ କ୍ଷମତା ରାଜନୀତି ଲାଭଜନକ ବ୍ୟବସାୟ ହୋଇଥିବାରୁ ଏମାନେ ସାଂସଦ ଓ ବିଧାୟକ ହେବାର ମୋହ ତ୍ୟାଗ କରିପାରୁନାହାନ୍ତି । ରାଜନୀତି ଏମାନଙ୍କ ପାରିବାରିକ ବ୍ୟବସାୟ ହୋଇଥିବାରୁ ବାପ ଗୋଟିଏ ଦଳରେ ତ ପୁଅ ଅନ୍ୟ ଏକ ଦଳରେ ରହୁଛି। ଏଥିପାଇଁ ଯୋଗ୍ୟ ଲୋକ ଟିକେଟ ପାଇପାରୁନାହାନ୍ତି। ଯେପର୍ଯ୍ୟନ୍ତ ଦେଶର ସମ୍ବିଧାନ ସଂଶୋଧନ କରାଯାଇ ପ୍ରତ୍ୟେକ ପରିବାରରୁ ଜଣେ କେବଳ ଥରୁଟିଏ ସାଂସଦ କିମ୍ବା ବିଧାୟକ ହେବାର ଆଇନ ପ୍ରଣୟନ ନହୋଇଛି, ସେପର୍ଯ୍ୟନ୍ତ ରାଜନୀତି ପାରିବାରିକ ପେସା ହୋଇରହିଥିବ। ଦୁର୍ନୀତି ଓ ଭ୍ରଷ୍ଟାଚାରର କଦାପି ଅନ୍ତ ହେବନାହିଁ ଓ ସମାନତାର ଅଧିକାର ସେହିପରି ଆମ ସମ୍ବିଧାନ ପୁସ୍ତକରେ ହିଁ ରହିଥିବ।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସଧୀର ଗତିରେ ବଉଦ ଚଳଇ ଶଇଳ-ଚୂଳେ
କରୁଣ କାକୁତି ଢାଳଇ କପୋତ କଦମ-ମୂଳେ
ତୁମେ କହ ତା'ର ନାହିଁ କିଛି ମୂଲ ଭୁବନହାଟେ
ମୁକ୍ତା କଣିକା ଝରାଏ ସେ ମୋର ପରାଣ ତୁଳେ।
-(ମାନସୀ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ପକ୍ଷୀଶାଳକୁ ଗଲା ପେଲିକାନ

ବାରଙ୍ଗ,୪।୪ (ଲିଙ୍ଗରାଜ ରାଉତ)

ଚଳିତବର୍ଷର ୪ର୍ଥ ପର୍ଯ୍ୟାୟ ପ୍ରାଣୀ ଅଦଳବଦଳ ପ୍ରକ୍ରିୟାରେ ମାର୍ଚ୍ଚ ୧୯ରେ ଆସାମ ଷ୍ଟେଟ୍ ଜୁ ବଟାନିକାଲ୍ ଗାର୍ଡେନରୁ ୪ ପେଲିକାନ ପକ୍ଷୀଙ୍କୁ ନନ୍ଦନକାନନକୁ ଅଣାଯାଇଥିଲା। ଏମାନଙ୍କ ମଧ୍ୟରୁ ୪ ପେଲିକାନ ପକ୍ଷୀଙ୍କୁ ଗୁରୁବାର ପକ୍ଷୀଶାଳାର ଏକ ଏନ୍‌କ୍ଲୋଜରରେ ଛଡ଼ାଯାଇଛି। ଅନ୍ୟପଟେ ଏହି ପ୍ରକ୍ରିୟାରେ ବାକିଥିବା ୪ ହାଡ଼ଗିଲା ପକ୍ଷୀକୁ ଗୁରୁବାର ବିଳମ୍ବିତ ରାତିରେ ଏକ ଟିମ୍ ନେଇ ଆସି ନନ୍ଦନକାନନରେ ପହଞ୍ଚିବ ବୋଲି ଜଣାପଡ଼ିଛି।

### ବିଜୟଲକ୍ଷ୍ମୀ ପାଇବେ 'ପଣ୍ଡିତ ନୀଳମଣି ମିଶ୍ର ଅନୁବାଦ ସମ୍ମାନ'

ଭୁବନେଶ୍ୱର,୪।୪(ଶର୍ମିଷ୍ଠା ପାଣିଗ୍ରାହୀ)

କେଦାରନାଥ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଦିବଂଗତ ପଣ୍ଡିତ ନୀଳମଣି ମିଶ୍ରଙ୍କ ସ୍ମୃତିରେ ପ୍ରଦାନ କରାଯାଉଥିବା ଅନୁବାଦ ପୁରସ୍କାର ପାଇବେ ବିଶିଷ୍ଟ ଅନୁବାଦିକା ଡ. ବିଜୟଲକ୍ଷ୍ମୀ ମହାନ୍ତି। ଆସନ୍ତା ୧୨ ତାରିଖରେ ପ୍ରତିଷ୍ଠାନ ସଭାଗୃହରେ ହେବାକୁଥିବା ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯିବ। ଏ ନେଇ ସଭାପତି ରଘୁନାଥ ମିଶ୍ର, ଉପସଭାପତି ଡ. ଶକୁନ୍ତଳା ବଳିୟାରସିଂ, ସମ୍ପାଦକ ଡ. ରମେଶଚନ୍ଦ୍ର ପାଣି, ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ମହାପାତ୍ର ଜଣାଇଛନ୍ତି।

### ମୋବାଇଲ ଚୋରି : ଯୁବକ ଗିରଫ

ବାଲିଅନ୍ତା,୪।୪(ନୀଳମାଧବ ସାହୁ)

ବାଲିଅନ୍ତା ଥାନା ଅଧୀନ ଭିଙ୍ଗାରପୁର ଶୀକ୍ରେଶ୍ୱର ହାଇସ୍କୁଲ ନିକଟରେ ନିର୍ମାଣଧୀନ ଏକ କୋଠା ଘରୁ ୪ ଟି ମୋବାଇଲ ଚୋରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ବାଲିଅନ୍ତା ଥାନା ଅଧୀନ ଭିଙ୍ଗାରପୁର ପଣ୍ଡା ସାହିର ଅଭୟ କୁମାର ଭୋଇ। ପୋଲିସ ତାଙ୍କ ପାଖରୁ ୮ ଫୋନ, ୧ ବାଇକ୍ ଜବତ କରିଛି। ଏନେଇ ପୋଲିସ ୧୬୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗତ ୩୧ ତାରିଖରେ ବିଳମ୍ବିତ ରାତ୍ରିରେ ନିର୍ମାଣଧୀନ କୋଠା ଘରେ ପଶି ସେଠାରେ ରହୁଥିବା ରାଜ୍ୟ ବାହାରର ଶ୍ରମିକଙ୍କ ୪ଟି ମୋବାଇଲ ଫୋନ ଚୋରି କରି ଘଟଣାସ୍ଥଳରୁ ଏକ ବାଇକ୍‌ରେ ଖସି ପଳାଇଥିଲେ। ସିସିଟିଭି ଫୁଟେଜ୍‌କୁ ଆଧାର କରି ପୋଲିସ ଅଭୟଙ୍କୁ କାକରୁଦ୍ରପୁର ଓଭରବ୍ରିଜ୍ ତଳୁ ଗିରଫ କରିଥିଲା।

# ଶ୍ରୀଲଙ୍କାରେ ଗୋଟିପୁଅ ପ୍ରଦର୍ଶନ

## ପ୍ରଥମ ସ୍ଥାନ ହାସଲ କଲେ ପ୍ରିୟାଂଶୀ



ଶ୍ରୀଲଙ୍କାରେ ଆୟୋଜିତ ଦେଶ ରାଗ ଭାରତ ସଂସ୍କୃତି ଯାତ୍ରା ଗ୍ଲୋବାଲ ଫେଷ୍ଟିଭାଲ ଅଫ୍ ଇଣ୍ଡିଆନ ଆର୍ଟ ଆଣ୍ଡ କଲ୍‌ଚର୍‌ର ୧୯ତମ ଅଡିଶନରେ ଓଡ଼ିଶାର ପ୍ରିୟାଂଶ୍ରୀ ଜେନା ଗୋଟିପୁଅ ନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କାର ଗ୍ରହଣ କରୁଛନ୍ତି। ନିକଟରେ ଗୁରୁ ଗଜେନ୍ଦ୍ର ପଣ୍ଡା ଓ ପ୍ରସନ୍ନଜିତ ପୋଦ୍ଦାର ଉପସ୍ଥିତ।

ଭୁବନେଶ୍ୱର,୪।୪(ଶର୍ମିଷ୍ଠା ପାଣିଗ୍ରାହୀ)

ନୃତ୍ୟଧାମ କଳା ସମିତି ଭିଲାଇ ଦ୍ୱାରା ଶ୍ରୀଲଙ୍କାର କଲମ୍ବୋଠାରେ ଦେଶ ରାଗ ଭାରତ ସଂସ୍କୃତି ଯାତ୍ରା ଗ୍ଲୋବାଲ ଫେଷ୍ଟିଭାଲ ଅଫ୍ ଇଣ୍ଡିଆନ ଆର୍ଟ ଆଣ୍ଡ୍ କଲଚର୍‌ର ୧୯ତମ ଅଡିଶନ ଆୟୋଜିତ ହୋଇଯାଇଛି। ପ୍ରତିଯୋଗିତାରେ ଭାରତରୁ ୨୪୦ଜଣିଆ ପ୍ରତିଯୋଗୀ ଦଳଗତ ଭାବେ ଭାଗ ନେଇଥିଲେ। ମାର୍ଚ୍ଚ ୨୮ରୁ ଏପ୍ରିଲ ୨ ପର୍ଯ୍ୟନ୍ତ ଅନୁଷ୍ଠିତ ନୃତ୍ୟ, ସଙ୍ଗୀତ, ବାଦ୍ୟଯନ୍ତ୍ର, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଲାସ୍ୟକଳା ଡ୍ୟାନ୍ସ ଏକାଡେମୀ ଛାତ୍ରୀ ଓଡ଼ିଆ ଝିଅ ପ୍ରିୟାଂଶୀ ଜେନା ଭାଗ ନେଇଥିଲେ। ନୃତ୍ୟଗୁରୁ ଶାଶ୍ୱତ ଯୋଶୀ, ଗୁରୁ ଆଶିଷ ନାୟକ, ସାଗରିକା ମହାନ୍ତି, ସୋନାଲି ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରିୟାଂଶୀ ପ୍ରଥମ ସ୍ଥାନ ଅଧିକାର କରି ସାରା ବିଶ୍ୱରେ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ଏଥିସହିତ ସେ ଅନ୍ତର୍ଜାତୀୟ ସ୍କଲାରଶିପ୍ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ଚଳିତମାସ ୨୪ରୁ ୨୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବାଂଲାଦେଶର ରାଜଧାନୀ ଢାକା ପ୍ରତିଯୋଗିତାରେ ପ୍ରିୟାଂଶୀ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ସେଥିପାଇଁ ପ୍ରିୟାଂଶୀ ନିଜ ମାତାପିତା, ଗୁରୁ ଓ ଗୁରୁମା' ଏବଂ ଓଡ଼ିଶାର ସମସ୍ତ ଗୁରୁଜନଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି।

# ମାଡ଼ ମାରି ଲୁଟ୍, ୨ ଗିରଫ



ଗିରଫ ଦୁଇ ଅଭିଯୁକ୍ତ।

ଭୁବନେଶ୍ୱର,୪।୪(ସତ୍ୟଜିତ୍ ରାଉତ)

ମାଡ଼ ମାରି ଲୁଟ୍ ମାମଲାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା କଟକ ଜିଲା ନିଆଳି ଅଞ୍ଚଳର ତସ୍‌ବିର ସାମଲ ଓରଫ ଶିବୁନି (୨୭) ଓ ମାନସମାନ ଜଗଦୀପ ସାମଲ ଓରଫ ମିଟନ୍ (୨୦)। ଉଭୟଙ୍କ ପାଖରୁ ଗୋଟିଏ ମୋବାଇଲ ଓ ୪ ହଜାର ଟଙ୍କା ଜବତ ହୋଇଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ପ୍ରୟାସ ଚଳାଇଛି। ଗତ ମାର୍ଚ୍ଚ ୨୪ ବିଳମ୍ବିତ ରାତିରେ ଅଭିଯୋଗକାରୀ ତନ୍ମୟ ପଟ୍ଟନାୟକ ଓ ତାଙ୍କ ବାନ୍ଧବୀ ନିଜ କାର ଯୋଗେ ଶୈଳଶ୍ରୀବିହାର ଅଞ୍ଚଳକୁ ଯାଇଥିଲେ। ସେହି ସମୟରେ ଶୈଳଶ୍ରୀବିହାର ରାସ୍ତାରେ ୩ ଅଭିଯୁକ୍ତ ତାଙ୍କ କାରକୁ ଅଟକାଇଥିଲେ। ତନ୍ମୟ ଓ ବାନ୍ଧବୀ ବାହାରକୁ ଆସିବା ପରେ ଅଭିଯୁକ୍ତମାନେ ତାଙ୍କୁ ଧମକ ଦେବା ସହ ମାଡ଼ ମାରି ୧୦ ହଜାର ଟଙ୍କା ମାଗିଥିଲେ। ଅଭିଯୁକ୍ତମାନେ ତନ୍ମୟଙ୍କ ପକେଟରୁ ୬ ହଜାର ଟଙ୍କା ନେଇଯାଇ ଆଉ ୪ ହଜାର ଟଙ୍କା ଦାବି କରିଥିଲେ। ଏହାପରେ ଅଭିଯୁକ୍ତମାନେ ତନ୍ମୟଙ୍କ ଫୋନ ଛଡ଼ାଇ ନେଇ ୪ ହଜାର ଟଙ୍କା ଅନ୍‌ଲାଇନ୍‌ରେ ଟ୍ରାନ୍ସଫର କରି ନେଇଯାଇଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୨୯୬/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କର୍ଷତା ପାଇଁ 'ସମ୍ମ' ପୁରସ୍କୃତ







ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ହସ୍ପିଟାଲର ସିଇଓ ଡା. ଶ୍ୱେତପଦ୍ମା ଦାଶ।

ଭୁବନେଶ୍ୱର, ୪।୪(ଅସମାପିକା ସାହୁ)

ସମ୍ ଅଲ୍‌ଟିମେଟ ମେଡିକେୟାର(ସମ୍ମ)କୁ 'ଏକ୍ସିଲେନ୍ସ ଇନ୍ ହସ୍ପିଟାଲିଟି ଆଣ୍ଡ୍ ହେଲ୍‌ଥ କେୟାର ସର୍ଭିସ ଆୱାର୍ଡ'ରେ ସମ୍ମାନିତ କରାଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କର୍ଷତା ନେଇ ପୂର୍ବ ଭାରତର ଶ୍ରେଷ୍ଠ ହସ୍ପିଟାଲ ଭାବେ ସମ୍ମକୁ କୁଆଲାଲମ୍ପୁରଠାରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ମିର୍ଚି ପକ୍ଷରୁ ଦିଆଯାଇଥିବା ଏହି ସମ୍ମାନକୁ ହସ୍ପିଟାଲର ସିଇଓ ଡା. ଶ୍ୱେତପଦ୍ମା ଦାଶ ଗ୍ରହଣ କରିଥିଲେ। ଏହା ଆମ ପାଇଁ ଗର୍ବ ଓ ଗୌରବ ଭରି ଦେଇଥିବା ବେଳେ ମୁଁ ଅତି ବିନମ୍ରତାର ସହ ଏହାକୁ ଗ୍ରହଣ କରୁଛି ବୋଲି ଡ. ଦାଶ କହିଛନ୍ତି। ମାତ୍ର ୪ ବର୍ଷ ମଧ୍ୟରେ ଏହି ୫୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲଟି ସାଧାରଣରେ ଆଦୃତ ହେବା ସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସବୁଠାରୁ ପସନ୍ଦ ଯୋଗ୍ୟ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଅନୁଷ୍ଠାନ ଭାବେ ଉଭା ହୋଇପାରିଛି। ଏହି ସମ୍ମାନ ହସ୍ପିଟାଲର ପ୍ରତ୍ୟେକ ସଦସ୍ୟଙ୍କର କଠିନ ପରିଶ୍ରମ ଓ ଏକାଗ୍ରତାକୁ ଇଙ୍ଗିତ କରେ। ମିଳିତ ଭାବେ ଆମେ ଇତିହାସ ରଚିଛୁ ଏବଂ ସ୍ୱାସ୍ଥ୍ୟସେବା ଶିଳ୍ପରେ ନୂତନ ମାନର ଉତ୍କର୍ଷ ସୃଷ୍ଟି କରିଛୁ। ଏ ନେଇ ମୁଁ ଆମ ରୋଗୀ, ସେମାନଙ୍କର ପରିବାରବର୍ଗ ଓ ସମାଜକୁ ସେମାନଙ୍କର ଅକୁଣ୍ଠ ସହଯୋଗ ପାଇଁ ମୋର ଆନ୍ତରିକ କୃତଜ୍ଞତା ଜଣାଉଛି। ଏହି ସମ୍ମାନରେ ଆମଠାରୁ ସେମାନଙ୍କର ଅଧିକ ଅଧିକାର ରହିଛି ବୋଲି ଡା. ଦାଶ କହିଛନ୍ତି।

# ପବିତ୍ର ମୋହନ ନାୟକଙ୍କୁ 'ଗଙ୍ଗାଧର ମେହେର ସମ୍ମାନ'

ଭୁବନେଶ୍ୱର,୪।୪ (ଶର୍ମିଷ୍ଠା ପାଣିଗ୍ରାହୀ)

ଗଙ୍ଗାଧର ମେହେର ସ୍ମୃତି କମିଟିର ଏକ ବୈଠକ ଗୁରୁବାର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଅବସରରେ ଚଳିତବର୍ଷର ସମ୍ମାନଜନକ 'ଗଙ୍ଗାଧର ମେହେର ସମ୍ମାନ' ପ୍ରଫେସର ପବିତ୍ର ମୋହନ ନାୟକଙ୍କୁ ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୬ତାରିଖରେ ରବୀନ୍ଦ୍ର ମଣ୍ଡପରେ ଶ୍ରାଦ୍ଧ ଶତବାର୍ଷିକୀ ପାଳନ କରାଯିବ। ଏହି ଅବସରରେ ନୃତ୍ୟନାଟିକା ଅମୃତ ସାଗର ବିନ୍ଦୁ ପରିବେଷିତ ହେବା ସହ ସମ୍ମାନ ପ୍ରଦାନ କରାଯିବ। ବୈଠକରେ କମିଟିର ଆବାହକ ମିହିର ମେହେର, ସମ୍ପାଦକ ଦିଲ୍ଲୀପ ଦାଶଶର୍ମା, ମଣିକର ମେହେର, ସୁରେଶ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।





ଶହୀଦ ରଘୁ-ଦିବାକରଙ୍କ ୮୩ତମ ବଳିଦାନ ଦିବସ ପାଳନ ଅବସରରେ ଗୁରୁବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱର ୟୁନିଟ-୯ସ୍ଥିତ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।



ଡକାୟତି ଯୋଜନାବେଳେ ଭରତପୁର ପୋଲିସ ଦ୍ୱାରା ଗିରଫ ୪ ଅଭିଯୁକ୍ତ ଓ ଜବତ ମାରଣାସ୍ତ୍ର।

# ଡକାୟତି ଯୋଜନା: ୪ ଗିରଫ, ମାରଣାସ୍ତ୍ର ଜବତ

ଭୁବନେଶ୍ୱର,୪।୪ (ସୂର୍ଯ୍ୟକାନ୍ତ ବେହେରା)

ତମାଣ୍ଡୋ ଥାନା ଅନ୍ତର୍ଗତ ସୁବୁଦ୍ଧିପୁର ଖେଳ ପଡିଆରେ ଏକତ୍ରିତ ହୋଇ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ସ୍ଥାନୀୟ ପୋଲିସ ଚଢାଉ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ରହୁଥିବା ସେକ୍ ରହିମ ଓରଫ ରାଜା, ଅନନ୍ତ ଦାସ, ଆକାଶ ସ୍ୱାଇଁ ଓ ନିରଞ୍ଜନ ନାୟକ। ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ଛୁରି, ଗୋଟିଏ ହାମର, ଲଙ୍କା ଗୁଣ୍ଡ ପ୍ୟାକେଟ, ମଦ ବୋତଲ ଆଦି ଜବତ ହୋଇଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତମାନେ ତମାଣ୍ଡୋ ଓ କଳିଙ୍ଗବିହାର ରାସ୍ତାରେ ଯାଉଥିବା ପରିବହନ ଗାଡିଗୁଡିକର ଡ୍ରାଇଭରମାନଙ୍କୁ ମାରଣାସ୍ତ୍ର ଦେଖାଇ ଡକାୟତି ପାଇଁ ପ୍ରସ୍ତୁତ ହେଉଥିବା ପୋଲିସ କହିଛି। ତେବେ ଘଟଣାସ୍ଥଳରୁ କିଛି ଅଭିଯୁକ୍ତ ଫେରାର ହୋଇଯାଇଥିବାରୁ ସେମାନଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି।


## RAVENSHAW UNIVERSITY

CAD-29 **CORRIGENDUM NOTICE**

In continuation to this Office **REQUEST FOR PROPOSAL** No.856 dated 04.03.2024 published in Ravenshaw University website for engagement of STATE PSU / CENTRAL PSU / DEPARTMENTAL UNDERTAKING AS PROJECT MANAGEMENT CONSULTANT FOR "CONSTRUCTION & DEVELOPMENT OF VARIOUS BUILDINGS IN MAIN CAMPUS AND MAHANADI CAMPUS, i.e. MAHANADI CAMPUS - HOSTEL BLOCK, ACADEMIC BLOCK, LIBRARY, FURNISHING WORK, CAFETERIA, STAFF RECREATION HALL, INSTALLATION OF SOLAR PANELS & STREET LIGHTS AND MAIN CAMPUS-RESEARCH SCHOLAR HOSTEL & FURNITURE, MESS INCLUDING DINING AND KITCHEN (FURNITURE & AMENITIES), STAFF QUARTER APARTMENT AND EXCLUSIVE ROAD FOR VISUALLY IMPAIRED STUDENTS at Ravenshaw University, Cuttack, Odisha, **some corrections have been made and last date of receipt, date of opening and date of presentation extended**.

For details please log into https://ravenshawuniversity.ac.in.

**No.-1207 Dt.03.04.2024** Registrar, Ravenshaw University

OIPR-11008/11/0002/2425


# ହାଇକୋର୍ଟରେ ହାଜର ହେଲେ କେନ୍ଦ୍ରାପଡ଼ା ଡ୍ରେନେଜ୍ ଡିଭିଜନ ନିର୍ବାହୀ ଯନ୍ତ୍ରୀ

କଟକ,୪।୪(କାର୍ତ୍ତିକ ସାହୁ)

**ସ୍ଥିତିବାନ ଜମିକୁ ଖୋଳି ନଦୀରେ ମିଶାଇବା ମାମଲା**

ଜଣେ ଜମି ମାଲିକଙ୍କ ବ୍ୟକ୍ତିଗତ ସ୍ଥିତିବାନ ଜମିକୁ ଖୋଳି ନଦୀରେ ମିଶାଇବା ମାମଲାରେ ରୁଜୁ ଅଦାଲତଙ୍କ ଆଦେଶ ଅବମାନନା ମାମଲାର ଶୁଣାଣି ହାଇକୋର୍ଟରେ ଗୁରୁବାର ହୋଇଛି। ଶୁଣାଣିବେଳେ କେନ୍ଦ୍ରାପଡ଼ା ଡ୍ରେନେଜ୍ ଡିଭିଜନର ନିର୍ବାହୀଯନ୍ତ୍ରୀ ବ୍ୟକ୍ତିଗତ ହାଜର ହୋଇ ଅଦାଲତଙ୍କୁ କ୍ଷମା ପ୍ରାର୍ଥନା କରିଥିଲେ। ଆସନ୍ତା ୪ ମାସ ମଧ୍ୟରେ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ହାଇକୋର୍ଟଙ୍କୁ ସେ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ବିଚାରପତି ବିଭୁ ପ୍ରସାଦ ରାଉତରାୟଙ୍କ ଅଦାଲତରେ ମାମଲାର ଶୁଣାଣି ହୋଇଛି।

ମାମଲାର ବିବରଣୀ ଅନୁଯାୟୀ, କେନ୍ଦ୍ରାପଡ଼ାର ଗୋବରୀ ନଦୀ ଖନନବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାର ଲକ୍ଷ୍ମୀକାନ୍ତ ନାୟକ ନାମକ ବ୍ୟକ୍ତିଙ୍କ ସ୍ଥିତିବାନ ଜମିକୁ ଖୋଳି ନଦୀରେ ମିଶାଇ ଦେଇଥିଲେ। ଏ ନେଇ ଜମି ମାଲିକ ନାୟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ମାସେ ମଧ୍ୟରେ ପଥର ପ୍ୟାକିଂ କରି ଉକ୍ତ ଜମିକୁ ପୋତିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିଭାଗୀୟ କର୍ତ୍ତୃପକ୍ଷ ପାଳନ କରି ନ ଥିଲେ। ଫଳରେ ଆବେଦନକାରୀ ହାଇକୋର୍ଟରେ ଏକ ଅଦାଲତ ଅବମାନନା ମାମଲା ଦାଏର କରିଥିଲେ। ପଥର ପ୍ୟାକିଂରେ ବିଳମ୍ବ ହେଉଥିବାରୁ ଏହାର ଜବାବ ଦେବା ନିମନ୍ତେ ହାଇକୋର୍ଟ ନିର୍ବାହୀ ଯନ୍ତ୍ରୀଙ୍କୁ ବ୍ୟକ୍ତିଗତ ହାଜର ହେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ କ୍ଷୀରୋଦ ରାଉତ ମାମଲା ପରିଚାଳନା କରୁଛନ୍ତି।


**ELECTION URGENT**
**SGE - 2024**

DISTRICT ELECTION OFFICE
GANJAM, CHATRAPUR

Ph. No. - 06811 263859 (O),
Email ID : ganjamelection@gmail.com

L. No.1473/Elec.
XVII - 148/2024

Date : 28.03.2024

**SHORT NOTICE INVITING TENDER (SNIT)**

**No.F-1:** The Collector & District Election Officer, Ganjam, Chatrapur proposes to select Manufacturer Agency for procurement of **Handy Video Camera and Cell Phone /Mobile Phone** to shoot out the various events in connection with Simultaneous General Election-2024. The details schedule of events is given in the following manner.

**Schedule of Events**

| | | |
|---|---|---|
| Publication of tender | :- | 28-03-2024 |
| Last Date for receipt of bids | :- | 08-04-2024 (12.30 PM) |
| Opening of General bids | :- | 08-04-2024 (3.00 PM) |
| Opening of Financial bid | :- | 08-04-2024 (3.00 PM) |

The application fees of Rs. 500/- (Rupees five hundred) only in shape of Demand Draft / Banker Cheque in shape of Demand Draft in favour of Collector & District Election Officer, Ganjam payable at Chatrapur must be furnished by the tenderer. The tender application fee is non-refundable. The tender documents are available at District Election Office, Ganjam, Chatrapur. The bidders are advised to visit frequently or contact District Election office to track any modification /corrigendum etc. or to know the samples of articles in this connection. They are also advised to go through the term and condition carefully before submitting the tender paper and also see the sample item at this office. Last date of submission of tenders is 08-04-2024 by 12.30 PM. No tenders will be received after due date and time. The tender paper if any received after the above said date will not be taken into account. Canvassing in any form shall be liable for disqualification.

The interest firms are required to submit each of their General proposals. Financial proposals in sealed envelopes and the same sealed envelope containing the proposals must be delivered to the office of the Collector, Ganjam by Speed Post / Registered post / shall be dropped in the assigned drop box kept at the District Election Office, Ganjam, Chatrapur in the address of Collector & DEO, Ganjam. The Collector. Ganjam reserves the right to accept or reject any or all the tenders without assigning any reason thereof.

OIPR-12149/11/0001/2425

**Sd. /- Collector & District Election Officer,**
**Ganjam, Chatrapur**



## ODISHA PUBLIC SERVICE COMMISSION, CUTTACK

**NOTICE**

**No. 1879/PSC** **Dt.04.04.24**
**PF-1E-05-2023/24 (DR-III)**

No. D-2: It is for information of all concerned that on the basis of written examination held on **30.04.2023** for recruitment to the post of **Post Graduate Teachers in Computer Science,** pursuant to Advt. No. 21 of 2021-22, **02 (two)** candidates bearing following Roll Nos. have been qualified for admission to the Viva Voce test. The physical verification of original certificates/ documents etc. and Viva Voce Test in respect of above qualified candidates will be conducted simultaneously in the office of the Commission at 19, Dr. P.K. Parija Road, Cuttack - 753001 on **24.04.2024** as per the programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner and **instructed to mask the Mobile No./alternative Mobile No. and Email ID through blackening)**, three passport size photographs (as uploaded in the online application form), self-attested copies of all relevant certificates/documents, etc. **with original of the same** as per **Para-10** of the aforesaid Advertisement and duly filled in **"Attestation Form" & "Bio-Data Form"** (to be downloaded from the website of the Commission) and submit the same **in person** on the day of document verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce Test.** The candidates shall be allowed to the Viva Voce Test on scheduled date and time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & VIVA VOCE TEST**

| Sl. No. | Date | Time of Document Verification | Time of Viva Voce Test | Roll No. of Candidates |
|---|---|---|---|---|
| 1. | 24.04.2024 | 8.30 A.M. | 10.30 A.M. | 300020 & 300090 = **02 Candidates** |

**N.B.:** The candidates are advised to report at the Office of the Commission **half an hour before the commencement of document verification** on their scheduled dates & time as mentioned against each.

**Note:** The candidates are informed that the pedagogy skill is part of the Interview. They are to come prepared to present a Topic of their Choice within 8 to 10 minutes before the Interview board. White Board shall be provided by the Commission for the purpose.

**OIPR-12002/11/0004/2425** **Sd./- Secretary**

## ସଂକ୍ଷେପରେ

### କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ନିମାପଡ଼ା,୪।୪(ରଞ୍ଜନ ପଟ୍ଟନାୟକ):**

ନିମାପଡ଼ା- କୋଣାର୍କ ରାସ୍ତାର ଧୀରପୁର ଛକ ନିକଟରେ କାର୍ ଧକ୍କାରେ ଗୁରୁବାର ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିଷ୍ଣୁପୁର କରଞ୍ଜିସାହି ଗ୍ରାମର ପ୍ରଭାତ ସ୍ୱାଇଁ (୩୫)। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଫଳରେ ପାଖାପାଖି ୧ ଘଣ୍ଟା ଧରି ଯାତାୟାତ ଠପ ହୋଇଥିଲା। ଆଇଆଇସି ବାମଦେବ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରିଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ପଠାଇଛି। ତେବେ କାର୍ ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଖବର ଲେଖାଯିବାବେଳକୁ କୌଣସି ମାମଲା ହୋଇ ନ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ପ୍ରଭାତ ବାଇକ୍ ଯୋଗେ କୋଣାର୍କ ପଟୁ ନିମାପଡ଼ା ଆସୁଥିଲେ। ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ କାର୍ (ଓଡି ୦୨ ବିଜେଡ୍ ୯୯୧୭) ଧୀରପୁର ଛକ ନିକଟରେ ପ୍ରଭାତଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଫଳରେ ପ୍ରଭାତ ରାସ୍ତା ଉପରେ ଛିଟିକି ପଡ଼ିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ କାର୍‌ର ସମ୍ମୁଖ ନଷ୍ଟ ହୋଇଯାଇଛି।

### ନୟାହାଟ ଚୋରି ରୋକିବାକୁ ପୋଲିସର ରାତ୍ର ପାଟ୍ରୋଲିଂ କଡ଼ାକଡ଼ି

**ଯୋଗେଶ୍ୱରପୁର,୪।୪ (ରଶ୍ମିରଞ୍ଜନ ସାହୁ):**

ନୟାହାଟ ଅଞ୍ଚଳରେ ଘନ ଘନ ଚୋରି ହେଉଥିବାବେଳେ ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ରାତ୍ରକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ନିକଟରେ ଅଞ୍ଚଳର ୧୦ଟି ସ୍ଥାନରୁ ଚୋରି ହୋଇଥିବା ଭଳି ଅଭିଯୋଗ ରହିଥିଲା। ଏପରି ଅଭିଯୋଗ ବାବଦରେ ନୟାହାଟ ଫାଣ୍ଡି ଅଧିକାରୀ କୁନାଲ କୁମାରଙ୍କୁ ପଚାରିବାରେ, ରାତ୍ରକାଳୀନ ପାଟ୍ରୋଲିଂ ପାଇଁ ଗାଡ଼ି ସହ ଆବଶ୍ୟକ କର୍ମଚାରୀ ନ ଥିବା କହିଥିଲେ। ଅଞ୍ଚଳର ସାଧାରଣ ଜନତା ନିମାପଡ଼ା ଡିଏସ୍‌ପି ପ୍ରଭାତ ମଲ୍ଲିକଙ୍କ ପାଖରେ ସମସ୍ତ ସମସ୍ୟା ବାବଦରେ କହିବା ପରେ ସେ ଗୋପ ଥାନାରୁ ଏଏସ୍‌ଆଇ ସନ୍ତୋଷ ସାହୁଙ୍କୁ ନୟାହାଟ ଫାଣ୍ଡି ପଠାଇ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଏସ୍‌ଆଇ ସାହୁ ନୟାହାଟ ଫାଣ୍ଡିରେ ପହଞ୍ଚି ନୟାହାଟ ଅଞ୍ଚଳର ପଲି, ଜହ୍ନିମାଲିଆ, ଓଟର, ଯୋଗେଶ୍ୱରପୁର, ପାଣିଛତ୍ର ପ୍ରମୁଖ ଛକଗୁଡ଼ିକରେ ପାଟ୍ରୋଲିଂ ଆରମ୍ଭ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଭ୍ୟ ସୁରେନ୍ଦ୍ର ବିଟି, ବଜାର ସଭାପତି ଫକୀର ବାରିକ, ସାଧାରଣ ସମ୍ପାଦକ ଫକୀର ପାତ୍ର, ସୁବାସ ପାତ୍ର, ଏଏସ୍‌ଆଇ ସାହୁଙ୍କ ଏହିଭଳି କଡ଼ା ପାଟ୍ରୋଲିଂ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ।

# ଫୋନ୍ ଚୋରି, ବିକ୍ରିକୁ ନେଇ ବଚସାରୁ ହତ୍ୟା

- ହୋଟେଲ କର୍ମଚାରୀ ହତ୍ୟା ଘଟଣା: ୨ ଗିରଫ
- କଟୁରି, ମୋବାଇଲ୍ ଫୋନ୍ ଓ ବାଇକ୍ ଜବତ

**ପୁରୀ,୪।୪(ଅଜିତ୍ ମହାନ୍ତି)**




ଗିରଫ ଅଭିଯୁକ୍ତ ଓ ଜବତ ମୋବାଇଲ, କଟୁରି ।

ହୋଟେଲ କର୍ମଚାରୀ ତଥା ପେଣ୍ଟକଟା ମେରାଇନ୍ ଥାନା ଅନ୍ତର୍ଗତ ବାଲିଗୁଆଳି ଗ୍ରାମର ବିକ୍ରମ କେଶରୀ ପ୍ରଧାନ ଓରଫ ରାଜାଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ୍ କରିଛି ପୋଲିସ। ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ପୁରୀ ଚନ୍ଦନପୁରର ସନ୍ତୋଷ କୁମାର ନାୟକ ଓ ଚକ୍ରତୀର୍ଥ ରୋଡ୍ ଅଞ୍ଚଳର ବିଶ୍ୱଜିତ କୁମାର ରଥଙ୍କୁ ଗିରଫ କରାଯାଇଛି। ଦୁଇ ଅଭିଯୁକ୍ତଙ୍କଠାରୁ ପୋଲିସ ଗୋଟିଏ କଟୁରୀ, ମୋବାଇଲ୍ ଫୋନ୍ ଓ ବାଇକ୍ ଜବତ କରିଛି। ମୃତକ ରାଜା ଓ ଅଭିଯୁକ୍ତ ଦ୍ୱୟ ଭଲ ସାଙ୍ଗ। ତେବେ ମୋବାଇଲ ଫୋନକୁ ନେଇ ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତ ସନ୍ତୋଷ (ବୁଲୁ) ରାଜାଙ୍କ ଫୋନକୁ ଚୋରି କରିନେଇ ଅନ୍ୟତ୍ର ବିକ୍ରି କରିଦେଇଥିଲେ, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ବଚସା ଉଗ୍ରରୂପ ନେଇଥିଲା। ଦୁଇ ଅଭିଯୁକ୍ତ ସନ୍ତୋଷ ଓ ବିଶ୍ୱଜିତ ପ୍ରଥମେ ପଥର ଓ ପରେ କଟୁରୀରେ ଅତି ବୀଭତ୍ସ ଭାବେ ରାଜାଙ୍କୁ ହତ୍ୟା କରିଥିଲେ। ଏନେଇ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୁରୀ ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ଏସ୍‌ପି ମିଶ୍ର କହିଛନ୍ତି ଯେ, ବୁଧବାର ସକାଳେ ଚକ୍ରତୀର୍ଥ ରୋଡ ନାରାୟଣ ପ୍ୟାଲେସ ଓ ଗ୍ରାମ୍ୟ ବ୍ୟାଙ୍କ ନିକଟରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ସମୁଦ୍ରକୂଳ ଥାନା ପୋଲିସକୁ ଖବର ମିଳିଥିଲା। ସମୁଦ୍ରକୂଳ ଥାନା ପୋଲିସ ସହିତ ସିଟି ଡିଏସ୍‌ପି ଏବଂ ଅତିରିକ୍ତ ଏସପିଙ୍କ ନେତୃତ୍ୱରେ ଦୁଇଟି ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମୃତକଙ୍କ ହାତ, ମୁହଁ ଏବଂ ବେକରେ ଗଭୀର ଆଘାତ ଲାଗିଥିଲା। ଫଳରେ ମୃତଦେହ ଚିହ୍ନଟ କରିବାରେ ସମସ୍ୟା ଦେଖାଦେଇଥିଲା। ତେବେ ପରବର୍ତ୍ତୀ ସମୟରେ ମୃତ ହୋଟେଲ କର୍ମଚାରୀ ପେଣ୍ଟକଟା ମେରାଇନ୍ ଥାନା ଅନ୍ତର୍ଗତ ବାଲିଗୁଆଳି ଗ୍ରାମର ବିକ୍ରମ କେଶରୀ ପ୍ରଧାନ ଓରଫ ରାଜା ବୋଲି ଜାଣିବାକୁ ପାଇଥିଲା। ସେ ପୁରୀର ଏକ ହୋଟେଲରେ କାମ କରୁଥିବା ଜଣାପଡ଼ିଥିଲା। ଏନେଇ ସୂଚନା ପାଇବା ପରେ ପରିବାର ଲୋକେ ଆସି ମୃତଦେହ ଚିହ୍ନଟ କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ କ୍ରମେ କେସ୍ ନଂ. ୩୦୨/୨୪ ରୁଜୁ କରାଯାଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିଲା। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଭାବେ ପୃଥକ ପୃଥକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଘଟଣାର ୮ ଘଣ୍ଟା ମଧ୍ୟରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ମଙ୍ଗଳବାର ରାତିରେ ଘଟଣା ଘଟିଥିବା ଅନୁମାନ କରାଯାଉଛି। ଘଟଣାରେ ବ୍ୟବହୃତ ହୋଇଥିବା କଟୁରୀ ଓ ପଥର ସହ ମୋବାଇଲ ଜବତ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ତେବେ ବର୍ତ୍ତମାନ ତଦନ୍ତ ଚାଲିଥିବାରୁ ସମସ୍ତ ତଥ୍ୟ ପ୍ରକାଶ କରିବା ଠିକ ହେବ ନାହିଁ ବୋଲି ପୋଲିସ କହିଛି। ତେବେ ନିଶା କାରବାର ସମ୍ପର୍କରେ ଏସ୍‌ପି କୌଣସି ସୂଚନା ଦେଇନାହାନ୍ତି। ମୃତକ ଓ ଅଭିଯୁକ୍ତମାନେ ଏକ ମଦ ଦୋକାନରୁ ମଦ କଣୁଥିବା ସିସିଟିଭିରେ ଦେଖିବାକୁ ମିଳୁଛି। ତେଣୁ ନିଶା ସହ ହତ୍ୟାକାଣ୍ଡର ସମ୍ପର୍କ ଥିବା ନେଇ ଅନୁମାନ କରାଯାଉଛି। ତେବେ ତଦନ୍ତ ପରେ ସମସ୍ତ ତଥ୍ୟ ଜଣାପଡ଼ିବ। ଉକ୍ତ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଶୁଶିଲ କୁମାର ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ ଏବଂ ସମୁଦ୍ରକୂଳ ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ରଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।



ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ଏବଂ ପ୍ରଭାତୀ ପରିଡା ଗୁରୁବାର ମହାପ୍ରଭୁଙ୍କୁ ଦର୍ଶନ କରି ଶ୍ରୀମନ୍ଦିରରୁ ଫେରୁଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## 'ଜିଲାରେ ଭାଜପା ଭଲ ଫଳାଫଳ କରିବ'

**ପୁରୀ ୪।୪(ଅଜିତ୍ ମହାନ୍ତି)**

ସାଧାରଣ ନିର୍ବାଚନରେ ଲଢିବା ପାଇଁ ଦଳୀୟ ଟିକେଟ ପାଇବା ପରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ପିପିଲି ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ଏବଂ ନିମାପଡ଼ା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ପ୍ରଭାତୀ ପରିଡ଼ା ଗୁରୁବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ନିର୍ବାଚନରେ ବିଜୟ ପାଇଁ ଏହି ଦୁଇ ନେତା ମହାପ୍ରଭୁଙ୍କ ଶରଣାପନ୍ନ ହୋଇଛନ୍ତି। ନେତା ଦ୍ୱୟ ପୁରୀରେ ପହଞ୍ଚିବା ପରେ ଦଳୀୟ କର୍ମୀମାନେ ଉଭୟଙ୍କୁ ସ୍ୱାଗତ କରି ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ଆଶ୍ରିତ ଓ ପ୍ରଭାତୀ ଚତୁର୍ଦ୍ଧାବିଗ୍ରହ ଓ ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରି ଫେରିଆସିଥିଲେ। ଏହି ଅବସରରେ ପ୍ରତିଭା କହିଛନ୍ତି, ସେ ତୃତୀୟ ଥର ପାଇଁ ନିର୍ବାଚନ ଲଢିବାକୁ ଯାଉଛନ୍ତି। ପ୍ରତ୍ୟେକ ନିର୍ବାଚନରେ ଭାଜପା ପ୍ରତି ଲୋକଙ୍କ ଭଲ ପାଇବା ବୃଦ୍ଧି ପାଇବାରେ ଲାଗିଛି। ଚଳିତଥର ମୋଦି ଗ୍ୟାରେଣ୍ଟି ରହିଛି। ଭାଜପା ଭଲ ପ୍ରଦର୍ଶନ କରିବ। ପ୍ରଭାତୀ ବିଜୟୀ ହେବେ ବୋଲି ଆଶା ରଖିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣମୂଳକ ଯୋଜନାକୁ ନେଇ ସାରା ଦେଶବାସୀ ପ୍ରଭାବିତ ହୋଇଥିବାବେଳେ ଓଡ଼ିଶାବାସୀ ମଧ୍ୟ ମୋଦିଙ୍କୁ ବିପୁଳ ଜନମତ ଦେଇ ଡବଲ ଇଞ୍ଜିନ ସରକାର ଗଠନ କରିବେ ବୋଲି ଆଶ୍ରିତ କହିଛନ୍ତି। ଚଳିତ ନିର୍ବାଚନରେ ଜିଲାର ୬ଟି ନିର୍ବାଚନ ମଣ୍ଡଳୀରେ ଭାଜପା ବିପୁଳ ବିଜୟ ହାସଲ କରିବ ବୋଲି ଆଶ୍ରିତ ଆଶା ରଖିଛନ୍ତି।

## ୨୩ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ତାଲା: ସଙ୍କଟରେ ଗୋସମ୍ପଦ

**ପିପିଲି,୪।୪(ଦୁର୍ଗାମାଧବ ମିଶ୍ର):**

ପିପିଲି ବ୍ଲକରେ ଗୋସମ୍ପଦ ପ୍ରତି ସଙ୍କଟ ସୃଷ୍ଟି ହୋଇଛି। ବ୍ଲକର ଚନ୍ଦ୍ରାଦେଇପୁର, ଜସୁଆପୁର, ନୂଆହାଟ, ମକୁନ୍ଦପୁର, ମଙ୍ଗଳପୁର, ହାଟସାହି, ସହଜପୁର, ତେଇଶିପୁର ସମେତ ୨୫ ପଞ୍ଚାୟତରେ ଥିବା ମୋଟ ୨୨ଟି ପ୍ରାଣୀ ଚିକିତ୍ସା କେନ୍ଦ୍ର ମଧ୍ୟରୁ ୧୭ଟି କେନ୍ଦ୍ରରେ ଦୀର୍ଘଦିନ ଧରି ତାଲା ଝୁଲୁଛି। ପ୍ରାଣୀ ଚିକିତ୍ସକ ଓ କର୍ମଚାରୀ ଅଭାବ ଏହାର କାରଣ। ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସମେତ ମାତ୍ର ୭ଜଣ ପ୍ରାଣୀ ଚିକିତ୍ସକ ଦାୟିତ୍ୱ ତୁଲାଉଥିବା ଜଣାପଡ଼ିଛି। ପିପିଲି ବ୍ଲକରେ ୩୦ ହଜାରରୁ ଊର୍ଦ୍ଧ୍ୱ ଗୋରୁ, ୨୦ ହଜାରରୁ ଊର୍ଦ୍ଧ୍ୱ ଛେଳି ମେଣ୍ଢା, ୩ ଶହରୁ ଅଧିକ ମଇଁଷି, ୪ଶହରୁ ଅଧିକ ଘୁଷୁରୀ ସମେତ କୁକୁର, ବିଲେଇ ପ୍ରଭୃତି ଗୃହପାଳିତ ପ୍ରାଣୀ ଥିବାବେଳେ ଏମାନଙ୍କ ଚିକିତ୍ସା ପାଇଁ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ତେଣୁ ଏହି ଗୃହପାଳିତ ପ୍ରାଣୀ ଅସୁସ୍ଥ ହୋଇପଡ଼ିଲେ ଚିକିତ୍ସା ସୁବିଧା ପାଇବା କଷ୍ଟକର ହୋଇପଡୁଛି। ଗୁରୁତର ଅସୁସ୍ଥତା ସମୟରେ ସେମାନଙ୍କ ଜୀବନ ସଙ୍କଟ ଆଡ଼କୁ ଠେଲି ହୋଇଯାଉଛି। ଚିକିତ୍ସା ଅଭାବରୁ ଗୋରୁ, ଛେଳି, ମେଣ୍ଢାଙ୍କ ମୃତ୍ୟୁ ଘଟୁଛି। ସରକାର ପ୍ରାଣୀ ଚିକିତ୍ସା ଉପରେ ଗୁରୁତ୍ୱ ଦେଉଥିବା ବେଳେ ପିପିଲି ବ୍ଲକରେ ଏଭଳି ଚିତ୍ର ପ୍ରଶାସନିକ ଅବହେଳାକୁ ସୂଚାଉଛି। ଅନେକ ପ୍ରାଣୀ ଚିକିତ୍ସାଳୟ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବାବେଳେ ଉପକରଣ ଖତ ଖାଉଛି। ଅଞ୍ଚଳବାସୀ ଏ ନେଇ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ଅଭିଯୋଗ ଜଣାଇଲେ ମଧ୍ୟ ନିରାଶ ହେବାକୁ ପଡୁଛି। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ଏ ନେଇ ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଆଲୋକ ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ପିପିଲି ବ୍ଲକରେ ୨୨ରୁ ଅଧିକ ସଂଖ୍ୟକ ପ୍ରାଣୀ ଚିକିତ୍ସା ନିରୀକ୍ଷକ ଆବଶ୍ୟକ। ହେଲେ ଆମ ପାଖରେ ଅଛନ୍ତି ମାତ୍ର ୭ ଜଣ। ତେଣୁ ସମ୍ପୂର୍ଣ୍ଣ ବ୍ଲକରେ ସେବା ଯୋଗାଇବା କଷ୍ଟକର ହୋଇପଡୁଛି। ନୂତନ କର୍ମଚାରୀ ନିଯୁକ୍ତି ନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଇବୁ।

## ବନ୍ଧୁକ ଦେଖାଇ ଲୁଟିନେଲେ ୨୫ଲକ୍ଷର ସୁନା, ରୁପା

**ଡେଲାଙ୍ଗ,୪।୪(ରଶ୍ମିରଞ୍ଜନ ପ୍ରଧାନ):**

ଡେଲାଙ୍ଗ ଷ୍ଟେଶନ ବଜାରରେ ଜଣେ ସୁନା ଦେକାନୀଙ୍କୁ ବନ୍ଧୁକ ଦେଖାଇ ୩ ଯୁବକ ସୁନା ଓ ରୁପା ଅଳଙ୍କାର ଲୁଟିନେଇଥିବା ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଛି। ସୁନା ଦୋକାନୀ ପ୍ରଶାନ୍ତ ମହାପାତ୍ରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ. ୧୨୩/୨୪) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟା ୮ଟା ୩୦ରେ ଡେଲାଙ୍ଗ ଷ୍ଟେଶନ ବଜାରରେ ପ୍ରଶାନ୍ତ ତାଙ୍କ ଦୋକାନ ବନ୍ଦକରି ଅଳଙ୍କାର ସବୁକୁ ବାନ୍ଧି ଏକ ବ୍ୟାଗରେ ରଖି ଘରକୁ ଯାଉଥିଲେ। ତାଙ୍କ ଘର ଦୋକାନଠାରୁ ମାତ୍ର ୧ଶହ ମିଟର ହୋଇଥିବାବେଳେ ଦାଣ୍ଡଦୁଆରେ ପୂର୍ବରୁ ପ୍ରସ୍ତୁତ ହୋଇରହିଥିବା ୬ଜଣ ଯୁବକ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ବ୍ୟାଗ ଛଡ଼ାଇ ନେଇଥିଲେ। ଏହି ଯୁବକମାନେ ୩ଟି ବାଇକ୍‌ରେ ଆସିଥିବାବେଳେ ଲୁଟ ପରେ ଦ୍ରୁତଗତିରେ ଉଦୟପୁର ଗ୍ରାମ ଦେଇ ଫେରାର୍ ହୋଇଯାଇଥିଲେ। ଲୁଟ ଅଳଙ୍କାରଗୁଡ଼ିକର ମୂଲ୍ୟ ୨୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପ୍ରଶାନ୍ତ କହିଛନ୍ତି। ଅଭିଯୋଗ ପରେ ପୋଲିସ ଡେଲାଙ୍ଗ -କଣାସ, ଡେଲାଙ୍ଗ -ପଟ୍ଟନାୟିକିଆ, ଡେଲାଙ୍ଗ-ଖୋର୍ଦ୍ଧା ରାସ୍ତାରେ ରାତି ୧୨ଟା ପର୍ଯ୍ୟନ୍ତ ନାକାବନ୍ଦୀ କରିଥିଲା। ହେଲେ ଲୁଟେରାଙ୍କ ସନ୍ଧାନ ପାଇପାରି ନ ଥିଲା। ଗୁରୁବାର ସକାଳେ ଡେଲାଙ୍ଗ ଥାନା ଆଇଆଇସି ଦେବାଶିଷ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ନିକଟସ୍ଥ ଦୋକାନୀମାନଙ୍କୁ ପଚରାଉଚରା କରି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା ଜଣାପଡ଼ିଛି।

## ବୋମାମାଡ଼ ଘଟଣାରେ ୨ ଭାଇ ଗିରଫ



ଗିରଫ ଦୁଇ ଭାଇ ।

**ପୁରୀ,୪।୪(ଅଜିତ୍ ମହାନ୍ତି)**

ପୁରୀ ସହରସ୍ଥ ଗୋପାଳପୁର ଛକ ନିକଟରେ ବୁଧବାର ଅପରାହ୍ନରେ ଜଣେ ଆଇନଜୀବୀଙ୍କ ଉପରକୁ ହୋଇଥିବା ବୋମାମାଡ଼ ଘଟଣାରେ ଗୁରୁବାର ପୋଲିସ ୨ ଅଭିଯୁକ୍ତ ଭାଇଙ୍କୁ ଗିରଫ କରିଛି। ସମ୍ପୃକ୍ତ ଅଭିଯୁକ୍ତ ଦ୍ୱୟ ହେଲେ ପୁରୀ ପେଣ୍ଟକଟା ମେରାଇନ ଥାନା ଅନ୍ତର୍ଗତ ଗୋପାଳପୁର ଜଗନ୍ନାଥପୁର ପାଟଣାର ଅର୍ଜୁନ ମହାରଣା(୪୭) ଏବଂ ବାସୁଦେବ ମହାରଣା (୫୮)। ଧାର୍ ଟଙ୍କା ମାଗିବା ନେଇ କୋର୍ଟରେ ମାମଲା ରୁଜୁ କରିଥିବାରୁ ବରିଷ୍ଠ ଆଇନଜୀବୀଙ୍କ ଉପରକୁ ଅଭିଯୁକ୍ତ ଦ୍ୱୟ ବୋମାମାଡ଼ କରିଥିଲେ ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ଅଭିଯୁକ୍ତ ବାସୁଦେବ କିଛିବର୍ଷ ତଳେ ସୁବାସ ଚନ୍ଦ୍ର ସାହୁଙ୍କ ଠାରୁ ୧ଲକ୍ଷ ଟଙ୍କା ଧାର ନେଇଥିଲେ। ଏହା ବଦଳରେ ସେ ଏକ ଚେକ୍ ସୁବାସଙ୍କୁ ଦେଇଥିଲା। ତେବେ ସେହି ଚେକ୍‌ଟି ବାଉନ୍ସ ହୋଇଯାଇଥିଲା। ତେଣୁ ସୁବାସ କୋର୍ଟରେ ଚେକ୍ ବାଉନ୍ସ ମାମଲା ରୁଜୁ କରିଥିଲେ। ଏହାକୁ କେନ୍ଦ୍ରକରି ଉଭୟ ପରିବାର ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ବୁଧବାର ଅପରାହ୍ନରେ ସୁବାସ ସାଇକେଲ ଯୋଗେ କୋର୍ଟ ଯାଉଥିବା ସମୟରେ ଅଭିଯୁକ୍ତ ଦୁଇଭାଇ ଅର୍ଜୁନ ଓ ବାସୁଦେବ ଗୋପାଳପୁର ଛକଠାରେ ତାଙ୍କ ଉପରକୁ ବୋମାମାଡ଼ କରିଥିଲେ। ବୋମାମାଡ଼ରେ ସୁବାସଙ୍କ ହାତରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଏନେଇ ପେଣ୍ଟକଟା ମେରାଇନ ଥାନା ପୋଲିସ ଏକ କେସ୍ (ନଂ. ୨୫/୨୪) ରୁଜୁ କରି ତଦନ୍ତ ଜାରି ରଖିଥିଲା।

**RAVENSHAW UNIVERSITY**

CAD-29 **CORRIGENDUM NOTICE**

In continuation to this Office **REQUEST FOR PROPOSAL** No.856 dated 04.03.2024 published in Ravenshaw University website for engagement of STATE PSU / CENTRAL PSU / DEPARTMENTAL UNDERTAKING AS PROJECT MANAGEMENT CONSULTANT FOR "CONSTRUCTION & DEVELOPMENT OF VARIOUS BUILDINGS IN MAIN CAMPUS AND MAHANADI CAMPUS, i.e. MAHANADI CAMPUS - HOSTEL BLOCK, ACADEMIC BLOCK, LIBRARY, FURNISHING WORK, CAFETERIA, STAFF RECREATION HALL, INSTALLATION OF SOLAR PANELS & STREET LIGHTS AND MAIN CAMPUS-RESEARCH SCHOLAR HOSTEL & FURNITURE, MESS INCLUDING DINING AND KITCHEN (FURNITURE & AMENITIES), STAFF QUARTER APARTMENT AND EXCLUSIVE ROAD FOR VISUALLY IMPAIRED STUDENTS at Ravenshaw University, Cuttack, Odisha, **some corrections have been made and last date of receipt, date of opening and date of presentation extended**.

For details please log into https://ravenshawuniversity.ac.in.

**No.-1207 Dt.03.04.2024** **Registrar, Ravenshaw University**

OIPR-11008/11/0002/2425

## ବିଜୟଙ୍କ ପାଇଁ ସ୍ୱପ୍ନ ପାଲଟିଛି ଆବାସ ଘର

**ଯୋଗେଶ୍ୱରପୁର,୪।୪(ରଶ୍ମିରଞ୍ଜନ ସାହୁ):**

ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବରୀ ପଞ୍ଚାୟତ ନୂଆପାଟଣା ଗ୍ରାମର ବିଜୟ କୁମାର କାଣ୍ଡିଙ୍କ ପାଇଁ ଆବାସ ଯୋଜନାରେ ଘରଟିଏ ପାଇବା ସ୍ୱପ୍ନ ପାଲଟିଛି। ଫଳରେ ସେ ପରିବାର ସହିତ ପଲିଥିନ ତଳେ ଜୀବନ କାଟୁଛନ୍ତି। ସେ ଜଣେ ଦିନମଜୁରିଆ। ପୂର୍ବରୁ ସରକାରଙ୍କ ଆବାସ ତାଲିକାରେ ତାଙ୍କ ନାମ ଥିଲା, କିନ୍ତୁ ପରେ କାଟି ଦିଆଯାଇଥିବା ଜାଣିବାକୁ ପାଇଥିଲେ ବୋଲି ବିଜୟ କହିଥିଲେ। ବିଜୟଙ୍କୁ ଘର ନ ମିଳିଲେ ସେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ସରପଞ୍ଚ ପ୍ରଭାତୀ ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ପରେ ଗୋପ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରେ, ତଦନ୍ତ କରାଯାଇ ବିଜୟଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି।



ନିଜ ଚାଳଘର ନିକଟରେ ବିଜୟ କୁମାର କାଣ୍ଡି ।

**DISTRICT ELECTION OFFICE**
**GANJAM, CHATRAPUR**

**ELECTION URGENT**
**SGE - 2024**

Ph. No. - 06811 263859 (O),
Email ID : ganjamelection@gmail.com

L. No.1473/Elec.
XVII - 148/2024

Date : 28.03.2024

**SHORT NOTICE INVITING TENDER (SNIT)**

**No.F-1:**The Collector & District Election Officer, Ganjam, Chatrapur proposes to select Manufacturer Agency for procurement of **Handy Video Camera and Cell Phone /Mobile Phone** to shoot out the various events in connection with Simultaneous General Election-2024. The details schedule of events is given in the following manner.

**Schedule of Events**

| | | |
|---|---|---|
| Publication of tender | :- | 28-03-2024 |
| Last Date for receipt of bids | :- | 08-04-2024 (12.30 PM) |
| Opening of General bids | :- | 08-04-2024 (3.00 PM) |
| Opening of Financial bid | :- | 08-04-2024 (3.00 PM) |

The application fees of Rs. 500/- (Rupees five hundred) only in shape of Demand Draft / Banker Cheque in shape of Demand Draft in favour of Collector & District Election Officer, Ganjam payable at Chatrapur must be furnished by the tenderer. The tender application fee is non-refundable. The tender documents are available at District Election Office, Ganjam, Chatrapur. The bidders are advised to visit frequently or contact District Election office to track any modification /corrigendum etc. or to know the samples of articles in this connection. They are also advised to go through the term and condition carefully before submitting the tender paper and also see the sample item at this office. Last date of submission of tenders is 08-04-2024 by 12.30 PM. No tenders will be received after due date and time. The tender paper if any received after the above said date will not be taken into account. Canvassing in any form shall be liable for disqualification.

The interest firms are required to submit each of their General proposals. Financial proposals in sealed envelopes and the same sealed envelope containing the proposals must be delivered to the office of the Collector, Ganjam by Speed Post / Registered post / shall be dropped in the assigned drop box kept at the District Election Office, Ganjam, Chatrapur in the address of Collector & DEO, Ganjam. The Collector. Ganjam reserves the right to accept or reject any or all the tenders without assigning any reason thereof.

OIPR-12149/11/0001/2425

**Sd. /- Collector & District Election Officer, Ganjam, Chatrapur**

**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 1879/PSC** **Dt.04.04.24**
**PF-1E-05-2023/24 (DR-III)**

No. D-2: It is for information of all concerned that on the basis of written examination held on **30.04.2023** for recruitment to the post of **Post Graduate Teachers in Computer Science,** pursuant to Advt. No. 21 of 2021-22, **02 (two)** candidates bearing following Roll Nos. have been qualified for admission to the Viva Voce test. The physical verification of original certificates/ documents etc. and Viva Voce Test in respect of above qualified candidates will be conducted simultaneously in the office of the Commission at 19, Dr. P.K. Parija Road, Cuttack - 753001 on **24.04.2024** as per the programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner and **instructed to mask the Mobile No./alternative Mobile No. and Email ID through blackening)**, three passport size photographs (as uploaded in the online application form), self-attested copies of all relevant certificates/documents, etc. **with original of the same** as per **Para-10** of the aforesaid Advertisement and duly filled in **"Attestation Form" & "Bio-Data Form"** (to be downloaded from the website of the Commission) and submit the same **in person** on the day of document verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce Test.** The candidates shall be allowed to the Viva Voce Test on scheduled date and time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & VIVA VOCE TEST**

| Sl. No. | Date | Time of Document Verification | Time of Viva Voce Test | Roll No. of Candidates |
|---|---|---|---|---|
| 1. | 24.04.2024 | 8.30 A.M. | 10.30 A.M. | 300020 & 300090 = **02 Candidates** |

**N.B.:** The candidates are advised to report at the Office of the Commission **half an hour before the commencement of document verification** on their scheduled dates & time as mentioned against each.

**Note:** The candidates are informed that the pedagogy skill is part of the Interview. They are to come prepared to present a Topic of their Choice within 8 to 10 minutes before the Interview board. White Board shall be provided by the Commission for the purpose.

**OIPR-12002/11/0004/2425** **Sd./- Secretary**

## ସଂକ୍ଷେପରେ

### ମାଡ଼ ମାରି ଲୁଟ୍, ୨ ଗିରଫ

**ଭୁବନେଶ୍ୱର,୪।୪(ସତ୍ୟଜିତ୍ ରାଉତ):** ମାଡ଼ ମାରି ଲୁଟ୍ ମାମଲାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା କଟକ ଜିଲା ନିଆଳି ଅଞ୍ଚଳର ତସ୍‌ବିର ସାମଲ ଓରଫ ଶିବୁନି (୨୭) ଓ ମାନସମାନ ଜଗଦୀପ ସାମଲ ଓରଫ ମିଟନ୍ (୨୦)। ଉଭୟଙ୍କ ପାଖରୁ ଗୋଟିଏ ମୋବାଇଲ ଓ ୪ ହଜାର ଟଙ୍କା ଜବତ ହୋଇଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ପ୍ରୟାସ ଚଳାଇଛି। ଗତ ମାର୍ଚ୍ଚ ୨୪ ବିଳମ୍ବିତ ରାତିରେ ଅଭିଯୋଗକାରୀ ତନ୍ମୟ ପଟ୍ଟନାୟକ ଓ ତାଙ୍କ ବାନ୍ଧବୀ ନିଜ କାର ଯୋଗେ ଶୈଳଶ୍ରୀବିହାର ଅଞ୍ଚଳକୁ ଯାଇଥିଲେ। ସେହି ସମୟରେ ଶୈଳଶ୍ରୀବିହାର ରାସ୍ତାରେ ୩ ଅଭିଯୁକ୍ତ ତାଙ୍କ କାରକୁ ଅଟକାଇଥିଲେ। ତନ୍ମୟ ଓ ବାନ୍ଧବୀ ବାହାରକୁ ଆସିବା ପରେ ଅଭିଯୁକ୍ତମାନେ ତାଙ୍କୁ ଧମକ ଦେବା ସହ ମାଡ଼ ମାରି ୧୦ ହଜାର ଟଙ୍କା ମାଗିଥିଲେ। ଅଭିଯୁକ୍ତମାନେ ତନ୍ମୟଙ୍କ ପକେଟରୁ ୬ ହଜାର ଟଙ୍କା ନେଇଯାଇ ଆଉ ୪ ହଜାର ଟଙ୍କା ଦାବି କରିଥିଲେ। ଏହାପରେ ଅଭିଯୁକ୍ତମାନେ ତନ୍ମୟଙ୍କ ଫୋନ ଛଡ଼ାଇ ନେଇ ୪ ହଜାର ଟଙ୍କା ଅନ୍‌ଲାଇନ୍‌ରେ ଟ୍ରାନ୍ସଫର କରି ନେଇଯାଇଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୨୧୬/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କର୍ଷତା ପାଇଁ 'ସମ୍ମମ' ପୁରସ୍କୃତ

**ଭୁବନେଶ୍ୱର, ୪।୪(ଅସମାପିକା ସାହୁ):** ସମ୍ ଅଲ୍‌ଟିମେଟ ମେଡିକେୟାର(ସମ୍ମମ)କୁ 'ଏକ୍ସିଲେନ୍ସ ଇନ୍ ହସ୍ପିଟାଲିଟି ଆଣ୍ଡ୍ ହେଲ୍‌ଥ କେୟାର ସର୍ଭିସ ଆୱାର୍ଡ'ରେ ସମ୍ମାନିତ କରାଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କର୍ଷତା ନେଇ ପୂର୍ବ ଭାରତର ଶ୍ରେଷ୍ଠ ହସ୍ପିଟାଲ ଭାବେ ସମ୍ମମକୁ କୁଆଲାଲମ୍ପୁରଠାରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ମିର୍ଚି ପକ୍ଷରୁ ଦିଆଯାଇଥିବା ଏହି ସମ୍ମାନକୁ ହସ୍ପିଟାଲର ସିଇଓ ଡା. ଶ୍ୱେତପଦ୍ମା ଦାଶ ଗ୍ରହଣ କରିଥିଲେ। ଏହା ଆମ ପାଇଁ ଗର୍ବ ଓ ଗୌରବ ଭରି ଦେଇଥିବା ବେଳେ ମୁଁ ଅତି ବିନମ୍ରତାର ସହ ଏହାକୁ ଗ୍ରହଣ କରୁଛି ବୋଲି ଡ. ଦାଶ କହିଛନ୍ତି। ମାତ୍ର ୪ ବର୍ଷ ମଧ୍ୟରେ ଏହି ୫୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲଟି ସାଧାରଣରେ ଆଦୃତ ହେବା ସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସବୁଠାରୁ ପସନ୍ଦ ଯୋଗ୍ୟ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଅନୁଷ୍ଠାନ ଭାବେ ଉଭା ହୋଇପାରିଛି। ଏହି ସମ୍ମାନ ହସ୍ପିଟାଲର ପ୍ରତ୍ୟେକ ସଦସ୍ୟଙ୍କର କଠିନ ପରିଶ୍ରମ ଓ ଏକାଗ୍ରତାକୁ ଇଙ୍ଗିତ କରେ। ମିଳିତ ଭାବେ ଆମେ ଇତିହାସ ରଚିଛୁ ଏବଂ ସ୍ୱାସ୍ଥ୍ୟସେବା ଶିଳ୍ପରେ ନୂତନ ମାନର ଉତ୍କର୍ଷ ସୃଷ୍ଟି କରିଛୁ। ଏ ନେଇ ମୁଁ ଆମ ରୋଗୀ, ସେମାନଙ୍କର ପରିବାରବର୍ଗ ଓ ସମାଜକୁ ସେମାନଙ୍କର ଅକୁଣ୍ଠ ସହଯୋଗ ପାଇଁ ମୋର ଆନ୍ତରିକ କୃତଜ୍ଞତା ଜଣାଉଛି। ଏହି ସମ୍ମାନରେ ଆମଠାରୁ ସେମାନଙ୍କର ଅଧିକ ଅଧିକାର ରହିଛି ବୋଲି ଡା. ଦାଶ କହିଛନ୍ତି।

# ଫୋନ୍ ଚୋରି, ବିକ୍ରିକୁ ନେଇ ବଚସାରୁ ହତ୍ୟା

- ହୋଟେଲ କର୍ମଚାରୀ ହତ୍ୟା ଘଟଣା: ୨ ଗିରଫ
- କଟୁରୀ, ମୋବାଇଲ୍ ଫୋନ୍ ଓ ବାଇକ୍ ଜବତ

**ପୁରୀ,୪।୪(ଅଜିତ୍ ମହାନ୍ତି)**



ଗିରଫ ୨ ଅଭିଯୁକ୍ତ।

ହୋଟେଲ କର୍ମଚାରୀ ତଥା ପେଣ୍ଟକଟା ମେରାଇନ୍ ଥାନା ଅନ୍ତର୍ଗତ ବାଲିଗୁଆଳି ଗ୍ରାମର ବିକ୍ରମ କେଶରୀ ପ୍ରଧାନ ଓରଫ ରାଜାଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ୍ କରିଛି ପୋଲିସ। ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ପୁରୀ ଚନ୍ଦନପୁରର ସନ୍ତୋଷ କୁମାର ନାୟକ ଓ ଚକ୍ରତୀର୍ଥ ରୋଡ୍ ଅଞ୍ଚଳର ବିଶ୍ୱଜିତ କୁମାର ରଥଙ୍କୁ ଗିରଫ କରାଯାଇଛି। ଦୁଇ ଅଭିଯୁକ୍ତଙ୍କଠାରୁ ପୋଲିସ ଗୋଟିଏ କଟୁରୀ, ମୋବାଇଲ୍ ଫୋନ୍ ଓ ବାଇକ୍ ଜବତ କରିଛି। ମୃତକ ରାଜା ଓ ଅଭିଯୁକ୍ତ ଦ୍ୱୟ ଭଲ ସାଙ୍ଗ। ତେବେ ମୋବାଇଲ ଫୋନକୁ ନେଇ ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତ ସନ୍ତୋଷ (ବୁଲୁ) ରାଜାଙ୍କ ଫୋନକୁ ଚୋରି କରିନେଇ ଅନ୍ୟତ୍ର ବିକ୍ରି କରିଦେଇଥିଲେ, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ବଚସା ଉଗ୍ରରୂପ ନେଇଥିଲା। ଦୁଇ ଅଭିଯୁକ୍ତ ସନ୍ତୋଷ ଓ ବିଶ୍ୱଜିତ ପ୍ରଥମେ ପଥର ଓ ପରେ କଟୁରୀରେ ଅତି ବୀଭତ୍ସ ଭାବେ ରାଜାଙ୍କୁ ହତ୍ୟା କରିଥିଲେ। ଏନେଇ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୁରୀ ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ଏସ୍‌ପି ମିଶ୍ର କହିଛନ୍ତି ଯେ, ବୁଧବାର ସକାଳେ ଚକ୍ରତୀର୍ଥ ରୋଡ ନାରାୟଣ ପ୍ୟାଲେସ ଓ ଗ୍ରାମ୍ୟ ବ୍ୟାଙ୍କ ନିକଟରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ସମୁଦ୍ରକୂଳ ଥାନା ପୋଲିସକୁ ଖବର ମିଳିଥିଲା। ସମୁଦ୍ରକୂଳ ଥାନା ପୋଲିସ ସହିତ ସିଟି ଡିଏସ୍‌ପି ଏବଂ ଅତିରିକ୍ତ ଏସପିଙ୍କ ନେତୃତ୍ୱରେ ଦୁଇଟି ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମୃତକଙ୍କ ହାତ, ମୁହଁ ଏବଂ ବେକରେ ଗଭୀର ଆଘାତ ଲାଗିଥିଲା। ଫଳରେ ମୃତଦେହ ଚିହ୍ନଟ କରିବାରେ ସମସ୍ୟା ଦେଖାଦେଇଥିଲା। ତେବେ ପରବର୍ତ୍ତୀ ସମୟରେ ମୃତ ହୋଟେଲ କର୍ମଚାରୀ ପେଣ୍ଟକଟା ମେରାଇନ୍ ଥାନା ଅନ୍ତର୍ଗତ ବାଲିଗୁଆଳି ଗ୍ରାମର ବିକ୍ରମ କେଶରୀ ପ୍ରଧାନ ଓରଫ ରାଜା ବୋଲି ଜାଣିବାକୁ ପାଇଥିଲା। ସେ ପୁରୀର ଏକ ହୋଟେଲରେ କାମ କରୁଥିବା ଜଣାପଡ଼ିଥିଲା। ଏନେଇ ସୂଚନା ପାଇବା ପରେ ପରିବାର ଲୋକେ ଆସି ମୃତଦେହ ଚିହ୍ନଟ କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ କ୍ରମେ କେସ୍ ନଂ. ୩୦୨/୨୪ ରୁଜୁ କରାଯାଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିଲା।

# ଜଗଦ୍ଦେବ ହେବେ ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ: ଅପରାଜିତା



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

**ଟାଙ୍ଗୀ,୪।୪(ରଘୁନାଥ ସାହୁ)**

ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀଭାବେ ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କ ନାମ ଖୁବ୍‌ଶୀଘ୍ର ଘୋଷଣା ହେବ ବୋଲି ଗୁରୁବାର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପୁନର୍ବାର କହିଛନ୍ତି। କିଛିଦିନ ତଳେ ଅନ୍ୟ ଏକ କାର୍ଯ୍ୟକ୍ରମରେ ଅପରାଜିତା ଏଭଳି ସୂଚନା ଦେଇଥିଲେ। ଏହାକୁ ନେଇ ସେତେବେଳେ ଦଳରେ କନ୍ଦଳ ଦେଖାଦେଇଥିଲା। ଅନ୍ୟତମ ଆଶାୟୀ ପ୍ରାର୍ଥୀ କାଳୁ ଚରଣ ଖଣ୍ଡାୟତରାୟଙ୍କ ସମର୍ଥକମାନେ ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ପହଞ୍ଚି ଜୋରଦାର ବିରୋଧ ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ନିଜେ ଜଗଦ୍ଦେବ ପହଞ୍ଚି କହିଥିଲେ, ମୁଁ ନିର୍ବାଚନ ଲଢ଼ିବା ପାଇଁ ଭାଜପାକୁ ଆସିନାହିଁ। ଦଳ ଚାହିଁଲେ ଲଢ଼ିବି। କାଳୁଚରଣଙ୍କ ପ୍ରତି ମୋର ସମର୍ଥନ ରହିଛି ବୋଲି ସେ ପ୍ରକାଶ କରିଥିଲେ। ସେହିପରି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଉତ୍ତ୍ୟକ୍ତ କର୍ମୀମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏପରିସ୍ଥଳେ ଗୁରୁବାର ଟାଙ୍ଗୀ ଗଣେଶ ଭବନଠାରେ ଭାଜପାର ବ୍ଲକ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଅପରାଜିତାଙ୍କ ଉପରୋକ୍ତ ମନ୍ତବ୍ୟ ପୁଣି ଚର୍ଚ୍ଚାର ଖୋରାକ ଯୋଗାଇଥିବା ବେଳେ ଦଳରେ ଅସନ୍ତୋଷ ସୃଷ୍ଟି କରିବାର ଆଶଙ୍କା ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ସଭାପତିତ୍ୱ କରିଥିବା ବେଳେ ଭୁବନେଶ୍ୱର ଲୋକସଭାକ୍ଷେତ୍ର ଭାଜପା ପ୍ରଭାରୀ ଜୀବନ କୁମାର ସାହୁ, ପୂର୍ବତନ ଜିଲା ସଭାପତି ନିକୁଞ୍ଜ କିଶୋର ପଟ୍ଟନାୟକ, ଜିଲା ସମ୍ପାଦକ ହେମନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀଲଙ୍କାରେ ଗୋଟିପୁଅ ପ୍ରଦର୍ଶନ

## ପ୍ରଥମ ସ୍ଥାନ ହାସଲ କଲେ ପ୍ରିୟାଂଶୀ

**ଭୁବନେଶ୍ୱର,୪।୪(ଶର୍ମିଷ୍ଠା ପାଣିଗ୍ରାହୀ)**



ନୃତ୍ୟଧାମ କଳା ସମିତି ଭିଲାଇ ଦ୍ୱାରା ଶ୍ରୀଲଙ୍କାର କଲମ୍ବୋଠାରେ ଦେଶ ରାଗ ଭାରତ ସଂସ୍କୃତି ଯାତ୍ରା ଗ୍ଲୋବାଲ ଫେଷ୍ଟିଭାଲ ଅଫ୍ ଇଣ୍ଡିଆନ ଆର୍ଟ ଆଣ୍ଡ୍ କଲଚର୍‌ର ୧୯ତମ ଅଡିଶନ ଆୟୋଜିତ ହୋଇଯାଇଛି। ପ୍ରତିଯୋଗିତାରେ ଭାରତରୁ ୨୪୦ଜଣିଆ ପ୍ରତିଯୋଗୀ ଦଳଗତ ଭାବେ ଭାଗ ନେଇଥିଲେ। ମାର୍ଚ୍ଚ ୨୮ରୁ ଏପ୍ରିଲ ୨ ପର୍ଯ୍ୟନ୍ତ ଅନୁଷ୍ଠିତ ନୃତ୍ୟ, ସଙ୍ଗୀତ, ବାଦ୍ୟଯନ୍ତ୍ର, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଲାସ୍ୟକଳା ଡ୍ୟାନ୍ସ ଏକାଡେମୀ ଛାତ୍ରୀ ଓଡ଼ିଆ ଝିଅ ପ୍ରିୟାଂଶୀ ଜେନା ଭାଗ ନେଇଥିଲେ। ନୃତ୍ୟଗୁରୁ ଶାଶ୍ୱତ ଯୋଶୀ, ଗୁରୁ ଆଶିଷ ନାୟକ, ସାଗରିକା ମହାନ୍ତି, ସୋନାଲି ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରିୟାଂଶୀ ପ୍ରଥମ ସ୍ଥାନ ଅଧିକାର କରି ସାରା ବିଶ୍ୱରେ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ଏଥିସହିତ ସେ ଅନ୍ତର୍ଜାତୀୟ ସ୍କଲାରଶିପ୍ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ଚଳିତମାସ ୨୪ରୁ ୨୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବାଲାଂଦେଶର ରାଜଧାନୀ ଢାକା ପ୍ରତିଯୋଗିତାରେ ପ୍ରିୟାଂଶୀ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ସେଥିପାଇଁ ପ୍ରିୟାଂଶୀ ନିଜ ମାତାପିତା, ଗୁରୁ ଓ ଗୁରୁମା' ଏବଂ ଓଡ଼ିଶାର ସମସ୍ତ ଗୁରୁଜନଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି।

### କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ନିମାପଡ଼ା,୪।୪(ରଞ୍ଜନ ପଟ୍ଟନାୟକ)**

ନିମାପଡ଼ା- କୋଣାର୍କ ରାସ୍ତାର ଧୀରପୁର ଛକ ନିକଟରେ କାର୍ ଧକ୍କାରେ ଗୁରୁବାର ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିଷ୍ଣୁପୁର କରଞ୍ଜିସାହି ଗ୍ରାମର ପ୍ରଭାତ ସ୍ୱାଇଁ (୩୫)। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଫଳରେ ପାଖାପାଖି ୧ ଘଣ୍ଟା ଧରି ଯାତାୟାତ ଠପ ହୋଇଥିଲା। ଆଇଆଇସି ବାମଦେବ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରିଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ପଠାଇଛି। ଖବର ଲେଖାଯିବାବେଳକୁ କୌଣସି ମାମଲା ହୋଇ ନ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ପ୍ରଭାତ ବାଇକ୍ ଯୋଗେ କୋଣାର୍କ ପଟୁ ନିମାପଡ଼ା ଆସୁଥିଲେ। ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ କାର୍ (ଓଡି ୦୨ ବିଜେଡ୍ ୯୯୧୭) ଧୀରପୁର ଛକ ନିକଟରେ ପ୍ରଭାତଙ୍କ ଗାଡ଼ିକୁ ଧକ୍କା ଦେଇଥିଲା।

### ପବିତ୍ର ମୋହନ ନାୟକଙ୍କୁ 'ଗଙ୍ଗାଧର ମେହେର ସମ୍ମାନ'

**ଭୁବନେଶ୍ୱର,୪।୪(ଶର୍ମିଷ୍ଠା ପାଣିଗ୍ରାହୀ)**

ଗଙ୍ଗାଧର ମେହେର ସ୍ମୃତି କମିଟିର ଏକ ବୈଠକ ଗୁରୁବାର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଅବସରରେ ଚଳିତବର୍ଷର ସମ୍ମାନଜନକ 'ଗଙ୍ଗାଧର ମେହେର ସମ୍ମାନ' ପ୍ରଫେସର ପବିତ୍ର ମୋହନ ନାୟକଙ୍କୁ ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୬ତାରିଖରେ ରବୀନ୍ଦ୍ର ମଣ୍ଡପରେ ଶ୍ରାଦ୍ଧ ଶତବାର୍ଷିକୀ ପାଳନ କରାଯିବ। ଏହି ଅବସରରେ ନୃତ୍ୟନାଟିକା ଅମୃତ ସାଗର ବିନ୍ଦୁ ପରିବେଷିତ ହେବା ସହ ସମ୍ମାନ ପ୍ରଦାନ କରାଯିବ। ବୈଠକରେ କମିଟିର ଆବାହକ ମିହିର ମେହେର, ସମ୍ପାଦକ ଦିଲ୍ଲୀପ ଦାଶଶର୍ମା, ମଣିକର ମେହେର, ସୁରେଶ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପୁଣି ମାମଲାର ସମ୍ମୁଖୀନ ହୋଇପାରନ୍ତି ରାଜେନ୍ଦ୍ର

**ଖୋର୍ଦ୍ଧା,୪।୪(ପ୍ରଭାତ ପାଣିଗ୍ରାହୀ)**

ବେଗୁନିଆ ବିଧାୟକ ତଥା ଖୋର୍ଦ୍ଧା ଜିଲା ଯୋଜନା କମିଟି ସଭାପତି ରାଜେନ୍ଦ୍ର ସାହୁ ପୁଣି ଥରେ ମିଥ୍ୟା ସତ୍ୟପାଠ ସମ୍ପର୍କିତ ମାମଲାର ସମ୍ମୁଖୀନ ହୋଇପାରନ୍ତି। ୨୦୦୯, ୨୦୧୪ ନିର୍ବାଚନ ସମୟରେ ରାଜେନ୍ଦ୍ର ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ନେଇ ସାମାଜିକକର୍ମୀ ଉପେନ୍ଦ୍ର ରାଉତରାୟ ଖୋର୍ଦ୍ଧା ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଦାଖଲ କରିଥିବା ଓ୍ୱାନ୍‌ସିସି ମାମଲା ଖାରଜ ହେବା ପରେ ସେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଜଷ୍ଟିସ ଶିବଶଙ୍କର ମିଶ୍ର ଏହି ଆବେଦନକୁ ଗ୍ରହଣ କରି ମାମଲା ସମାପ୍ତ କରିଥିବା ବେଳେ ଅଭିଯୋଗକାରୀ କରିଥିବା ଅଭିଯୋଗର ସମସ୍ତ ଦସ୍ତାବିଜ ଫେରସ୍ତ କରିବାକୁ ତଳକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଆବେଦନକାରୀ ଚାହିଁଲେ ଆଇନ ଅନୁଯାୟୀ ପୁଣି ଏକ ସାନି ମାମଲା ତଳକୋର୍ଟରେ କରିପାରିବେ ବୋଲି ଆଦେଶରେ ଦର୍ଶାଇଛନ୍ତି। ଏହି ଆଦେଶ ଆସିବା ପରେ ରାଜେନ୍ଦ୍ରଙ୍କ ପାଇଁ ଅଡୁଆ ସୃଷ୍ଟି ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ମାହାଙ୍ଗା ହତ୍ୟାକାଣ୍ଡରେ ବିଧାୟକ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଅଭିଯୋଗ ଆସିବାପରେ ସେ ଦଳୀୟ ଟିକେଟରୁ ବଞ୍ଚିତ ହୋଇଥିବାବେଳେ ଅନୁରୂପ ଭାବେ ରାଜେନ୍ଦ୍ରଙ୍କ ପାଇଁ ସମାନ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ଆଲୋଚନା ହେଉଛି।

ପ୍ରକାଶ ଯେ, ରାଜେନ୍ଦ୍ର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରୁ ୨୦୦୯ରେ ସ୍ୱାଧୀନ ଏବଂ ୨୦୧୪ରେ ବିଜେଡିରୁ ଲଢି ବିଧାୟକ ରହିଥିଲେ। ୨୦୧୯ରେ ବେଗୁନିଆ ନିର୍ବାଚନମଣ୍ଡଳୀରୁ ବିଜେଡିରୁ ବିଧାୟକ ଅଛନ୍ତି। ବିଧାୟକ ପାଇଁ ଲଢିବା ସମୟରେ ସେ ଖୋର୍ଦ୍ଧା ଉପଜିଲାପାଳଙ୍କ ନିକଟରେ ମିଥ୍ୟା ଶପଥପାଠ କରିଥିଲେ। ସତ୍ୟପାଠରେ ସେ ଦର୍ଶାଇଥିବା ଶିକ୍ଷାଗତ ଯୋଗ୍ୟତା, ବ୍ୟାଙ୍କ ଋଣ ଏବଂ ତାଙ୍କ ବରୋଧରେ ରହିଥିବା ମାମଲା ସମ୍ପର୍କରେ ମିଥ୍ୟା ରିପୋର୍ଟ ପ୍ରଦାନ କରିଥିବା ନେଇ ଉପେନ୍ଦ୍ର ରାଉତରାୟ ୨୦୨୩ ନଭେମ୍ବର ୧୫ରେ ଖୋର୍ଦ୍ଧା ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଏକ ଓ୍ୱାନ୍‌ସିସି(ନଂ.୧୧୭/୨୩) କରିଥିଲେ। ତେବେ ଆବେଦନ ପ୍ରକ୍ରିୟାରେ ତ୍ରୁଟି ରହିଥିବା ଦର୍ଶାଇ ଏହାକୁ ପରିବର୍ତ୍ତନ କରିବାକୁ କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଅଭିଯୋଗକାରୀ ଦାଖଲ କରିପାରି ନ ଥିଲେ। ପରବର୍ତ୍ତୀ ସମୟରେ ନିଜ ମାମଲା ପ୍ରତ୍ୟାହାର ପାଇଁ ପୁନଃ ଆବେଦନ କରିଥିଲେ। ଗତ ଡିସେମ୍ବର ୫ରେ ଏହାର ଶୁଣାଣି କରି ପ୍ରତ୍ୟାହାର ଆବେଦନକୁ ଅନୁମତି ପାଇଁ କୋର୍ଟଙ୍କ ଅଧିକାର ନାହିଁ, ତେଣୁ ଆବେଦନ ଓ ଅଭିଯୋଗକୁ କୋର୍ଟ ଖାରଜ କରିଥିଲେ। ଏହାର ବିରୋଧରେ ଅଭିଯୋଗକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ବିଜୟଲକ୍ଷ୍ମୀ ପାଇବେ 'ପଣ୍ଡିତ ନୀଳମଣି ମିଶ୍ର ଅନୁବାଦ ସମ୍ମାନ'

**ଭୁବନେଶ୍ୱର,୪।୪(ଶର୍ମିଷ୍ଠା ପାଣିଗ୍ରାହୀ)**

କେଦାରନାଥ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଦିବଂଗତ ପଣ୍ଡିତ ନୀଳମଣି ମିଶ୍ରଙ୍କ ସ୍ମୃତିରେ ପ୍ରଦାନ କରାଯାଉଥିବା ଅନୁବାଦ ପୁରସ୍କାର ପାଇବେ ବିଶିଷ୍ଟ ଅନୁବାଦିକା ଡ. ବିଜୟଲକ୍ଷ୍ମୀ ମହାନ୍ତି। ଆସନ୍ତା ୧୨ ତାରିଖରେ ପ୍ରତିଷ୍ଠାନ ସଭାଗୃହରେ ହେବାକୁଥିବା ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯିବ। ଏ ନେଇ ସଭାପତି ରଘୁନାଥ ମିଶ୍ର, ଉପସଭାପତି ଡ. ଶକୁନ୍ତଳା ବଳିୟାରସିଂ, ସମ୍ପାଦକ ଡ. ରମେଶଚନ୍ଦ୍ର ପାଣି, ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ମହାପାତ୍ର ଏକ ପ୍ରେସବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।


**RAVENSHAW UNIVERSITY**

CAD-29 **CORRIGENDUM NOTICE**

In continuation to this Office REQUEST FOR PROPOSAL No.856 dated 04.03.2024 published in Ravenshaw University website for engagement of STATE PSU / CENTRAL PSU / DEPARTMENTAL UNDERTAKING AS PROJECT MANAGEMENT CONSULTANT FOR "CONSTRUCTION & DEVELOPMENT OF VARIOUS BUILDINGS IN MAIN CAMPUS AND MAHANADI CAMPUS, i.e. MAHANADI CAMPUS - HOSTEL BLOCK, ACADEMIC BLOCK, LIBRARY, FURNISHING WORK, CAFETERIA, STAFF RECREATION HALL, INSTALLATION OF SOLAR PANELS & STREET LIGHTS AND MAIN CAMPUS-RESEARCH SCHOLAR HOSTEL & FURNITURE, MESS INCLUDING DINING AND KITCHEN (FURNITURE & AMENITIES), STAFF QUARTER APARTMENT AND EXCLUSIVE ROAD FOR VISUALLY IMPAIRED STUDENTS at Ravenshaw University, Cuttack, Odisha, **some corrections have been made and last date of receipt, date of opening and date of presentation extended.**

For details please log into https://ravenshawuniversity.ac.in.

**No.-1207 Dt.03.04.2024** **Registrar, Ravenshaw University**

OIPR-11008/11/0002/2425


# ଡକାୟତିଯୋଜନା: ୪ ଗିରଫ, ମାରଣାସ୍ତ୍ର ଜବତ



**ଭୁବନେଶ୍ୱର,୪।୪ (ସୂର୍ଯ୍ୟକାନ୍ତ ବେହେରା):** ତମାଣ୍ଡୋ ଥାନା ଅନ୍ତର୍ଗତ ସୁବୁଦ୍ଧିପୁର ଖେଳ ପଡିଆରେ ଏକତ୍ରିତ ହୋଇ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ସ୍ଥାନୀୟ ପୋଲିସ ଚଡାଉ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ରହୁଥିବା ସେକ୍ ରହିମ ଓରଫ ରାଜା, ଅନନ୍ତ ଦାସ, ଆକାଶ ସ୍ୱାଇଁ ଓ ନିରଞ୍ଜନ ନାୟକ। ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ଛୁରି, ଗୋଟିଏ ହାମର, ଲଙ୍କା ଗୁଣ୍ଡ ପ୍ୟାକେଟ, ମଦ ବୋତଲ ଆଦି ଜବତ ହୋଇଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତମାନେ ତମାଣ୍ଡୋ ଓ କଳିଙ୍ଗବିହାର ରାସ୍ତାରେ ଯାଉଥିବା ପରିବହନ ଗାଡିଗୁଡିକର ଡ୍ରାଇଭରମାନଙ୍କୁ ମାରଣାସ୍ତ୍ର ଦେଖାଇ ଡକାୟତି ପାଇଁ ପ୍ରସ୍ତୁତ ହେଉଥିବା ପୋଲିସ କହିଛି। ତେବେ ଘଟଣାସ୍ଥଳରୁ କିଛି ଅଭିଯୁକ୍ତ ଫେରାର ହୋଇଯାଇଥିବାରୁ ସେମାନଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି।


**DISTRICT ELECTION OFFICE**
**GANJAM, CHATRAPUR**

ELECTION URGENT
SGE - 2024

Ph. No. - 06811 263859 (O),
Email ID : ganjamelection@gmail.com

L. No.1473/Elec.
XVII - 148/2024 Date : 28.03.2024

**SHORT NOTICE INVITING TENDER (SNIT)**

**No.F-1:**The Collector & District Election Officer, Ganjam, Chatrapur proposes to select Manufacturer Agency for procurement of **Handy Video Camera and Cell Phone /Mobile Phone** to shoot out the various events in connection with Simultaneous General Election-2024. The details schedule of events is given in the following manner.

**Schedule of Events**

| | | |
|---|---|---|
| Publication of tender | :- | 28-03-2024 |
| Last Date for receipt of bids | :- | 08-04-2024 (12.30 PM) |
| Opening of General bids | :- | 08-04-2024 (3.00 PM) |
| Opening of Financial bid | :- | 08-04-2024 (3.00 PM) |

The application fees of Rs. 500/- (Rupees five hundred) only in shape of Demand Draft / Banker Cheque in shape of Demand Draft in favour of Collector & District Election Officer, Ganjam payable at Chatrapur must be furnished by the tenderer. The tender application fee is non-refundable. The tender documents are available at District Election Office, Ganjam, Chatrapur. The bidders are advised to visit frequently or contact District Election office to track any modification /corrigendum etc. or to know the samples of articles in this connection. They are also advised to go through the term and condition carefully before submitting the tender paper and also see the sample item at this office. Last date of submission of tenders is 08-04-2024 by 12.30 PM. No tenders will be received after due date and time. The tender paper if any received after the above said date will not be taken into account. Canvassing in any form shall be liable for disqualification.

The interest firms are required to submit each of their General proposals. Financial proposals in sealed envelopes and the same sealed envelope containing the proposals must be delivered to the office of the Collector, Ganjam by Speed Post / Registered post / shall be dropped in the assigned drop box kept at the District Election Office, Ganjam, Chatrapur in the address of Collector & DEO, Ganjam. The Collector, Ganjam reserves the right to accept or reject any or all the tenders without assigning any reason thereof.

OIPR-12149/11/0001/2425 **Sd. /- Collector & District Election Officer, Ganjam, Chatrapur**



**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 1879/PSC** **Dt.04.04.24**
**PF-1E-05-2023/24 (DR-III)**

No. D-2: It is for information of all concerned that on the basis of written examination held on **30.04.2023** for recruitment to the post of **Post Graduate Teachers in Computer Science,** pursuant to Advt. No. 21 of 2021-22, **02 (two)** candidates bearing following Roll Nos. have been qualified for admission to the Viva Voce test. The physical verification of original certificates/ documents etc. and Viva Voce Test in respect of above qualified candidates will be conducted simultaneously in the office of the Commission at 19, Dr. P.K. Parija Road, Cuttack - 753001 on **24.04.2024** as per the programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner and **instructed to mask the Mobile No./alternative Mobile No. and Email ID through blackening)**, three passport size photographs (as uploaded in the online application form), self-attested copies of all relevant certificates/documents, etc. **with original of the same** as per **Para-10** of the aforesaid Advertisement and duly filled in **"Attestation Form" & "Bio-Data Form"** (to be downloaded from the website of the Commission) and submit the same **in person** on the day of document verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce Test.** The candidates shall be allowed to the Viva Voce Test on scheduled date and time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & VIVA VOCE TEST**

| Sl. No. | Date | Time of Document Verification | Time of Viva Voce Test | Roll No. of Candidates |
|---|---|---|---|---|
| 1. | 24.04.2024 | 8.30 A.M. | 10.30 A.M. | 300020 & 300090 = **02 Candidates** |

**N.B.:** The candidates are advised to report at the Office of the Commission **half an hour before the commencement of document verification** on their scheduled dates & time as mentioned against each.

**Note:** The candidates are informed that the pedagogy skill is part of the Interview. They are to come prepared to present a Topic of their Choice within 8 to 10 minutes before the Interview board. White Board shall be provided by the Commission for the purpose.

**OIPR-12002/11/0004/2425** **Sd./- Secretary**

## ସଂକ୍ଷେପରେ

### କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

ନିମାପଡ଼ା,୪।୪(ରଞ୍ଜନ ପଟ୍ଟନାୟକ):

ନିମାପଡ଼ା- କୋଣାର୍କ ରାସ୍ତାର ଧୀରପୁର ଛକ ନିକଟରେ କାର୍ ଧକ୍କାରେ ଗୁରୁବାର ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିଷ୍ଣୁପୁର କରଞ୍ଜିସାହି ଗ୍ରାମର ପ୍ରଭାତ ସ୍ୱାଇଁ (୩୫)। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଫଳରେ ପାଖାପାଖି ୧ ଘଣ୍ଟା ଧରି ଯାତାୟାତ ଠପ ହୋଇଥିଲା। ଆଇଆଇସି ବାମଦେବ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରିଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ପଠାଇଛି। ତେବେ କାର୍ ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଖବର ଲେଖାଯିବାବେଳକୁ କୌଣସି ମାମଲା ହୋଇ ନ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ପ୍ରଭାତ ବାଇକ୍ ଯୋଗେ କୋଣାର୍କ ପଟୁ ନିମାପଡ଼ା ଆସୁଥିଲେ। ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ କାର୍ ଧୀରପୁର ଛକ ନିକଟରେ ପ୍ରଭାତଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଫଳରେ ପ୍ରଭାତ ରାସ୍ତା ଉପରେ ଛିଟିକି ପଡ଼ିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

### ମହତାବ ରୋଡ୍‌ରେ କ୍ୟାନ୍ସର ହୁଣ୍ଡି

ପୁରୁଣା ଭୁବନେଶ୍ୱର,୪।୪(ସୁବାସ ଚନ୍ଦ୍ର ପ୍ରଧାନ)

କ୍ୟାନ୍ସର ରୋଗୀଙ୍କ ପାଇଁ ପର୍ଯ୍ୟାପ୍ତ ଅର୍ଥର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ମହତାବ ରୋଡରେ କ୍ୟାନ୍ସର ରୋଗୀଙ୍କ ସାହାଯ୍ୟାର୍ଥେ ହୁଣ୍ଡି ରଖାଯାଇଛି। ଏଥିରୁ ସଂଗୃହୀତ ଅର୍ଥକୁ କ୍ୟାନ୍ସର ରୋଗୀଙ୍କ ହିତରେ ଲଗାଯିବ ବୋଲି ପ୍ରଦୀପ ସେବା ଟ୍ରଷ୍ଟର ସଭାପତି ପ୍ରଦୀପ କୁମାର ପୃଷ୍ଟି କହିଛନ୍ତି। ସାମ୍ବାଦିକ ବିଜୟ ମିଶ୍ର, ସାମାଜିକ କର୍ମୀ ପ୍ରଭାସ ସୁନ୍ଦରାୟ, ବାପୁ ଓଝା, ଲିଙ୍ଗରାଜ ପୃଷ୍ଟି, ଅଶୋକ ସାହୁ, ପ୍ରତାପ ପଣ୍ଡା, ମଧୁସ୍ମିତା ପୃଷ୍ଟି, ବାସୁଦେବ ମିଶ୍ର, ହରେକୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱକର୍ମା ସମାଜର ବନ୍ଧୁମିଳନ

ପୁରୁଣା ଭୁବନେଶ୍ୱର,୪।୪(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ବିଶ୍ୱକର୍ମା ଭାଇ ଏବଂ ଭଉଣୀମାନଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ମହାନଗର ଶାଖା ଏବଂ ରାଜ୍ୟର ବିଭିନ୍ନ ଅଞ୍ଚଳର ପ୍ରତିନିଧି ଯୋଗଦେଇ କିଭଳି ରାଜ୍ୟରେ ବିଶ୍ୱକର୍ମା ଭାଇଙ୍କ ଉନ୍ନତି ହୋଇପାରିବ ସେ ସମ୍ପର୍କରେ କହିଥିଲେ। ସଭାରେ ପଦ୍ମଶ୍ରୀ ପ୍ରଭାକର ମହାରଣା, ଅବସରପ୍ରାପ୍ତ ଇଂ.ରାମକୃଷ୍ଣ ମହାରଣା, ଇଂ.ଯୁଗଳ କିଶୋର ମହାରଣା, ଇଂ.ଲମ୍ବୋଦର ମହାରଣା, ମନୋରଞ୍ଜନ ମହାରଣା, ଡା.ଦୀନବନ୍ଧୁ ମହାରଣା, ଦୁର୍ଗାପ୍ରସାଦ ମହାରଣା, ସୁବ୍ରତ ମହାରଣା, ରବୀନ୍ଦ୍ର ନାଥ ମହାରଣା, ବଟକୃଷ୍ଣ ଓଝା, ପରୀକ୍ଷିତ ମହାରଣା, ରାଧାକୃଷ୍ଣ ମହାରଣା, ଗୋପାଳ ମହାରଣା, ଚକ୍ରଧର ମହାରଣା, ଲିଙ୍ଗରାଜ ମହାରଣା, ରବୀନ୍ଦ୍ର ଓଝା ପ୍ରମୁଖ ଯୋଗଦେଇ ବିଶ୍ୱକର୍ମା ସମାଜର ଉନ୍ନତି ପାଇଁ ଦିଗଦର୍ଶନ ଦେଇଥିଲେ। ଶେଷରେ ଅବସରପ୍ରାପ୍ତ ଇଂ. ଲକ୍ଷ୍ମୀଧର ମହାରଣା ମତବ୍ୟକ୍ତ କରିବା ପରେ ସଭା ଶେଷ ହୋଇଥିଲା।

# ଫୋନ୍ ଚୋରି, ବିକ୍ରିକୁ ନେଇ ବଚସାରୁ ହତ୍ୟା

- ହୋଟେଲ କର୍ମଚାରୀ ହତ୍ୟା ଘଟଣା: ୨ ଗିରଫ
- କଟୁରି, ମୋବାଇଲ୍ ଫୋନ୍ ଓ ବାଇକ୍ ଜବତ

ପୁରୀ,୪।୪(ଅଜିତ୍ ମହାନ୍ତି)




ଗିରଫ ଅଭିଯୁକ୍ତ ଓ ଜବତ ମୋବାଇଲ, କଟୁରି ।

ହୋଟେଲ କର୍ମଚାରୀ ତଥା ପେଣ୍ଠକଟା ମେରାଇନ୍ ଥାନା ଅନ୍ତର୍ଗତ ବାଲିଗୁଆଳି ଗ୍ରାମର ବିକ୍ରମ କେଶରୀ ପ୍ରଧାନ ଓରଫ ରାଜାଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ୍ କରିଛି ପୋଲିସ। ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ପୁରୀ ଚନ୍ଦନପୁରର ସନ୍ତୋଷ କୁମାର ନାୟକ ଓ ଚକ୍ରତୀର୍ଥ ରୋଡ୍ ଅଞ୍ଚଳର ବିଶ୍ୱଜିତ କୁମାର ରଥଙ୍କୁ ଗିରଫ କରାଯାଇଛି। ଦୁଇ ଅଭିଯୁକ୍ତଙ୍କଠାରୁ ପୋଲିସ ଗୋଟିଏ କଟୁରୀ, ମୋବାଇଲ୍ ଫୋନ୍ ଓ ବାଇକ୍ ଜବତ କରିଛି। ମୃତକ ରାଜା ଓ ଅଭିଯୁକ୍ତ ଦ୍ୱୟ ଭଲ ସାଙ୍ଗ। ତେବେ ମୋବାଇଲ ଫୋନକୁ ନେଇ ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତ ସନ୍ତୋଷ (ବୁଲୁ) ରାଜାଙ୍କ ଫୋନକୁ ଚୋରି କରିନେଇ ଅନ୍ୟତ୍ର ବିକ୍ରି କରିଦେଇଥିଲେ, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ବଚସା ଉଗ୍ରରୂପ ନେଇଥିଲା। ଦୁଇ ଅଭିଯୁକ୍ତ ସନ୍ତୋଷ ଓ ବିଶ୍ୱଜିତ ପ୍ରଥମେ ପଥର ଓ ପରେ କଟୁରୀରେ ଅତି ବୀଭତ୍ସ ଭାବେ ରାଜାଙ୍କୁ ହତ୍ୟା କରିଥିଲେ। ଏନେଇ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୁରୀ ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ଏସ୍‌ପି ମିଶ୍ର କହିଛନ୍ତି ଯେ, ବୁଧବାର ସକାଳେ ଚକ୍ରତୀର୍ଥ ରୋଡ ନାରାୟଣ ପ୍ୟାଲେସ ଓ ଗ୍ରାମ୍ୟ ବ୍ୟାଙ୍କ ନିକଟରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ସମୁଦ୍ରକୂଳ ଥାନା ପୋଲିସକୁ ଖବର ମିଳିଥିଲା। ସମୁଦ୍ରକୂଳ ଥାନା ପୋଲିସ ସହିତ ସିଟି ଡିଏସ୍‌ପି ଏବଂ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଦୁଇଟି ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମୃତକଙ୍କ ହାତ, ମୁହଁ ଏବଂ ବେକରେ ଗଭୀର ଆଘାତ ଲାଗିଥିଲା। ଫଳରେ ମୃତଦେହ ଚିହ୍ନଟ କରିବାରେ ସମସ୍ୟା ଦେଖାଦେଇଥିଲା। ତେବେ ପରବର୍ତ୍ତୀ ସମୟରେ ମୃତ ହୋଟେଲ କର୍ମଚାରୀ ପେଣ୍ଠକଟା ମେରାଇନ୍ ଥାନା ଅନ୍ତର୍ଗତ ବାଲିଗୁଆଳି ଗ୍ରାମର ବିକ୍ରମ କେଶରୀ ପ୍ରଧାନ ଓରଫ ରାଜା ବୋଲି ଜାଣିବାକୁ ପାଇଥିଲା। ସେ ପୁରୀର ଏକ ହୋଟେଲରେ କାମ କରୁଥିବା ଜଣାପଡ଼ିଥିଲା। ଏନେଇ ସୂଚନା ପାଇବା ପରେ ପରିବାର ଲୋକେ ଆସି ମୃତଦେହ ଚିହ୍ନଟ କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ କ୍ରମେ କେସ୍ ନଂ. ୩୦୨/୨୪ ରୁଜୁ କରାଯାଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିଲା। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଭାବେ ପୃଥକ ପୃଥକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଘଟଣାର ୮ ଘଣ୍ଟା ମଧ୍ୟରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ମଙ୍ଗଳବାର ରାତିରେ ଘଟଣା ଘଟିଥିବା ଅନୁମାନ କରାଯାଉଛି। ଘଟଣାରେ ବ୍ୟବହୃତ ହୋଇଥିବା କଟୁରୀ ଓ ପଥର ସହ ମୋବାଇଲ ଜବତ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ତେବେ ବର୍ତ୍ତମାନ ତଦନ୍ତ ଚାଲିଥିବାରୁ ସମସ୍ତ ତଥ୍ୟ ପ୍ରକାଶ କରିବା ଠିକ ହେବ ନାହିଁ ବୋଲି ପୋଲିସ କହିଛି। ତେବେ ନିଶା କାରବାର ସମ୍ପର୍କରେ ଏସ୍‌ପି କୌଣସି ସୂଚନା ଦେଇନାହାନ୍ତି। ମୃତକ ଓ ଅଭିଯୁକ୍ତମାନେ ଏକ ମଦ ଦୋକାନରୁ ମଦ କଣୁଥିବା ସିସିଟିଭିରେ ଦେଖିବାକୁ ମିଳୁଛି। ତେଣୁ ନିଶା ସହ ହତ୍ୟାକାଣ୍ଡର ସମ୍ପର୍କ ଥିବା ନେଇ ଅନୁମାନ କରାଯାଉଛି। ତେବେ ତଦନ୍ତ ପରେ ସମସ୍ତ ତଥ୍ୟ ଜଣାପଡ଼ିବ। ଉକ୍ତ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଶୁଶିଲ କୁମାର ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ ଏବଂ ସମୁଦ୍ରକୂଳ ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ରଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବନ୍ଧୁକ ଦେଖାଇ ଲୁଟିନେଲେ ୨୫ଲକ୍ଷର ସୁନା, ରୁପା

ଡେଲାଙ୍ଗ,୪।୪(ରଶ୍ମୀରଞ୍ଜନ ପ୍ରଧାନ)

ଡେଲାଙ୍ଗ ଷ୍ଟେଶନ ବଜାରରେ ଜଣେ ସୁନା ଦୋକାନୀଙ୍କୁ ବନ୍ଧୁକ ଦେଖାଇ ୩ ଯୁବକ ସୁନା ଓ ରୁପା ଅଳଙ୍କାର ଲୁଟିନେଇଥିବା ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଛି। ସୁନା ଦୋକାନୀ ପ୍ରଶାନ୍ତ ମହାପାତ୍ରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ. ୧୨୩/୨୪) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟା ୮ଟା ୩୦ରେ ଡେଲାଙ୍ଗ ଷ୍ଟେଶନ ବଜାରରେ ପ୍ରଶାନ୍ତ ତାଙ୍କ ଦୋକାନ ବନ୍ଦକରି ଅଳଙ୍କାର ସବୁକୁ ବାନ୍ଧି ଏକ ବ୍ୟାଗରେ ରଖି ଘରକୁ ଯାଉଥିଲେ। ତାଙ୍କ ଘର ଦୋକାନଠାରୁ ମାତ୍ର ୧ଶହ ମିଟର ହୋଇଥିବାବେଳେ ଦାଣ୍ଡଦୁଆରେ ପୂର୍ବରୁ ପ୍ରସ୍ତୁତ ହୋଇରହିଥିବା ୬ଜଣ ଯୁବକ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ବ୍ୟାଗ ଛଡ଼ାଇ ନେଇଥିଲେ। ଏହି ଯୁବକମାନେ ୩ଟି ବାଇକ୍‌ରେ ଆସିଥିବାବେଳେ ଲୁଟ ପରେ ଦ୍ରୁତଗତିରେ ଉଦୟପୁର ଗ୍ରାମ ଦେଇ ଫେରାର୍ ହୋଇଯାଇଥିଲେ। ଲୁଟ ଅଳଙ୍କାରଗୁଡ଼ିକର ମୂଲ୍ୟ ୨୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପ୍ରଶାନ୍ତ କହିଛନ୍ତି। ଅଭିଯୋଗ ପରେ ପୋଲିସ ଡେଲାଙ୍ଗ -କଣାସ, ଡେଲାଙ୍ଗ -ପଟ୍ଟନାୟିକିଆ, ଡେଲାଙ୍ଗ-ଖୋର୍ଦ୍ଧା ରାସ୍ତାରେ ରାତି ୧୨ଟା ପର୍ଯ୍ୟନ୍ତ ନାକାବନ୍ଦୀ କରିଥିଲା। ହେଲେ ଲୁଟେରାଙ୍କ ସନ୍ଧାନ ପାଇପାରି ନ ଥିଲା। ଗୁରୁବାର ସକାଳେ ଡେଲାଙ୍ଗ ଥାନା ଆଇଆଇସି ଦେବାଶିଷ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ନିକଟସ୍ଥ ଦୋକାନୀମାନଙ୍କୁ ପଚରାଉଚରା କରି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା ଜଣାପଡ଼ିଛି।

## ଜଗଦ୍ଦେବ ହେବେ ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ: ଅପରାଜିତା



କାର୍ଯ୍ୟକ୍ରମରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

ଟାଙ୍ଗୀ,୪।୪(ରଘୁନାଥ ସାହୁ)

ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀଭାବେ ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କ ନାମ ଖୁବ୍‌ଶୀଘ୍ର ଘୋଷଣା ହେବ ବୋଲି ଗୁରୁବାର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପୁନର୍ବାର କହିଛନ୍ତି। କିଛିଦିନ ତଳେ ଅନ୍ୟ ଏକ କାର୍ଯ୍ୟକ୍ରମରେ ଅପରାଜିତା ଏଭଳି ସୂଚନା ଦେଇଥିଲେ। ଏହାକୁ ନେଇ ସେତେବେଳେ ଦଳରେ କନ୍ଦଳ ଦେଖାଦେଇଥିଲା। ଅନ୍ୟତମ ଆଶାୟୀ ପ୍ରାର୍ଥୀ କାଳୁ ଚରଣ ଖଣ୍ଡାୟତରାୟଙ୍କ ସମର୍ଥକମାନେ ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ପହଞ୍ଚି ଜୋରଦାର ବିରୋଧ ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ନିଜେ ଜଗଦ୍ଦେବ ପହଞ୍ଚି କହିଥିଲେ, ମୁଁ ନିର୍ବାଚନ ଲଢ଼ିବା ପାଇଁ ଭାଜପାକୁ ଆସିନାହିଁ। ଦଳ ଚାହିଁଲେ ଲଢ଼ିବି। କାଳୁଚରଣଙ୍କ ପ୍ରତି ମୋର ସମର୍ଥନ ରହିଛି ବୋଲି ସେ ପ୍ରକାଶ କରିଥିଲେ। ସେହିପରି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଉତ୍ତ୍ୟକ୍ତ କର୍ମୀମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏପରିସ୍ଥଳେ ଗୁରୁବାର ଟାଙ୍ଗୀ ଗଣେଶ ଭବନଠାରେ ଭାଜପାର ବ୍ଲକ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଅପରାଜିତାଙ୍କ ଉପରୋକ୍ତ ମନ୍ତବ୍ୟ ପୁଣି ଚର୍ଚ୍ଚାର ଖୋରାକ ଯୋଗାଇଥିବା ବେଳେ ଦଳରେ ଅସନ୍ତୋଷ ସୃଷ୍ଟି କରିବାର ଆଶଙ୍କା ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ସଭାପତିତ୍ୱ କରିଥିବା ବେଳେ ଭୁବନେଶ୍ୱର ଲୋକସଭାକ୍ଷେତ୍ର ଭାଜପା ପ୍ରଭାରୀ ଜୀବନ କୁମାର ସାହୁ, ପୂର୍ବତନ ଜିଲା ସଭାପତି ନିକୁଞ୍ଜ କିଶୋର ପଟ୍ଟନାୟକ, ଜିଲା ସମ୍ପାଦକ ହେମନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଗ୍ରୀଷ୍ମ ପ୍ରବାହକୁ ନେଇ କଟକ ମିଶନରୋଡ୍ ପାର୍ଶ୍ୱରେ ଜଣେ ବ୍ୟବସାୟୀ ଟୋପି ବିକ୍ରି ପାଇଁ ସଜ୍ଜିତ କରି ରଖୁଛନ୍ତି।

## ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

ନାବାଳିକା ବଳାତ୍କାର ମାମଲା

କଟକ,୪।୪ (କାର୍ତ୍ତିକ ସାହୁ)

ନାବାଳିକା ବଳାତ୍କାର ମାମଲାରେ କଟକ ଆଡହକ୍ ଆଡିସିନାଲ୍ ଜିଲା ଓ ସେସନ୍ ଜଜ୍ କୋର୍ଟ ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ କଟକ ସଦର ଥାନା ଅଧୀନ ଦକ୍ଷିଣ ଉଷୁମା ଅଞ୍ଚଳର ଭୁଜିଆ ଭୋଇ। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ କଟକ ଜିଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି। ସୂଚନା ଅନୁସାରେ, ଭୁଜିଆ ୨୦୨୨ ମେ' ୧୫ ତାରିଖରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା କଟକ ସଦର ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୨୦୨୨ ଜୁଲାଇ ୭ରେ ଭୁଜିଆଙ୍କ ବିରୋଧରେ ପୋଲିସ୍ କୋର୍ଟରେ ଅଭିଯୋଗପର୍ତ୍ତ ଦାଖଲ କରିଥିଲା। ଅଦାଲତ ମାମଲାର ବିଚାର କରି ରାୟ ସଂରକ୍ଷିତ ରଖିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ୨୩ ପ୍ରାଣୀ ଚିକିତ୍ସାକେନ୍ଦ୍ରରେ ତାଲା: ସଙ୍କଟରେ ଗୋସମ୍ପଦ

ପିପିଲି,୪।୪(ଦୁର୍ଗାମାଧବ ମିଶ୍ର):

ପିପିଲି ବ୍ଲକରେ ଗୋସମ୍ପଦ ପ୍ରତି ସଙ୍କଟ ସୃଷ୍ଟି ହୋଇଛି। ବ୍ଲକର ଚନ୍ଦ୍ରାଦେଇପୁର, ଜସୁଆପୁର, ନୂଆହାଟ, ମକୁନ୍ଦପୁର, ମଙ୍ଗଳପୁର, ହାଟସାହି, ସହଜପୁର, ତେଇଶିପୁର ସମେତ ୨୫ ପଞ୍ଚାୟତରେ ଥିବା ମୋଟ ୨୨ଟି ପ୍ରାଣୀ ଚିକିତ୍ସା କେନ୍ଦ୍ର ମଧ୍ୟରୁ ୧୭ଟି କେନ୍ଦ୍ରରେ ଦୀର୍ଘଦିନ ଧରି ତାଲା ଝୁଲୁଛି। ପ୍ରାଣୀ ଚିକିତ୍ସକ ଓ କର୍ମଚାରୀ ଅଭାବ ଏହାର କାରଣ। ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସମେତ ମାତ୍ର ୭ଜଣ ପ୍ରାଣୀ ଚିକିତ୍ସକ ଦାୟିତ୍ୱ ତୁଲାଉଥିବା ଜଣାପଡ଼ିଛି। ପିପିଲି ବ୍ଲକରେ ୩୦ ହଜାରରୁ ଊର୍ଦ୍ଧ୍ୱ ଗୋରୁ, ୨୦ ହଜାରରୁ ଊର୍ଦ୍ଧ୍ୱ ଛେଳି ମେଣ୍ଢା, ୩ ଶହରୁ ଅଧିକ ମଇଁଷି, ୪ଶହରୁ ଅଧିକ ଘୁଷୁରୀ ସମେତ କୁକୁର, ବିଲେଇ ପ୍ରଭୃତି ଗୃହପାଳିତ ପ୍ରାଣୀ ଥିବାବେଳେ ଏମାନଙ୍କ ଚିକିତ୍ସା ପାଇଁ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ତେଣୁ ଏହି ଗୃହପାଳିତ ପ୍ରାଣୀ ଅସୁସ୍ଥ ହୋଇପଡ଼ିଲେ ଚିକିତ୍ସା ସୁବିଧା ପାଇବା କଷ୍ଟକର ହୋଇପଡୁଛି। ଗୁରୁତର ଅସୁସ୍ଥତା ସମୟରେ ସେମାନଙ୍କ ଜୀବନ ସଙ୍କଟ ଆଡ଼କୁ ଠେଲି ହୋଇଯାଉଛି। ଚିକିତ୍ସା ଅଭାବରୁ ଗୋରୁ, ଛେଳି, ମେଣ୍ଢାଙ୍କ ମୃତ୍ୟୁ ଘଟୁଛି। ସରକାର ପ୍ରାଣୀ ଚିକିତ୍ସା ଉପରେ ଗୁରୁତ୍ୱ ଦେଉଥିବା ବେଳେ ପିପିଲି ବ୍ଲକରେ ଏଭଳି ଚିତ୍ର ପ୍ରଶାସନିକ ଅବହେଳାକୁ ସୂଚାଉଛି। ଅନେକ ପ୍ରାଣୀ ଚିକିତ୍ସାଳୟ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବାବେଳେ ଉପକରଣ ଖତ ଖାଉଛି। ଅଞ୍ଚଳବାସୀ ଏ ନେଇ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ଅଭିଯୋଗ ଜଣାଇଲେ ମଧ୍ୟ ନିରାଶ ହେବାକୁ ପଡୁଛି। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଆଲୋକ ମିଙ୍କୁ ପଚାରିବାରେ ସେ କହିଛନ୍ତି, ପିପିଲି ବ୍ଲକରେ ୨୨ରୁ ଅଧିକ ସଂଖ୍ୟକ ପ୍ରାଣୀ ଚିକିତ୍ସା ନିରୀକ୍ଷକ ଆବଶ୍ୟକ। ହେଲେ ଆମ ପାଖରେ ଅଛନ୍ତି ମାତ୍ର ୭ ଜଣ। ତେଣୁ ସମ୍ପୂର୍ଣ୍ଣ ବ୍ଲକରେ ସେବା ଯୋଗାଇବା କଷ୍ଟକର ହୋଇପଡୁଛି। ନୂତନ କର୍ମଚାରୀ ନିଯୁକ୍ତି ନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଇବୁ।

## ପୁଣି ମାମଲାର ସମ୍ମୁଖୀନ ହୋଇପାରନ୍ତି ରାଜେନ୍ଦ୍ର

ଖୋର୍ଦ୍ଧା,୪।୪(ପ୍ରଭାତ ପାଣିଗ୍ରାହୀ)

ବେଗୁନିଆ ବିଧାୟକ ତଥା ଖୋର୍ଦ୍ଧା ଜିଲା ଯୋଜନା କମିଟି ସଭାପତି ରାଜେନ୍ଦ୍ର ସାହୁ ପୁଣି ଥରେ ମିଥ୍ୟା ସତ୍ୟପାଠ ସମ୍ପର୍କିତ ମାମଲାର ସମ୍ମୁଖୀନ ହୋଇପାରନ୍ତି। ୨୦୦୯, ୨୦୧୪ ନିର୍ବାଚନ ସମୟରେ ରାଜେନ୍ଦ୍ର ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ନେଇ ସାମାଜିକକର୍ମୀ ଉପେନ୍ଦ୍ର ରାଉତରାୟ ଖୋର୍ଦ୍ଧା ଏସ୍‌ଡିଜିଏମ୍‌ଙ୍କ କୋର୍ଟରେ ଦାଖଲ କରିଥିବା ଓ୍ୱାନ୍‌ସିସି ମାମଲା ଖାରଜ ହେବା ପରେ ସେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଜଷ୍ଟିସ ଶିବଶଙ୍କର ମିଶ୍ର ଏହି ଆବେଦନକୁ ଗ୍ରହଣ କରି ମାମଲା ସମାପ୍ତ କରିଥିବା ବେଳେ ଅଭିଯୋଗକାରୀ କରିଥିବା ଅଭିଯୋଗର ସମସ୍ତ ଦସ୍ତାବିଜ ଫେରସ୍ତ କରିବାକୁ ତଳକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଆବେଦନକାରୀ ଚାହିଁଲେ ଆଇନ ଅନୁଯାୟୀ ପୁଣି ଏକ ସାନି ମାମଲା ତଳକୋର୍ଟରେ କରିପାରିବେ ବୋଲି ଆଦେଶରେ ଦର୍ଶାଇଛନ୍ତି। ଏହି ଆଦେଶ ଆସିବା ପରେ ରାଜେନ୍ଦ୍ରଙ୍କ ପାଇଁ ଅଡୁଆ ସୃଷ୍ଟି ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ମାହାଙ୍ଗା ହତ୍ୟାକାଣ୍ଡରେ ବିଧାୟକ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଅଭିଯୋଗ ଆସିବାପରେ ସେ ଦଳୀୟ ଟିକେଟରୁ ବଞ୍ଚିତ ହୋଇଥିବାବେଳେ ଅନୁରୂପ ଭାବେ ରାଜେନ୍ଦ୍ରଙ୍କ ପାଇଁ ସମାନ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ଆଲୋଚନା ହେଉଛି।

## 'ମାନୁଷୀ ପ୍ରେମଠାରୁ ଦିବ୍ୟପ୍ରେମର ଭାବ ନିଆରା'



ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀରେ ଉପସ୍ଥିତ ଜନସାଧାରଣ।

କଟକ,୪।୪ (କାର୍ତ୍ତିକ ସାହୁ)

**ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଉଦ୍‌ଘାଟିତ**

କଟକ ମାତୃଭବନ ପରିସରରେ ୫୩ତମ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରତିନିଧିମାନଙ୍କ ମାର୍ଚ୍ଚପାଷ୍ଟ ଓ ବନ୍ଦେ ମାତରମ୍ ଧ୍ୱନି ଉତ୍ସାହ ବଢାଇଥିଲା। ସମଗ୍ର ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ପ୍ରତିନିଧି ଏଥିରେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ସୁପର୍ଣ୍ଣୋ ଶତପଥୀ ଯୋଗଦେଇ ଅଧ୍ୟାପକ ପ୍ରପତ୍ତିଙ୍କ ଜନ୍ମ ଶତବାର୍ଷିକୀ ଉଦ୍ଦେଶ୍ୟରେ ଆୟୋଜିତ ଏକ ସୁଦୃଶ୍ୟ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଶ୍ରୀଅରବିନ୍ଦଙ୍କ ସମାଧି ଚତୁଃପାର୍ଶ୍ୱରେ ସମୂହ ଧ୍ୟାନ କରାଯାଇଥିଲା। ସାନ୍ଧ୍ୟ ସମ୍ମିଳନୀରେ ପ୍ରପତ୍ତିଙ୍କ ରଚନା ସଂଗ୍ରହର ପୁସ୍ତକ ଉନ୍ମୋଚନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଡ. ଆଲୋକ ପାଣ୍ଡେ ଦିବ୍ୟପ୍ରେମର ଅବକ୍ଷୟ ଶ୍ରୀମା-ଶ୍ରୀଅରବିନ୍ଦ ପ୍ରସଙ୍ଗରେ ଅଭିଭାଷଣ ଦେଇଥିଲେ। ଅନ୍ୟତମ ବକ୍ତା ଭାବେ ଅଧ୍ୟାପିକା ଡ. ଅର୍ଚ୍ଚନା ନାୟକ ମାନୁଷୀ ପ୍ରେମଠାରୁ ଦିବ୍ୟପ୍ରେମର ଭାବ ସମ୍ପର୍କିତ ଏକ ତୁଳନାତ୍ମକ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଡ. ଶ୍ୟାମା କାନୁନ୍‌ଗୋ ସାବିତ୍ରୀ ଆବୃତ୍ତି ଓ ବନ୍ଦିତା ରାୟ ଆବାହନୀ ସଙ୍ଗୀତ ଗାନ କରିଥିଲେ। ମାତୃଭବନ ଟ୍ରଷ୍ଟର ଅଧ୍ୟକ୍ଷ ଦୀପକ ସାମନ୍ତରାୟ ପୌରୋହିତ୍ୟ କରିଥିଲେ। ମାତୃଭବନର ସମ୍ପାଦକ ଗଦାଧର ମିଶ୍ର ବକ୍ତବ୍ୟ ଦେଇଥିଲେ। ଏହି ସମ୍ମିଳନୀ ଆସନ୍ତା ୭ ତାରିଖ ଯାଏ ଚାଲିବ।

## ଅଟକିଛି ବିଜେଡିର ସାଲେପୁର ପ୍ରାର୍ଥୀ ଘୋଷଣା

କଟକ,୪।୪(ଶିଳ୍ପା ପ୍ରିୟଦର୍ଶିନୀ)

**ପ୍ରକାଶ ଦଳରେ ଯୋଗଦେବା ପରେ ବଢୁଛି ସସ୍‌ପେନ୍ସ**



ପ୍ରଶାନ୍ତ ବେହେରା



ପ୍ରକାଶ ବେହେରା

ବିଜେଡିର ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ଘୋଷଣା ସରିଛି। ହେଲେ ଏବେ ବି ସାଲେପୁର ଓ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ। ୫ଦିନ ତଳେ ଭାଜପାରୁ ଇସ୍ତଫା ଦେଇଥିବା ପୂର୍ବତନ ବିଧାୟକ ପ୍ରକାଶ ବେହେରା ବୁଧବାର ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ଚଳିତ ନିର୍ବାଚନ ପାଇଁ ଏବେ ଦଳ କାହାକୁ ଟିକେଟ ଦେବ ତାହାକୁ ନେଇ ନାନା ତର୍ଜମା ଚାଲିଛି। ଏପରି କି ବର୍ତ୍ତମାନର ସାଲେପୁର ବିଜେଡି ବିଧାୟକ ପ୍ରଶାନ୍ତ ବେହେରାଙ୍କୁ ଦଳ ଟିକେଟ ଦେବ ନା ନୂଆ କରି ଯୋଗଦେଇଥିବା ପ୍ରକାଶଙ୍କୁ ଦଳ ସୁଯୋଗ ଦେବ ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏପରି କି ଟିକେଟ ଦ୍ୱନ୍ଦ୍ୱ ଏକ ପ୍ରକାରର ଛିଣ୍ଡୁ ନ ଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦି ପ୍ରକାଶଙ୍କୁ ଦଳ ଟିକେଟ ଦିଏ ତେବେ ପ୍ରଶାନ୍ତଙ୍କୁ ନିରାଶ କରିବ ନାଁ ଅନ୍ୟ କେଉଁ ଦାୟିତ୍ୱ ଦେବ ତାହାକୁ ନେଇ ତର୍ଜମା କରାଯାଉଛି। ୨୦୧୪ରେ ପ୍ରକାଶ କଂଗ୍ରେସ ଟିକେଟରୁ ଲଢି ସାଲେପୁର ବିଧାୟକ ହୋଇଥିଲେ। ହେଲେ ୨୦୧୯ ନିର୍ବାଚନ ସମୟରେ ସେ ଭାଜପାରେ ସାମିଲ ହୋଇଥିଲେ। ପରେ ଭାଜପା ପ୍ରକାଶଙ୍କୁ ସାଲେପୁରରୁ ଟିକେଟ୍ ଦେଇଥିଲା। ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ବେହେରାଙ୍କଠାରୁ ୩୦ ହଜାରରୁ ଅଧିକ ଭୋଟ୍‌ରେ ସେ ପରାସ୍ତ ହେଇଥିଲେ। ପୂର୍ବରୁ ୨ଥର ଟିକେଟ ପାଇ ଥରେ ବିଜୟୀ ଓ ଥରେ ପରାଜିତ ହୋଇଥିବା ପ୍ରକାଶ ୨୦୨୪ ନିର୍ବାଚନରେ ବିଜେଡିରୁ ଯଦି ଟିକେଟ ପାଇବେ, ତେବେ ତୃତୀୟଥର ପାଇଁ ନିର୍ବାଚନ ଲଢ଼ିବେ। ସେହିପରି ସାଲେପୁର ବିଜେଡି ବିଧାୟକ ପ୍ରଶାନ୍ତ ବେହେରା ୨୦୧୨ରେ ପଞ୍ଚାୟତ ନିର୍ବାଚନ ଲଢ଼ି ଜିଲା ପରିଷଦ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ୨୦୧୯ରେ ପ୍ରଥମଥର ପାଇଁ ସାଲେପୁର ନିର୍ବାଚନ ମଣ୍ଡଳୀରୁ ବିଜେଡି ଟିକେଟ ପାଇ ପ୍ରତିଦ୍ୱନ୍ଦ୍ୱୀ ପ୍ରକାଶ ବେହେରାଙ୍କୁ ପରାଜିତ କରିଥିଲେ। ୨୦୨୪ ନିର୍ବାଚନରେ ଯଦି ଦଳ ତାଙ୍କୁ ଟିକେଟ ଦିଏ ତେବେ ଦ୍ୱିତୀୟଥର ପାଇଁ ସେ ନିର୍ବାଚନ ଲଢ଼ିବେ। ସୂଚନାଯୋଗ୍ୟ, ସାଲେପୁରରେ ୧୯୯୦ରେ କାଳିନ୍ଦୀ ବେହେରା ଜନତା ଦଳ ପକ୍ଷରୁ ନିର୍ବାଚନ ଜିତିଥିଲେ। ସେହିପରି ୧୯୯୫ରେ କଂଗ୍ରେସରୁ ରବୀନ୍ଦ୍ର ବେହେରା, ୨୦୦୦ ଓ ୨୦୦୪ରେ ବିଜେଡିରୁ କାଳିନ୍ଦୀ ବେହେରା, ୨୦୦୯ରେ ବିଜେଡିରୁ ଚନ୍ଦ୍ରସାରଥି ବେହେରା ନିର୍ବାଚିତ ହୋଇଥିଲେ। ତେବେ ୫ ଦିନ ତଳେ ଭାଜପାରୁ ଇସ୍ତଫା ଦେବା ପରେ ପ୍ରକାଶ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ, ଦଳରେ କୋଣଠେସା ହୋଇ ଯାଇଛନ୍ତି। ଦଳ ପାଇଁ ଯାହା କରିବାକୁ ଚାହୁଁଥିଲେ ତାଙ୍କୁ ଗୁରୁତ୍ୱ ଦିଆଯାଉ ନ ଥିଲା। ୨୦୨୪ ନିର୍ବାଚନ ପାଇଁ ପ୍ରସ୍ତୁତ ରହିଛି। ନିଜ ଶୁଭେଚ୍ଛୁଙ୍କ ସହ ସମସ୍ତ ବିଷୟରେ ଆଲୋଚନା କରି ନିଷ୍ପତ୍ତି ନେବି ବୋଲି ସେ କହିଥିଲେ। ଏବେ ବିଜେଡିରେ ଯୋଗଦେବା ପରେ ନିର୍ବାଚନ ନେଇ କେତେ ପ୍ରସ୍ତୁତ ଓ ଟିକେଟ ପାଇବା ନେଇ କେତେ ଉତ୍ସାହୀ ରହିଛନ୍ତି ସେ ସମ୍ପର୍କରେ ପ୍ରକାଶଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ଉଭୟ ପୂର୍ବତନ ବିଧାୟକ ପ୍ରକାଶ ଓ ବିଧାୟକ ପ୍ରଶାନ୍ତଙ୍କ ସଙ୍ଗଠନ ମଜଭୁତ ରହିଥିବାବେଳେ ଦଳ ଏବେ କାହାକୁ ଟିକେଟ ଦେବ ତାହା ଦେଖିବାକୁ ବାକି ରହିଲା।

**ସଂକ୍ଷେପରେ**

## କାଳିଆ ଠାକୁର ଡ୍ରାମାଟିକ କ୍ଲବର ବାର୍ଷିକୋତ୍ସବ

**ଅସ୍ତରଙ୍ଗ,୪।୪(ମମତା ଜେନା):**

ଅସ୍ତରଙ୍ଗ ବ୍ଲକ ଅଧୀନ ଝାଡ଼ଲିଙ୍ଗ ଗ୍ରାମର କାଳିଆ ଠାକୁର ଡ୍ରାମାଟିକ କ୍ଲବ ଆନୁକୂଲ୍ୟରେ ୧୯ତମ ବାର୍ଷିକୋତ୍ସବ ଉପଲକ୍ଷେ ୨ଟି ନାଟକ 'କେତେ ଦୁଃଖ ଦେବୁ ଦେରେ କାଳିଆ' ଓ 'ଆସିଛି ଏକା ଯିବି ମୁଁ ଏକା' ଗୁରୁବାର ମଞ୍ଚସ୍ଥ ହୋଇଯାଇଛି। କ୍ଲବ ଉପଦେଷ୍ଟା ପ୍ରଦୀପ୍ତ ବିଶ୍ୱାଳ ଏଥିରେ ତତ୍ତ୍ୱାବଧାନ କରିଥିଲେ। ସଭାପତି ଚିତ୍ତରଞ୍ଜନ ବାରିକ, ସମ୍ପାଦକ ଅରକ୍ଷିତ ରାଉତ, କମଳାକାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ମଞ୍ଚସ୍ଥ ନାଟକରେ ନାଟ୍ୟ ନିର୍ଦ୍ଦେଶନା ରଞ୍ଜନ କୁମାର, ଦିଲୀପ ସାର୍ ଓ ସଙ୍ଗୀତରେ ମାଷ୍ଟର ତ୍ରିଲୋଚନ ଭୂମିକା ନିର୍ବାହ କରିଥିଲେ। ନାଟକ ୨ଟିରେ ବିଭିନ୍ନ ଭୂମିକାରେ ବଂଶୀଧର, ଦିଲୀପ, ପପୁ, ଦିଲୁ, ବାନା, କବି, ପିଲୁ, ବାଉରୀବନ୍ଧୁ, ନିରୁ, ଦିଲୀପ, ଚିତ୍ତରଞ୍ଜନ, ଅରକ୍ଷିତ, ପବିତ୍ର, ନାଲୁ, ମନୁଆ, ନାରୀ ଭୂମିକାରେ ଅନିତା, ଲୀନା, ପୂର୍ଣ୍ଣିମା, ଗୀତା, ଲୁସି ପ୍ରମୁଖ ଅଭିନୟ କରିଥିଲେ। ଗ୍ରାମବାସୀ ଏଥିରେ ସହଯୋଗ କରିଥିବାବେଳେ ନାଟକ ଦେଖିବାକୁ ଦର୍ଶକଙ୍କର ଭିଡ଼ ଜମିଥିଲା।

## ସାଇ ଗ୍ଲୋବାଲ କିଡ୍ସ ସ୍କୁଲର ୯ମ ପ୍ରତିଷ୍ଠା ଦିବସ

**ପୁରୀ,୪।୪(ଅଜିତ୍ ମହାନ୍ତି):**

ସ୍ଥାନୀୟ ଭିଆଇପି ରୋଡ଼ସ୍ଥିତ ସାଇ ଗ୍ଲୋବାଲ କିଡ୍ସ ସ୍କୁଲ ପରିସରରେ ବିଦ୍ୟାଳୟର ୯ମ ପ୍ରତିଷ୍ଠା ଦିବସ ସହିତ ଓଡ଼ିଶା ଦିବସ ସୋମବାର ପାଳିତ ହୋଇଯାଇଛି। ପୁରୀ ଓକିଲ ସଂଘର ପୂର୍ବତନ ସଭାପତି ପୁଷ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୃଜନଶୀଳତା ଓ ସଂସ୍କାରଯୁକ୍ତ ଶିକ୍ଷାକୁ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ପ୍ରଦାନ ନିମନ୍ତେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାବିତ୍ ତଥା ଆଇନଜୀବୀ ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ଉଦ୍ୟମରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟ ଛୋଟପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଶ୍ରୀକ୍ଷେତ୍ର ଚିନ୍ତନ ଚକ୍ର ସଭାପତି ଅନିମା ଦାଶ ପ୍ରକାଶ କରିଥିଲେ। ଉତ୍ସବରେ ଅନ୍ୟତମ ଅତିଥି ଭାବେ ପତଞ୍ଜଳି ଯୋଗ ସମିତିର ଜିଲା ସଭାପତି ମହେଶ ପ୍ରସାଦ ରଥ ଓ ବରିଷ୍ଠ ଆଇନଜୀବୀ କ୍ଷେତ୍ରବାସୀ ରଥ, ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ପ୍ରିୟଦର୍ଶିନୀ ପାଣି, ସାଇ ସ୍ମାର୍ଟ ସ୍କୁଲ ଅଧ୍ୟକ୍ଷା ସରିତା ଦେବୀଙ୍କ ସହିତ ବହୁ ବିଶିଷ୍ଟବ୍ୟକ୍ତି ଯୋଗଦେଇ ଓଡ଼ିଶା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଶିକ୍ଷୟିତ୍ରୀ ସ୍ନେହଲତା ଦାଶ, ସୋନମ୍ ଚାଟାର୍ଜୀଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଶାସନର ନୀରବତାକୁ ନେଇ ଉଠିଲା ପ୍ରଶ୍ନ

**କୋଣାର୍କ ଥାନା ପରିସରରେ ୫ ମହଲା ବିଶିଷ୍ଟ ପୋଲିସ ବାରାକ ନିର୍ମାଣ ପ୍ରସଙ୍ଗ**

**କୋଣାର୍କ,୪।୪(ଜ୍ୟୋତିରାଜ ମହାନ୍ତି):**



କୋଣାର୍କ ଥାନା ପରିସରରେ ଓଡ଼ିଶା ପୋଲିସ ହାଉସିଂ ବୋର୍ଡ ସହାୟତାରେ ୫ମହଲା ବିଶିଷ୍ଟ ପୋଲିସ ବାରାକ୍ ନିର୍ମାଣ ଚାଲିଛି। ଏଥିଯୋଗୁ ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିର ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇପାରେ ବୋଲି ସାଧାରଣରେ ଅଭିଯୋଗ ହେଉଛି। କୀର୍ତ୍ତିରାଜି ସୁରକ୍ଷା ଆଇନର ଉଲ୍ଲଂଘନ ଏବଂ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ନିର୍ମାଣ କାର୍ଯ୍ୟ ଚାଲିଥିବା ଅଭିଯୋଗ ମଧ୍ୟ ଉଠୁଛି। ଏହାସତ୍ତ୍ୱେ ପୁରୀ ଜିଲା ପ୍ରଶାସନ, ପିକେଡିଏ ଏବଂ ପୋଲିସ ହାଉସିଂ ବୋର୍ଡ କର୍ତ୍ତୃପକ୍ଷଙ୍କ ନୀରବତାକୁ ନେଇ କୋଣାର୍କ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରଶ୍ନ ଉଙ୍କିମାରିଛି।

ସୂଚନା ଅନୁଯାୟୀ, କେନ୍ଦ୍ର ସରକାରଙ୍କ ଐତିହ୍ୟ ଓ କୀର୍ତ୍ତିରାଜିର ସୁରକ୍ଷା ଦୃଷ୍ଟିରୁ ଦୁଇମହଲା କୋଠା ନିର୍ମାଣ ପାଇଁ ପୁରୀ- କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଅନୁମତି ଦେବାର ଆଇନଗତ ବ୍ୟବସ୍ଥା ରହିଛି। ତେବେ କାହା ଅନୁମତିରେ କୋଣାର୍କ ଥାନା ପରିସରରେ ୫ମହଲା କୋଠା ନିର୍ମାଣ କରାଯାଉଛି ତାହା ଏବେ ପ୍ରଶ୍ନବାଚୀ ହୋଇଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗ ନେଇ ବାରମ୍ବାର ଅଭିଯୋଗ ହେବା ସହ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ତେବେ ଜିଲା ପ୍ରଶାସନ ଏବଂ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ସବୁ ଜାଣିଶୁଣି ନୀରବଦ୍ରଷ୍ଟା ସାଜିବାକୁ ବୁଦ୍ଧିଜୀବୀମାନେ ନାପସନ୍ଦ କରିଛନ୍ତି। ଏହି ନିର୍ମାଣ କାର୍ଯ୍ୟ ଉପରେ ତୁରନ୍ତ ରୋକ ଲଗାଇବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

# ପର୍ଯ୍ୟଟକଙ୍କ ପାଇଁ ଲାଗିଲା ସୂଚନାଫଳକ



**ଗୋପ,୪।୪(ଭାରତୀ ଭୂଷଣ ଉପାଧ୍ୟାୟ):**

ଗୋପ ବଜାରର ଦୁଇ ପାର୍ଶ୍ୱରେ ପୂର୍ତ୍ତ ବିଭାଗ ପକ୍ଷରୁ କେଉଁ ଦିଗକୁ କିଏ ଯିବ ସେଥିପାଇଁ ସୂଚନା ବୋର୍ଡ଼ ଲଗାଯାଇଛି। କିଛି ଦିନ ଧରି ପୁରୀ, କୋଣାର୍କ ବୁଲି ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିଲେ। ଫଳରେ ସଙ୍କେତ ବୋର୍ଡ଼ ଲଗାଯିବା ପରେ ପର୍ଯ୍ୟଟକ ସୁବିଧାରେ ଯା ଆସ କରିପାରିବେ। ପ୍ରକାଶ ଯେ, ଦୈନନ୍ଦିନ ଦେଶ ବିଦେଶର ପର୍ଯ୍ୟଟକମାନେ ପୁରୀ, କୋଣାର୍କ ବୁଲି ଯାଉଥିବାବେଳେ ଗୋପ ବଜାର ଛକରେ ଅସୁବିଧା ଭୋଗ କରିବା ସହ ଅନ୍ୟ ରାସ୍ତାରେ ପଳାଇ ଯାଉଥିଲେ। ଏହାକୁ ଦୃଷ୍ଟିରେ ରଖି ଏହି ସଙ୍କେତ ବୋର୍ଡ଼ ଲଗାଯାଇଥିବା ଗୋପ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ କହିଛନ୍ତି। ଏବେ ପର୍ଯ୍ୟଟକଙ୍କ ସହିତ ଅନ୍ୟାନ୍ୟ ଯାତ୍ରୀ ସୁବିଧାରେ ଯା ଆସ କରିପାରିବେ ବୋଲି ଜଣାପଡ଼ିଛି।

# 'ମା'ମାନେ ପ୍ରଥମେ ସଂସ୍କାରୀ ହେବା ଆବଶ୍ୟକ'



ବେଗୁନିଆସ୍ଥିତ ସତ୍ୟସାଇ ବିଦ୍ୟା ମନ୍ଦିରର ନବମ ବାର୍ଷିକୋତ୍ସବରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

**ଗୋପ,୪।୪(ଭାରତୀ ଭୂଷଣ ଉପାଧ୍ୟାୟ):**

ମା'ମାନେ ଛାତ୍ରୀଛାତ୍ରଙ୍କ ପ୍ରଥମ ଗୁରୁ ହୋଇଥିବାରୁ ସେମାନେ ପ୍ରଥମେ ସଂସ୍କାରୀ ହେବା ଆବଶ୍ୟକ। ଏଣୁ ମା'ମାନଙ୍କୁ ଅନୁକରଣ କରି କାଲିର ଭବିଷ୍ୟତ କୁହାଯାଉଥିବା ଶିଶୁମାନେ ଜଣେ ଜଣେ ଭଲ ମଣିଷ ହୋଇପାରିବେ। ଗୋପ ବ୍ଲକ ଅଧୀନ ବେଗୁନିଆସ୍ଥିତ ସତ୍ୟସାଇ ବିଦ୍ୟା ମନ୍ଦିରର ନବମ ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ପ୍ରତିଭା ମହାରଥୀ ଏପରି କହିଛନ୍ତି। ବିଦ୍ୟା ମନ୍ଦିର ଅଧ୍ୟକ୍ଷ ପ୍ରଦୀପ୍ତ ଖଟୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟା ମନ୍ଦିର ସଭାପତି ରଞ୍ଜନ ସାହୁ, କୋଣାର୍କ ଐତିହ୍ୟ ପରିଷଦ ସମ୍ପାଦକ ସଞ୍ଜୟ ବରାଳ, ଗୋପ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ, ଶିକ୍ଷାବିତ୍ ଦୟାନିଧି ବେହେରା, ସାମାଜିକ କର୍ମୀ ଜୟଦେବ ମହାପାତ୍ର, ବିଦ୍ୟା ମନ୍ଦିର ସମ୍ପାଦିକା ସୁଧାମୟୀ ଖଟୋଇ ଯୋଗଦେଇଥିଲେ। କୁନିକୁନି ପିଲାଙ୍କ ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଯାଉଥିବାବେଳେ ମୋବାଇଲ ସହିତ ଟିଭି ଚ୍ୟାନେଲଠାରୁ ଦୂରେଇ ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟା ମନ୍ଦିର ପକ୍ଷରୁ ଆଉ କେତେକ ଆଗଧାଡିର ଶିଶୁ ମନ୍ଦିର ସମ୍ପାଦକ, ଶିକ୍ଷାବିତ୍‌ଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ସହିତ କ୍ରୀଡ଼ା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ସହିତ କପ୍ ସିଲ୍ ଦେଇ ସମ୍ମାନିତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଅବହେଳିତ ସମାଜର ବିଭିନ୍ନ ଘଟଣାକୁ ନେଇ ପିଲାମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ନୀଳାଚଳ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଫୁଲବିକ୍ରେତାଙ୍କୁ ବଡ଼ଛତା ପ୍ରଦାନ

**ପୁରୀ, ୪।୪(ଅଜିତ୍ ମହାନ୍ତି)**

ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଡେଲାଙ୍ଗ ବେରବୋଇ ଅଞ୍ଚଳରୁ ଆସି ଫୁଲ ବିକୁଥିବା ଗୋପବନ୍ଧୁ ବେହେରାଙ୍କୁ ନୀଳାଚଳ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଏକ ବଡଛତା ପ୍ରଦାନ କରାଯାଇଛି। ଗୋପବନ୍ଧୁ ପ୍ରତ୍ୟେକ ଦିନ ଖରାରେ ବସି ଫୁଲ ବୁକୁଥିଲେ। ଫଳରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ସଂଘ ପକ୍ଷରୁ ଗୋପବନ୍ଧୁଙ୍କୁ ଏକ ବଡ଼ଛତା ପ୍ରଦାନ କରାଯାଇଛି। ଏହି ସମୟରେ ମଞ୍ଚର ସଭାପତି ବୀରେନ୍ଦ୍ର ଭୂଷଣ ହୋତା, ଉପସଭାପତି ଦୁର୍ଗାମାଧବ ମହାପାତ୍ର, ସମ୍ପାଦକ ପ୍ରସନ୍ନ କୁମାର ଶତପଥୀ, ପରାମର୍ଶଦାତା ରମେଶ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ଅଜୟ କୁମାର, ସହସମ୍ପାଦକ ବିଦ୍ୱତଲତା ଆଚାର୍ଯ୍ୟ, ସନ୍ତୋଷ କୁମାର ମହାନ୍ତି ଏବଂ ଶରତ କୁମାର ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ମଞ୍ଚ ପକ୍ଷରୁ ଏଭଳି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କର୍ମକର୍ତ୍ତା କହିଛନ୍ତି ।

# କାଦୁଆ ନଦୀରୁ କଟକି ଦଳ ସଫା କରିବାକୁ ଦାବି

**ଯୋଗେଶ୍ୱରପୁର,୪।୪(ରଶ୍ମିରଞ୍ଜନ ସାହୁ):**



କାଦୁଆ ନଦୀର କଣ୍ଟି ଗ୍ରାମର ପୋଲଠାରୁ ପ୍ରାୟ ୨ କିଲୋମିଟର ପର୍ଯ୍ୟନ୍ତ କଟକି ଦଳ ଭର୍ତ୍ତି ହୋଇଯାଇଛି। ଫଳରେ ପାଣି ନିଷ୍କାସନ ହୋଇ ପାରୁନାହିଁ। ଯାହା କାଦୁଆ ନଦୀ କୂଳରେ ଥିବା ଚାଷ ଜମି ପାଣି ପମ୍ପ ଦ୍ୱାରା ଚାଷ ଜମିକୁ ଜଳ ଯୋଗାଣରେ ବାଧା ସୃଷ୍ଟି ହେଉଛି। କଟିକି ଦଳ ସଫା ନ ହେବାରୁ ଦଳ ଶଢ଼ି ନଦୀ ପୋତି ହେବା ସହ ମାଛ ମରୁଛନ୍ତି। ସେହିଭଳି ଶଢା ଦୁର୍ଗନ୍ଧ ପାଣିକୁ ବୁଲା ଛେଳି, ଗାଈ, ବାଛୁରୀ ପିଇବାରୁ ବିଭିନ୍ନ ପ୍ରକାର ପେଟ ରୋଗର ଶିକାର ହେଉଥିବା ଅଞ୍ଚଳରେ ଅଭିଯୋଗ ହେଉଛି। କାଦୁଆ ନଦୀରୁ ତୁରନ୍ତ ଦଳ ସଫା କରିବାକୁ କଣ୍ଟି ଗ୍ରାମର ପ୍ରକାଶ ସ୍ୱାଇଁ, ପ୍ରଫୁଲ ନାୟକ ପ୍ରମୁଖ ଦାବି କରିଛନ୍ତି।

# ଏଏନ୍‌ଏମ୍ ସେଣ୍ଟରରେ ଚାଲିଛି ପ୍ରାଣୀ ଚିକିତ୍ସାଳୟ



**ଯୋଗେଶ୍ୱରପୁର,୪।୪(ରଶ୍ମିରଞ୍ଜନ ସାହୁ):**

ଫାଣ୍ଡି ଅଧୀନ ଦେଉଳୀଠାରେ ଥିବା ପ୍ରାଣୀ ଚିକିତ୍ସାଳୟର ନିଜସ୍ୱ ଘର ନିର୍ମାଣ ସରିଥିଲେ ମଧ୍ୟ ତାହା ବର୍ତ୍ତମାନ ଏଏନଏମ୍ ସେଣ୍ଟରରେ ଚାଲିଛି। ଏଏନ୍‌ଏମ୍ ସେଣ୍ଟରକୁ ଚିକିତ୍ସା ଲାଗି ଆସୁଥିବା ଲୋକେ ସେଣ୍ଟର ବନ୍ଦଥିବାରୁ ନିରାଶରେ ଫେରୁଛନ୍ତି। ବାଉଲାଙ୍ଗ ଓ ଦେଉଳୀ ୨ଟି ପଞ୍ଚାୟତକୁ ନେଇ ଦେଉଳୀଠାରେ ଉକ୍ତ ପ୍ରାଣୀ ଚିକିତ୍ସାକେନ୍ଦ୍ର ଚାଲିଛି। ହଜାର ହଜାର ସଂଖ୍ୟକ ଛେଳି, ମେଣ୍ଢା, ଗାଈଙ୍କ ଚିକିତ୍ସା ପାଇଁ ଏହା ଉପରେ ନିର୍ଭରଶୀଳ। ତେବେ ଏଏନ୍‌ଏମ୍ ସେଣ୍ଟର ଏବେ ଭୂତ କୋଠି ପାଲଟିଥିବାବେଳେ ରକ୍ଷଣାବେକ୍ଷଣ ଅଭାବରୁ ତାହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଏ ସମ୍ପର୍କରେ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରକାଶ ସାହୁଙ୍କୁ ପଚାରିବାରେ, ନୂତନ ଘର ନିର୍ମାଣ ସରିଛି। କାହିଁକି ସ୍ଥାନାନ୍ତରିତ ହେଉନାହିଁ ସେ ତାହା କହି ପାରିବେନି ବୋଲି କହିଥିଲେ। ଏନେଇ ସରପଞ୍ଚ ରିସିନା ସ୍ୱାଇଁଙ୍କୁ ପଚାରିବାରେ, ନୂଆ ଘର ଉଦ୍‌ଘାଟନ ହୋଇ ନ ଥିବାରୁ ସ୍ଥାନାନ୍ତରିତ ହୋଇ ନ ଥିବା କହିଥିଲେ।

# ନିର୍ବାଚନ ପାଇଁ ୨୦ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ମୁତୟନ

**ପୁରୀ,୪।୪( ଅଜିତ୍ ମହାନ୍ତି)**

**ସିଆର୍‌ପିଏଫ୍ ପକ୍ଷରୁ କରାଯାଉଛି ଫ୍ଲାଗ୍ ମାର୍ଚ୍ଚ**

ଦେଶରେ ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜିବା ପରେ ସରଗରମ ହୋଇଛି ରାଜନୀତି। ନେତାଙ୍କଠାରୁ ଆରମ୍ଭ କରି ପ୍ରାର୍ଥୀମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ ସଭା, ଶୋଭାଯାତ୍ରା କରି ପ୍ରାର୍ଥୀମାନେ ସେମାନଙ୍କ ଶକ୍ତି ପ୍ରଦର୍ଶନ କରିବା ଆରମ୍ଭ କଲେଣି। ତେବେ ଚଳିତ ନିର୍ବାଚନକୁ ଶୃଙ୍ଖଳିତ ତଥା ଅବାଧ ଓ ନିରପେକ୍ଷ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଏ ନେଇ ଏସ୍‌ପି ପିନାକ ମିଶ୍ର ସୂଚନା ଦେଇ କହିଛନ୍ତି, ଯେଉଁଦିନଠାରୁ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି, ସେହିଦିନଠାରୁ ନିର୍ବାଚନ କମିଶନଙ୍କ ଗାଇଡ ଲାଇନ ଅନୁଯାୟୀ ପୋଲିସ ପକ୍ଷରୁ କାର୍ଯ୍ୟ କରାଯାଉଛି। ପୁରୀ ଜିଲାରେ ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି। ଏହି ୬ଟି ନିର୍ବାଚନମଣ୍ଡଳୀରେ ୨୦ଟି ଫ୍ଲାଇଙ୍ଗ ସ୍କ୍ୱାଡ୍ କାର୍ଯ୍ୟ କରୁଛି। ଏଥିସହ ପ୍ରତ୍ୟେକ ଥାନାରେ ଗୋଟିଏ ଲେଖାଏ କୁଇକ୍ ରେସ୍‌ପନ୍ସ ଟିମ୍ କାର୍ଯ୍ୟ କରୁଛି। ଉକ୍ତ ଟିମ୍ କେବଳ ନିବାଚନ ପାଇଁ କାର୍ଯ୍ୟ କରୁଛନ୍ତି। ଯେଉଁଠାରେ ଗଣ୍ଡଗୋଳ, ଆଚରଣ ବିଧି ଉଲ୍ଲଂଘନ, ବିଶୃଙ୍ଖଳା ଆଦି ହେବା ନେଇ ଖବର ପାଇବେ ସେମାନେ ସେଠାକୁ ଯାଇ ସ୍ଥିତି ନିୟନ୍ତ୍ରଣ କରିବେ। ସେହିପରି ସିଆର୍‌ପିଏଫ୍‌ର ଗୋଟିଏ ଟିମ୍ ମୁତୟନ ରହିଛନ୍ତି। ଏହି ଟିମ୍ ପକ୍ଷରୁ ନିୟମିତ ଭାବେ ବିଭିନ୍ନ ଥାନା ଅଞ୍ଚଳରେ ରୁଟ୍ ମାର୍ଚ୍ଚ ଓ ଫ୍ଲାଗ୍ ମାର୍ଚ୍ଚ କରୁଛନ୍ତି। ଅପରପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁସବୁ ସମ୍ବେଦନଶୀଳ ଅଞ୍ଚଳ ରହିଛି, ସେଠାରେ ଟିମ୍ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯିବା ପାଇଁ ବ୍ୟବସ୍ଥା ହୋଇଛି। ସେହିପରି ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରାଯାଇ ଚେକିଂ କରାଯାଉଛି। ପୋଲିସ ପକ୍ଷରୁ କଡ଼ାକଡ଼ି ପରାଟ୍ରାଲିଂ ଚାଲିଛି। ନିଶାଦ୍ରବ୍ୟ କାରବାର ଉପରେ ମଧ୍ୟ ପୋଲିସ ପକ୍ଷରୁ ନଜର ରଖାଯାଇଛି। ଅବାଧ, ନିରପେକ୍ଷ ତଥା ଶୃଙ୍ଖଳିତ ନିର୍ବାଚନ ନିମନ୍ତେ ପୋଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଉଛି ବୋଲି ଏସ୍‌ପି ମିଶ୍ର କହିଛନ୍ତି।

# ଉତ୍କଳ ଗୌରବ ମଧୁସୂଦନ ବିଦ୍ୟାପୀଠର ବାର୍ଷିକୋତ୍ସବ

**କାକଟପୁର,୪।୪(ଶୁଭଦର୍ଶନ ମିଶ୍ର):**

ଉତ୍କଳ ଗୌରବ ମଧୁସୂଦନ ବିଦ୍ୟାପୀଠ ଭଣ୍ଡିସାହି- ମୁତୁଣିଆର ୨୦୨୩-୨୪ ଶିକ୍ଷାବର୍ଷର ବାର୍ଷିକୋତ୍ସବ ସୋମବାର ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କାକଟପୁର ମଣ୍ଡଳ ଶିକ୍ଷା ଅଧିକାରୀ ଦିଲ୍ଲୀପ ଜେନା, ମୁଖ୍ୟବକ୍ତା ଭାବେ ଭୁବନେଶ୍ୱରସ୍ଥିତ ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ରଥ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ପରିଚାଳକ ରବୀନ୍ଦ୍ର ସ୍ୱାଇଁ, ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ, ମେଟ୍ରୋ ରେଲ୍‌ୱେ ମୁମ୍ବାଇର ବରିଷ୍ଠ ଯନ୍ତ୍ରୀ କାଜୁଲ୍ୟ ସ୍ୱାଇଁ, ଆପରାଧିକ ଶାଖାର କାର୍ଯ୍ୟରତ ଅଧିକାରୀ ପୀତାମ୍ବର ପରିଡ଼ା, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ରୋହିତ ନାୟକ, ଅବସରପ୍ରାପ୍ତ ଶିକ୍ଷକ ବିକ୍ରମ କିଶୋର ନାୟକ, ରମେଶଚନ୍ଦ୍ର ସ୍ୱାଇଁ, ଅଭୟ ଦଳାଇ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସୁଦର୍ଶନ ସାହୁ, ସାମାଜିକ କର୍ମୀ ଗୁରୁ ପ୍ରସାଦ ନାୟକ, ମୋ ବିଦ୍ୟାଳୟ ଅଭିଯାନ କମିଟି ସଭାପତି ଅଜୟ ସ୍ୱାଇଁ, ସାମାଜିକ କର୍ମୀ ନଗେନ୍ଦ୍ର ନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଉପରେ ଅତିଥିମାନେ ଗୁରୁତ୍ୱ ଆରୋପ କରିଥିଲେ। ଚଳିତବର୍ଷ ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ପ୍ରଫେସର ବିଷ୍ଣୁ ଚରଣ ନାୟକ ଓ ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସନାତନ ସାହୁଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସ୍ୱର୍ଗତ ପ୍ରଫେସର ନାୟକଙ୍କ ସୁପୁତ୍ର ଗୁରୁ ପ୍ରସାଦ ନାୟକ ଓ ସ୍ୱର୍ଗତ ସାହୁଙ୍କ କନିଷ୍ଠ ଭ୍ରାତା ସୁଦର୍ଶନ ସାହୁ ଉତ୍ସବରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଚଳିତବର୍ଷ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବତନ ଶିକ୍ଷକ ଅକ୍ଷୟ ଦାସ ଗତ ୧୦ମ ବୋର୍ଡ ପରୀକ୍ଷାରେ ପ୍ରଥମ ୩ ସ୍ଥାନ ଅଧିକାର କରିଥିବା ପରୀକ୍ଷାର୍ଥୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ଏବଂ ଉକ୍ତ ବିଦ୍ୟାଳୟ ୱେଲଫେୟାର ଆସୋସିଏଶନ ସଦସ୍ୟ ସୁରେନ୍ଦ୍ର ନାୟକ ଏବଂ ପୂର୍ବତନ ଛାତ୍ର ବିଶ୍ୱଜିତ୍ ବିଶ୍ୱାଳଙ୍କ ପକ୍ଷରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ପରୀକ୍ଷାର୍ଥୀଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମଞ୍ଚ ପରିଚାଳକ ବୃନ୍ଦାବନ ମଲ୍ଲିକ ଧନ୍ୟବାଦ ଦେଇଥିଲେ।



ବାର୍ଷିକ ଉତ୍ସବରେ ଅତିଥି ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

# ବିକାଶର ରିପୋର୍ଟ କାର୍ଡ ରଖିଲେ ସମ୍ବିତ, ଜୟନ୍ତ

- ଭାଜପା ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ
- ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଆହ୍ୱାନ

**ପୁରୀ, ୪।୪(ଅଜିତ୍ ମହାନ୍ତି)**



ସମ୍ମିଳନୀରେ ଯୋଗଦେଇଥିବା ଭାଜପା ପ୍ରାର୍ଥୀ ଓ ବରିଷ୍ଠ କର୍ମକର୍ତ୍ତା।

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପୁରୀ ସଂସଦୀୟ କ୍ଷେତ୍ରର ଭାରତୀୟ ଜନତା ପାର୍ଟି (ଭାଜପା) ପ୍ରାର୍ଥୀ ଓ ନେତାମାନେ ଗୁରୁବାର ପୁରୀଠାରେ ଏକାଠି ହୋଇ ବିକାଶ ପ୍ରସଙ୍ଗ ଉପସ୍ଥାପନ କରିଛନ୍ତି। ଏହି ଅବସରରେ ଭୂଦାନ ଛକଠାରେ ଭାଜପା ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଆୟୋଜନ ସହ ଦଳର ପୁରୀ ଲୋକ ସଭା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ସମ୍ମିଳନୀରେ କାର୍ଯ୍ୟକର୍ତ୍ତାମାନେ ପୁରୀ ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚିନ୍ତା, ଦାୟିତ୍ୱବୋଧତା ଏବଂ ଅବଦାନ ଥିବା ନେଇ ଆଲୋକପାତ କରିଥିଲେ। ପୁରୀ ରେଳଷ୍ଟେଶନ, ସିଦ୍ଧ ମହାବୀର ରେଲୱେ ଓଭରବ୍ରିଜ ଓ ଜାଗାଘର ସମେତ ବିଭିନ୍ନ ଯୋଜନା ମାଧ୍ୟମରେ ୫୦୦୦ କୋଟି ଟଙ୍କା ଖର୍ଚ୍ଚରେ ପୁରୀର ବିକାଶ ହୋଇଥିବା ସମ୍ବିତ ପାତ୍ର ତାଙ୍କ ରିପୋର୍ଟ କାର୍ଡରେ ଦର୍ଶାଇଥିଲେ। ଗତ ସାଧାରଣ ନିର୍ବାଚନରେ ହାରିବା ପରେ ମଧ୍ୟ ନିଜ ୫ବର୍ଷର ରିପୋର୍ଟ କାର୍ଡ ଲୋକଙ୍କ ଆଗରେ ରଖିଥିବା ନେଇ ପାତ୍ର କହିଥିଲେ। ସେହିପରି ବିଭିନ୍ନ ଆସନରୁ ବିଧାୟକ ପ୍ରାର୍ଥୀ ହୋଇଥିବା ଜୟନ୍ତ କୁମାର ଷଡ଼ଙ୍ଗୀ, ଓମ୍‌ପ୍ରକାଶ ମିଶ୍ର, ଆଶ୍ରିତ ପଟ୍ଟନାୟକ, ପ୍ରଭାତୀ ପରିଡ଼ା ପ୍ରମୁଖ ସେମାନେ କରିଥିବା ଜନହିତକର କାର୍ଯ୍ୟ, ମୋଦି ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା, ସେମାନଙ୍କ ନିର୍ବାଚନମଣ୍ଡଳୀରେ ଥିବା ସମସ୍ୟା, ବିଜେଡି ବିଧାୟକଙ୍କ ଦୁର୍ନୀତି ଆଦି ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ନିର୍ବାଚନରେ ପୁରୀ ଲୋକ ସଭା ଆସନ ସମେତ ସହ ସମସ୍ତ ବିଧାନସଭା ଆସନରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇ ଦେଶ ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ କରିବାରେ ସହାୟକ ହେବେ ବୋଲି ପ୍ରାର୍ଥୀମାନେ କହିଥିଲେ। ସମସ୍ତ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସଙ୍କଳ୍ପ ନେବାକୁ କର୍ମକର୍ତ୍ତାଙ୍କୁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ବୁଥ୍‌ସ୍ତରରୁ ଦଳକୁ ମଜଭୁତ କରିବା ପାଇଁ ନେତାମାନେ କର୍ମୀମାନଙ୍କୁ କହିଥିଲେ।

ଏହି ଅବସରରେ ପାତ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଗତ ୫ବର୍ଷ ମଧ୍ୟରେ ପୁରୀ ପାଇଁ ସେ ଯାହା ସବୁ କରିଛନ୍ତି, ତାହାର ରିପୋର୍ଟ କାର୍ଡ ଲୋକଙ୍କ ନିକଟରେ ରଖିଛନ୍ତି। ଜନସାଧାରଣ ଭାଜପାକୁ ଭୋଟ ଦେବା ପାଇଁ ପ୍ରସ୍ତୁତ ରହିଛନ୍ତି। କର୍ମୀମାନେ ଉତ୍ସାହିତ ଅଛନ୍ତି। ଲଢେଇ ଜୋରଦାର ହେବ। ତାଙ୍କ ସମେତ ସମସ୍ତ ଭାଜପା ପ୍ରାର୍ଥୀ ବିଜୟ ହାସଲ କରିବେ ବୋଲି ପାତ୍ର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ପୁରୀ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିବା ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି, ସେ ଗତବର୍ଷରେ କ'ଣ ସବୁ କରିଛନ୍ତି ତାହାର ବିବରଣୀ ଲୋକଙ୍କ ନିକଟରେ ରଖିଛନ୍ତି। ଲୋକଙ୍କ ନିକଟକୁ ସେ ଯିବେ। ପୁରୀରେ ଭାଜପାକୁ ରେକର୍ଡ ସଂଖ୍ୟକ ଭୋଟ ମିଳିବ। ଦେଶରେ ୪୦୦ରୁ ଅଧିକ ଲୋକ ସଭା ଆସନରେ ଭାଜପା ଜିତିବ ଓ ନରେନ୍ଦ୍ର ମୋଦି ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହେବେ। ପୁରୀର ଅଧିକ ବିକାଶ ହେବ। ପୁରୀକୁ ଏକ ସୁନ୍ଦର ସହରରେ ପରିଣତ କରିବା ପାଇଁ ତାଙ୍କର ସ୍ୱପ୍ନ ରହିଛି ବୋଲି ଷଡ଼ଙ୍ଗୀ କହିଛନ୍ତି।

## ସଂକ୍ଷେପରେ

### ମଇଁଷି ଆକ୍ରମଣରେ ବୃଦ୍ଧ ଗୁରୁତର

ଖୁଣ୍ଟୁଣୀ,୪।୪(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଗୁରୁଡିଝାଟିଆ ପଞ୍ଚାୟତର କୋଳଥପଙ୍ଗି ଗ୍ରାମରେ ଅରଣା ମଇଁଷି ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ସ୍ଥାନୀୟ ଅଞ୍ଚଳର ରଘୁନାଥ ସ୍ୱାଇଁ। ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ସକାଳେ ରଘୁନାଥ ଗ୍ରାମଠାରୁ କିଛି ଦୂରରେ ଥିବା ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ନିକଟସ୍ଥ ଶଙ୍ଖପୋଇ ସଂରକ୍ଷିତ ଜଙ୍ଗଲରୁ ଏକ ମଇଁଷି ଆସିଥିବା ଦେଖି ସେ ଦୌଡିଥିଲେ। ହେଲେ ମଇଁଷି ତାଙ୍କୁ ଆକ୍ରମଣ କରିବାରୁ ତାଙ୍କ ମୁହଁ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଗୁରୁଡିଝାଟିଆ ଡାକ୍ତରଖାନା ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

### ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

**ନାବାଳିକା ବଳାତ୍କାର ମାମଲା**

କଟକ,୪।୪ (କାର୍ତ୍ତିକ ସାହୁ)

ନାବାଳିକା ବଳାତ୍କାର ମାମଲାରେ କଟକ ଆଡହକ୍ ଆଡିସିନାଲ୍ ଜିଲା ଓ ସେସନ୍ ଜଜ୍ କୋର୍ଟ ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ କଟକ ସଦର ଥାନା ଅଧୀନ ଦକ୍ଷିଣ ଉଷୁମା ଅଞ୍ଚଳର ଭୁଜିଆ ଭୋଇ। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ କଟକ ଜିଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି। ସୂଚନା ଅନୁସାରେ, ଭୁଜିଆ ୨୦୨୨ ମେ' ୧୫ ତାରିଖରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା କଟକ ସଦର ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୨୦୨୨ ଜୁଲାଇ ୭ରେ ଭୁଜିଆଙ୍କ ବିରୋଧରେ ପୋଲିସ୍ କୋର୍ଟରେ ଅଭିଯୋଗପତ୍ର ଦାଖଲ କରିଥିଲା। ଅଦାଲତ ମାମଲାର ବିଚାର କରି ରାୟ ସଂରକ୍ଷିତ ରଖିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଅଟକିଛି ବିଜେଡିର ସାଲେପୁର ପ୍ରାର୍ଥୀ ଘୋଷଣା

**ପ୍ରକାଶ ଦଳରେ ଯୋଗଦେବା ପରେ ବଢ଼ୁଛି ସସ୍‌ପେନ୍ସ**

କଟକ,୪।୪(ଶିଳ୍ପା ପ୍ରିୟଦର୍ଶିନୀ)

ବିଜେଡିର ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ଘୋଷଣା ସରିଛି। ହେଲେ ଏବେ ବି ସାଲେପୁର ଓ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ। ୫ଦିନ ତଳେ ଭାଜପାରୁ ଇସ୍ତଫା ଦେଇଥିବା ପୂର୍ବତନ ବିଧାୟକ ପ୍ରକାଶ ବେହେରା ବୁଧବାର ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ଚଳିତ ନିର୍ବାଚନ ପାଇଁ ଏବେ ଦଳ କାହାକୁ ଟିକେଟ ଦେବ ତାହାକୁ ନେଇ ନାନା ତର୍ଜମା ଚାଲିଛି। ଏପରି କି ବର୍ତ୍ତମାନର ସାଲେପୁର ବିଜେଡି ବିଧାୟକ ପ୍ରଶାନ୍ତ ବେହେରାଙ୍କୁ ଦଳ ଟିକେଟ ଦେବ ନା ନୂଆ କରି ଯୋଗଦେଇଥିବା ପ୍ରକାଶଙ୍କୁ ଦଳ ସୁଯୋଗ ଦେବ ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏପରି କି ଟିକେଟ ଦ୍ୱନ୍ଦ୍ୱ ଏକ ପ୍ରକାରର ଛିଣ୍ଡୁ ନ ଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦି ପ୍ରକାଶଙ୍କୁ ଦଳ ଟିକେଟ ଦିଏ ତେବେ ପ୍ରଶାନ୍ତଙ୍କୁ ନିରାଶ କରିବ ନାଁ ଅନ୍ୟ କେଉଁ ଦାୟିତ୍ୱ ଦେବ ତାହାକୁ ନେଇ ତର୍ଜମା କରାଯାଉଛି। ୨୦୧୪ରେ ପ୍ରକାଶ କଂଗ୍ରେସ ଟିକେଟରୁ ଲଢି ସାଲେପୁର ବିଧାୟକ ହୋଇଥିଲେ। ହେଲେ ୨୦୧୯ ନିର୍ବାଚନ ସମୟରେ ସେ ଭାଜପାରେ ସାମିଲ ହୋଇଥିଲେ। ପରେ ଭାଜପା ପ୍ରକାଶଙ୍କୁ ସାଲେପୁରରୁ ଟିକେଟ୍ ଦେଇଥିଲା। ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ବେହେରାଙ୍କଠାରୁ ୩୦ ହଜାରରୁ ଅଧିକ ଭୋଟ୍‌ରେ ସେ ପରାସ୍ତ ହେଇଥିଲେ। ପୂର୍ବରୁ ୨ଥର ଟିକେଟ ପାଇ ଥରେ ବିଜୟୀ ଓ ଥରେ ପରାଜିତ ହୋଇଥିବା ପ୍ରକାଶ ୨୦୨୪ ନିର୍ବାଚନରେ ବିଜେଡିରୁ ଯଦି ଟିକେଟ ପାଇବେ, ତେବେ ତୃତୀୟଥର ପାଇଁ ନିର୍ବାଚନ ଲଢ଼ିବେ। ସେହିପରି ସାଲେପୁର ବିଜେଡି ବିଧାୟକ ପ୍ରଶାନ୍ତ ବେହେରା ୨୦୧୨ରେ ପଞ୍ଚାୟତ ନିର୍ବାଚନ ଲଢ଼ି ଜିଲା ପରିଷଦ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ୨୦୧୯ରେ ପ୍ରଥମଥର ପାଇଁ ସାଲେପୁର ନିର୍ବାଚନ ମଣ୍ଡଳୀରୁ ବିଜେଡି ଟିକେଟ ପାଇ ପ୍ରତିଦ୍ୱନ୍ଦ୍ୱୀ ପ୍ରକାଶ ବେହେରାଙ୍କୁ ପରାଜିତ କରିଥିଲେ। ୨୦୨୪ ନିର୍ବାଚନରେ ଯଦି ଦଳ ତାଙ୍କୁ ଟିକେଟ ଦିଏ ତେବେ ଦ୍ୱିତୀୟଥର ପାଇଁ ସେ ନିର୍ବାଚନ ଲଢ଼ିବେ। ସୂଚନାଯୋଗ୍ୟ, ସାଲେପୁରରେ ୧୯୯୦ରେ କାଳିନ୍ଦୀ ବେହେରା ଜନତା ଦଳ ପକ୍ଷରୁ ନିର୍ବାଚନ ଜିତିଥିଲେ। ସେହିପରି ୧୯୯୫ରେ କଂଗ୍ରେସରୁ ରବୀନ୍ଦ୍ର ବେହେରା, ୨୦୦୦ ଓ ୨୦୦୪ରେ ବିଜେଡିରୁ କାଳିନ୍ଦୀ ବେହେରା, ୨୦୦୯ରେ ବିଜେଡିରୁ ଚନ୍ଦ୍ରସାରଥି ବେହେରା ନିର୍ବାଚିତ ହୋଇଥିଲେ। ତେବେ ୫ ଦିନ ତଳେ ଭାଜପାରୁ ଇସ୍ତଫା ଦେବା ପରେ ପ୍ରକାଶ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ, ଦଳରେ କୋଣଠେସା ହୋଇ ଯାଇଛନ୍ତି। ଦଳ ପାଇଁ ଯାହା କରିବାକୁ ଚାହୁଁଥିଲେ ତାଙ୍କୁ ଗୁରୁତ୍ୱ ଦିଆଯାଉ ନ ଥିଲା। ୨୦୨୪ ନିର୍ବାଚନ ପାଇଁ ପ୍ରସ୍ତୁତ ରହିଛି। ନିଜ ଶୁଭେଚ୍ଛୁଙ୍କ ସହ ସମସ୍ତ ବିଷୟରେ ଆଲୋଚନା କରି ନିଷ୍ପତ୍ତି ନେବି ବୋଲି ସେ କହିଥିଲେ। ଏବେ ବିଜେଡିରେ ଯୋଗଦେବା ପରେ ନିର୍ବାଚନ ନେଇ କେତେ ପ୍ରସ୍ତୁତ ଓ ଟିକେଟ ପାଇବା ନେଇ କେତେ ଉତ୍ସାହୀ ରହିଛନ୍ତି ସେ ସମ୍ପର୍କରେ ପ୍ରକାଶଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ଉଭୟ ପୂର୍ବତନ ବିଧାୟକ ପ୍ରକାଶ ଓ ବିଧାୟକ ପ୍ରଶାନ୍ତଙ୍କ ସଙ୍ଗଠନ ମଜଭୁତ ରହିଥିବାବେଳେ ଦଳ ଏବେ କାହାକୁ ଟିକେଟ ଦେବ ତାହା ଦେଖିବାକୁ ବାକି ରହିଲା।



ପ୍ରଶାନ୍ତ ବେହେରା



ପ୍ରକାଶ ବେହେରା



ଗ୍ରୀଷ୍ମ ପ୍ରବାହକୁ ନେଇ କଟକ ମିଶନରୋଡ୍ ପାର୍ଶ୍ୱରେ ଜଣେ ବ୍ୟବସାୟୀ ଟୋପି ବିକ୍ରି ପାଇଁ ସଜ୍ଜିତ କରି ରଖୁଛନ୍ତି।

# ସଙ୍ଗଠନ ସୁଦୃଢ଼ କରିବାକୁ ଆହ୍ୱାନ

କଟକ,୪।୪(ଶିଳ୍ପା ପ୍ରିୟଦର୍ଶିନୀ)

ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମଙ୍କ ଆବାସିକ କାର୍ଯ୍ୟାଳୟଠାରେ ଗୁରୁବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋକିମ ଯୋଗଦେଇ ବାଖରାବାଦ ଯୁବକ ସଂଘର କର୍ମକର୍ତ୍ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ମୋକିମ ଆହ୍ୱାନ ଦେଇଛନ୍ତି। ଯୁବକ ସଂଘ ସଭାପତି ଓ ସମ୍ପାଦକଙ୍କ ସହ ଅନ୍ୟ ସଭ୍ୟମାନେ ନିର୍ବାଚନରେ ମୋକିମଙ୍କ ହାତମୁଠାକୁ ସୁଦୃଢ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। କ୍ଲବ୍ ସଭାପତି ପ୍ରକାଶ ରଞ୍ଜନ ବାରିକ ଓ ସମ୍ପାଦକ ଚନ୍ଦନ ସେଠୀ ମୋକିମଙ୍କୁ ତାଙ୍କର ଗତବର୍ଷରେ କଟକ ସହରରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ପାଇଁ ପ୍ରଶଂସା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଚିନ୍ମୟ ସାହୁ, ଚନ୍ଦନ ଯାନୀ, ରିଙ୍କୁ ସାହୁ, ମହେଶ ବାରିକ, ପ୍ରଦୋଷ ବାରିକ, ଅକ୍ଷୟ କୁମାର ବେହେରା, ବିକି ବାରିକ, ଜଗନ୍ନାଥ ଶର୍ମା, ଅଭିଷେକ ଡାଲୁଅ, କାହ୍ନୁ ବେହେରା ଉପସ୍ଥିତ ଥିଲେ।

# 'ମାନୁଷୀ ପ୍ରେମଠାରୁ ଦିବ୍ୟପ୍ରେମର ଭାବ ନିଆରା'



ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀରେ ଉପସ୍ଥିତ ଜନସାଧାରଣ।

କଟକ,୪।୪ (କାର୍ତ୍ତିକ ସାହୁ)

**ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଉଦ୍‌ଘାଟିତ**

କଟକ ମାତୃଭବନ ପରିସରରେ ୫୩ତମ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରତିନିଧିମାନଙ୍କ ମାର୍ଚ୍ଚପାଷ୍ଟ ଓ ବନ୍ଦେ ମାତରମ୍ ଧ୍ୱନି ଉତ୍ସାହ ବଢାଇଥିଲା। ସମଗ୍ର ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ପ୍ରତିନିଧି ଏଥିରେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ସୁପର୍ଣ୍ଣୋ ଶତପଥୀ ଯୋଗଦେଇ ଅଧ୍ୟାପକ ପ୍ରପତ୍ତିଙ୍କ ଜନ୍ମ ଶତବାର୍ଷିକୀ ଉଦ୍ଦେଶ୍ୟରେ ଆୟୋଜିତ ଏକ ସୁଦୃଶ୍ୟ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଶ୍ରୀଅରବିନ୍ଦଙ୍କ ସମାଧି ଚତୁଃପାର୍ଶ୍ୱରେ ସମୂହ ଧ୍ୟାନ କରାଯାଇଥିଲା। ସାନ୍ଧ୍ୟ ସମ୍ମିଳନୀରେ ପ୍ରପତ୍ତିଙ୍କ ରଚନା ସଂଗ୍ରହର ପୁସ୍ତକ ଉନ୍ମୋଚନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଡ. ଆଲୋକ ପାଣ୍ଡେ ଦିବ୍ୟପ୍ରେମର ଅବକ୍ଷୟ ଶ୍ରୀମା-ଶ୍ରୀଅରବିନ୍ଦ ପ୍ରସଙ୍ଗରେ ଅଭିଭାଷଣ ଦେଇଥିଲେ। ଅନ୍ୟତମ ବକ୍ତା ଭାବେ ଅଧ୍ୟାପିକା ଡ. ଅର୍ଚ୍ଚନା ନାୟକ ମାନୁଷୀ ପ୍ରେମଠାରୁ ଦିବ୍ୟପ୍ରେମର ଭାବ ସମ୍ପର୍କିତ ଏକ ତୁଳନାତ୍ମକ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଡ. ଶ୍ୟାମା କାନୁନ୍‌ଗୋ ସାବିତ୍ରୀ ଆବୃତ୍ତି ଓ ବନ୍ଦିତା ରାୟ ଆବାହନୀ ସଙ୍ଗୀତ ଗାନ କରିଥିଲେ। ମାତୃଭବନ ଟ୍ରଷ୍ଟର ଅଧକ୍ଷ ଦୀପକ ସାମନ୍ତରାୟ ପୌରୋହିତ୍ୟ କରିଥିଲେ। ମାତୃଭବନର ସମ୍ପାଦକ ଗଦାଧର ମିଶ୍ର ବକ୍ତବ୍ୟ ଦେଇଥିଲେ। ଏହି ସମ୍ମିଳନୀ ଆସନ୍ତା ୭ ତାରିଖ ଯାଏ ଚାଲିବ।

### ଟ୍ରକ୍ ଧକ୍କାରେ ଦମ୍ପତି ଆହତ

ମାହାଙ୍ଗା, ୪।୪(ଯଯାତି ସିଂହ)

ମାହାଙ୍ଗା ଥାନା ବାସୁଦେବପୁର ପଞ୍ଚାୟତ କଉଡୁକୋଲ ବରଅଠା ଗ୍ରାମ୍ୟ ଉନ୍ନୟନ ରାସ୍ତା ବିଅର ବାର୍ ନିକଟରେ ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍(ନଂ.ଓଆର୍‌୦୯ପି-୬୧୫୩) ସ୍କୁଟିକୁ ଧକ୍କା ଦେଇଛି। ଫଳରେ ସ୍କୁଟିରେ ବସିଥିବା ଦମ୍ପତି ଆହତ ହୋଇଛନ୍ତି। ସେମାନେ ହେଲେ ବରଅଠା ଗ୍ରାମର ଏସ୍‌କେ ଫକୀରଉଦ୍ଦିନ (୫୫) ଓ ତାଙ୍କ ସ୍ତ୍ରୀ ସୀତାରାମ ବିବି (୫୦)। ମିଳିଥିବା ସୂଚନା ଅନୁଯାୟୀ, ଫକୀରଉଦ୍ଦିନ ଓ ସୀତାରାମ ଏକ ସ୍କୁଟିରେ ଜାତୀୟ ରାଜପଥକୁ ଯାଉଥିଲେ। ଏହି ସମୟରେ ଏକ ଟ୍ରକ ଉକ୍ତ ସ୍କୁଟିକୁ ଧକ୍କା ଦେଇଥିଲା। ସେମାନେ ତଳେ ପଡିଯାଇଥିଲେ। ଫଳରେ ସେମାନଙ୍କ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତ ଦମ୍ପତିଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲେ। ଖବରପାଇ ମାହାଙ୍ଗା ପୋଲିସ ଘଟଣାସ୍ଥଳରେ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟି ଜବତ କରି ତଦନ୍ତ ଚଳାଇଛି।

# ହାଇକୋର୍ଟରେ ହାଜର ହେଲେ କେନ୍ଦ୍ରାପଡ଼ା ଡ୍ରେନେଜ୍ ଡିଭିଜନ ନିର୍ବାହୀ ଯନ୍ତ୍ରୀ

କଟକ,୪।୪(କାର୍ତ୍ତିକ ସାହୁ)

**ସ୍ଥିତିବାନ ଜମିକୁ ଖୋଳି ନଦୀରେ ମିଶାଇବା ମାମଲା**

ଜଣେ ଜମି ମାଲିକଙ୍କ ବ୍ୟକ୍ତିଗତ ସ୍ଥିତିବାନ ଜମିକୁ ଖୋଳି ନଦୀରେ ମିଶାଇବା ମାମଲାରେ ରୁଜୁ ଅଦାଲତଙ୍କ ଆଦେଶ ଅବମାନନା ମାମଲାର ଶୁଣାଣି ହାଇକୋର୍ଟରେ ଗୁରୁବାର ହୋଇଛି। ଶୁଣାଣିବେଳେ କେନ୍ଦ୍ରାପଡ଼ା ଡ୍ରେନେଜ୍ ଡିଭିଜନର ନିର୍ବାହୀଯନ୍ତ୍ରୀ ବ୍ୟକ୍ତିଗତ ହାଜର ହୋଇ ଅଦାଲତଙ୍କୁ କ୍ଷମା ପ୍ରାର୍ଥନା କରିଥିଲେ। ଆସନ୍ତା ୪ ମାସ ମଧ୍ୟରେ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ହାଇକୋର୍ଟଙ୍କୁ ସେ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ବିଚାରପତି ବିଭୁ ପ୍ରସାଦ ରାଉତରାୟଙ୍କ ଅଦାଲତରେ ମାମଲାର ଶୁଣାଣି ହୋଇଛି।

ମାମଲାର ବିବରଣୀ ଅନୁଯାୟୀ, କେନ୍ଦ୍ରାପଡ଼ାର ଗୋବରୀ ନଦୀ ଖନନବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାର ଲକ୍ଷ୍ମୀକାନ୍ତ ନାୟକ ନାମକ ବ୍ୟକ୍ତିଙ୍କ ସ୍ଥିତିବାନ ଜମିକୁ ଖୋଳି ନଦୀରେ ମିଶାଇ ଦେଇଥିଲେ। ଏ ନେଇ ଜମି ମାଲିକ ନାୟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ମାସେ ମଧ୍ୟରେ ପଥର ପ୍ୟାକିଂ କରି ଉକ୍ତ ଜମିକୁ ପୋତିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିଭାଗୀୟ କର୍ତ୍ତୃପକ୍ଷ ପାଳନ କରି ନ ଥିଲେ। ଫଳରେ ଆବେଦନକାରୀ ହାଇକୋର୍ଟରେ ଏକ ଅଦାଲତ ଅବମାନନା ମାମଲା ଦାଏର କରିଥିଲେ। ପଥର ପ୍ୟାକିଂରେ ବିଳମ୍ବ ହେଉଥିବାରୁ ଏହାର ଜବାବ ଦେବା ନିମନ୍ତେ ହାଇକୋର୍ଟ ନିର୍ବାହୀ ଯନ୍ତ୍ରୀଙ୍କୁ ବ୍ୟକ୍ତିଗତ ହାଜର ହେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ କ୍ଷୀରୋଦ ରାଉତ ମାମଲା ପରିଚାଳନା କରୁଛନ୍ତି।

# ସାରଳା ସାହିତ୍ୟ ସଂସଦର ସଙ୍ଗୀତ ଉନ୍ମୋଚିତ



କଟକ,୪।୪ (କାର୍ତ୍ତିକ ସାହୁ)

ସାରଳା ସାହିତ୍ୟ ସଂସଦର ନିଜସ୍ୱ ସଙ୍ଗୀତ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି ସଙ୍ଗୀତରେ ଆଦିକବି ସାରଳା ଦାସ, ଅତିବଡ଼ୀ ଜଗନ୍ନାଥ ଦାସ, ସ୍ୱଭାବକବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ, ପଣ୍ଡିତ ଗୋଦାବରୀଶ ମିଶ୍ର, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ ଆମ ମାତୃଭୂମି ଓ ମାତୃଭାଷା ବନ୍ଦନାର ପଂକ୍ତିମାନ ସ୍ଥାନିତ ହୋଇଛି। ଖ୍ୟାତନାମା କଣ୍ଠଶିଳ୍ପୀ ତୃପ୍ତି ଦାସ, କରୁଣାକର ଓ ସାଥୀମାନେ କଣ୍ଠଦାନ କରିଛନ୍ତି। ସଙ୍ଗୀତଜ୍ଞ ବିଶ୍ୱନାଥ ମିଶ୍ର ସଙ୍ଗୀତ ସଂଯୋଜନା କରିଥିବାବେଳେ ଜଗନ୍ନାଥ ପଣ୍ଡା ସଙ୍ଗୀତ ରୂପ ଦେଇଛନ୍ତି। କଟକ ସାରଳା ଭବନରେ ଗୁରୁବାର ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଷ୍ଟିସ ମଦନ ମୋହନ ଦାସ ଯୋଗଦେଇ ସାରଳା ସାହିତ୍ୟ ସଂସଦର ଏହା ଏକ ଅଭିନନ୍ଦନୀୟ ପଦକ୍ଷେପ ବୋଲି କହିଛନ୍ତି। ସଭାପତି ଡ. ସ୍ୱାଇଁ କହିଛନ୍ତି, ସାରଳା ସାହିତ୍ୟ ସଂସଦ ଦୀର୍ଘ ୪୩ ବର୍ଷ ଧରି ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ନିରବଚ୍ଛିନ୍ନ କାର୍ଯ୍ୟ କରୁଛି। ଡ. ନିରଞ୍ଜନ ତ୍ରିପାଠୀ, ଡା. ନିମାଇଁ ଚରଣ ପରିଜା, ଡ. ବାବାଜୀ ଚରଣ ପଟ୍ଟନାୟକ, ସୋହାଗିନୀ ବେହେରା, ତରୁଣ କୁମାର ସାହୁ, ପ୍ରସନ୍ନ ଜେନା, ସଞ୍ଜିତ୍ ପଟ୍ଟନାୟକ, ଡ. ନିମାଇଁ ଚରଣ ପରିଡ଼ା, ଡ. ଭାଗବତ ଶୁକ୍ଳ, ଲକ୍ଷ୍ମୀ ପ୍ରକାଶ ମହାପାତ୍ର, କାନ୍ତିବାଳା ନାୟକ, କିଶୋର କୁମାର ମହାନ୍ତି ଓ କ୍ଷୀରୋଦ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

# 'ଆମେ ଇତିହାସ ବଦଳାଇପାରିବାନି, ଭବିଷ୍ୟତ ଗଢ଼ିପାରିବା'

କଟକ, ୪।୪(ଶିଳ୍ପା ପ୍ରିୟଦର୍ଶିନୀ)

**ଚୌଦ୍ୱାର-କଟକ ବିଜେଡି ଯୁବ, ଛାତ୍ର ଜନତା ଦଳ ପକ୍ଷରୁ ସମାବେଶ**

ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ ବିଜେଡି ଯୁବ, ଛାତ୍ର ଜନତା ଦଳ ପକ୍ଷରୁ ଗୁରୁବାର କଟକ ମହାନଦୀ ବିହାରସ୍ଥିତ ଏକ ମଣ୍ଡପରେ ଛାତ୍ର ଓ ଯୁବକମାନଙ୍କର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୌଭିକ୍ ବିଶ୍ୱାଳ ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାବେଶରେ ବିଜେଡିର କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଯୋଗଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଯୁବକ ଓ ଛାତ୍ର ଗୋଷ୍ଠୀକୁ ଆକୃଷ୍ଟ କରିପାରିଛି। ବିଶେଷକରି ମୋ ଓଡ଼ିଶା ନବୀନ ଓଡ଼ିଶା ଏକ ସଫଳ କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ଓ ଛାତ୍ରଗୋଷ୍ଠୀ ବେଶ୍ ଉପକୃତ ହୋଇପାରିଛନ୍ତି। ଆମେ ଇତିହାସକୁ ବଦଳାଇ ପାରିବାନି ହେଲେ ଭବିଷ୍ୟତ ଗଢିପାରିବା ବୋଲି ସଂତୃପ୍ତ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଜେଡି କର୍ପୋରେଟରଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ସେହିପରି ଅପରାହ୍ନରେ ଜଗତ୍‌ପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂତୃପ୍ତ ଯୋଗଦେଇ ଶିଳ୍ପୋଦ୍ୟୋଗୀମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏନେଇ ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ଶିଳ୍ପୋଦ୍ୟୋଗୀଙ୍କ ପାଇଁ ଅନେକ ବିକାଶମୂଳକ କାର୍ଯ୍ୟ କରିଛନ୍ତି। ଆଉ କ'ଣ ସୁବିଧା କରାଯାଇପାରିବ ସେଥିପାଇଁ ଉଦ୍ୟମ କରିବି ବୋଲି ସେ କହିଛନ୍ତି।



ମହାନଦୀ ବିହାରସ୍ଥିତ ଏକ ମଣ୍ଡପରେ ଅନୁଷ୍ଠିତ ସମାରୋହରେ ବିଜେଡିର କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର, ବିଧାୟକ ସୌଭିକ୍ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଓ ଅନ୍ୟମାନେ।



ଅସହ୍ୟ ତାତି ଯୋଗୁ ଗୁରୁବାର ଅପରାହ୍ନ ୩ଟା ୩୦ ମିନିଟ୍‌ରେ କଟକ ସତୀଚଉରା ଛକ ଓ କଟକ ଚଣ୍ଡୀରୋଡ ଜନଶୂନ୍ୟ ହୋଇପଡ଼ିଛି।

## ସଂକ୍ଷେପରେ

### ବାଇକ୍ ଚୋରି କରି ୨ ଗିରଫ

ଯାଁଳା,୪।୪(ବୁଲା ବାରିକ)

ଇନ୍‌ଫୋସିଟି ଥାନା ପୋଲିସ ଦୁଇ ବାଇକ୍ ଚୋରଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଯାଁଳା ଅଞ୍ଚଳର ଅଭୟ କୁମାର ନାୟକ ଓ ଜଟଣୀ ଥାନା ଅନ୍ତର୍ଗତ ବାଛେରା ଗ୍ରାମର ମିଥୁନ ଘଡେଇ। ଏମାନଙ୍କଠାରୁ ଏକ ଚୋରା ବାଇକ୍ ଜବତ ହୋଇଛି। ସୂଚନା ଅନୁସାରେ, ଗତ ୨୬ ତାରିଖରେ ସୋମନାଥ ଓଝା ନାମକ ଜଣେ ବ୍ୟକ୍ତି ବାଇକ୍‌କୁ ଜଟଣୀ ଗେଟ ନିକଟରେ ଥିବା ଏକ ଅଫିସ ସମ୍ମୁଖରେ ରଖି କଥାହେବା ଲାଗି ଭିତରକୁ ଯାଇଥିଲେ। ଏହି ସମୟରେ ଉପରୋକ୍ତ ଦୁଇ ଅଭିଯୁକ୍ତ ସୋମନାଥଙ୍କ ବାଇକ୍‌କୁ ଚୋରି କରି ନେଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଉକ୍ତ ଅଫିସ ସମ୍ମୁଖରେ ଲାଗିଥିବା ସିସିଟିଭି ଯାଞ୍ଚ କରି ତଦନ୍ତ ଚଳାଇଥିଲା। ଗୁରୁବାର ସକାଳେ ଜଟଣୀ ଥାନା ପୋଲିସ ଯାନବାହନ ଚେକିଂ କରୁଥିବା ବେଳେ ଉପରୋକ୍ତ ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିବା ସହ ବାଇକ୍ ଜବତ କରି ଇନ୍‌ଫୋସିଟି ଥାନାକୁ ହସ୍ତାନ୍ତର କରିଥିଲା।

### ମହିଳାଙ୍କ ହାତଗୋଡ଼ ବାନ୍ଧି ଟଙ୍କା, ସୁନା ଅଳଙ୍କାର ଲୁଟିନେଲେ

ବୋଲଗଡ଼,୪।୪(ଦେବବ୍ରତ ହୋତା)

ବୋଲଗଡ଼ ଥାନା ଅଧୀନ ଫାସୀଓଡା ପଞ୍ଚାୟତ ଦିଘିରି ଗ୍ରାମ ଦେଇ ଯାଇଥିବା ୫୭ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଘରୁ ବୁଧବାର ରାତିରେ ଡକାୟତି ହୋଇଛି। ଦୁଇ ଜଣ ଦୁର୍ବୃତ୍ତ ମୁହଁରେ କପଡା ବାନ୍ଧି ହଠାତ୍ ଘରେ ପଶି ଏକାକୀ ଥିବା ନନ୍ଦିନୀ ନାୟକଙ୍କୁ ପଛପଟୁ ଆକ୍ରମଣ କରିବା ସହ ପାଟିରେ କପଡା ଦେଇ ହାତଗୋଡ଼ ବାନ୍ଧି ଦେଇଥିଲେ। ପରେ ତାଙ୍କ କାନରୁ ୨ଟି ସୁନା କାନଫୁଲ ଏବଂ ଘରେ ଥିବା ୫ହଜାର ଟଙ୍କା ନେଇ ଦୁର୍ବୃତ୍ତ ଚମ୍ପଟ ମାରିଥିଲେ। ଏନେଇ ଗୁରୁବାର ନନ୍ଦିନୀ ଥାନାରେ ଅଭିଯୋଗ କରିବା ସହ ଲୁଟ୍ ସାମଗ୍ରୀ ଉଦ୍ଧାର ପାଇଁ ବିହିତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି।

### ତାଲା ଭାଙ୍ଗି ୨ ଘରୁ ଚୋରି

ବେଗୁନିଆ,୪।୪(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ଅନ୍ତର୍ଗତ ଗେଡିଆପଲ୍ଲି ଗ୍ରାମର ଦୁଇ ଜଣଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବୁଧବାର ବିଳମ୍ବିତ ରାତିରେ ସାମୁକାପାଟଣା ସାହିର ପବିତ୍ର ମହାପାତ୍ର ଏବଂ ତାଙ୍କ ଭାଇ ସଚ୍ଚି ମହାପାତ୍ରଙ୍କ ଘର ତାଲା ଭାଙ୍ଗି ଲୁଟେରାମାନେ ବିଭିନ୍ନ ଆସବାବପତ୍ର ସହ ପିତ୍ତଳ ସାମଗ୍ରୀ ଚୋରି କରି ନେଇଛନ୍ତି। ସେହିପରି ପଡୋଶୀ ଧରଣୀଧର ମହାପାତ୍ରଙ୍କ ଘରେ ପଶି ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିଲେ। ପରିବାର ଲୋକେ ଉଠି ପଡ଼ିବାରୁ ଲୁଟେରାମାନେ ସାମଗ୍ରୀ ଛାଡି ପଳାଇଥିଲେ। ଗୁରୁବାର ସକାଳେ ଖବରପାଇ ବେଗୁନିଆ ଥାନା ଏବଂ ଧଳାପଥର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଏହି ଘଟଣାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି। ସୂଚନାଥାଉ କି, ଗେଡିଆପଲ୍ଲି, ସାମୁକାପାଟଣା ଏବଂ ସାଲତରା ସାହିରେ ଗତ ଦେଢ଼ ବର୍ଷ ହେବ ଚୋରି ବଢ଼ିବାରେ ଲାଗିଛି। ତେବେ ପୋଲିସର ନୀରବତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଶାନ୍ତିଲତାଙ୍କ ଶ୍ରଦ୍ଧାଞ୍ଜଳି ସଭା

ଖୋର୍ଦ୍ଧା,୪।୪(ପ୍ରଭାତ ପାଣିଗ୍ରାହୀ)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିମୋର ଗ୍ରାମସ୍ଥିତ ଆୟୁର୍ବେଦିକ ଚିକିତ୍ସକ ସୋମନାଥ ମହାପାତ୍ରଙ୍କ ସହଧର୍ମିଣୀ ସ୍ୱର୍ଗତ ଶାନ୍ତିଲତା ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ଓ ବାଲୁକା ପ୍ରତିମୂର୍ତ୍ତି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ଶିକ୍ଷାବିତ୍ ଗୌର ଚରଣ ପ୍ରହରାଜ, ଭଗବାନ ପଣ୍ଡା, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ସମିତିସଭ୍ୟ ନଳିନୀ ଦେବୀ, ସାମାଜିକର୍ମୀ ସୁଶାନ୍ତ କୁମାର ସାହୁ, ନବ କିଶୋର ଖୁଣ୍ଟିଆ, ଶିଶିର କୁମାର ଆଚାର୍ଯ୍ୟ, ପ୍ରଶାନ୍ତ କୁମାର ବାରିକଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ବାଲୁକାରେ ନିର୍ମିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ସ୍ମୃତି ଶ୍ରଦ୍ଧାଞ୍ଜଳି ପୁସ୍ତକ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ଅଜୟ ମହାପାତ୍ର ପରିଚାଳନା କରିଥିବା ବେଳେ ବଲ୍ଲଭ ଧନ୍ୟବାଦ ଦେଇଥିଲେ।

# ଠେଙ୍ଗାହାଟ, ମୁକୁନ୍ଦପ୍ରସାଦ ମେଳଣରେ ୩୧ ଠାକୁର

ଖୋର୍ଦ୍ଧା,୪।୪(ପ୍ରଭାତ ପାଣିଗ୍ରାହୀ)

ଠେଙ୍ଗାହାଟ ଦଶଦୋଳ ମେଳଣ ଗୁରୁବାର ମଧ୍ୟରାତ୍ରିରୁ ଆରମ୍ଭ ହୋଇଛି। ମେଳଣ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବ ୩ଦିନ ଧରି ଅନୁଷ୍ଠିତ ହେବ। ସାମନ୍ତପୁରସ୍ଥିତ ଶ୍ରୀସିଦ୍ଧେଶ୍ୱର ହେଉଛନ୍ତି ଥାନପତି। ଥାନପତିଙ୍କଠାରୁ ଆମନ୍ତ୍ରଣ ପାଇ ମଧୁସୂଦନ ନଗରର ଶ୍ରୀଜଗନ୍ନାଥ, ଶାଗୁଆନ ବଗିଚାର ଭଗବତ ଦେବ, ଗୁଡ଼ିପୋଖରୀର ରାମନାଥ, କାହ୍ନୁ ସାଗରର ସୋମନାଥ, ଡାକ୍ତର ସାହିର ଲକ୍ଷ୍ମୀନାରାୟଣ, ଟିଏଲ୍‌ସିର ତାରକେଶ୍ୱର, ରାଧାବଲ୍ଲଭ ସାହିର ରାଧାବଲ୍ଲଭ, ବରାଡର ବାଲୁଙ୍କେଶ୍ୱର, ଗୋପୀନାଥ ଉପରସାହିର ଗୋପାଳଜୀଉ, ବାଲୁଙ୍କେଶ୍ୱର, ହାବେଳି ପଡିଆର ସ୍ୱପ୍ନେଶ୍ୱର ମହାଦେବ ଆଦି ୨୧ଠାକୁର ବିଜେ କରିଛନ୍ତି। ମଧ୍ୟରାତ୍ରିରେ ଥାନପତି ସିଦ୍ଧେଶ୍ୱର ଦେବ ଏକ ସୁସଜ୍ଜିତ ଦୋଳ ବିମାନରେ ବିଜେ କରିଥିଲେ। ପରେ ସମସ୍ତ ଠାକୁର ଦୋଳ ବିମାନରେ ବିଜେ ହୋଇ ଠେଙ୍ଗାହାଟଠାରୁ ବାହାରି ଉପରସାହି ବାସେଳିସାହି, ମଠସାହି, ରାଧାବଲ୍ଲଭ ସାହି, ପୁରୁଣା ଦମକଳ ଛକ, ଟ୍ରାଫିକ ଛକ, ଆଦର୍ଶ ଥାନା ଦେଇ, ସମବାୟ ବ୍ୟାଙ୍କ ଛକ, ମାଛ ମାର୍କେଟ, ପୌରପରିଷଦ କାର୍ଯ୍ୟାଳୟ ଦେଇ ଠେଙ୍ଗାହାଟ ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ସେହିପରି ଶାଗୁଆନ ବଗିଚା, ସାମନ୍ତରାପୁର, ସ୍ୱପ୍ନେଶ୍ୱରସାହି ଗୁଡ଼ିକରୁ ଠାକୁର ମଧ୍ୟ ବିଭିନ୍ନ ଶୋଭାଯାତ୍ରାରେ ସାହି ପରିକ୍ରମା କରି ପଡ଼ିଆକୁ ପ୍ରବେଶ କରିଥିଲେ। ହରିହର ଭେଟ ଓ ଫଗୁ ଖେଳ ପରେ ସମାପନ ହେବ।

ସେହିପରି ମୁକୁନ୍ଦପ୍ରସାଦ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ମୁକୁନ୍ଦପ୍ରସାଦ ମେଳଣ ପଡିଆରେ ଗୁରୁବାର ମଧ୍ୟରାତ୍ରିରେ ଠାକୁରଙ୍କ ଜମାଣ ଉତ୍ସବ ହୋଇଥିଲା। ତିନିଦିନ ଧରି ମେଳଣ ପଡିଆ ଲୋକାରଣ୍ୟ ହୋଇଉଠେ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମୀନାବଜାର, ଘରକରଣା ସାମଗ୍ରୀ ପସରା ମେଲିଛି। ବିଳମ୍ବିତ ରାତିରେ ଥାନପତି ଦଧିବାମନ ଦେବ ସୁସଜ୍ଜିତ ବିମାନରେ ବିଜେ କରି ସ୍ୱମନ୍ଦିରରୁ ବାହାରି ମୁକୁନ୍ଦପ୍ରସାଦ ଛକରେ ପହଞ୍ଚିଥିଲେ। ସେଠାରୁ ବିରାଟ ପଟୁଆରରେ ମେଳଣ ପଡିଆକୁ ଆସିଥିଲେ। ଶ୍ରୀଦଧିବାମନ ଦେବଙ୍କ ଆମନ୍ତ୍ରଣ ପାଇ ମୁକୁନ୍ଦପ୍ରସାଦର ଗୋପୀନାଥ, ଇଶାଣେଶ୍ୱର, ରଘୁନାଥ, ଜେମାଦେଇର ବାଲୁଙ୍କେଶ୍ୱର, ଅସୁରଢିହର ବାଲୁଙ୍କେଶ୍ୱର, ପିତାପଲୀର ମହାଦେବ, ପାଇକତିଗିରିଆର ମହାଦେବ, ଉପରବସ୍ତ କେଦାରଶ୍ୱର ପ୍ରମୁଖ ୧୦ଠାକୁର ଦୋଳ ବିମାନରେ ବିଜେ ହୋଇ ପଟୁଆରରେ ମେଳଣ ପଡିଆରେ ବିଜେ କରିଛନ୍ତି।

## ମାଣିକେଶ୍ୱର ଦେବଙ୍କ ଦଶଦୋଳ ଯାତ୍ରା



ବୋଲଗଡ଼,୪।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ମାଣିବନ୍ଧଠାରେ ମାଣିକେଶ୍ୱର ଦେବଙ୍କ ଦଶଦୋଳ ଯାତ୍ରା ଉତ୍ସବ ଗୁରୁବାର ରାତ୍ରିରୁ ଆରମ୍ଭ ହୋଇଛି। ଗ୍ରାମର ଦଶଦୋଳ ଯାତ୍ରା ପଡିଆର ମଧ୍ୟଭାଗରେ ଥିବା ସ୍ୱତନ୍ତ୍ର ମଣ୍ଡପରେ ହୋମ ପୂଜା ରୀତିନୀତି ପରେ ମାଣିକେଶ୍ୱରଦେବ ପ୍ରଥମେ ରାଜଠାକୁର ଭାବେ ଶୋଭାଯାତ୍ରାରେ ଆସି ଦଶଦୋଳ ପଡିଆରେ ପିଣ୍ଡି ଉପରେ ସୁସଜ୍ଜିତ ଚଉଦୋଳରେ ବିଜେ କରିଥିଲେ। ପରେ ବୋଲଗଡ, ବେଗୁନିଆ ଓ ବାଙ୍କୀ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଆମନ୍ତ୍ରିତ ଠାକୁରମାନେ ୩୫ଟି ଦୋଳ ବିମାନରେ ମେଳଣ ପଡିଆକୁ ଆସିଥିଲେ। ଏହି ଦଶଦୋଳ ଯାତ୍ରା ପାଇଁ ପାଟୁଆରରେ ଦୋଳ ବିମାନରେ ବିଜେ କରୁଥିବା ଦେବଦେବୀଙ୍କ ଶୋଭାଯାତ୍ରାକୁ ଦେଖିବା ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ଗୋଳବାଇରେ ଦଶଦୋଳ ଯାତ୍ରା

ଖୋର୍ଦ୍ଧା,୪।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଗୋଳବାଇ ଦଶ ଦୋଳଯାତ୍ରା ଆରମ୍ଭ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଶତାଧିକ ଭକ୍ତଙ୍କ ଗହଣରେ ବିରାଟ ପଟୁଆରରେ ଥାନପତି ମା' ଭଗବତୀ ସୁସଜ୍ଜିତ ଦୋଳ ବିମାନରେ ବିଜେ କରିଥିଲେ। ଏହି ସମୟରେ ଆୟୋଜକ କମିଟି ପକ୍ଷରୁ ନିମନ୍ତ୍ରଣ ପାଇ ୧୫ଟି ମୌଜାରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଦେବାଦେବୀ ଦୋଳବିମାନରେ ଆସି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ୪ଦିନ ବ୍ୟାପୀ ଏହି ଦୋଳଯାତ୍ରା ହୋଇଥାଏ। ମେଳଣ ପଡିଆରେ ମୀନାବଜାର, ସହ ଘରକରଣା ସାମଗ୍ରୀ ପସରା ପଡିଛି। ଭାଇଚାରାର ବାର୍ତ୍ତା ବହନ କରେ ଗୋଳବାଇ ଦୋଳ ମେଳଣ ଉତ୍ସବ। ଗ୍ରାମୀଣ ସଂସ୍କୃତିର ଝଲକ ଏହି ସମୟରେ ଦେଖିବାକୁ ମିଳିଥାଏ। ସଂସ୍କୃତି ଗବେଷକ ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ କହିଛନ୍ତି, ପୂର୍ବ ପରମ୍ପରାର ଅନୁସାରେ ଦଶମେଳ ଯାତ୍ରାର ଥାନପତି ହେଉଛନ୍ତି ମହାପ୍ରଭୁ ନୃସିଂହନାଥ। ଏହି ପଞ୍ଚାୟତ ଅଧୀନ ଗଙ୍ଗା ପାହାଡରେ ଅନୁଷ୍ଠିତ ହେଉଥିଲା। ସମୟକ୍ରମେ କୌଣସି କାରଣ ବଶତଃ ମା'ଭଗବତୀ ଥାନପତି ଭାବେ ବିଜେ କରି ଆସୁଛନ୍ତି। ଯାତ୍ରାର ସ୍ଥାନାଧିପତି ଭାବେ ବରଣ ହୋଇ ଆସୁଛନ୍ତି ମା ଭଗବତୀ। ତେବେ ଏହାର ପରମ୍ପରା ବହୁ ପ୍ରାଚୀନ। ଯାତ୍ରାର ସୁପରିଚାଳନା ନିମନ୍ତେ ଦଶଦୋଳ ଯାତ୍ରା କମିଟି ରହିଛି।

# ଆରମ୍ଭ ହେଲା କୁଦିଆରୀ ଦଶଦୋଳ ମେଳଣ



ଦୋଳ ମେଳଣ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ଜଟଣୀ,୪।୪(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀରେ ଗୁରୁବାର ମଧ୍ୟରାତ୍ରିରୁ ଆରମ୍ଭ ହୋଇଛି କୁଦିଆରୀ ଦଶଦୋଳ ମେଳଣ। ମା'ଝାଡ଼େଶ୍ୱରୀଙ୍କ ୩୭ତମ ବାର୍ଷିକ ଉତ୍ସବ ଉପଲକ୍ଷେ ପୂଜା କମିଟିର ସଭାପତି ସୁଦର୍ଶନ ସୁନ୍ଦରୟଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ମୁଖ୍ୟ ଅତିଥିଭାବେ ବିଜେଡି ଜଟଣୀ ବିଧାୟକ ପ୍ରାର୍ଥୀ ବିଭୂତି ବଳବନ୍ତରାୟ, ବିଧାୟକ ସୁରେଶ ରାଉତରାୟ, ଭୁବନେଶ୍ୱର ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ, ଜଟଣୀ ନଗରପାଳ ଅନନ୍ତ ବେହେରା, ମନୋଜ ସ୍ୱାଇଁ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଆମନ୍ତ୍ରିତ ଅତିଥିଙ୍କ ଦ୍ୱାରା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜମାଣ ଉତ୍ସବରେ ସମସ୍ତ ନୀତିକାନ୍ତି ପରେ ରାତି ୧୨ଟାରେ ମନ୍ଦିରରୁ ଶ୍ରୀ ପତିତପାବନ ଓ ଚନ୍ଦ୍ରଶେଖର ଦେବ ଶୋଭାଯାତ୍ରାରେ ପଥରଚକଡା ସାହି, ହାଇସ୍କୁଲ ଓ ଗ୍ରାମର ମୁଖ୍ୟ ରାସ୍ତା ଦେଇ ସ୍ଥାନୀୟ ନୀଳକଣ୍ଠେଶ୍ୱର ସାହି ଦେଇ ମେଳଣ ପଡିଆରେ ପହଞ୍ଚିଥିଲେ। ମା'ଝାଡେଶ୍ୱରୀ ଓ ସନ୍ତୋଷୀ ମା'ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ଥାନୀୟ ବିଦ୍ୟାଳୟ ପଡିଆରେ ଓଲିଉଡ୍ ନାଇଟ କାର୍ଯ୍ୟକ୍ରମ ହୋଇଥିଲା।

## ଏକାଠି ହେଲେ ୧୫ ଗାଁର ଠାକୁର

ଖୋର୍ଦ୍ଧା,୪।୪ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ ଜରିପୁଟ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଆରମ୍ଭ ହୋଇଛି ଦଶଦୋଳ ମେଳଣ। ଜରିପୁଟ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବ ୩ଦିନ ଧରି ହେବ। ଆଖପାଖ ୧୫ ଗ୍ରାମର ଠାକୁର ଏକାଠି ହୋଇଛନ୍ତି। ଗ୍ରାମର ଚନ୍ଦ୍ରଶେଖର ମହାଦେବ ହେଉଛନ୍ତି ଥାନପତି। ପରମ୍ପରା ଅନୁସାରେ ପଟୁଆରରେ ଚନ୍ଦ୍ରଶେଖର ମହାଦେବ ମନ୍ଦିରରୁ ବାହାରି ଶୋଭାଯାତ୍ରାରେ ଯାଇ ମେଳଣ ପଡିଆରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଦୋଳ ମଣ୍ଡପରେ ବିଜେ କରିଥିଲେ। ପରେ ନିମନ୍ତ୍ରିତ ଅନ୍ୟ ଗାଁର ଠାକୁରମାନେ ମଧ୍ୟ ଶୋଭାଯାତ୍ରାରେ ଆସି ମେଳଣ ପଡିଆରେ ପହଞ୍ଚି ନିଜ ଆସନରେ ବିଜେ କରିଥିଲେ। ମୀନାବଜାର, ଘର କରଣା ସାମଗ୍ରୀ, ବିଭିନ୍ନ ଖାଦ୍ୟ ଷ୍ଟଲ ଖୋଲିଛି। ଜରିପୁଟି ମେଳଣ ଏକ ଭାଇଚାରାର ବାର୍ତ୍ତା ଦେଇଥାଏ। ଏହି ମେଳଣରେ ଶିଆଳିଆର ମଦନ ମୋହନ, କଦଳିବାଡିର ଭଗବତ ବାସୁଦେବ, ଦେଉଳଟାଙ୍ଗୀର ସୋମନାଥ ଦେବ, ଦଧିମାଛଗାଡିଆର ରାଧାମୋହନ ଦେବ, ଭାଟପଡାର ସୋମନାଥ, ଜରିପୁଟର ରଘୁନାଥ, ଗୋପୀନାଥ, କଙ୍କଡାହାଡର ଐଶାନେଶ୍ୱର, ପାଟପୁରର ରାଧାକୃଷ୍ଣ, ପାନବରଜର ବାଲୁଙ୍କେଶ୍ୱର, ଭାଲିଆବାଡିର ରାଧାକାନ୍ତ, କଲ୍ୟାଣପୁରର ସ୍ୱପ୍ନେଶ୍ୱର, ଜକରାର ଲୋକନାଥ ଏବଂ ବୋଡଲମା ଗ୍ରାମର ଧବଳେଶ୍ୱର ମହାଦେବ ଏକାଠି ହୋଇଛନ୍ତି। ଏନେଇ ପୂର୍ବତନ ଗ୍ରାମ୍ୟ କମିଟି ସଭାପତି ଦିବାକର ମର୍ଦ୍ଦରାଜ କହିଛନ୍ତି, ଶହେ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ମେଳଣ ଉତ୍ସବ ଆୟୋଜନ ହୋଇଆସୁଛି।

### ପକ୍ଷୀଶାଳାକୁ ଗଲା ପେଲିକାନ

ବାରଙ୍ଗ,୪।୪(ଲିଙ୍ଗରାଜ ରାଉତ):

ନନ୍ଦନକାନନରେ ଆରମ୍ଭ ହୋଇଥିବା ଚଳିତବର୍ଷର ୪ର୍ଥ ପର୍ଯ୍ୟାୟ ପ୍ରାଣୀ ଅଦଳବଦଳ ପ୍ରକ୍ରିୟା ଆଧାରରେ ଆସିଥିବା ପ୍ରାଣୀ ଡାକ୍ତରଖାନାରେ ଡାକ୍ତରମାନଙ୍କ ନଜରବନ୍ଦୀରେ ରହିଥିଲେ। ସେମାନଙ୍କ ମଧ୍ୟରୁ ୪ ପେଲିକାନ ପକ୍ଷୀଙ୍କୁ ଗୁରୁବାର ପକ୍ଷୀଶାଳାର ଏକ ଏନ୍‌କ୍ଲୋଜରରେ ଛଡ଼ାଯାଇଛି। ମାର୍ଚ୍ଚ ୧୯ରେ ଆସାମ ଷ୍ଟେଟ୍ ଜୁ ବଟାନିକାଲ ଗାର୍ଡେନରୁ ୪ ପେଲିକାନ ପକ୍ଷୀଙ୍କୁ ନନ୍ଦନକାନନକୁ ଅଣାଯାଇଥିଲା। ଅନ୍ୟପଟେ ଏହି ଅଦଳବଦଳ ପ୍ରକ୍ରିୟାରେ ବାକିଥିବା ୪ ହାଡ଼ଗିଳା ପକ୍ଷୀକୁ ଗୁରୁବାର ବିଳମ୍ବିତ ରାତିରେ ଏକ ଟିମ୍ ନେଇ ଆସି ନନ୍ଦନକାନନରେ ପହଞ୍ଚିବ ବୋଲି ଜଣାପଡ଼ିଛି।

# ମାଣିକାଗୋଡ଼ାରେ ଦଣ୍ଡପର୍ବ

ବୋଲଗଡ଼,୪।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଦଳେଇସାହି ପଞ୍ଚାୟତର ମାଣିକାଗୋଡ଼ା ଗ୍ରାମ କୁମ୍ଭିସାହି ମା'ଦଣ୍ଡକାଳୀଙ୍କ ୧୧ଦିନିଆ ଦଣ୍ଡପର୍ବ ବୁଧବାର ରାତିରୁ ଆରମ୍ଭ ହୋଇଛି। ଗ୍ରାମର ଖଜୁରି ପୋଖରୀରେ ମଧ୍ୟରାତ୍ରରେ ଦଣ୍ଡୁଆମାନେ ଘଟ କଳସ ସ୍ଥାପନ ଓ ସନ୍ଧିପୂଜା କରି ସୁସଜ୍ଜିତ ପଟୁଆରରେ ମା'ଙ୍କ ଦଣ୍ଡ ଠାକୁରଙ୍କୁ ଆବାହନ କରି ଗ୍ରାମ ପରିଭ୍ରମଣ କରିଥିଲେ। ଗ୍ରାମ ପରିଭ୍ରମଣ ସମୟରେ ମଙ୍ଗଳ କାମନା କରି ଦଣ୍ଡୁଆମାନେ ହକ୍ ଦେଇଥିଲେ। ପରେ କାମନା ଘରଠାରେ କାଳିକା ଠାକୁରାଣୀ ପୀଠରେ ଘଟ ସ୍ଥାପନ ସହିତ ଦଣ୍ଡ ଠାକୁରଙ୍କୁ ସଂସ୍ଥାପନ କରାଯାଇଥିଲା। ଏହି ପର୍ବ କୁମ୍ଭିସାହିରେ ଦୀର୍ଘ ବର୍ଷ ଧରି ଚାଲିଆସୁଛି। ଗୁରୁବାର ଅପରାହ୍ନରେ ଦଣ୍ଡୁଆମାନେ ଧୂଳିଦଣ୍ଡ ଓ ସନ୍ଧ୍ୟାରେ ପାଣିଦଣ୍ଡ ପାଳନ କରିଥିବା ବେଳେ ରାତ୍ରିରୁ ଦଣ୍ଡଠାକୁରଙ୍କୁ ନେଇ ପାରମ୍ପରିକ ଦଣ୍ଡନୃତ୍ୟ ଉତ୍ସବ ଆରମ୍ଭ ହୋଇଛି। ସେହିପରି ହାଟବସ୍ତ ଗ୍ରାମରେ ଶ୍ରୀ ତାରେଶ୍ୱରଦେବ ମହାଦେବ ଏବଂ ମା'କାଳିକାଙ୍କ ୧୪ ଦିନିଆ ଦଣ୍ଡ ଉପାସନା ପର୍ବ ଆରମ୍ଭ ହୋଇଯାଇଛି।



### ମୋବାଇଲ ଚୋରି ଅଭିଯୋଗ: ଯୁବକ ଗିରଫ

ବାଲିଅନ୍ତା,୪।୪(ନୀଳମାଧବ ସାହୁ)

ମୋବାଇଲ ଚୋରି କରିବା ଅଭିଯୋଗରେ ବାଲିଅନ୍ତା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲିଅନ୍ତା ଥାନା ଅଧୀନ ଭିଙ୍ଗାରପୁର ପଣ୍ଡା ସାହିର ଅଭୟ କୁମାର ଭୋଇ (୨୧)। ପୋଲିସ ତାଙ୍କ ପାଖରୁ ୮ ଫୋନ, ୧ ବାଇକ୍ ଜବତ କରିଛି। ଏନେଇ ପୋଲିସ ୧୬୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗତ ୩୧ ତାରିଖରେ ବିଳମ୍ବିତ ରାତ୍ରିରେ ନିର୍ମାଣାଧୀନ କୋଠା ଘରେ ପଶି ସେଠାରେ ରହୁଥିବା ରାଜ୍ୟ ବାହାରର ଶ୍ରମିକଙ୍କ ୪ଟି ମୋବାଇଲ ଫୋନ ଚୋରି କରି ଘଟଣାସ୍ଥଳରୁ ଏକ ବାଇକ୍‌ରେ ଖସି ପଳାଇଥିଲେ।

## ପାଳନ ହୋଇପାରୁନି ୧୨୫ତମ ଜୟନ୍ତୀ ଉତ୍ସବ

**ବିଜେବି ହାଇସ୍କୁଲ**

ଖୋର୍ଦ୍ଧା,୪।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ହାଇସ୍କୁଲର ୧୨୫ତମ ଜୟନ୍ତୀ ଉତ୍ସବ ପାଳନ ଲାଗି ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଏବଂ ଆଲୁମ୍‌ନିକୁ ନେଇ ଗଠିତ କମିଟି ପକ୍ଷରୁ ବହୁ ଥର ବୈଠକ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ହୋଇପାରିଲା ନାହିଁ, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ସଂସଦ କମିଟିର ଅଧ୍ୟକ୍ଷ ରହିଥିବା ବେଳେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଦାୟିତ୍ୱରେ ରହିଛନ୍ତି। ଏଥିସହ ବହୁ ପ୍ରଶାସକ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ପୁରାତନ ଛାତ୍ର ଏହି କମିଟିରେ ରହିଛନ୍ତି। ଜୟନ୍ତୀ ଉତ୍ସବରେ ରାଷ୍ଟ୍ରପତି ଯୋଗଦେବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶ ପାଇଥିଲା। ଏପରିକି ବିଦ୍ୟାଳୟ ଆଗରେ ପୋଷ୍ଟର ଲାଗିଲା। ଲିଫଲେଟ୍ ମଧ୍ୟ ଛପା ସରିଥିଲା। ତେବେ ରାଷ୍ଟ୍ରପତି ୩ଥର ଓଡ଼ିଶା ଗସ୍ତରେ ଆସିଥିଲେ ମଧ୍ୟ ବିଜେବି ହାଇସ୍କୁଲର ଜୟନ୍ତୀ ଉତ୍ସବରେ ଯୋଗଦାନ ଲାଗି ରାଷ୍ଟ୍ରପତିଙ୍କ ଭବନରୁ କୌଣସି ଚିଠି ବିଦ୍ୟାଳୟକୁ ଆସିଲା ନାହିଁ। ଫଳରେ ଆଶା ମଉଳିଗଲା। ପରବର୍ତ୍ତୀ ସମୟରେ ପୁଣି ରାଜ୍ୟପାଳ ଜୟନ୍ତୀ ଉତ୍ସବରେ ଯୋଗଦେବେ ବୋଲି ବୈଠକରେ ନିଷ୍ପତ୍ତି ହେଲା। ନିମନ୍ତ୍ରଣ ପତ୍ର ମଧ୍ୟ ଛପା ସରିଥିଲା। ତେବେ ବହୁ ଆଡ଼ମ୍ବରେ ଲଘୁକ୍ରିୟା ନ୍ୟାୟରେ ଅତିଥି ନିମନ୍ତ୍ରଣ ନେଇ କୌଣସି ଚୂଡ଼ାନ୍ତ ହୋଇ ନ ପାରିବାରୁ ଏପର୍ଯ୍ୟନ୍ତ ଉତ୍ସବ ହୋଇପାରିଲା ନାହିଁ। ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଥର ବୈଠକ ଏବଂ କମିଟିରେ ୨ଜଣ ବିଧାୟକ ସଦସ୍ୟ ରହିଥିଲେ ମଧ୍ୟ କାହିଁକି ଉତ୍ସବ ପାଳନ ହୋଇପାରିଲା ନାହିଁ, ତାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଥାଉ କି, ରାଜ୍ୟ ଖାଦ୍ୟ କମିଶନର ପ୍ରମୋଦ କୁମାର ମେକାପ, ବିଧାୟକ ଜ୍ୟାତିରୀନ୍ଦ୍ର ନାଥ ମିତ୍ର, ବିଧାୟକ ରାଜେନ୍ଦ୍ର ସାହୁ ପ୍ରମୁଖ ଏହି ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ତେବେ ସବୁଥାଇ ଦୀପ ତଳ ଅନ୍ଧାର ଭଳି ଏହି ବିଦ୍ୟାଳୟ ଗୌରବମୟ ଗାଥା କେବଳ ବିଦ୍ୟାଳୟ ମୁଖପତ୍ରରେ ସୀମିତ ହୋଇ ରହିଯାଇଛି।

# ବିଦ୍ୟାଳୟ ସମୟ ପରିବର୍ତ୍ତନ ହେଉ

**ଜିଲାପାଳଙ୍କୁ ଅନୁରୋଧ କଲା ପ୍ରାଥମିକ ଶିକ୍ଷକ ସଂଘ**

ଖୋର୍ଦ୍ଧା,୪।୪(ପ୍ରଭାତ ପାଣିଗ୍ରାହୀ)

ପ୍ରଚଣ୍ଡ ରୌଦ୍ରତାପ ବୃଦ୍ଧି ପାଉଥିବାରୁ ବିଦ୍ୟାଳୟର ସମୟ ପରିବର୍ତ୍ତନ ପାଇଁ ପ୍ରାଥମିକ ଶିକ୍ଷକ ସଂଘ ଖୋର୍ଦ୍ଧା ବ୍ଲକ ପକ୍ଷରୁ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ପୂର୍ବାହ୍ନ ୧୦ଟା ପରେ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ସ୍କୁଲ ଛୁଟି ହେବା ପରେ ପିଲାମାନେ ଘରକୁ ଫେରିବା ବେଳେ ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି କଷ୍ଟ ଦେଉଛି। ଯଦି ବିଦ୍ୟାଳୟ ସମୟ ସକାଳ ୬ଟା ୩୦ରୁ ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ କରାଯିବ ତେବେ ପିଲାଙ୍କ ସ୍ୱାସ୍ଥ୍ୟକ୍ଷେତ୍ରରେ କୌଣସି ଅସୁବିଧା ସୃଷ୍ଟି ହେବ ନାହିଁ। ଏନେଇ ପ୍ରାଥମିକ ଶିକ୍ଷକ ସଂଘ ଖୋର୍ଦ୍ଧା ବ୍ଲକ ପକ୍ଷରୁ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ସଂଘ ସଭାପତି ଯୁଧିଷ୍ଠିର ସାହୁ, ସମ୍ପାଦକ ଅମୀୟ ପରିଡ଼ା, ବିଜୟଲକ୍ଷ୍ମୀ ପାଣି, ଦିବ୍ୟସିଂହ ସୁବୁଦ୍ଧି, ରଶ୍ମି ଦାସ, ଜ୍ୟୋତିର୍ମୟୀ ନାୟକ, ସତ୍ୟବ୍ରତ ଚମ୍ପତିରାୟ, ମାଧବଚନ୍ଦ୍ର ରଣା, ପ୍ରତାପ ଚନ୍ଦ୍ର ସ୍ୱାଇଁ, ସୁଶାନ୍ତ ଦାସ, ସତ୍ୟଜିତ୍ ମହାନ୍ତି, ମଧୁସୂଦନ ଦାସ ପ୍ରମୁଖ ଅନୁରୋଧ କରିଛନ୍ତି ।

## ଆର୍ମି ଇଲେଭେନ ବିଜୟୀ

**ବୋଲଗଡ଼ ପ୍ରିମିୟର ଲିଗ୍**

ବୋଲଗଡ଼,୪।୪(ଦେବବ୍ରତ ହୋତା)

ସ୍ଥାନୀୟ ପରମାନନ୍ଦ କଲେଜ ନିକଟ ଖେଳପଡ଼ିଆରେ ଚାଲିଥିବା ବୋଲଗଡ଼ ପ୍ରିମିୟର ଲିଗ୍(ବିପିଏଲ୍)ର ଦଶମ ସଂସ୍କରଣରେ ଗୁରୁବାର ଆର୍ମି ଇଲେଭେନ ଓ ରାଜା ଫାଇଟର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଆର୍ମି ଇଲେଭେନ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ବିନିମୟରେ ୧୦୮ ରନ ସଂଗ୍ରହ କରିଥିଲା। ଜବାବରେ ରାଜା ଫାଇଟର ଟିମ୍ ୧୦ ଓଭରରେ ୯ ଉଇକେଟ ବିନିମୟରେ ୬୮ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଆର୍ମି ଇଲେଭେନ ଟିମ୍ ବିଜୟୀ ହେବା ସହି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ବିଜୟୀ ଟିମ୍‌ର ଖେଳାଳି ମୁକା ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ରିଙ୍କୁ ଓ ଉମାକାନ୍ତ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ବିପିଏଲ୍ ପରିଚାଳନା କମିଟି ସଦସ୍ୟ ଗୁଡୁ, ମୋହିତ, ସାଗର, କାଳିଆ, ପିଣ୍ଟୁ, ହାପି, ସ୍ନେହାଂଶୁ ପ୍ରମୁଖ ସହଯୋଗ କରିଥିଲେ।



ମ୍ୟାଚ୍‌ରେ ଯୋଗଦେଇଥିବା ଖେଳାଳିମାନେ।

# 'ଭଲ ପାଠ ପଢ଼ି ବିଦ୍ୟାଳୟର ଗୌରବ ରଖ'

ବୋଲଗଡ଼,୪।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ପିଟୁକୁଳିସ୍ଥିତ ବୀଣାପାଣି ବିଦ୍ୟାମନ୍ଦିରର ୨୦ତମ ବାର୍ଷିକ ଉତ୍ସବ ମଙ୍ଗରାଜପୁର ସ୍ଥିତ ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବ୍ରିଗେଡିଅର ପ୍ରଫେସର ଡା.ପ୍ରଫୁଲ୍ଲ କୁମାର ସାହୁ, ମୁଖ୍ୟ ବକ୍ତା ବରିଷ୍ଠ ଶିକ୍ଷୟିତ୍ରୀ ତଥା କବୟିତ୍ରୀ ଗୀତାଞ୍ଜଳି ମହାପାତ୍ର, ସମ୍ମାନିତ ଅତିଥି ସରପଞ୍ଚ ଶୁଭଲକ୍ଷ୍ମୀ ସୁନ୍ଦରାୟ, ଆଇନଜୀବୀ ପ୍ରଦୀପ କୁମାର ମହାପାତ୍ର, ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ଦିଲୀପ କୁମାର ଯତି ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାପାତ୍ର ବେଦ ପାଠ ଗାନ କରିଥିଲେ। ବିଦ୍ୟାମନ୍ଦିରର ସମ୍ପାଦକ ପାଣ୍ଡବ ସାହୁ ଅତିଥି ପରିଚୟ ପ୍ରଦାନ କରି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବରିଷ୍ଠ ଶିକ୍ଷାବିତ୍ ଲଛମନ ବରାଡ଼ ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠ ଡା. ପ୍ରଫୁଲ୍ଲ କୁମାର ସାହୁଙ୍କୁ ବୀଣାପାଣି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁଣାତ୍ମକ ଶିକ୍ଷା ବିନା ଜୀବନ ଅନ୍ଧକାରମୟ ବୋଲି ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ କହିଥିଲେ। ଶିକ୍ଷା ଭଲ ମଣିଷ ହେବା ଓ ବଞ୍ଚିବା ପାଇଁ ରୋଜଗାରର ବାଟ ଦେଖାଇଥାଏ ବୋଲି ସରପଞ୍ଚ ସୁନ୍ଦରାୟ କହିଥିଲେ। ଶିକ୍ଷା ସୁସ୍ଥ ସମାଜ ଗଠନ କରିବା ଓ ବିକାଶ କରାଇବାରେ ସହାୟକ ହୋଇଥାଏ ବୋଲି ସମାଜସେବୀ ପ୍ରଦୀପ କୁମାର ମହାପାତ୍ର ମତବ୍ୟକ୍ତ କରିଥିଲେ। ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ଅଭିଭାବକ ଓ ଗ୍ରାମବାସୀ ଯୋଗଦେଇଥିଲେ। ବିଦ୍ୟାମନ୍ଦିରର ଗୁରୁମା ଭାରତୀ ଜଗଦ୍ଦେବ, ବିନୋଦିନୀ ସାହୁ, ନିବେଦିତା ମହାପାତ୍ର, ସସ୍ମିତା ପାଇକରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରଧାନ ଆଚାର୍ଯ୍ୟା ପ୍ରମୋଦିନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।




ବାର୍ଷିକ ଉତ୍ସବରେ ଅତିଥିମାନେ ପ୍ରତିଭାଧାରୀଙ୍କୁ ସମ୍ମାନିତ କରୁଛନ୍ତି।




୪।୦୪।୨୦୨୪

| | |
|---|---|
| ୫,୬୮,୯୫୭ ଟଙ୍କା | |
| ସୁନା | ୧.୧୫୦ ଗ୍ରାମ୍ |
| ରୁପା | ୨୭.୧୦୦ ଗ୍ରାମ୍ |

# ହାଇକୋର୍ଟରେ ହାଜର ହେଲା ଜାହାଜ ଚଳାଚଳ ମନ୍ତ୍ରଣାଳୟ

## 'ବ୍ଲାକରୋଜ୍' ବୁଡ଼ି ମାମଲା



କଟକ,୪।୪ (କାର୍ତ୍ତିକ ସାହୁ)

ପାରାଦ୍ୱୀପ ନିକଟ ସମୁଦ୍ରରେ ବ୍ଲାକ୍‌ରୋଜ୍ ଜାହାଜ ବୁଡ଼ି ଘଟଣାର ସିବିଆଇ ତଦନ୍ତ ଦାବି ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ଗୁରୁବାର ହୋଇଛି। ଶୁଣାଣିବେଳେ ଜାହାଜ ଚଳାଚଳ ମନ୍ତ୍ରଣାଳୟ ହାଇକୋର୍ଟରେ ହାଜର ହୋଇ ନିଜର ପକ୍ଷ ରଖିଛି। ଅପରପକ୍ଷରେ ଆବେଦନକାରୀ ଆସନ୍ତା ୪ ସପ୍ତାହ ମଧ୍ୟରେ ମାମଲାର ତଦନ୍ତ ସମ୍ପର୍କିତ ସମସ୍ତ ଦିଗ ଉପରେ ପ୍ରସ୍ତୁତ ହୋଇ ଆସିବାକୁ ହାଇକୋର୍ଟ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ଶିବଶଙ୍କର ମିଶ୍ରଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଆସନ୍ତା ୧୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁସାରେ, ୨୦୦୯ ସେପ୍ଟେମ୍ବର ୯ ତାରିଖରେ ମଙ୍ଗୋଲିଆର ଜାହାଜ ବ୍ଲାକ୍‌ରୋଜ୍ ପାରାଦୀପ ସମୁଦ୍ର ଉପକୂଳରୁ ୫ କିଲୋମିଟର ଦୂରରେ ଭାରସାମ୍ୟ ହରାଇ ବୁଡ଼ି ଯାଇଥିଲା। ସେଥିରେ ପ୍ରାୟ ୨୩,୫୦୦ ମେଟ୍ରିକ ଟନ୍ ଲୁହାପଥର ବୋଝେଇ ହୋଇଥିଲା। ଏହି ଦୁର୍ଘଟଣାରେ ଜାହାଜର ଜଣେ ଯନ୍ତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଜାହାଜଟି ଦୀର୍ଘଦିନ ଧରି ପଡ଼ି ରହିବାରୁ ସମୁଦ୍ରରେ ତେଲ ଭାସିଥିଲା। ହେଲେ ଜାହାଜକୁ କୂଳକୁ ଆଣିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଜାହାଜଟି ଏବେ ପାଣିରେ ସମ୍ପୂର୍ଣ୍ଣ ବୁଡ଼ିଯାଇଛି। ଜାହାଜଟି ଭାରତୀୟ ସମୁଦ୍ର ସୀମାରେ ବୁଡ଼ିଯାଇଥିବାରୁ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ଦୃଷ୍ଟିରେ ରଖି ଉକ୍ତ ଜାହାଜ ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରିବା ପାଇଁ ଏହି ଘଟଣାର ସିବିଆଇ ତଦନ୍ତ କରିବାକୁ ଭାରତ ସରକାରଙ୍କ ଜାହାଜ ମନ୍ତ୍ରଣାଳୟ ୨୦୧୮ରେ ନିଷ୍ପତ୍ତି ନେଇଥିଲା। ଏନେଇ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ସିବିଆଇ ପକ୍ଷରୁ ରାଜ୍ୟ ସରକାରଙ୍କୁ ୨୦୧୯ ନଭେମ୍ବରରେ ଚିଠି ଲେଖାଯାଇଥିଲା। କିଛି ମାସ ପରେ ପୁନର୍ବାର ଆଉ ଏକ ଚିଠି ମଧ୍ୟ ଦିଆଯାଇଥିଲା। ହେଲେ ରାଜ୍ୟ ସରକାର ଏନେଇ କୌଣସି ଅନୁମତି ଦେଇ ନ ଥିଲେ। ଏପରି କି ଜାହାଜ ସମ୍ପର୍କରେ ଅଧିକ ଖୋଳତାଡ଼ କରିବାକୁ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରି ନ ଥିଲେ। ରାଜ୍ୟ ସରକାର ଅନୁମତି ନ ଦେବା ଫଳରେ ସିବିଆଇ ତଦନ୍ତ ଆରମ୍ଭ ହୋଇପାରିନି ବୋଲି ସିବିଆଇ ପକ୍ଷରୁ ସତ୍ୟପାଠ ମାଧ୍ୟମରେ ଗତ ମାର୍ଚ୍ଚ ୧୯ ତାରିଖରେ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ଏହି ମାମଲାର ତଦନ୍ତ ଅନୁମତି ପାଇଁ ରାଜ୍ୟ ସରକାରଙ୍କୁ ଦୁଇ ଥର ଅନୁରୋଧ କରାଯାଇଥିଲେ ମଧ୍ୟ ରାଜ୍ୟ ସରକାର ଅନୁମତି ଦେଇନାହାନ୍ତି ବୋଲି ସିବିଆଇ ନିଜ ସତ୍ୟପାଠରେ ଦର୍ଶାଇଥିଲା।

## ମହାନଦୀରୁ ବୃଦ୍ଧଙ୍କ ମୃତଦେହ ଜବତ

କଟକ ସଦର, ୪।୪(ସୁଶାନ୍ତ କୁମାର ଜେନା)- ମହାନଦୀରେ ବୁଡ଼ିଯାଇଥିବା ଜଣେ ବୃଦ୍ଧଙ୍କ ମୃତଦେହ କିଶନ ନଗର ପୋଲିସ ଗୁରୁବାର ରାତିରେ ଜବତ କରିଛି। ସେ ହେଲେ ଏହି ଥାନା ଅଧୀନ ରାମଚନ୍ଦ୍ରପୁର ଗ୍ରାମର ଦିଲ୍ଲୀପ ଗୋସ୍ୱାମୀ। ବୃଦ୍ଧ ଜଣକ ଶୌଚ ପାଇଁ ମହାନଦୀକୁ ଯାଇଥିବାବେଳେ ପାଣିରେ ବୁଡି ଯାଇଥିଲେ। ଖବରପାଇ ରଘୁନାଥପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ପାଣିରେ ଖୋଜାଖୋଜି କରିବା ପରେ ମୃତଦେହ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଥିଲେ। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪/୨୪) ରୁଜୁ କରି ତଦନ୍ତ ଚଳାଇଛି।



ଅସହ୍ୟ ତାତି: କଟକ ତୁଳସୀପୁର ଡିୟର ପାର୍କରେ ଥିବା ଗଛ ଛାଇରେ ଗୁରୁବାର ହରିଣମାନେ ବିଶ୍ରାମ ନେଉଛନ୍ତି।

# ମହାନଦୀରେ ବୁଡ଼ିଲା ଡଙ୍ଗା

## ଜଣେ ନିଖୋଜ, ୩ ଉଦ୍ଧାର



ବାଙ୍କୀ,୪।୪ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଥାନା ରତାଗଡ଼ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ସହଙ୍ଗୀଗୋପାଳପୁର ନିକଟ ମହାନଦୀରେ ଗୁରୁବାର ଅଘଟଣ ଘଟିଛି। ଡଙ୍ଗାରେ ବୁଲୁଥିବା ୪ ଜଣ ସାଙ୍ଗଙ୍କ ମଧ୍ୟରୁ ଜଣେ ପାଣିରେ ବୁଡ଼ି ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଢେଙ୍କାନାଳ ଜିଲା ସପ୍ତଶଯ୍ୟା ପଞ୍ଚାୟତର ନିରଞ୍ଜନ ନାୟକଙ୍କ ପୁଅ ରଜତ ନାୟକ। ତାଙ୍କୁ ଉଦ୍ଧାର କରିବାବେଳେ ଡଙ୍ଗାଟି ଓଲଟି ପଡ଼ିବାରୁ ଆଉ ୩ ଜଣ ପାଣିକୁ ଖସିପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିବାବେଳେ ଜଣଙ୍କ ଅବସ୍ଥା ଗୁରୁତର ହୋଇଛି। ଉଦ୍ଧାର ହୋଇଥିବା ଯୁବକମାନଙ୍କୁ ପ୍ରଥମେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଗୁରୁତରଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଖବରପାଇ ବାଙ୍କୀ ଏବଂ ଡମପଡ଼ା ଦମକଳ ବାହିନୀ ମହାନଦୀରେ ଖୋଜାଖୋଜି କରିଥିଲେ ସୁଦ୍ଧା ରଜତଙ୍କ କୌଣସି ପତ୍ତା ମିଳିନାହିଁ। ଏନେଇ ଓଡ୍ରାଫ୍ ଟିମ୍‌ର ସହାୟତା ନିଆଯିବ ବୋଲି ଅଗ୍ନିଶମ ବିଭାଗ ଅଫିସର ପ୍ରଫୁଲ୍ଲ ଓଝା କହିଛନ୍ତି। ରଜତ ଓ ତାଙ୍କ ସାଙ୍ଗମାନେ ମହାନଦୀକୁ ଗାଧୋଇବାକୁ ଆସିଥିବାବେଳେ ଡଙ୍ଗାରେ ବୁଲିବାକୁ ମନକରି ଏଭଳି ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ଦେଶପ୍ରେମ ପାଇଁ ଶହୀଦ ରଘୁ-ଦିବାକର ଚିରସ୍ମରଣୀୟ

## ଦୁଇ ସଂଗ୍ରାମୀଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ

ଭୁବନେଶ୍ୱର,୪।୪(ଶର୍ମିଷ୍ଠା ପାଣିଗ୍ରାହୀ)

ବ୍ରିଟିଶ ସରକାରଙ୍କ ଶୋଷଣ ଓ ଅତ୍ୟାଚାର ବିରୋଧରେ ରଣପୁରର ପ୍ରଜାମଣ୍ଡଳ ଆନ୍ଦୋଳନ ଏକ ଐତିହାସିକ ଘଟଣା । ଅତ୍ୟାଚାରୀ ଶାସନରୁ ମୁକ୍ତ ହୋଇ ସ୍ୱାଧୀନତା ପାଇବା ଆଶାରେ ରଣପୁରବାସୀ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ଆନ୍ଦୋଳନର ପୁରୋଧା ଭାବେ ଗ୍ରହଣ କରିଥିଲେ। ଏହି ଦୁଇ ଉଦୀୟମାନ ତରୁଣଙ୍କୁ ତତ୍କାଳୀନ ରଣପୁର ଗଡ଼ଜାତର ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ ପରିସ୍ଥିତି ଘୋର ବ୍ୟଥିତ କରିଥିଲା। ଅତ୍ୟାଚାରୀ ପଲିଟିକାଲ ଏଜେଣ୍ଟ ବେଜେଲ୍‌ଗେଟ୍‌ଙ୍କ ହତ୍ୟା ପାଇଁ ରଘୁନାଥ ଓ ଦିବାକରଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣି ସେମାନଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରାଯାଇଥିଲା। ୧୯୪୧ ମସିହା ଅପ୍ରେଲ ୪ରେ ବିହାର ଭାଗଲପୁର ଜେଲରେ ସେମାନଙ୍କୁ ଫାଶୀ ଦିଆଯାଇଥିଲା। ଅସୀମ ତ୍ୟାଗ ଓ ଦେଶପ୍ରେମ ପାଇଁ ଶହୀଦ ରଘୁ-ଦିବାକର ଚିରସ୍ମରଣୀୟ ହୋଇ ରହିବେ ବୋଲି ଅର୍ଥ ବିଭାଗ ଅତିରିକ୍ତ ଶାସନ ସଚିବ କୃଷ୍ଣଚନ୍ଦ୍ର ଶତପଥୀ କହିଛନ୍ତି। ଗୁରୁବାର ସୂଚନା ଭବନଠାରେ ଶହୀଦ ରଘୁ-ଦିବାକରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।



ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜ୍ୟସ୍ତରୀୟ ଶହୀଦ ରଘୁ-ଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ନୟାଗଡ଼ ଗଡ଼ବାଣୀକିଲୋ ମହାବିଦ୍ୟାଳୟର ଅଧ୍ୟାପିକା ସୌଦାମିନୀ ପାଇକରାୟ ଯୋଗଦେଥିଲେ। ସେ କହିଲେ, ଗଡ଼ଜାତ ଶାସନ ସମୟରେ ବେଠି, ବେଗାରି, ସଲାମି, ରସଦ ଆଦି ପ୍ରଚଳିତ କୁପ୍ରଥା ଯୋଗୁ ପ୍ରଜାଙ୍କ ଅର୍ଥନୈତିକ ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ରଘୁ-ଦିବାକରଙ୍କ ବଳିଷ୍ଠ ନେତୃତ୍ୱ, ସତ୍ୟାଗ୍ରହୀଙ୍କ ଧୈର୍ଯ୍ୟ ଓ ମନୋବଳକୁ ସୁଦୃଢ଼ କରିବା ଦିଗରେ ପ୍ରେରଣା ଯୋଗାଇଥିଲା। ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଶହୀଦ ରଘୁ-ଦିବାକରଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ବୋଲି ସେ ଉଲ୍ଲେଖ କରିଥିଲେ। ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ସଭାପତିତ୍ୱ କରି କହିଲେ, ଇଂରେଜ ଶାସନ ବିରୋଧରେ ରଘୁ-ଦିବାକରଙ୍କ ସଂଗ୍ରାମ ଓ ବଳିଦାନ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ସୂଚନା ଅଧିକାରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇଥିଲେ। ସ୍ମୃତି କମିଟି ଏବଂ ପରିଷଦର ଗୌରାଙ୍ଗ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ମୃତି କମିଟି ଏବଂ ପରିଷଦର ଗୌରାଙ୍ଗ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦେବାଶିଷ



@ ଦିବ୍ୟଜ୍ୟୋତି



@ ଦୁର୍ଯ୍ୟୋଧନ



@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଆଚାର୍ଯ୍ୟ ଭାବାନନ୍ଦଙ୍କୁ କ୍ଷେତ୍ରବାସୀ ସାହିତ୍ୟବିଦ୍ୟା, ସରୋଜ ରଞ୍ଜନଙ୍କୁ କୃଷ୍ଣଚରଣ କାବ୍ୟପୁରୁଷ

## ଓଡ଼ିଆ ଗବେଷଣା ପରିଷଦର ୨୦୨୩ ପୁରସ୍କାର ଘୋଷିତ

କଟକ,୪।୪ (କାର୍ତ୍ତିକ ସାହୁ)

ପୁରାତନ ସାହିତ୍ୟ ଅନୁଷ୍ଠାନ ଓଡ଼ିଆ ଗବେଷଣା ପରିଷଦ ପକ୍ଷରୁ ୨୦୨୩ ବର୍ଷର ପୁରସ୍କାର ଘୋଷଣା କରାଯାଇଛି। ଲୋକ ସାହିତ୍ୟର ବିଶିଷ୍ଟ ଗବେଷକ ଆଚାର୍ଯ୍ୟ ଭାବାନନ୍ଦ (ଡ. ଭାବଗ୍ରାହୀ ମିଶ୍ର)ଙ୍କୁ କ୍ଷେତ୍ରବାସୀ ସାହିତ୍ୟବିଦ୍ୟା ପୁରସ୍କାର ଏବଂ ବରିଷ୍ଠ ସମ୍ପାଦକ ତଥା କବି ସରୋଜ ରଞ୍ଜନ ମହାନ୍ତିଙ୍କୁ କୃଷ୍ଣଚରଣ କାବ୍ୟପୁରୁଷ ପୁରସ୍କାର ପ୍ରଦାନ କରାଯିବ। ଆସନ୍ତା ୭ ତାରିଖ ପୂର୍ବାହ୍ନ ୧୦ଟାରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ହେବାକୁ ଥିବା ପରିଷଦର ୪୪ତମ ବାର୍ଷିକ ଉତ୍ସବରେ ଉଭୟଙ୍କୁ ପୁରସ୍କୃତ କରାଯିବ। ପ୍ରତ୍ୟେକଙ୍କୁ ମାନପତ୍ର, ଉତ୍ତରୀୟ ଓ ୧୦ ହଜାର ଟଙ୍କାର ଅର୍ଥରାଶି ଦ୍ୱାରା ସମ୍ବର୍ଦ୍ଧିତ କରାଯିବ। ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବିଶିଷ୍ଟ ଭାଷାବିଜ୍ଞାନୀ ଓ ଲୋକବିଦ୍ୟାବିତ୍ ଡ. ଅରବିନ୍ଦ ପଟ୍ଟନାୟକ ଏବଂ ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ ଯୋଗଦେବେ। ଏହି ଅବସରରେ ପରିଷଦର ଷାଣ୍ମାସିକ ଗବେଷଣା ପତ୍ରିକା ଏଷଣାର ୮୭ତମ ସଂଖ୍ୟା ଓ ଅନ୍ୟ ପୁସ୍ତକ ଉନ୍ମୋଚନ ହେବ। ପରିଷଦର ସଦସ୍ୟାସଦସ୍ୟ ଓ ଶୁଭେଚ୍ଛୁମାନେ ଏଥିରେ ଯୋଗଦେବା ପାଇଁ ସଭାପତି ସୁଧୀର ଚନ୍ଦ୍ର ବେହୁରା, ଉପସଭାପତି ଅସିତ୍ ମହାନ୍ତି ଓ ସମ୍ପାଦକ ଗୌରାଙ୍ଗ ଚରଣ ଦାଶ ଅନୁରୋଧ କରିଛନ୍ତି।



ଆଚାର୍ଯ୍ୟ ଭାବାନନ୍ଦ



ସରୋଜ ରଞ୍ଜନ ମହାନ୍ତି

# ପୁରୀରେ ପିଲା ନିଖୋଜ ଘଟଣା ବୃଦ୍ଧିପାଉଛି

## ମାସକରେ ୧୪୫ ନାବାଳିକା, ନାବାଳକଙ୍କୁ ଉଦ୍ଧାର କଲାଣି ପୋଲିସ

ପୁରୀ,୪।୪(ଅଜିତ୍ ମହାନ୍ତି)

ପୁରୀ ଜିଲାରେ ପିଲା ନିଖୋଜ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଗତ ୬ବର୍ଷ ମଧ୍ୟରେ ୧୫୦ରୁ ଊର୍ଦ୍ଧ୍ୱ ପିଲା ନିଖୋଜ ହୋଇଥିବା ଜଣାପଡ଼ିଛି। ଗତ ୨୦୧୮ରୁ ୨୦୨୪ ମାର୍ଚ୍ଚ ମାସ ମଧ୍ୟରେ ପୁରୀ ସହର ସମେତ ଜିଲାରେ ୧୮ ବର୍ଷରୁ କମ୍ ନାବାଳିକା ଓ ନାବାଳକ ନିଖୋଜ ନେଇ ବିଭିନ୍ନ ଥାନାରେ ଅଭିଯୋଗ ରହିଛି। ଏପରିକି ଗତବର୍ଷ ପୁରୀ ସହରରୁ ଜଣେ ଶିଶୁକନ୍ୟା ନିଖୋଜ ହୋଇଥିବା ନେଇ ପୋଲିସକୁ ଅଭିଯୋଗ ମିଳିଥିଲା। ଏହି ଘଟଣା ନେଇ ସେତେବେଳେ ପିଲାଚୋର ଆତଙ୍କ ସୃଷ୍ଟି ହୋଇଥିବାବେଳେ ପୁରୀ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା। ସୂଚନା ଅନୁଯାୟୀ, କଟକ ନିଆଳି ଅଞ୍ଚଳର ସସ୍ମିତା ମଲ୍ଲିକ ଓ ସଞ୍ଜୟ ମଲ୍ଲିକ ପୁରୀ ଚାଲିଆସି ବଳିଆପଣ୍ଡା ଥାନା ଅନ୍ତର୍ଗତ ଲାଇଟହାଉସ୍ ବେଳାଭୂମି ନିକଟରେ ରହି ପଇଡ଼ ବେପାର କରୁଥିଲେ। ଗତବର୍ଷ ଜୁଲାଇ ୨୬ ତାରିଖ ସନ୍ଧ୍ୟାରେ ଏହି ବେଳାଭୂମି ନିକଟରେ କେତେଜଣ ଦୁର୍ବୃତ୍ତ ଏକ କାର୍ ରଖି ପଇଡ଼ ପିଇବା ସହ ସଞ୍ଜୟ ଓ ସସ୍ମିତାଙ୍କ ଅଲକ୍ଷରେ ତାଙ୍କ ଅଢେଇ ବର୍ଷର ଝିଅ ରାଧାଙ୍କୁ ଅପହରଣ କରିନେଇଥିଲେ। ଏନେଇ ପରିବାର ପକ୍ଷରୁ ବଳିଆପଣ୍ଡା ଥାନାରେ ଅଭିଯୋଗ କରାଯାଇଥିଲା। ପୁରୀରେ ଅଙ୍ଗତସ୍କରୀ ଓ ପିଲାଚୋରି ର୍ୟାକେଟ୍ ସକ୍ରିୟ ଥିବା ନେଇ ସଞ୍ଜୟ ଆଶଙ୍କା ପ୍ରକଟ କରି ତତ୍କାଳୀନ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଘଟଣାର ଛାନଭିନ୍ କରିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ତେବେ ଘଟଣାର ପ୍ରାୟ ୯ ମାସ ପରେ ମଧ୍ୟ ପୋଲିସ ରାଧାଙ୍କୁ ଠାବ କିମ୍ବା ଦୁର୍ବୃତ୍ତଙ୍କୁ ଗିରଫ କରିପାରିନଥିଲା। ଅନ୍ୟପକ୍ଷରେ ଜିଲାରେ ଏଭଳି ଘଟଣା ନେଇ ୩୬୩ ଆଇପିସିରେ ଅନେକ ମାମଲା ରୁଜୁ ହୋଇଥିଲା, ଯାହା ପୋଲିସ ପାଇଁ ଚିନ୍ତାର କାରଣ ସାଜିଥିଲା। ତେଣୁ ପିନାକ ମିଶ୍ର ନୂତନ ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏ ସମ୍ପର୍କିତ ମାମଲା ଉପରେ ଗୁରୁତ୍ୱ ଦେଇଥିଲେ। ଫଳରେ ଗତ ଏକ ମାସ ହେବ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରାଯାଇଥିଲା। ନିଖୋଜ ଥିବା ନାବାଳିକା, ନାବାଳକମାନଙ୍କୁ ଟ୍ରେସ୍ କରିବା ପାଇଁ ପୋଲିସ ପ୍ରୟାସ ଚଳାଇଥିଲା। ଫଳରେ ୧୪୫ ଜଣ ନାବାଳିକା ଓ ନାବାଳକଙ୍କୁ ବିଭିନ୍ନ ସ୍ଥାନରୁ ଉଦ୍ଧାର କରି ସେମାନଙ୍କ ମାତାପିତା ତଥା ଲିଗାଲ ଗାର୍ଡିଆନମାନଙ୍କୁ ହସ୍ତାନ୍ତର କରାଯାଇଛି। ଉକ୍ତ ପିଲାମାନଙ୍କ ମଧ୍ୟରେ ପିପିଲି ସବ୍‌ଡିଭିଜନ୍‌ର ବିଭିନ୍ନ ଥାନା ଅଞ୍ଚଳରୁ ୩୫, ନିମାପଡ଼ା ଡିଭିଜନରୁ ୫୫, ପୁରୀ ସଦର ଡିଭିଜନରୁ ୨୮ ଏବଂ ପୁରୀ ସହର ଡିଭିଜନରୁ ୨୭ଜଣ ରହିଛନ୍ତି। ଏସ୍‌ପି ମିଶ୍ର କହିଛନ୍ତି, ଏଭଳି ଡ୍ରାଇଭ ଆଗକୁ ମଧ୍ୟ ଜାରି ରହିବ। ଯେତେ ମାଇନର ରିଲେଟେଡ୍ କେସ ରହିଛି ତାହାକୁ ପୋଲିସ ଗୁରୁତ୍ୱର ସହ ନେଉଛି। ସେହିପରି ବଳିଆପଣ୍ଡା ଥାନା ଅନ୍ତର୍ଗତ ସମୁଦ୍ରକୂଳ ଅଞ୍ଚଳରୁ ଛୋଟ ଝିଅ ନିଖୋଜ ଘଟଣାର ତଦନ୍ତ ବର୍ତ୍ତମାନ ଜାରି ରହିଛି। ଏ କ୍ଷେତ୍ରରେ କ୍ରାଇମବ୍ରାଞ୍ଚର ସହାୟତା ନିଆଯାଉଛି। ନିଖୋଜ ଛୁଆଙ୍କ ମା' ବାପା ଯେଉଁମାନଙ୍କ ନାମରେ ଅଭିଯୋଗ ଆଣିଛନ୍ତି, ସେମାନଙ୍କର ଲାଇଭ ଡିଟେକସନ୍ କରିବାକୁ ଅନୁମତି ମଗାଯାଇଛି। ସେହିପରି ତାଙ୍କ ମା' ଅଭିଯୁକ୍ତକୁ ଦେଖିଛନ୍ତି ବୋଲି କହିଛନ୍ତି। ତେଣୁ କୋର୍ଟଙ୍କ ଅନୁମତି ଅଣାଯାଇ ପୋର୍ଟରାଇଟ କରାଯାଇ ସମସ୍ତ ଥାନାକୁ ପଠାଯିବ। ପୋଲିସ ଖୁବଶୀଘ୍ର ନିଖୋଜ ରାଧାଙ୍କୁ ଉଦ୍ଧାର କରିବ ବୋଲି ଏସ୍‌ପି କହିଛନ୍ତି।



# ଘଡ଼େଇ-ଦାସ ପରିବାର ମଧ୍ୟରେ ବଢ଼ୁଛି ଫାଟ

**କୋରେଇ(ଚନ୍ଦ୍ରକାନ୍ତ ପତି), ୪।୪**

ଯାଜପୁର ଜିଲା କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀରେ ଏକଦା ସୁକିନ୍ଦାର ପ୍ରଫୁଲ୍ଲ ଘଡ଼େଇଙ୍କ ପରିବାର ଓ ଯାଜପୁରର ଅଶୋକ ଦାସଙ୍କ ପରିବାର ମଧ୍ୟରେ ଶୀତଳ ଯୁଦ୍ଧ ଚାଲିଥିବା ନେଇ ଚର୍ଚ୍ଚା ହୋଇଥାଏ। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ୨ ପରିବାରଙ୍କ ମଧ୍ୟରେ କୋରେଇ ବିଜେଡି ଟିକେଟକୁ ନେଇ ଟଣାଓଟରା ହେଉଥିବା ଦେଖିବାକୁ ମିଳିଛି। ପୂର୍ବତନ ବିଧାୟକ ଆକାଶ ଦାସ ନାୟକ ପୂର୍ବରୁ ଟିକେଟ ଆଶାୟୀଥିବା ବେଳେ ଏବେ ସେ ବିଜେଡିରୁ ଲମ୍ଫ ମାରି ଭାଜପା ଟିକେଟ ହାତେଇଛନ୍ତି। ବିଜେଡି ଏଯାବତ କୋରେଇ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିନାହିଁ। କୁହାଯାଉଛି ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ ଓ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ମଧ୍ୟରେ ଚାଲିଥିବା ଶୀତଳଯୁଦ୍ଧର ଏହା ପ୍ରତିଫଳନ।

ଆକାଶ ଭାଜପାରେ ଯୋଗଦେବା ପରେ ପ୍ରଣବ ପ୍ରକାଶ ଦାସଙ୍କ ଭାଇ ଭବପ୍ରସାଦ ଦାସ (ଲଲ) ବିଜେଡି ଟିକେଟ ପାଇପାରନ୍ତି ବୋଲି ଜୋରଦାର ଚର୍ଚ୍ଚା ହେଲା। ତାହାକୁ ନେଇ କୋରେଇରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇଙ୍କ କିଛି ସମର୍ଥକ ଯାଜପୁର ରୋଡ୍‌ସ୍ଥିତ ବ୍ରାହ୍ମଣୀ ହୋଟେଲରେ ନିକଟରେ ଏକ ଖବରଦାତା ସମ୍ମିଳନୀ କରି ଦାସ ପରିବାରଙ୍କ ଉପରେ ଅସନ୍ତୋଷ ଝାଡ଼ିଥିଲେ। ଯଦି ଅଶୋକ ଦାସଙ୍କ ପରିବାରରୁ କାହାକୁ କୋରେଇରୁ ବିଜେଡି ପ୍ରାର୍ଥୀ କରାଯାଏ, ତେବେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇଙ୍କ ସ୍ତ୍ରୀ ଝିଲିକ ଭଟ୍ଟାଚାର୍ଯ୍ୟ ଘଡ଼େଇଙ୍କୁ ମଧ୍ୟ ବିଜେଡି ପ୍ରାର୍ଥୀ କରୁବୋଲି ସେମାନେ ଦାବି କରିଥିଲେ। ଯାହାକୁ ନେଇ କୋରେଇ ରାଜନୀତି ସରଗରମ ହୋଇଉଠିଥିଲା। ଗତ ମଙ୍ଗଳବାର ପ୍ରଣବ ପ୍ରକାଶଙ୍କ

### କୋରେଇ ରାଜନୀତିରେ ଝିଲିକ



ସମର୍ଥକମାନେ ପାଣିକୋଇଲିସ୍ଥିତ କଲ୍ୟାଣମଣ୍ଡପରେ ଖବରଦାତା ସମ୍ମିଳନୀ କରି ପ୍ରୀତିରଞ୍ଜନଙ୍କ ସମର୍ଥକଙ୍କୁ ଅଣ ବିଜେଡି କର୍ମୀ ବୋଲି ଦର୍ଶାଇ ଅଶୋକ ଦାସଙ୍କ କୋରେଇ ପ୍ରତି ଅତୁଳନୀୟ ଅବଦାନ ରହିଥିବା ପ୍ରକାଶ କରିଥିଲେ। ଯଦି ଅଶୋକ ଦାସଙ୍କ ପରିବାରରୁ କେହି ପ୍ରାର୍ଥୀ ହୁଅନ୍ତି, ତେବେ କୋରେଇ ବିଜେଡି ତାଙ୍କୁ ସମର୍ଥନ ଦେବ ବୋଲି ଜଣାଇଥିଲେ।

ଗୁରୁବାର କୋରେଇ ଅଞ୍ଚଳର ଶତାଧିକ ବିଜେଡି କର୍ମୀ ଝିଲିକଙ୍କୁ ତାଙ୍କ ଯାଜପୁରରୋଡ୍ ଧବଳଗିରିସ୍ଥିତ ବାସଭବନରେ ଭେଟି ଅଭିନନ୍ଦନ ଜଣାଇବା ସହିତ କୋରେଇରୁ ବିଧାୟିକା ପ୍ରାର୍ଥୀ ହେବାକୁ ଦାବି କରିଛନ୍ତି। ଝିଲିକ ମଧ୍ୟ ଏହାକୁ ସ୍ୱୀକାର କରି ମୁଖ୍ୟମନ୍ତ୍ରୀ ଚାହିଁଲେ ସେ କୋରେଇ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି କହିଛନ୍ତି। ଫଳରେ ଯାଜପୁର ରାଜନୀତି ସରଗରମ ହୋଇଉଠିଛି। ଅନ୍ୟପକ୍ଷରେ ଏସବୁ ବିଧାୟକ ପ୍ରୀତିରଞ୍ଜନ ଘଡ଼େଇଙ୍କ ଇଙ୍ଗିତରେ ହେଉଥିବା ଆଲୋଚନା ହେଉଛି, ଯାହାକୁ ନେଇ ଘଡ଼େଇ ଓ ଦାସ ପରିବାର ମଧ୍ୟରେ କାଦୁଅଫିଙ୍ଗା ରାଜନୀତି ଚାଲିଛି ବୋଲି ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି। ଆଗକୁ ଦେଖିବାକୁ ବାକି ରହିଲା ବିଜେଡି କାହାକୁ କୋରେଇରୁ ପ୍ରାର୍ଥୀ କରି ରାଜନୈତିକ ମଇଦାନରେ ଅବତୀର୍ଣ୍ଣ କରାଉଛି।

# ଜୟଦେବ ଆସନ ଝୁଲାଇ ରଖିଛି ବିଜେଡି

**ଭୁବନେଶ୍ୱର, ୪।୪(ସୁନିତ୍ ମିଶ୍ର)**

ଭୁବନେଶ୍ୱର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ଜୟଦେବ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ଏହାର ପ୍ରାର୍ଥୀ ଘୋଷଣା କରିଥିବାବେଳେ ବିଜେଡି ଏବଂ କଂଗ୍ରେସ ପଛରେ ପଡ଼ିଛନ୍ତି। ୨୦୧୯ରେ ଏଠାରୁ ବିଜେଡି ଟିକେଟରେ ଜିତି ବିଧାୟକ ହୋଇଥିବା ଅରବିନ୍ଦ ଢାଲି ଏବେ ଭାଜପାରେ ଯୋଗଦେଇ ଟିକେଟ ହାତେଇଛନ୍ତି। ଗତ ନିର୍ବାଚନରେ ଭାଜପା ଲୋକ ସଭା ଏମ୍‌ପି ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କଠାରୁ ଏହି ଆସନରେ ୨୦,୧୬୫ ଭୋଟ କମ୍ ପାଇଥିଲେ। ତେଣୁ ଭାଜପାକୁ ଏଠାରୁ ଉଭୟ ବିଧାନସଭା ଏବଂ ଲୋକ ସଭା ଭୋଟରେ ମାତ୍ ଦେବା ଭଳି ପ୍ରାର୍ଥୀଙ୍କୁ ଏବେ ବିଜେଡି ଖୋଜୁଛି। ତେବେ ୨୦୧୪ରେ ଏଠାରୁ ୫୬.୬୫% ଭୋଟ ପାଇ ବିଜୟୀ ହୋଇଥିବା ଶଶିଭୂଷଣ ବେହେରାଙ୍କୁ ଏଥର ବିଜେଡି ଟିକେଟ ଦେବାପାଇଁ ଚର୍ଚ୍ଚା ହେଉଥିବାବେଳେ ୨୦୧୯ରେ ଏଠାରୁ ସ୍ୱାଧୀନ ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦ୍ୱିତା କରି ଦ୍ୱିତୀୟ ସ୍ଥାନରେ ରହିଥିବା ନବ କିଶୋର ମଲିକଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି।

ଚଳିତ ନିର୍ବାଚନରେ ଭୁବନେଶ୍ୱର ଲୋକ ସଭା ଆସନ ବିଜେଡି ପାଇଁ ବହୁ ଗୁରୁତ୍ୱ ବହନ କରୁଛି। ତେଣୁ ଏଠାରୁ ଦଳ ଜଣେ ଅଭିଜ୍ଞ ଏବଂ ବିଜୟ ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ପ୍ରାର୍ଥୀ କରିବାକୁ ଚିନ୍ତା କରୁଛି। ତେଣୁ ଜଣେ ବରିଷ୍ଠ ନେତାଭାବେ ଶଶିଭୂଷଣଙ୍କ ଅଭିଜ୍ଞତା ରହିଛି। ଦଳ ଶଶିଙ୍କୁ ଟିକେଟ ଦେଲେ ପରିଚିତ ଚେହେରା ଭାବେ ଉଭୟ ବିଧାନସଭା ଏବଂ ଲୋକ ସଭା ପାଇଁ ଭଲ ଭୋଟ୍ ମିଳିପାରେ ବୋଲି ଦଳ ଚିନ୍ତା କରୁଥିବା ଚର୍ଚ୍ଚା ହେଉଛି। ଅପରପକ୍ଷରେ ୨୦୧୯ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ସ୍ୱାଧୀନ ପ୍ରାର୍ଥୀ ନବ କିଶୋରଙ୍କୁ ସ୍ଥାନୀୟ ଚନ୍ଦନ ପାତ୍ର ନାମକ ଜଣେ ବ୍ୟବସାୟୀ ସମର୍ଥନ ଦେଇଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ଜୟଦେବ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦୁଇଟି ବ୍ଲକ ଅଧ୍ୟକ୍ଷ ପଦବୀକୁ ଚନ୍ଦନ ପାତ୍ରଙ୍କ ସମର୍ଥିତ ପ୍ରାର୍ଥୀ ଦଖଲ କରିଛନ୍ତି। ଏପରି କି ବିଜେଡି ୬ଟି ଜିଲା ପରିଷଦ ଆସନ ହାତେଇବାରେ ଚନ୍ଦନଙ୍କ ପ୍ରମୁଖ ଭୂମିକା ମଧ୍ୟ ରହିଥିଲା। ତେଣୁ ବିଧାନସଭା ନିର୍ବାଚନରେ ତାଙ୍କ ସମର୍ଥିତ ପ୍ରାର୍ଥୀ ନବକିଶୋରଙ୍କୁ ଟିକେଟ ମିଳିପାରେ ବୋଲି ଆଲୋଚନା ହେଉଛି। ଏପରି କି ଚନ୍ଦନଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ ଟିକେଟ ଦିଆଯିବା ନେଇ ଶଙ୍ଖ ଭବନଠାରେ ଗୁରୁବାର ଆଲୋଚନା ହୋଇଥିବା ସେମାନଙ୍କ ଗୋଷ୍ଠୀର ଲୋକମାନେ ନିର୍ବାଚନମଣ୍ଡଳୀରେ କହି ବୁଲିବା ଆରମ୍ଭ କରିଛନ୍ତି।

# ଭାଜପାକୁ ଘାରିଲାଣି ଅସନ୍ତୁଷ୍ଟଙ୍କ ଚିନ୍ତା

**ଭୁବନେଶ୍ୱର, ୪।୪(ସୁନିତ୍ ମିଶ୍ର)**



ଜୟଦେବ ନିର୍ବାଚନମଣ୍ଡଳୀରେ ଅରବିନ୍ଦ ଢାଲିଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଭାଜପା କର୍ମୀମାନେ ଚେୟାର ଫିଙ୍ଗି ନିଜର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

୨୦୨୪ ନିର୍ବାଚନରେ ରାଜ୍ୟରେ ଭାଜପା ସରକାରକୁ ଆସିବ ବୋଲି ଭାଜପା ରାଜ୍ୟ ନେତୃବୃନ୍ଦ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ଅନେକ ସମୟରେ ବିଜେଡିରେ ଅସନ୍ତୁଷ୍ଟଙ୍କ ସଂଖ୍ୟା ବହୁ ପରିମାଣରେ ବଢ଼ିଯାଇଥିବା ବେଳେ ଶାସକ ଦଳର ବହୁ ନେତା ଯୋଗାଯୋଗରେ ଥିବା ନେଇ ମଧ୍ୟ ଭାଜପାର ଆଗ ଧାଡ଼ିର ନେତାମାନେ ଅନେକ ସମୟରେ ମତ ରଖିଛନ୍ତି। ସେହିକ୍ରମରେ ବିଜେଡିରୁ ଟିକେଟ ପାଉ ନ ଥିବା ଏବଂ ଅସନ୍ତୁଷ୍ଟ ନେତାମାନଙ୍କୁ ଦଳରେ ସାମିଲ କରି ଟିକେଟ ଦେବା ଭାଜପା ପାଇଁ ମହଙ୍ଗା ସାବ୍ୟସ୍ତ ହେଉଛି। ବିଭିନ୍ନ ନିର୍ବାଚନମଣ୍ଡଳୀର ନେତାମାନଙ୍କ ଟିକେଟ କଟିବା ପରେ

- ଅରବିନ୍ଦଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଚେୟାର ଭଙ୍ଗା
- ହିଞ୍ଜିଳି, ବାଙ୍କୀ, କୋରେଇ ପ୍ରାର୍ଥିତ୍ୱକୁ ନେଇ ମଧ୍ୟ ବିରୋଧ

ସେମାନଙ୍କ ସମର୍ଥକମାନେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପଶି ଗତ କିଛିଦିନ ହେବ ହଙ୍ଗାମା କରୁଥିବା ଦେଖିବାକୁ ମିଳୁଛି। ଗୁରୁବାର ଏହି ଘଟଣା ସୀମା ଲଙ୍ଘିଛି। ଜୟଦେବ ନିର୍ବାଚନମଣ୍ଡଳୀର ବହୁ ସମର୍ଥକ ଅରବିନ୍ଦ ଢାଲିଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ରାଜ୍ୟ କାର୍ଯ୍ୟାଳୟରେ ପଶି ଚେୟାର ଭଙ୍ଗାରୁଜା କରିବା ସଙ୍ଗେ ଦଳର ଜଣେ ମୁଖପାତ୍ରଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛାଇ ନାହାନ୍ତି। ଏଭଳି ଘଟଣା ପରେ ଅସନ୍ତୁଷ୍ଟମାନଙ୍କୁ ବୁଝାଶୁଝା କରିବାରେ ଭାଜପା ଏକ ପ୍ରକାର ବିଫଳ ହେଉଥିବା ଦେଖିବାକୁ ମିଳୁଛି।

ନିକଟରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଭାଜପାରେ ଯୋଗଦେବା ପରେ ସେ ଖୋର୍ଦ୍ଧାରୁ ପ୍ରାର୍ଥୀ ହେବା ନେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏକ ସଭାରେ ଘୋଷଣା କରିଦେଲେ। ଏହାପରେ ସେଠାରୁ ୨୦୧୯ରେ ପ୍ରାର୍ଥୀ ହୋଇଥିବା କାଳୁ ଖଣ୍ଡାୟତରାୟଙ୍କ ସମର୍ଥକମାନେ ଦଳୀୟ କାର୍ଯ୍ୟାଳୟକୁ ଆସି ହୋହଲ୍ଲା ନାରାବାଜି ଆରମ୍ଭ କରିଦେଇଥିଲେ। ଅପରାଜିତାଙ୍କୁ ହଟାଇବା ପାଇଁ ମଧ୍ୟ ଦାବି କରିଥିଲେ। ଏହାପରେ ତାଙ୍କୁ ବୁଝାଶୁଝା କରି ଦଳ ଟିକେଟ ବିଷୟରେ ବିଚାର କରିବ ବୋଲି କହିଥିଲା। ଏପର୍ଯ୍ୟନ୍ତ ଖୋର୍ଦ୍ଧା ଆସନରେ ଭାଜପା କାହାକୁ ପ୍ରାର୍ଥୀ କରିବ ସେନେଇ ଘୋଷଣା କରିନାହିଁ। ସେହିପରି ଧର୍ମଶାଳାରେ ସ୍ମୃତିରେଖା ପହିଙ୍କୁ ଭାଜପା ଟିକେଟ ଦେବା ପରେ ଅନ୍ୟତମ ଆଶାୟୀ ହିମାଂଶୁ ଶେଖର ସାହୁଙ୍କ ସମର୍ଥକମାନେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଟିକେଟ ବିକ୍ରି କରିଦେଇଥିବା ଅଭିଯୋଗ କରିଥିଲେ। ଏପର୍ଯ୍ୟନ୍ତ ମଧ୍ୟ ହିମାଂଶୁଙ୍କ ସମର୍ଥକମାନେ ଆସି ପ୍ରତିବାଦ ଜାରି ରଖିଛନ୍ତି। ସେହିପରି କୋରେଇରୁ ଆକାଶ ଦାସ ନାଏକଙ୍କୁ ଟିକେଟ ମିଳିବା ପରେ ସେହି ଆସନର ଅନ୍ୟତମ ଆଶାୟୀଙ୍କ ସମର୍ଥକମାନେ ଆସି ଦଳୀୟ କାର୍ଯ୍ୟାଳୟ ଠାରେ ପ୍ରତିବାଦ କରିଛନ୍ତି। ସମାନଭାବେ ବାଙ୍କୀ ନିର୍ବାଚନମଣ୍ଡଳୀର ବହୁ ଭାଜପା ସମର୍ଥକ ମଧ୍ୟ ରାଜ୍ୟ କାର୍ଯ୍ୟାଳୟରେ ବିରୋଧ କରିଛନ୍ତି। ସେହିପରି ହିଞ୍ଜିଳିରେ ଦଳ ଦେଇଥିବା ପ୍ରାର୍ଥୀଙ୍କୁ ବହୁ ଭାଜପା ସମର୍ଥକ ବିରୋଧ କରି ରାଜ୍ୟ କାର୍ଯ୍ୟାଳୟ ଆସିଥିବା ବେଳେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ସେମାନଙ୍କୁ ବୁଝାଶୁଝା କରିଛନ୍ତି। ଏହିଭଳି ଆହୁରି ଅନେକ ନିର୍ବାଚନମଣ୍ଡଳୀରେ ଟିକେଟ ବଣ୍ଟନକୁ ନେଇ ସମସ୍ୟା ଦେଖାଦେଇଛି। ଅସନ୍ତୁଷ୍ଟ ଗୋଷ୍ଠୀମାନେ କାହା କଥା ନ ଶୁଣି ରାଜ୍ୟ କାର୍ଯ୍ୟାଳୟ ବାହାରେ ଘେରାଉ କରି ରହିଛନ୍ତି।



ହିଞ୍ଜିଳିରେ ଦଳ ଦେଇଥିବା ପ୍ରାର୍ଥୀଙ୍କୁ ବିରୋଧ କରି ଭାଜପା ସମର୍ଥକ ରାଜ୍ୟ କାର୍ଯ୍ୟାଳୟ ଆସିଥିବା ବେଳେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ସେମାନଙ୍କୁ ବୁଝାଶୁଝା କରୁଛନ୍ତି।

# ଦାଦା-ପୁତୁରା, ଅଜା-ନାତି ଲଢ଼େଇ

**ଗୁଣପୁର, ୪।୪ (ପ୍ରଦୀପ କୁମାର ପାଢ଼ୀ)**

**ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ**

ରାୟଗଡ଼ା ଜିଲା ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀର ୩ ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇସାରିଛି। ବିଜେଡି ପକ୍ଷରୁ ରଘୁନାଥ ଗମାଙ୍ଗ, କଂଗ୍ରେସର ସତ୍ୟଜିତ ଗମାଙ୍ଗ ଏବଂ ଭାଜପାର ତ୍ରିନାଥ ଗମାଙ୍ଗ ପ୍ରାର୍ଥୀ ହୋଇଛନ୍ତି। ତେବେ ୩ ପ୍ରମୁଖ ଦଳର ପ୍ରାର୍ଥୀମାନେ ଗୋଟିଏ ପରିବାରର ଏବଂ ପରସ୍ପରର ସମ୍ପର୍କୀୟ ହୋଇଥିବାରୁ ଗୁଣପୁର ରାଜନୀତି ବେଶ୍ ରୋଚକ ମୋଡ଼ ନେଇଛି। ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗଙ୍କ ପରିବାର ରାଜନୀତିକୁ ନେଇ ଚର୍ଚ୍ଚା ରହିଛି। ହେଲେ ଚଳିତ ନିର୍ବାଚନରେ ତାଙ୍କ ପରିବାରର ସ୍ତ୍ରୀ ହେମା ଗମାଙ୍ଗ କିମ୍ବା ପୁଅ ଶିଶିର ଗମାଙ୍ଗଙ୍କୁ ଟିକେଟ ମିଳି ନ ଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ହେଲେ ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କର ଗିରିଧର ଗମାଙ୍ଗଙ୍କ ପରିବାର ସହ ପାରିବାରିକ ସମ୍ପର୍କ ରହିଛି । ଭାଜପା ପ୍ରାର୍ଥୀ ତ୍ରିନାଥ ଗମାଙ୍ଗ ହେଉଛନ୍ତି ହେମା ଗମାଙ୍ଗଙ୍କ ଭାଇ। ଅନ୍ୟପକ୍ଷରେ ବିଜେଡିର ରଘୁନାଥ ଗମାଙ୍ଗ, କଂଗ୍ରେସର ସତ୍ୟଜିତ ଗମାଙ୍ଗ ଏବଂ ତ୍ରିନାଥ ଗମାଙ୍ଗ ମଧ୍ୟରେ ପାରିବାରିକ ସମ୍ପର୍କ ରହିଛି। ବିଜେଡି ପ୍ରାର୍ଥୀ ରଘୁନାଥ ଗମାଙ୍ଗ ଦାଦା ହୋଇଥିବାବେଳେ ଭାଜପାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ତ୍ରିନାଥ ଗମାଙ୍ଗ ତାଙ୍କ ପୁତୁରା। ସେହିପରି ରଘୁନାଥଙ୍କ ସହ କଂଗ୍ରେସ ପ୍ରାର୍ଥୀ ସତ୍ୟଜିତଙ୍କ ଅଜା ନାତିର ସମ୍ପର୍କ ରହିଛି। ଭାଜପାର ତ୍ରିନାଥ ଏବଂ କଂଗ୍ରେସର ସତ୍ୟଜିତଙ୍କ ମଧ୍ୟରେ ମାମୁ-ଭଣଜାର ସମ୍ପର୍କ ରହିଥିବା ଜଣାପଡ଼ିଛି।

ରଘୁନାଥଙ୍କୁ ବିଜେଡି ରିପିଟ୍ କରିଥିବାବେଳେ ତ୍ରିନାଥ ନିକଟରେ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇ ପ୍ରାର୍ଥୀ ହୋଇଛନ୍ତି। ହେଲେ ସତ୍ୟଜିତ କଂଗ୍ରେସ ପାଇଁ ନବାଗତ। ୩ ପ୍ରମୁଖ ପ୍ରାର୍ଥୀ ନିଜ ନିଜ ଦଳର ସଫଳତାକୁ ଆୟୁଧ କରିବା ସହ ବିରୋଧୀ ବିଫଳତାକୁ ନେଇ ନିର୍ବାଚନ ବୈତରଣୀ ପାର କରିବାକୁ ଚେଷ୍ଟା ଚଳାଇଛନ୍ତି। ଗତ ନିର୍ବାଚନରେ କମ୍ ଭୋଟ ବ୍ୟବଧାନ ରହିଥିବାରୁ ବିଜେଡି ପାଇଁ ଗଡ଼ ବଞ୍ଚାଇବା ଚ୍ୟାଲେଞ୍ଜ ହୋଇପଡ଼ିଛି। ସେହିପରି ବିରୋଧୀ କଂଗ୍ରେସକୁ ପୁନର୍ବାର ଗଡ଼ ଅକ୍ତିଆର କରିବାର ଚିନ୍ତା ଘାରିଛି। ତେବେ ଭାଜପା ଦୁଇ ଜଣଙ୍କୁ ଟକ୍କର ଦେଇ ବିଜୟ ଲକ୍ଷ୍ୟରେ ରହିଛି।

# ବଦଳିପାରେ ନିମାପଡ଼ା ବିଜେଡି ସମୀକରଣ



ସମୀର ରଞ୍ଜନ ଦାଶ



ଦିଲୀପ ନାୟକ



କୁଞ୍ଜଲତା ସାମଲ

**ନିମାପଡ଼ା,୪।୪(ରଞ୍ଜନ ପଟ୍ଟନାୟକ)**

ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରମୁଖ ୩ ଦଳ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରୁ କେବଳ ଭାଜପା ପ୍ରାର୍ଥୀ ଘୋଷଣା କରିଛି। ପ୍ରଭାତୀ ପରିଡ଼ା ଭାଜପାରୁ ପ୍ରାର୍ଥୀ ହୋଇଥିବା ବେଳେ ବିଜେଡିରୁ କିଏ ପ୍ରାର୍ଥୀ ହେବେ ତାହାକୁ ନେଇ ଦୀର୍ଘଦିନ ହେବ ଚର୍ଚ୍ଚା ଚାଲିଛି। ଭାଜପା ଟିକେଟ ନ ପାଇବାରୁ ଦିଲୀପ ନାୟକ ଗୁରୁବାର ବିଜେଡିରେ ଯୋଗ ଦେଇଛନ୍ତି। ତାଙ୍କ ଯୋଗଦାନ ପରେ ବିଜେଡି ସମୀକରଣ ବଦଳିବା ନେଇ ଆଲୋଚନା ହେଲାଣି।

ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସତ୍ୟବ୍ରତ ପାତ୍ର, ସୁବ୍ରତ ଛାଟୋଇ, ଜିତେନ୍ଦ୍ର ମହାନ୍ତି ଟିକେଟ ଲବିରେ ଥିବା ବେଳେ ଦିଲୀପ ନୂଆ ଭାବେ ଆଶାୟୀ ତାଲିକାରେ ଯୋଡ଼ି ହୋଇଛନ୍ତି। ପୁଣି କୁହାଯାଉଛି, ବିଜେଡି ଏହି ଆସନରେ ମହିଳାଙ୍କୁ ଗୁରୁତ୍ୱ ଦେଇପାରେ। ସୁଶ୍ରୀ ରୋଜାଲିନ ନାୟକ, ନିମାପଡ଼ା ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ ଏବଂ ୬ଥର ଜିଲା ପରିଷଦ ଜିତିଥିବା କୁଞ୍ଜଲତା ସାମଲ ପ୍ରମୁଖ ଦାବିଦାର ରହିଛନ୍ତି। ତେବେ ୨୦୦୯ରୁ କ୍ରମାଗତ ସମୀର ଦାଶ ଜିତି ଚାଲିଛନ୍ତି। ୨୦୦୯ରେ କଂଗ୍ରେସରୁ ଲଢ଼ି ଦ୍ୱିତୀୟ ସ୍ଥାନରେ ରହିଥିଲେ ସତ୍ୟବ୍ରତ ପାତ୍ର ଓ ୨୦୧୯ ନିର୍ବାଚନରେ କଂଗ୍ରେସ ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରି ତୃତୀୟ ସ୍ଥାନରେ ରହିଥିଲେ ଦିଲୀପ । ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦିଲୀପ କଂଗ୍ରେସ ଛାଡି ପଦ୍ମ ଧରିଥିଲେ। ଏବେ ଟିକେଟ ପ୍ରତିଶ୍ରୁତି ପାଇବା ପରେ ଦିଲୀପ ବିଜେଡିରେ ଯୋଗଦେଇଛନ୍ତି ବୋଲି ତାଙ୍କ ସମର୍ଥକମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପୂର୍ବରୁ ହାତ ଛାଡି ଶଙ୍ଖ ଧରିଥିଲେ ସତ୍ୟବ୍ରତ। ସିଏ ରାଜନୀତିରେ ଜଣେ ପୋଖତ ଖେଳୁଆଡ଼। ଏଥର ଦଳୀୟ ଟିକେଟ ଆଶାରେ ସେ ଅଛନ୍ତି। ୨୦୧୯ ଶିକ୍ଷାବିତ୍‌ରୁ ପ୍ରତ୍ୟକ୍ଷ ରାଜନୀତିରେ ରୁଚି ରଖିଥିବା ସୁବ୍ରତ ଛାଟୋଇ ଏବେ ନିମାପଡ଼ାରେ ବିଜେଡି ମଙ୍ଗ ଧରିବା ପାଇଁ ନିଜକୁ ପ୍ରସ୍ତୁତ କରିଛନ୍ତି। ବର୍ଷେ ତଳୁ ଏଥିପାଇଁ ପ୍ରସ୍ତୁତି ଚଳାଇଛନ୍ତି ସେ। ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟରେ ନିଜକୁ ସାମିଲ କରି ଜନସମର୍ଥନ ହାସଲ କରିଚାଲିଛନ୍ତି। ସେହିଭଳି କର୍ପୋରେଟର କ୍ଷେତ୍ରରୁ ରାଜନୀତିରେ ପାଦ ରଖିଥିବା ଜିତେନ୍ଦ୍ର ମହାନ୍ତି ଦଳୀୟ ଟିକେଟ ଲବିରେ ପ୍ରମୁଖ ଦାବିଦାର ରହିଛନ୍ତି।

ସୁଶ୍ରୀ ରୋଜାଲିନ ନାୟକ ପାଇଲଟ ଭାବେ ପ୍ରଶିକ୍ଷଣ ନେବା ପରେ ସିଧାସଳଖ ରାଜନୀତି ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ସେହିପରି ନିମାପଡା ନଗରପାଳ ସସ୍ମିତା ସାହୁ ଦଳୀୟ ଟିକେଟ ଦୌଡ଼ରେ ନିଜକୁ ସାମିଲ କରିଛନ୍ତି ଓ ଭୁବନେଶ୍ୱରରେ ରହି ରାଜ୍ୟ ନେତୃତ୍ୱଙ୍କ ସହିତ ସେ ଯୋଗାଯୋଗରେ ଥିବା କୁହାଯାଉଛି। ଛଅ ଥର ଜିଲା ପରିଷଦ ଭାବେ ଶଙ୍ଖ ଚିହ୍ନରୁ ଜିତି ରେକର୍ଡ ସୃଷ୍ଟି କରିଛନ୍ତି କୁଞ୍ଜଲତା ସାମଲ। ତାଙ୍କର ମଧ୍ୟ ବିଜେଡି ଟପ୍ ନେତାଙ୍କ ସହ ଭଲ ଯୋଗାଯୋଗ ରହିଛି ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ଦଳ କାହାକୁ ଟିକେଟ ଦେବ ସେନେଇ ବିଜେଡି ଶୀର୍ଷ ନେତୃତ୍ୱ ଦ୍ୱନ୍ଦ୍ୱରେ ରହିଛନ୍ତି।

# ବିଜେଡିରେ ଆଶାୟୀ ଅନେକ, ଆଗରେ ବିଦ୍ୟୁବେନ୍ଦୁ

**ବାଲେଶ୍ୱର, ୪।୪(ମାନସ ବିଶ୍ୱାଳ)**

**ଭୋଗରାଇ ବିଧାନସଭା ଆସନ**

ବାଲେଶ୍ୱର ଜିଲାର ଭୋଗରାଇ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଦୁଇ ପ୍ରମୁଖ ରାଜନୈତିକ ଦଳ ଭାଜପା ଓ ବିଜେଡି ଏଯାଏ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ବିଶେଷକରି ବିଜେଡି ଆଶାୟୀଙ୍କୁ ନେଇ କଳ୍ପନାଜଳ୍ପନା ବଢ଼ିଚାଲିଛି। ବର୍ତ୍ତମାନର ବିଧାୟକ ଅନନ୍ତ ଦାସଙ୍କୁ ବାର୍ଦ୍ଧକ୍ୟଜନିତ କାରଣରୁ ଦଳ ପ୍ରାର୍ଥୀ କରି ନ ପାରେ ବୋଲି ଚର୍ଚ୍ଚା ହେଉଥିବା ବେଳେ ଅନ୍ୟ ଆଶାୟୀମାନେ ଟିକେଟ ପାଇଁ ଜୋରଦାର ଲବି ଚଳାଇଛନ୍ତି। ଏହି ଟିକେଟ ଦୌଡ଼ରେ ଜିଲାର ସାମାଜିକ କର୍ମୀ ତଥା ଶିକ୍ଷାବିତ୍ ବିଦ୍ୟୁବେନ୍ଦୁ ପାତ୍ର ଆଗରେ ରହିଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

ଏହି ନିର୍ବାଚନମଣ୍ଡଳୀ ୧୯୯୦ରୁ ଜନତା ଦଳ ଦଖଲରେ ଥିବା ବେଳେ ୨୦୦୦ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡି ଅକ୍ତିଆରରେ ଅଛି। ବିଜେଡି ଟିକେଟ ଲବିରେ ଆଗୁଆ ଥିବା ଶିକ୍ଷାବିତ୍



ବିଦ୍ୟୁବେନ୍ଦୁ ପାତ୍ର

ବିଦ୍ୟୁବେନ୍ଦୁ ପାତ୍ର ୨୦୦୯ରୁ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା କରି ଶିକ୍ଷାବିତ୍ ଭାବେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଭଳି ଜିଲାରେ ବହୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷିତ କରାଇଛନ୍ତି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଟପ୍ପର ହେବା ଭଳି ଛାତ୍ର ତାଙ୍କ ଶିକ୍ଷାନୁଷ୍ଠାନରୁ ବାହାରିଛନ୍ତି। ବହୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ବିନା ଅର୍ଥରେ ସେ ପଢ଼ିବାର ସୁଯୋଗ ଦେଇଛନ୍ତି। କୋଭିଡ୍ ସମୟରେ ଭୋଗରାଇ ସମେତ ବାଲେଶ୍ୱର ଜିଲାରେ ଲୋକଙ୍କ ସେବା କରିଛନ୍ତି। ବିଶେଷକରି ଭୋଗରାଇ ନିର୍ବାଚନମଣ୍ଡଳୀରେ ପ୍ରାକୃତିକ ଦୁର୍ବିପାକ ସମୟ ଏବଂ ସାମୂହିକ କାର୍ଯ୍ୟରେ ସବୁବେଳେ ଲୋକଙ୍କୁ ସାହାଯ୍ୟ କରିଆସୁଥିବାରୁ ସମର୍ଥକମାନେ ତାଙ୍କୁ ଟିକେଟ ମିଳୁ ବୋଲି ଦାବି କରୁଛନ୍ତି। ବିଦ୍ୟୁବେନ୍ଦୁଙ୍କ ବ୍ୟତୀତ ବିଧାୟକ ଅନନ୍ତ ଦାସଙ୍କ ପୁଅ ଅଭିଜିତ୍ ଦାସ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ବିଜେଡି ଜିଲା ସମ୍ପାଦକ ଭୁବନାନନ୍ଦ ଦାସ, ବିଜେଡିର ଦେବଗଡ଼ ଜିଲା ପର୍ଯ୍ୟବେକ୍ଷକ ଗୌତମବୁଦ୍ଧ ଦାସ, ଡା. ସରୋଜ ଦାସ ମଜୁମଦାର, ବିଜେଡିର ବରିଷ୍ଠ ସଦସ୍ୟ ତପନ ପଣ୍ଡା ପ୍ରମୁଖ ଟିକେଟ ଆଶାୟୀ ତାଲିକାରେ ରହିଛନ୍ତି।

# ଭଦ୍ରକବାସୀଙ୍କ ନିଷ୍ପତ୍ତି ମୋ ନିଷ୍ପତ୍ତି: ଅସିତ

**ଭଦ୍ରକ,୪।୪(ସନାତନ ରାଉତ)**

ଭଦ୍ରକର ଚର୍ଚ୍ଚିତ ଯୁବନେତା ତଥା ପୂର୍ବତନ ମନ୍ତ୍ରୀ ଯୁଗଳ ପଟ୍ଟନାୟକଙ୍କ ପୁଅ ଅସିତ ପଟ୍ଟନାୟକ ବିଜେଡିରୁ ଇସ୍ତଫା ଦେବା ପରେ ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ପାଣିପାଗ ଉଷ୍ମ ହୋଇଛି। ଭଦ୍ରକବାସୀ ଯାହା ନିଷ୍ପତ୍ତି ନେବେ ସେହି ଅନୁସାରେ ସେ ଆଗକୁ ବଢ଼ିବେ ବୋଲି ଅସିତ କହିଛନ୍ତି। ପୂର୍ବତନ ମନ୍ତ୍ରୀ ଯୁଗଳ ପଟ୍ଟନାୟକଙ୍କ ନରିପୁରସ୍ଥିତ ବାସଭବନରେ ଗୁରୁବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀରେ ସେ କ୍ଷୋଭ ପ୍ରକାଶ କରି କହିଛନ୍ତି, ବିଜେଡିରେ ତାଙ୍କ ପ୍ରତି ଅବିଚାର କରାଯାଇଛି। ଦଳୀୟ ନିଷ୍ପତ୍ତି ଭଦ୍ରକ ପାଇଁ କ୍ଷତିକାରକ। ଗତ ୫ ବର୍ଷରେ ଭଦ୍ରକରେ କୌଣସି ଆଖିଦୃଶିଆ ବିକାଶ ହୋଇନାହିଁ। ବିଧାୟକ ଏବଂ ପୌରାଧକ୍ଷାଙ୍କ ମଧ୍ୟରେ ବାଦ ବିବାଦ ସବୁବେଳେ ଲାଗି ରହିଥିବାରୁ ଭଦ୍ରକ ବିକାଶରେ ବାଧା ସୃଷ୍ଟି ହେଉଥିଲା। ଭଦ୍ରକ ଓ ଭଣ୍ଡାରିପୋଖରୀର ବିଧାୟକଙ୍କୁ ବଦଳ କରି ପ୍ରାର୍ଥୀ ଘୋଷଣା କରାଯିବା ଭଦ୍ରକ ପ୍ରତି ଅବହେଳା ହୋଇଛି। ତାଙ୍କର କର୍ମୀ ଓ ସମର୍ଥକମାନଙ୍କ ସହ ଆଲୋଚନା ପରେ ସେମାନଙ୍କ ମତାମତ ନେଇ ଆଗାମୀ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

ପରେ ଭଦ୍ରକ ପୌରପାଳିକା ଓ ବିଭିନ୍ନ ପଞ୍ଚାୟତରୁ ଶତାଧିକ କର୍ମୀ, ସମର୍ଥକଙ୍କୁ ନେଇ ସେ ଏକ ବୈଠକ କରି ଏନେଇ ଆଲୋଚନା କରିଛନ୍ତି। ତେବେ ଗତ ପୌରପାଳିକା ନିର୍ବାଚନରେ ବିଜୟୀ ହୋଇଥିବା ସ୍ୱାଧୀନ ପ୍ରାର୍ଥୀ ପୌରାଧକ୍ଷା ଗୁଲମକ୍କୀ ହବିବ ଓ ତାଙ୍କ ପ୍ରତିନିଧି ଯୁବନେତା ଜାହିଦ ହବିବଙ୍କୁ ବୈଠକରେ ଦେଖିବାକୁ ମିଳି ନ ଥିଲା। ଜାହିଦ ହବିବ ଓ ଅସିତ୍ ଭଦ୍ରକ ବିଧାୟକଙ୍କ ବିରୋଧରେ ଗତ ୨ ବର୍ଷ ଧରି ମିଳିତ ରଣନୀତି ପ୍ରସ୍ତୁତ କରି ଆସୁଥିବା ବେଳେ ଏହି ବୈଠକରେ ଜାହିଦଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ପ୍ରକାଶଥାଉ କି, ଅସିତ ବୁଧବାର ରାତିରେ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତାଙ୍କ ଇସ୍ତଫାପତ୍ର ପଠାଇଛନ୍ତି। ଦଳରେ ତାଙ୍କୁ କ୍ରମାଗତ ଭାବେ ଅବହେଳା କରାଯାଉଛି। ଏଥିରେ ଅସନ୍ତୋଷ ପ୍ରକାଶ କରି ସେ ଇସ୍ତଫା ଦେଇଥିବା ଦର୍ଶାଇଛନ୍ତି।



ବୈଠକରେ ସମର୍ଥକଙ୍କ ସହ ଅସିତ୍ ପଟ୍ଟନାୟକ।

# ୪ ଦିନରେ ୨୩,୦୦୦ ଆୟକର ରିଟର୍ନ

## ପୋର୍ଟାଲରେ ଆଇଟିଆର ଫର୍ମ ଉପଲବ୍ଧ

ଭୁବନେଶ୍ୱର,୪।୪(ଅନୁରାଧା ମହାରଣା)




୨୦୨୩-୨୪ ଆର୍ଥିକ ବର୍ଷ ଏବଂ ମୂଲ୍ୟାଙ୍କନ ବର୍ଷ ୨୦୨୪-୨୫ ପାଇଁ ଆୟକର ରିଟର୍ନ ଦାଖଲ କରିବାର ପ୍ରକ୍ରିୟା ଏପ୍ରିଲ ପହିଲାରୁ ଆରମ୍ଭ ହୋଇଛି। ଗତ ଚାରି ଦିନ ମଧ୍ୟରେ ୨୩,୦୦୦ ଆୟକର ରିଟର୍ନ ଦାଖଲ କରାଯାଇଛି। ଆୟକର ବିଭାଗ ସୂଚନାନୁସାରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଆୟକର ରିଟର୍ନ ଦାଖଲ ସହ ଜଡିତ ଫର୍ମଗୁଡିକ ଇ-ଦାଖଲ ପୋର୍ଟାଲରେ ଉପଲବ୍ଧ କରାଯାଇଛି ଏବଂ ଗତ ଚାରି ଦିନ ମଧ୍ୟରେ ପ୍ରାୟ ୨୩,୦୦୦ ଆୟକର ରିଟର୍ନ ଦାଖଲ କରାଯାଇଛି। ନିକଟ ଅତୀତରେ ପ୍ରଥମଥର ପାଇଁ ଆୟକର ବିଭାଗ ନୂତନ ଆର୍ଥିକ ବର୍ଷର ପ୍ରଥମ ଦିନରୁ ଟିକସଦାତାଙ୍କ ଆୟକର ରିଟର୍ନ ଦାଖଲ କରିବାକୁ ବ୍ୟବସ୍ଥା କାର୍ଯ୍ୟକାରୀ କରି ପୋର୍ଟାଲକୁ ସକ୍ଷମ କରିଛି। ଟିକସ ନିୟମ ଅନୁପାଳନ ଏବଂ ନିରବଚ୍ଛିନ୍ନ ଟିକସଦାତା ସେବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

ଆଇଟିଆର ଫର୍ମ ୧ (ସହଜ) ଏବଂ ଆଇଟିଆର ଫର୍ମ ୪ (ସୁଗମ) ବହୁ ସଂଖ୍ୟାରେ କ୍ଷୁଦ୍ର ଏବଂ ମଧ୍ୟମ ଟିକସଦାତାଙ୍କ ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହେଉଛି। ଆ।ଇ ଟି ଆ।ର-୨ ଆବାସିକ ସମ୍ପତ୍ତିରୁ ଆୟ କରୁଥିବା ଲୋକଙ୍କ ଦ୍ୱାରା ଦାଖଲ କରାଯାଇଥାଏ। ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ(ସିବିଡିଟି) ସୂଚନାନୁସାରେ ୨୦୨୪ ଏପ୍ରିଲ ୧ରୁ ୨୦୨୪-୨୫ (ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ) ମୂଲ୍ୟାଙ୍କନ ବର୍ଷ ପାଇଁ ଆଇଟିଆର ଦାଖଲ କରିବାକୁ ଟିକସଦାତାଙ୍କୁ ଏହି ସୁବିଧା ପ୍ରଦାନ କରିଛି। ସାଧାରଣତଃ ଟିକସଦାତା ବ୍ୟବହାର କରୁଥିବା ଆଇଟିଆର-୧, ଆଟିଆର-୨ ଏବଂ ଆଇଟିଆର-୪ ଟିକସଦାତାମାନଙ୍କ ପାଇଁ ରିଟର୍ନ ଦାଖଲ କରିବା ଲାଗି ଇ-ଫାଇଲ ପୋର୍ଟାଲରେ ଉପଲବ୍ଧ ହୋଇଛି। ସିବିଡିଟି କହିଛି ଯେ, କମ୍ପାନୀଗୁଡିକ ଏପ୍ରିଲ ୧ରୁ ଆଇଟିଆର-୬ ମାଧ୍ୟମରେ ସେମାନଙ୍କର ଆଇଟିଆର ମଧ୍ୟ ଦାଖଲ କରିପାରିବେ। ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଥିବା ଟିକସଦାତାମାନେ ସହଜ ଫର୍ମ ମାଧ୍ୟମରେ ଆଇଟିଆର ଦାଖଲ କରିପାରିବେ। ଏହି ଆୟ ବେତନ, ଘରର ସମ୍ପତ୍ତି, ସୁଧ ପରି ଅନ୍ୟାନ୍ୟ ଆୟର ଉତ୍ସ ହୋଇପାରେ । ବ୍ୟକ୍ତି, ହିନ୍ଦୁ ଅବିଭାଜିତ ପରିବାର ଏବଂ ସଂସ୍ଥା (ଏଲ୍ଏଲ୍ପି ବ୍ୟତୀତ)ଙ୍କ ଦ୍ୱାରା ସୁଗମ ଫର୍ମ ଦାଖଲ କରାଯାଇପାରିବ, ଯାହାର ବ୍ୟବସାୟ ଏବଂ ବୃତ୍ତିରୁ ମୋଟ ଆୟ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଥିବ। ସିବିଡିଟି ପୂର୍ବରୁ ଆଇଟିଆର ଫର୍ମକୁ ସୂଚିତ କରିସାରିଛି। ସିବିଡିଟି କହିଛି ଯେ, ଆଇଟିଆର ୩, ୫ ଏବଂ ୭ ଫର୍ମ ଦାଖଲ କରିବାର ସୁବିଧା ମଧ୍ୟ ଶୀଘ୍ର କରଦାତାମାନଙ୍କ ପାଇଁ ଉପଲବ୍ଧ ହେବ।

## ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୪।୪

ଗତ କିଛି ସପ୍ତାହ ହେବ ଘରୋଇ ଶେୟାର ବଜାର କାରବାରରେ କ୍ରମାଗତ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍ଇ)ର ସେନସେକ୍ସ ୩୫୧ (୩୫୦.୮୧) ପଏଣ୍ଟ ବଢ଼ି ୭୪,୨୨୮(୭୪,୨୨୭.୬୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସଇ)ର ନିଫ୍ଟି-୫୦ରେ ମଧ୍ୟ ୮୦ (୮୦.୦୦) ପଏଣ୍ଟ ବୃଦ୍ଧି ଘଟି ୨୨,୫୧୫(୨୨,୫୧୪.୬୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ୟୁବିଆଇ ବ୍ରହ୍ମପୁର କ୍ଷେତ୍ରର ନୂଆ କ୍ଷେତ୍ରୀୟ ମୁଖ୍ୟ

ଭୁବନେଶ୍ୱର,୪।୪


ବଂଶୀଧର ତ୍ରିପାଠୀ

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ୟୁବିଆଇ ବ୍ରହ୍ମପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ବଂଶୀଧର ତ୍ରିପାଠୀ ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ କାନପୁର କ୍ଷେତ୍ରର ଉପ-କ୍ଷେତ୍ରୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ବିଶେଷ କରି ବ୍ରହ୍ମପୁର କ୍ଷେତ୍ର ଅଧୀନରେ ଗଞ୍ଜାମ, ବୌଦ୍ଧ, ନୟାଗଡ଼ ଓ କନ୍ଧମାଳ ଭଳି ଜିଲା ଆସୁଥିଲାବେଳେ ଉକ୍ତ କ୍ଷେତ୍ରରେ ବ୍ୟାଙ୍କର ମୋଟ ୬୩ଟି ଶାଖା ରହିଛି। ଏପରିକି ବ୍ରହ୍ମପୁର କ୍ଷେତ୍ରରେ ବ୍ୟାଙ୍କର ମୋଟ୍ ବ୍ୟବସାୟ ୬,୪୩୬ କୋଟିରେ ପହଞ୍ଚିଛି। ସେହିଭଳି ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ତ୍ରିପାଠୀ ଡିଜିଟାଇଜେଶନ୍ ଓ କ୍ରେଡିଟ୍ ସେବା ଉପରେ ଅଧିକ ଧ୍ୟାନ ଦେବେ ବୋଲି ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ,୨୦୦୯ରେ ତ୍ରିପାଠୀ ୟୁବିଆଇ ସହ ଜଡିତ ହେବା ସହିତ ମୁମ୍ବାଇ, ଅହମଦାବାଦ, ଚଣ୍ଡିଗଡ଼, ପୁଣେ(ପୁନା), ରାଜକୋଟ ଏବଂ କାନପୁର ଭଳି ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦପଦବୀରେ କାର୍ଯ୍ୟ କରିବାର ଦୀର୍ଘ ୧୫ ବର୍ଷର ଅଭିଜ୍ଞତା ରହିଛି।

## ମାର୍ଚ୍ଚରେ ହୋଣ୍ଡାର ୭୦୭୧ ୟୁନିଟ୍ ଯାନ ବିକ୍ରି

ଭୁବନେଶ୍ୱର,୪।୪

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ପ୍ରିମିୟମ କାର ନିର୍ମାତା ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ (ଏଚ୍ସିଆଇଏଲ)ର ମାସିକ ବିକ୍ରି ଫଳାଫଳ ନିକଟରେ ଘୋଷଣା କରାଯାଇଛି। କମ୍ପାନୀର ସୂଚନା ଅନୁଯାୟୀ ୨୦୨୪ ମାର୍ଚ୍ଚରେ ହୋଣ୍ଡାର ମୋଟ ଘରୋଇ ବିକ୍ରି ୭୦୭୧ ୟୁନିଟ ରହିଛି। ଏପରିକି ୨୦୨୩ ସମାନ ଅବଧି ମଧ୍ୟରେ କମ୍ପାନୀ ୬୬୯୨ ୟୁନିଟ ଯାନ ବିକ୍ରି କରିଥିଲା। ସେହିଭଳି କମ୍ପାନୀ ୨୦୨୪ ମାର୍ଚ୍ଚରେ ମୋଟ ୬୮୬୦ ୟୁନିଟ ଯାନ ରପ୍ତାନି କରିଥିଲାବେଳେ ଗତ ବର୍ଷ ସମାନ ଅବଧି ମଧ୍ୟରେ କମ୍ପାନୀ ମୋଟ ୩୧୮୯ ୟୁନିଟ ଯାନ ରପ୍ତାନି କରିଥିଲା। ଅପରପକ୍ଷରେ ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ କମ୍ପାନୀ ମୋଟ ୧,୨୪,୧୭୩ ୟୁନିଟ ଯାନ ଉଭୟ ଘରୋଇ ଏବଂ ରପ୍ତାନି କ୍ଷେତ୍ରରେ ବିକ୍ରି କରିଥିଲା। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ କମ୍ପାନୀର ମୋଟ ୧,୧୪,୧୪୦ ୟୁନିଟ ଯାନ ଉଭୟ ଘରୋଇ ଓ ରପ୍ତାନି କ୍ଷେତ୍ରରେ ବିକ୍ରି ହୋଇଥିଲା। ଏ ସମ୍ପର୍କରେ ଏଚସିଆଇଏଲର ଉପସଭାପତି (ମାର୍କେଟିଂ ଆଣ୍ଡ ସେଲ୍ସ) କୁନାଲ ବେହଲ କହିଛନ୍ତି, ୨୦୨୩-୨୪ ଆର୍ଥିକ ବର୍ଷ ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଏବଂ ଉତ୍ସାହର ବର୍ଷ ଥିଲା। ବିଶେଷ କରି ବ୍ରାଣ୍ଡର ଅଗ୍ରଣୀ ମଡେଲ ତଥା ଏସୟୁଭି ମଡେଲ ହୋଣ୍ଡା ଏଲିଭେଟର ଉଲ୍ଲେଖନୀୟ ସଫଳତା ଯୋଗୁ ଆମେ ରେକର୍ଡ ସଂଖ୍ୟକ ବିକ୍ରି ଉଭୟ ଘରୋଇ ଓ ରପ୍ତାନି କ୍ଷେତ୍ରରେ କରିପାରିଥିଲୁ।

## ମହିନ୍ଦ୍ରା ନ୍ୟୁ ଏସ୍ୟୁଭି ମଡେଲର ନାମ ଉନ୍ମୋଚିତ

- ଏପ୍ରିଲ ୨୯ରେ ୱାର୍ଲ୍ଡ ପ୍ରିମିୟର
- ବ୍ରାଣ୍ଡର ନୂତନ ମଡେଲ 'ଏକ୍ସୟୁଭି ୩ଏକ୍ସଓ'

ଭୁବନେଶ୍ୱର,୪।୪ (ଅଭୟ ଦାଶ)




ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ ନ୍ୟୁ ଏସୟୁଭି ମଡେଲ ନାମ ନିକଟରେ ଉନ୍ମୋଚିତ ବା ଅନାବରଣ ହୋଇଯାଇଛି। ଏପରିକି ବ୍ରାଣ୍ଡର ଅଲ ନ୍ୟୁ ଏସୟୁଭି 'ଏକ୍ସୟୁଭି ୩ ଏକ୍ସଓ ( ଏକ୍ସୟୁଭି-ଥ୍ରୀ-ଇଏକ୍ସ-ଓଏଚ ବା ଏକ୍ସୟୁଭି ୩ ଏକ୍ସଓ)ର ୱାର୍ଲଡ ପ୍ରିମିୟର ଉନ୍ମୋଚନ ୨୦୨୪ ଏପ୍ରିଲ ୨୯ରେ ଅନୁଷ୍ଠିତ ହେବ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ବିଶେଷ କରି ବ୍ରାଣ୍ଡର ସମସ୍ତ ଗୁଣବତ୍ତା ଓ ଟେକ୍ନୋଲୋଜି ସହ ଏକ୍ସୟୁଭି ବ୍ରାଣ୍ଡର ଡିଏନ୍ଏର ସମ୍ମିଶ୍ରଣ ହୋଇଛି। ସେହିଭଳି ବ୍ରାଣ୍ଡର ଉକ୍ତ ମଡେଲରେ ଆକର୍ଷଣୀୟ କଲର, ଇଣ୍ଟିଗ୍ରେଟେଡ ଥ୍ରିଲିଂ ପରଫରମାନ୍ସ, କଟିଂ ଏଜ ଟେକ୍ନୋଲୋଜି, ଓନମିସେବୁଲ ଡିଜାଇନ ସହିତ ସମସ୍ତ ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ଓ ୩ଏକ୍ସ ଫାକ୍ଟର ଭଳି ଆହୁରି ଅନେକ କିଛି ସୁବିଧା ଓ ଫିଚର ସଂଯୋଗ ରହିଛି। ସେହିପରି ବ୍ରାଣ୍ଡର ସିଏକ୍ସଓ ସେଗମେଣ୍ଟରୁ ବିଭିନ୍ନ ଉପାଦେୟତା ଅନ୍ତର୍ଭୁକ୍ତ ରହିଛି। ଉଲ୍ଲେଖଯୋଗ୍ୟ, ଦି ନ୍ୟୁ ଏକ୍ସୟୁଭି୩ଏକ୍ସଓ ମଡେଲ କମ୍ପାନୀର ମହାରାଷ୍ଟ୍ରସ୍ଥିତ ନାସିକ ଉତ୍ପାଦନ ୟୁନିଟରୁ ନିର୍ମିତ ହୋଇଥିବା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ କୁହାଯାଇଛି।

## ସିଆଇଓରେ ନୂତନ ମାଇଲଖୁଣ୍ଟ

ଭୁବନେଶ୍ୱର,୪।୪

ଦେଶର ପ୍ରମୁଖ ପ୍ରତିଷ୍ଠାନ ତଥା କାଉନସିଲ ଫର ଇନ୍ସ୍ୟୁରାନ୍ସ ଅମ୍ବୁଡ୍ସମ୍ୟାନ ବା ସିଆଇଓ (ବୀମା ଲୋକପାଳ ପରିଷଦ)ର ବାର୍ଷିକ ଫଳାଫଳ ନିକଟରେ ଘୋଷଣା କରାଯାଇଛି। ବିଶେଷ କରି ଚଳିତ ଆର୍ଥିକ ବର୍ଷ (୨୦୨୩-୨୪ ଆର୍ଥିକ ବର୍ଷ) ମଧ୍ୟରେ ସିଆଇଓ ଉଲ୍ଲେଖନୀୟ ସଫଳତା ସହ ନୂତନ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ସର୍ବଭାରତୀୟସ୍ତରରେ ସିଆଇଓର ସମସ୍ତ ୯ଟି କାର୍ଯ୍ୟାଳୟର ମିଳିତ ସହଯୋଗରେ ପ୍ରତିଷ୍ଠାନ ଏହି ସଫଳତା ସହ ଆର୍ଥିକ ବର୍ଷ ଶେଷ କରିଛି। ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଅଥବା ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ୭୭,୧୮୮ ଅଭିଯୋଗର ସମାଧାନ କରିବାରେ ସିଆଇଓ ସଫଳ ହୋଇଛି। ବର୍ଷକ ମଧ୍ୟରେ ଗ୍ରହଣ କରାଯାଇଥିବା ୭୭,୧୮୮ଟି ଅଭିଯୋଗ ମଧ୍ୟରୁ ୩୪% ଅଭିଯୋଗ ଅନଲାଇନରେ ଦାଖଲ କରାଯାଇଥିଲା ଏବଂ ୭୪% ଅଭିଯୋଗ ଶୁଣାଣି ହୋଇ ଅନ୍ଲାଇନରେ ସମାଧାନ କରାଯାଇଥିଲା। ସିଆଇଓ ପକ୍ଷରୁ ପ୍ରକାଶିତ ଏକ ପ୍ରେସ୍ ବିଜ୍ଞପ୍ତିରେ ଏନେଇ ତଥ୍ୟ ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ୨୦୨୩-୨୪ ବର୍ଷ ସର୍ବକାଳୀନ ଅଭିଯୋଗର ସମାଧାନ ସହିତ ଏହି ଅନୁଷ୍ଠାନ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବର୍ଷ ମଧ୍ୟରେ ମୋଟ୍ ଆବେଦନ ମାଧ୍ୟମରେ ସମାଧାନ ହୋଇଥିବା ଅଭିଯୋଗ ସଂଖ୍ୟା ୩୬,୮୪୫ ହୋଇଥିବାବେଳେ ସୁପାରିସ କ୍ରମେ ହୋଇଥିବା ଅଭିଯୋଗ ସଂଖ୍ୟା ୧୫,୫୨୮ ରହିଛି। ଅଭିଯୋଗକାରୀଙ୍କ ସପକ୍ଷରେ ଦିଆଯାଇଥିବା ରାୟ ସଂଖ୍ୟା ୨୪,୮୧୫ ରହିଛି । ୪୨.୧୪% ଆର୍ବିଟ୍ରେସନ (ସୁପାରିସ) ମାଧ୍ୟମରେ ମାମଲାର ସମାଧାନ ହୋଇଛି। ୫୯.୩୬% ପ୍ରତିଶତ ମାମଲାର ସମାଧାନ ପଞ୍ଜୀକରଣର ୩୦ ଦିନ ମଧ୍ୟରେ କରାଯାଇଛି। ଚଳିତ ବର୍ଷ ମାର୍ଚ୍ଚ୩୧ ସୁଦ୍ଧା ଅହମଦାବାଦ, ଭୁବନେଶ୍ୱର, ଦିଲ୍ଲୀ, ଗୁଆହାଟୀ, ହାଇଦ୍ରାବାଦ, ଜୟପୁର, ଲକ୍ଷ୍ନୌ, ନୋଏଡା ଏବଂ ପାଟନା ଆଦି ୯ଟି କାର୍ଯ୍ୟାଳୟରେ ହୋଇଥିବା ଅଭିଯୋଗଗୁଡ଼ିକର ସମାଧାନ କରାଯାଇଛି।

## ନୀତି ରାଜନୀତି

# ବିଜେଡିରେ ଦିଲ୍ଲୀପ, ରାମଚନ୍ଦ୍ର, ଅଭିରାମ


ଶଙ୍ଖ ଭବନଠାରେ ଗୁରୁବାର ବରିଷ୍ଠ ବିଜେଡି ନେତୃବୃନ୍ଦଙ୍କ ସହ ଦଳରେ ଯୋଗଦେଇଥିବା ଅନ୍ୟ ଦଳର ନେତା ଓ କର୍ମୀ।

ଭୁବନେଶ୍ୱର,୪।୪(ଅନିଲଦାସ)

ଭାଜପା ନେତା ରାମଚନ୍ଦ୍ର ପାଙ୍ଗୀ, ଦିଲୀପ ନାୟକ ଓ କଂଗ୍ରେସ ନେତା ଅଭିରାମ ହନ୍ତାଳ ସେମାନଙ୍କ ସମର୍ଥକଙ୍କ ସହ ଶଙ୍ଖ ଧରିଛନ୍ତି। ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀର ଭାଜପା ନେତା ଦିଲୀପ ନାୟକଙ୍କ ସମେତ ପଦ୍ମଦଳର ଶତାଧିକ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଗୁରୁବାର ଶଙ୍ଖଭବନଠାରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସମୀର ଦାଶ ଓ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। । ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ନିର୍ମଳ ଭାବମୂର୍ତ୍ତିରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିବା ଦିଲୀପ କହିଛନ୍ତି ।

ଏହି ମିଶ୍ରଣ ପର୍ବରେ ଗୋପ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ସରପଞ୍ଚ ଅଜୟ ପରିଡ଼ା, ସମିତିସଭ୍ୟ ପୂଜାରାଣୀ ମହାପାତ୍ର, ଲକିବାଳା ନାୟକ, ପୂର୍ବତନ ସରପଞ୍ଚ ଗଦାଧର ସାମନ୍ତରାୟ, ପୂର୍ବତନ ସମିତି ସଭ୍ୟ ପ୍ରତାପ ସ୍ୱାଇଁ, ଚିରଞ୍ଜନ ପାତ୍ର, ନିମାପଡ଼ା ମଣ୍ଡଳ ସଭାପତି ମାନସ ପ୍ରଧାନ, ପୂର୍ବତନ ନିମାପଡ଼ା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ପୂର୍ବତନ ନିମାପଡ଼ା ଏନ୍ଏସି ଅଧ୍ୟକ୍ଷ ଅଜୟ କୁମାର ଭୋଇଙ୍କ ସହ ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିଲେ ।

ସେହିପରି କୋରାପୁଟ ଜିଲା ଅନ୍ତର୍ଗତ ପଟ୍ଟାଙ୍ଗୀ ବିଧାନସଭା ନିର୍ବାଚନମଣ୍ଡଳୀର ୨୦୧୯ ନିର୍ବାଚନରେ ଭାଜପା ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ପାଙ୍ଗୀ ଓ କଂଗ୍ରେସ ନେତା ଅଭିରାମ ହନ୍ତାଳଙ୍କ ସମେତ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ନବରଙ୍ଗପୁର ଜିଲା ପର୍ଯ୍ୟବେକ୍ଷକ ଈଶ୍ୱର ପାଣିଗ୍ରାହୀ, ପୂର୍ବତନ ବିଧାୟକ ତଥା ଚଳିତ ନିର୍ବାଚନରେ ବିଜେଡି ପଟ୍ଟାଙ୍ଗୀ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ପାଙ୍ଗୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଭାଜପା ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ପଟ୍ଟାଙ୍ଗୀ ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ବିଜେଡି ନେତାମାନେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ଯୋଗ ଦେଇଥିବା କହିଛନ୍ତି । ଏହି ମିଶ୍ରଣ ପର୍ବରେ କଂଗ୍ରେସର ଶ୍ୟାମ ହନ୍ତାଳ, ହରିରାମ ଖୋରା,ଧୋନୁ ଘୁଷା, ବୀରେନ୍ଦ୍ର ଘୁଷା,ବିଜୟ ହନ୍ତାଳ,ନ୍ ଭାଜପା ନେତା ଦାମୋଦର ସେଠୀ, ନାଗେଶ୍ୱର ପୂଜାରୀ, ନକୁଳ ନାୟକ, ଉପେନ୍ଦ୍ର ହନ୍ତାଳ, ପର୍ଶୁରାମ ପାଙ୍ଗୀ, ରାଜେନ୍ଦ୍ର ପ୍ରଧାନ, ଗୁନା ପାଙ୍ଗୀଙ୍କ ସହ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି । ଏହି ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ପଟ୍ଟାଙ୍ଗୀ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ବାଲା ରାୟ ଉପସ୍ଥିତ ଥିଲେ।

## ଭାଜପାରେ ପ୍ରତାପ, ପ୍ରଶାନ୍ତ

ଭୁବନେଶ୍ୱର, ୪।୪(ସୁନିତ୍ ମିଶ୍ର)

ବିଶିଷ୍ଟ ନ୍ୟୁରୋ ସର୍ଜନ ଡା. ପ୍ରତାପ କୁମାର ପାଣି ବିଜେଡି ଛାଡି ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ନୂଆଦିଲ୍ଲୀ ସ୍ଥିତ ଏମ୍ସ ମେଡିକାଲ କଲେଜ, ଜାମସେଦପୁରସ୍ଥିତ ଟାଟା ମୁଖ୍ୟ ଡାକ୍ତରଖାନା, ଅନୁଗୋଳସ୍ଥିତ ନାଲ୍କୋ ଏବଂ ପାରାଦୀପସ୍ଥିତ ପିପିଟି ହସ୍ପିଟାଲରେ ଦୀର୍ଘଦିନ ଧରି ସେବା ଯୋଗାଇବା ପରେ ବର୍ତ୍ତମାନ ଭୁବନେଶ୍ୱରରେ ଅବସ୍ଥାପିତ ଥିବା ବିଶିଷ୍ଟ ଇଏନ୍ଟି ବିଶେଷଜ୍ଞ ପ୍ରଶାନ୍ତ କୁମାର ମିଶ୍ର ଭାଜପାରେ ଯୋଗ ଦେଇଛନ୍ତି। ଏହି ଅବସରରେ ପ୍ରଶାନ୍ତ କହିଛନ୍ତି, ଭାଜପାର ରାଷ୍ଟ୍ରବାଦୀ ଚିନ୍ତାଧାରାରେ ଅନୁପ୍ରାଣିତ ଭାଜପାରେ ଯୋଗ ଦେଇଛି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଉଭୟଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଛନ୍ତି।

## ଭାଜପା ଛାଡ଼ି ହାତ ଧରିଲେ ସୋନାଲି

ଭୁବନେଶ୍ୱର, ୪।୪(ସୁନିତ୍ ମିଶ୍ର)

ଭାଜପା ନେତ୍ରୀ ସୋନାଲି ସାହୁ ଗୁରୁବାର ପଦ୍ମ ଛାଡି ହାତ ଧରିଛନ୍ତି। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାକୁ ନେଇ ଅନୁପ୍ରାଣିତ ହେବା ସହ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱ ଉପରେ ଭରସା କରି ସୋନାଲି କଂଗ୍ରେସରେ ଯୋଗ ଦେଇଥିବା କହିଛନ୍ତି।

## ବିଜେଡି ଛାଡ଼ିଲେ ରମେଶ, ରାମଚନ୍ଦ୍ର

ଆଠମଲ୍ଲିକ/ବଈଣ୍ଡା/ବ୍ରହ୍ମପୁର,୪।୪
(ଉଦୀପ୍ତ ପୁରୋହିତ/ ପରିକ୍ଷିତ ସାହୁ/ନରସିଂହ ସାହୁ)


ରମେଶ ସାଏ


ରାମଚନ୍ଦ୍ର ପଣ୍ଡା

ଅନୁଗୋଳ ଜିଲା ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଏବଂ ପୂର୍ବତନ ଉପବାଚସ୍ପତି ତଥା ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା ଗୁରୁବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ଏ ନେଇ ସେମାନେ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ଇସ୍ତଫାପତ୍ର ପଠାଇଛନ୍ତି।

ଚଳିତ ବିଧାନସଭା ନିର୍ବାଚନରେ ଦଳ ରମେଶଙ୍କୁ ଟିକେଟ ଦେଇ ନ ଥିଲା। ଫଳରେ ସେ ଅସନ୍ତୋଷ ବ୍ୟକ୍ତ କରି ବିଜେଡି ଛାଡଛନ୍ତି।୨୦୧୯ରେ ରମେଶ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) କମିଶନର ପଦବୀରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହୋଇଥିଲେ। ଏହାପରେ ବିଜେଡି ତାଙ୍କୁ ଆଠମଲ୍ଲିକ ବିଧାନସଭା ଆସନରୁ ପ୍ରାର୍ଥୀ କରିଥିଲା। ହେଲେ ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ବିଜେଡିର ବରିଷ୍ଠ ନେତା ତଥା ବର୍ତ୍ତମାନର ଆଠମଲ୍ଲିକ ବିଜେଡି ପ୍ରାର୍ଥୀ ନଳିନୀ ପ୍ରଧାନଙ୍କ ସହ ତାଙ୍କର ମତାନ୍ତର ହୋଇଥିଲା। ଏପରିକି ଏହା ପରଠାରୁ ଦଳ ତାଙ୍କୁ ଅବହେଳା କରୁଥିବା ଆଲୋଚନା ହେଉଥିଲା। ତେବେ ଗତ ବୁଧବାର ଆଠମଲ୍ଲିକ ବିଧାନସଭା ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିଥିବାବେଳେ ସାଏଙ୍କୁ ଦଳ ଟିକେଟ ଦେଇ ନ ଥିଲା। ଫଳରେ ସେ ଅସନ୍ତୁଷ୍ଟ ହୋଇ ଦଳ ଛାଡିଥିବା ସୂଚନା ମିଳିଛି। ଅନ୍ୟପଟେ ରମେଶ ଭାଜପାରେ ଯୋଗ ଦେବେ ବୋଲି ଚର୍ଚ୍ଚା ହେଉଛି। ଏ ନେଇ ବିଧାୟକ ସାଏ କହିଛନ୍ତି, ତାଙ୍କୁ ସମସ୍ତ କ୍ଷେତ୍ରରେ ଦଳ ପକ୍ଷରୁ ଅବହେଳା କରାଯାଉଥିଲା। କର୍ମୀଙ୍କ ସହ ଆଲୋଚନା କରିବା ପରେ ସେ ଦଳ ଛାଡ଼ିଛନ୍ତି। ଭବିଷ୍ୟତ ସମ୍ପର୍କରେ କର୍ମୀମାନେ ଯାହା କହିବେ ସେହି ଅନୁଯାୟୀ ନିଷ୍ପତ୍ତି ନେବେ।

ଗଞ୍ଜାମ ଜିଲାର ବରିଷ୍ଠ ରାଜନେତା, ବିଧାନସଭାର ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ବିଜେଡିରୁ ଇସ୍ତଫା ଦେଇଥିବା ବ୍ରହ୍ମପୁରରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ତାଙ୍କ ସହ ଆଉଜଣେ ପୁରୁଖା ନେତା ତଥା ବିଜେଡିର ପ୍ରାକ୍ତନ ସମ୍ପାଦକ ଟି. ଗୋପୀ ମଧ୍ୟ ଦଳରୁ ଇସ୍ତଫା ଦେଇଛନ୍ତି।

ରାମଚନ୍ଦ୍ର କହିଛନ୍ତି, ୨୦୧୭ରେ ସେ ଭାଜପା ଛାଡ଼ି ବିଜେଡିରେ ମିଶିଥିଲେ। ୨୦୧୯ ଭଳି ଚଳିତ ନିର୍ବାଚନରେ ଲୋକ ସଭା ଟିକେଟ ପାଇଁ ଏକାଧିକ ପତ୍ର ଦେଇଥିଲି, ଦଳ ଶୁଣିଲାନି। ବ୍ରହ୍ମପୁର ବିଧାନସଭା କ୍ଷେତ୍ରରୁ ୮୧ ବର୍ଷୀୟ ବୟସ୍କ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ଦଳ ପୁଣି ପ୍ରାର୍ଥୀ କରିବା ପ୍ରତିବାଦରେ ଇସ୍ତଫା ଦେଲେ ବୋଲି ଗୋପୀ କହିଛନ୍ତି।

## ଆନନ୍ଦପୁର ବିଧାନସଭା କ୍ଷେତ୍ର
## ବିଜେଡିରେ ମିଶିବା ଚର୍ଚ୍ଚା: ଗୁଜବ କହିଲେ ମନୋଜ

ହାଟଡ଼ିହୀ,୪।୪(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ କଂଗ୍ରେସ ବିଧାୟକ ଜୟଦେବ ଜେନାଙ୍କ ପୁଅ ଇଂ. ମନୋଜ କୁମାର ଜେନା ବିଜେଡିରେ ମିଶିବେ ବୋଲି କିଛି ଦିନ ହେବ ଚର୍ଚ୍ଚା ଚାଲିଛି। ବିଭିନ୍ନ ଗଣମାଧ୍ୟମରେ ଏନେଇ ଖବର ପ୍ରକାଶ ପାଇଛି। ଫଳରେ ପ୍ରମୁଖ ଦଳର ନେତା ଏବଂ କର୍ମୀଙ୍କ ମଧ୍ୟରେ ମାନସ ମନ୍ଥନ ବି ଚାଲିଛି। ଶେଷରେ ଏହି ଚର୍ଚ୍ଚାର ଅବସାନ ଘଟାଇଛନ୍ତି ମନୋଜ। ସେ ବିଜେଡିରେ ମିଶିବା କଥାକୁ ଅସ୍ୱୀକାର କରିବା ସହ ଏହା ଗୁଜବ ବୋଲି ସୋସିଆଲ ମିଡ଼ିଆରେ ଭିଡିଓ ବାର୍ତ୍ତା ଦେଇ କହିଛନ୍ତି। ଏପରି କରି ଭଉଣୀ, ଭାଇମାନଙ୍କୁ ବିବ୍ରତ ନ କରିବାକୁ ଅନୁରୋଧ କରିଛନ୍ତି। ସେ କଂଗ୍ରେସରେ ଅଛନ୍ତି ଏବଂ ଆଗକୁ ରହିବେ ବୋଲି କହିଛନ୍ତି। କଂଗ୍ରେସର ଲୋକପ୍ରିୟତା ବଢୁଥିବାରୁ ବିରୋଧୀ ବିଚଳିତ ହୋଇ ଏପରି ପ୍ରୟାସ କରୁଛନ୍ତି। ଚଳିତ ନିର୍ବାଚନରେ ଜୟଦେବ ଜେନାଙ୍କ ନେତୃତ୍ୱରେ କଂଗ୍ରେସ ନିର୍ବାଚନ ଲଢ଼ି ବାଜିମାତ କରିବେ ବୋଲି ଦମ୍ଭୋକ୍ତି କରିଛନ୍ତି।

### ସୋସିଆଲ ମିଡ଼ିଆରେ ବାପାଙ୍କ ପାଇଁ ପ୍ରଚାର


ମନୋଜ କୁମାର ଜେନା


ଜୟଦେବ ଜେନା

ଆନନ୍ଦପୁର ବିଧାନସଭା କ୍ଷେତ୍ର ପାଇଁ କଂଗ୍ରେସ ବିଧାୟକ ପ୍ରାର୍ଥୀ ଭାବେ ଜୟଦେବ ଜେନାଙ୍କ ନାମକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଇଂ. ମନୋଜ ଜେନା ସୋସିଆଲ ମିଡିଆରେ ଘୋଷଣା କରିଛନ୍ତି। ଭାଇରାଲ ଭିଡିଓରେ ମନୋଜ କଂଗ୍ରେସ କର୍ମୀଙ୍କୁ ଜାଗ୍ରତ ହେବା ଏବଂ ଚୋର, ତସ୍କରଙ୍କଠାରୁ ଆନନ୍ଦପୁରକୁ ମୁକ୍ତ କରିବାକୁ କହିଛନ୍ତି। ୪ ମିନିଟ୍ ୫୯ ସେକେଣ୍ଡ ଅବଧିର ଭିଡିଓରେ ମନୋଜ କର୍ମୀଙ୍କୁ ଆହ୍ୱାନ ଦେଇ କହିଛନ୍ତି, ଆସନ୍ତୁ, ମୋ କାନ୍ଧରେ କାନ୍ଧ ଏବଂ ହାତରେ ହାତ ମିଶାନ୍ତୁ। ଆଗକୁ ଯିବା, ଆନନ୍ଦପୁରକୁ ଗଢ଼ିବା। କଂଗ୍ରେସକୁ ୧ ନମ୍ବର କରି ଜିତାଇ ଆଣିବା। ଆମେ ଜିତିକି ଅଛନ୍ତି। ଆହୁରି ୨ ମାସ ଅଛି। ଲୋକଙ୍କୁ ବୁଝାଇବା। ନିର୍ବାଚନ ଲଢ଼ିବା, ସଂଘର୍ଷ କରିବା। କଂଗ୍ରେସର ୯ ଗ୍ୟାରେଣ୍ଟି ବିଷୟରେ ଲୋକଙ୍କୁ ବୁଝାଇବା। ଆମେ କୌଣସି କ୍ଷେତ୍ରରେ ଅସମର୍ଥ ନୁହନ୍ତି। ଯିଏ ଯେମିତି ଚାହିଁବ ସେମିତି ଜବାବ ଦେବା। ମୋ ସହ ମିଶନ୍ତୁ, କଂଗ୍ରେସକୁ ଆଗକୁ ନିଅନ୍ତୁ। କଂଗ୍ରେସକୁ ହାତ ଚିହ୍ନରେ ମୋହର ମାରି ଆଗାମୀ ନିର୍ବାଚନରେ ଜୟଦେବ ଜେନାଙ୍କୁ ଜୟଯୁକ୍ତ କରାନ୍ତୁ ।

## କଂଗ୍ରେସ ଛାଡ଼ିଲେ ବାପି ସର୍ଖେଲ

ପାରାଦୀପ,୪।୪(ଶରତ ରାଉତ)

ପାରାଦୀପ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ (ବାପି)ଗୁରୁବାର ଦଳରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଦଳର ରାଜ୍ୟ ସଭାପତି ଶରତ ପଟ୍ଟନାୟକଙ୍କ ପାଖକୁ ପଠାଇ ଦେଇଛନ୍ତି। ଏହି ଅବସରରେ ସେ ଗଣମାଧ୍ୟମକୁ କହିଛନ୍ତି, ପାରାଦୀପର ଶ୍ରମିକମାନଙ୍କ ସମସ୍ୟା ନେଇ ସେ ସ୍ୱର ଉଠାଇଥାନ୍ତି ଏବଂ ରାଜନୀତି ମଧ୍ୟ କରୁଛନ୍ତି। ତେବେ ବାପି କେଉଁ ଦଳରେ ମିଶିବେ ତାହା ସ୍ପଷ୍ଟ କରିନାହାଁନ୍ତି। କିନ୍ତୁ ସେ ବିଜେଡିରେ ମିଶିବେ ବୋଲି ଚର୍ଚ୍ଚା ହେଉଛି। କାରଣ ମାର୍ଚ୍ଚ ୧୭ରେ ତାଙ୍କ ସ୍ତ୍ରୀ ମୋନିଦୀପା ସର୍ଖେଲ ବିଜେଡିରେ ମିଶିଛନ୍ତି। ସୂଚନାଯୋଗ୍ୟ, ବାପି ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସରୁ ଦଳୀୟ ପ୍ରାର୍ଥୀ ହୋଇଥିଲେ। ୨୦୨୦ ପରଠାରୁ ସେ ଆଉ କଂଗ୍ରେସ ଦଳର ଚିହ୍ନ ବ୍ୟବହାର କରୁ ନ ଥିଲେ। ୨୦୨୨ ପୌର ନିର୍ବାଚନରେ ଆମ ପାରାଦୀପ ଆମ ପ୍ରଗତି ସଙ୍ଗଠନ କରି ପାରାଦୀପର ସମସ୍ତ ୧୯ ୱାର୍ଡରେ ପ୍ରାର୍ଥୀ ଦେଇଥିଲେ । ସେଥିରୁ ୯ଟି ଆସନରେ ତାଙ୍କ ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଏଚ୍.ଏନ୍.
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୮ ଜିଲାରେ ଭାରୋତ୍ତୋଳନ, ୪ ପୁଲ୍‌ରେ ସନ୍ତରଣ

**ଏପ୍ରିଲରେ ଆରମ୍ଭ ହେବାକୁ ଯାଉଛି ସମର କ୍ୟାମ୍ପ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ସନ୍ତରଣ, ବାସ୍କେଟବଲ, ଭାରୋତ୍ତୋଳନ, ଶୁଟିଂ, ଚେସ୍ ଓ ଲନ୍ ଟେନିସର ସମର କ୍ୟାମ୍ପ ଆରମ୍ଭ ହେବାକୁ ଯାଉଛି। ଭାରୋତ୍ତୋଳନ ଓ ସନ୍ତରଣର କ୍ୟାମ୍ପ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜନ ହେବ। ଏହା ରାଜ୍ୟରେ ସମରକ୍ୟାମ୍ପ ପ୍ରତି ଆଗ୍ରହ ବଢୁଥିବାର ସୂଚନା ଦେଉଛି।**

ଭୁବନେଶ୍ୱର, ୪।୪ (ତପନ ସ୍ୱାଇଁ)

ଗ୍ରୀଷ୍ମାବକାଶରେ ନୂଆ ପ୍ରତିଭାଙ୍କୁ କ୍ରୀଡ଼ାପ୍ରତି ଆକୃଷ୍ଟ କରିବା ଏବଂ ଖେଳକୁ କ୍ୟାରିୟର କରୁଥିବା ପିଲାମାନଙ୍କୁ ଏଥିସହ ଯୋଡ଼ି ରଖିବା ପାଇଁ ଅନୁଷ୍ଠିତ ହୋଇଥାଏ ସମର କ୍ୟାମ୍ପ। ଏଥିରେ ବିଗ୍‌ନରମାନେ ବିଭିନ୍ନ ଖେଳ ସମ୍ପର୍କରେ ମୌଳିକ ଧାରଣା ପାଇଥାନ୍ତି ଏବଂ ଖେଳସହ ଜଡ଼ିତ ଥିବା ପିଲାମାନେ ଅଭ୍ୟାସର ସୁଯୋଗଲାଭ କରିଥାନ୍ତି। ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଆୟୋଜନ ହୋଇ ଆସୁଥିବା ଏହି ସମରକ୍ୟାମ୍ପ ପ୍ରତି ଆଗ୍ରହ କ୍ରମେ ବଢୁଥିବା ପରିଲକ୍ଷିତ ହୋଇଛି। ଏ ବର୍ଷ ମଧ୍ୟ ବିଭାଗ ପକ୍ଷରୁ ବିଭିନ୍ନ କ୍ରୀଡ଼ାର ସମର କ୍ୟାମ୍ପ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହାକୁ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜନ କରାଯିବାକୁ ଯୋଜନା ରହିଛି। ୧୮ଟି ଜିଲାର ୨୬ଟି ସ୍ଥାନରେ ଭାରୋତ୍ତୋଳନ ଏବଂ ୪ଟି ପୁଲ୍‌ରେ ସନ୍ତରଣ କ୍ୟାମ୍ପ ଆୟୋଜନ କରାଯାଇ ସବୁ ଅଞ୍ଚଳର ପିଲାଙ୍କୁ ସାମିଲ କରାଯିବାକୁ ପ୍ରୟାସ ହୋଇଛି। ଏପ୍ରିଲ ମାସ ଆରମ୍ଭ ସହିତ ସମର କ୍ୟାମ୍ପର ଋତୁ ଆରମ୍ଭ ହୋଇ ଯାଇଥାଏ। ଏଥର ମଧ୍ୟ ତାହା ହେବାକୁ ଯାଉଛି। ଏହା ପ୍ରତିଭା ସମ୍ପନ୍ନ କ୍ରୀଡ଼ାବିତ୍‌ଙ୍କ ମନରେ ଉତ୍ସାହ ସୃଷ୍ଟି କରିଛି।

## ସନ୍ତରଣ

ସୁଇମିଂ ସମରକ୍ୟାମ୍ପ ଏଥର ୪ଟି ସ୍ଥାନରେ ୨ଟି ପର୍ଯ୍ୟାୟରେ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହାର ପ୍ରଥମ ବ୍ୟାଚ୍ ଏପ୍ରିଲ ୧୬ରୁ ମେ ୮ ଓ ଦ୍ୱିତୀୟ ବ୍ୟାଚ୍ ମେ ୧୦ରୁ ଜୁନ୍ ୧ ପର୍ଯ୍ୟନ୍ତ ଚାଲିବ। ୫ରୁ ୧୪ ବର୍ଷର ଉଭୟ ବାଳିକା ବାଳକ ଏଥିରେ ଅଂଶଗ୍ରହଣ କରିପାରିବେ। ସକାଳ ୮ଟା ୨୦ରୁ ୯ ପର୍ଯ୍ୟନ୍ତ ସ୍ଲଟ-୧ ଓ ଅପରାହ୍ନ ୩ଟା ୨୦ରୁ ୪ଟା ପର୍ଯ୍ୟନ୍ତ ସ୍ଲଟ-୨ରେ କ୍ୟାମ୍ପ ଆୟୋଜନ ହେବ। ପ୍ରତି ବ୍ୟାଚରେ ସର୍ବାଧିକ ୪୦ ପିଲାଙ୍କୁ ନିଆଯିବ। ପ୍ରତି ସପ୍ତାହରେ ୬ ସେସନ ଏହିପରି ମୋଟ ୨୦ ସେସନରେ କ୍ୟାମ୍ପ ହେବ। ରାଉରକେଲାର ବିର୍ସାମୁଣ୍ଡା ଆଥଲେଟିକ୍ସ ଷ୍ଟାଡିୟମ ପରିସର ସହ ବ୍ରହ୍ମପୁର ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍, ସମ୍ବଲପୁରର ଝସକେତନ ସାହୁ ସୁଇମିଂ ପୁଲ୍ ଓ ପୁରୀର ଶ୍ରୀ ଜଗନ୍ନାଥ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍‌ରେ ଏହି କ୍ୟାମ୍ପ ଆୟୋଜନ ହେବ। ଏଥିପାଇଁ ମାର୍ଚ୍ଚ ୨୮ରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇ ଯାଇଛି। ପ୍ରତି ପିଲାଙ୍କ ପାଇଁ ୧୦୦୦ ଟଙ୍କାର ଫି' ଧାର୍ଯ୍ୟ କରାଯାଇଛି। ଏଥିରେ ସନ୍ତରଣର ବିଭିନ୍ନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ।







## ବାସ୍କେଟବଲ

ବାସ୍କେଟବଲ ସମର କୋଚିଂ କ୍ୟାମ୍ପ ମଧ୍ୟ ୨ଟି ବ୍ୟାଚ୍‌ରେ ଆୟୋଜନ ହେବ। ପ୍ରଥମ ବ୍ୟାଚ୍ ଏପ୍ରି ୨୦ରୁ ଆରମ୍ଭ ହୋଇ ମେ ୬ ପର୍ଯ୍ୟନ୍ତ ଚାଲିବ। ସେହିପରି ଦ୍ୱିତୀୟ ବ୍ୟାଚ୍ ମେ ୭ରୁ ୨୨ ପର୍ଯ୍ୟନ୍ତ ଆୟୋଜନ ହେବ। ୭ରୁ ୧୬ ବର୍ଷର ଖେଳାଳି ଏଥିରେ ଅଂଶଗ୍ରହଣ କରିପାରିବେ। ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ସକାଳ ୬ଟା ୩୦ରୁ ୮ଟା ୩୦ ଓ ଅପରାହ୍ନ ୪ଟା ୩୦ରୁ ୬ଟା ୩୦ ପର୍ଯ୍ୟନ୍ତ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ଏବଂ ଓସିଏସ୍ ଗ୍ରାଉଣ୍ଡରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏଥିପାଇଁ ଏପ୍ରିଲ ୨ରୁ ପଞ୍ଜୀକରଣ ଆରମ୍ଭ ହୋଇଯାଇଛି।

## ଭାରୋତ୍ତୋଳନ

ଭାରୋତ୍ତୋଳନର ସମର କ୍ୟାମ୍ପ ୧୮ ଜିଲାର ୨୬ଟି ସ୍ଥାନରେ ଆୟୋଜନ ହେବ। ଏହି ଜିଲା ଗୁଡ଼ିକ ହେଲା ଅନୁଗୋଳ ବଲାଙ୍ଗୀର, କଟକ, ଢେଙ୍କାନାଳ, ଗଞ୍ଜାମ, ଗଜପତି, ଯାଜପୁର, କୋରାପୁଟ, କେନ୍ଦ୍ରାପଡ଼ା, କନ୍ଧମାଳ, କଳାହାଣ୍ଡି, ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା, ନବରଙ୍ଗପୁର, ପୁରୀ, ରାୟଗଡ଼ା ଓ ସୁନ୍ଦରଗଡ଼। କ୍ୟାମ୍ପ ୨ଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧୦ରୁ ୨୪ ଓ ଦ୍ୱିତୀୟ ପର୍ଯ୍ୟାୟରେ ମେ ୬ରୁ ୨୦ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯିବ। ୮ରୁ ୧୫ ବର୍ଷର ବାଳିକା ବାଳକମାନେ ଏଥିରେ ଭାଗ ନେଇପାରିବେ। ପ୍ରତିଦିନ ଅପରାହ୍ନ ୪ଟାରୁ ୬ଟା ୩୦ ପର୍ଯ୍ୟନ୍ତ କ୍ୟାମ୍ପ ଆୟୋଜନ ହେବ। ଏଥିପାଇଁ ଶୁକ୍ରବାରଠାରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ।

### ସମର କ୍ୟାମ୍ପ

## ଶୁଟିଂ

ଶୁଟିଂ ସମରକ୍ୟାମ୍ପ ମଧ୍ୟ ୨ଟି ବ୍ୟାଚ୍‌ରେ ଅନୁଷ୍ଠିତ ହେବ। ପ୍ରଥମ ବ୍ୟାଚ୍ ଏପ୍ରିଲ ୨୨ରୁ ମେ ୪ ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ବ୍ୟାଚ୍ ମେ ୬ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୧୦ରୁ ୧୭ ବର୍ଷର ଶୁଟରମାନେ ଏଥିରେ ଭାଗ ନେଇପାରିବେ। ପ୍ରତିଦିନ ସକାଳ ୬ଟା ୩୦ରୁ ୭ଟା ୩୦, ୧୦ଟା ୩୦ରୁ ୧୧ଟା ୩୦ ଓ ସନ୍ଧ୍ୟା ୬ଟାରୁ ୭ଟା ପର୍ଯ୍ୟନ୍ତ କ୍ୟାମ୍ପ ହେବ। କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସସ୍ଥିତ ଶୁଟିଂ ହାଇ ପରଫର୍ମାନ୍ସ ସେଣ୍ଟରରେ ଓପନ ସାଇଟ ରାଇଫଲ, ୧୦ ମିଟର ଏୟାର ରାଇଫଲ, ୧୦ ମିଟର ଏୟାର ପିସ୍ତଲରେ ପ୍ରଶିକ୍ଷଣ ଦିଆଯିବ। ଶୁକ୍ରବାରଠାରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ଏଥିପାଇଁ ୧୦୦୦ ଟଙ୍କା ଫି' ଧାର୍ଯ୍ୟ କରାଯାଇଛି।

## ଚେସ୍

ଚେସ୍ ଖେଳିବା ଦ୍ୱାରା ପିଲାମାନଙ୍କ ଏକାଗ୍ରତା ବୃଦ୍ଧି ସହ ମାନସିକ ଦକ୍ଷତାର ବିକାଶ ଘଟିଥାଏ। ଚେସ୍ ପ୍ରତି ଆଗ୍ରହ ରଖୁଥିବା ପିଲାମାନଙ୍କ ପାଇଁ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଆରମ୍ଭ କରାଯାଉଥିବା ଚେସ୍ ସମରକ୍ୟାମ୍ପ ମେ' ୨ରୁ ୧୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୫ରୁ ୧୮ ବର୍ଷର ପିଲାମାନେ ଏଥିରେ ଅଂଶଗ୍ରହଣ କରିପାରିବେ। ଏହି କ୍ୟାମ୍ପରେ ଚେସ୍‌ର ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ଖେଳ ଚାତୁର୍ଯ୍ୟ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ନୟାପଲୀରେ ଥିବା ରାଜ୍ୟ କ୍ରୀଡ଼ା ବିଭାଗର ପ୍ରୋ-ଚେସ୍-ଟାରେ ଏହି କ୍ୟାମ୍ପ ଅନୁଷ୍ଠିତ ହେବ। ଗତ ୧ ତାରିଖରୁ ଏଥିପାଇଁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇ ଯାଇଛି। ପ୍ରତି ପିଲାପାଇଁ ୫୦୦ ଟଙ୍କାର ଫି' ଧାର୍ଯ୍ୟ କରାଯାଇଛି।

## ଲନ୍ ଟେନିସ

ରାଜ୍ୟ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଟେନିସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆୟୋଜନ ହେବାକୁ ଯାଉଛି ଲନ୍ ଟେନିସ ସମର କ୍ୟାମ୍ପ। ଏହା ୨ଟି ବ୍ୟାଚ୍‌ରେ ଏପ୍ରିଲ ୧୫ରୁ ୨୫ ଓ ଏପ୍ରିଲ ୨୫ରୁ ମେ ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ପଞ୍ଜୀକରଣ ପ୍ରକ୍ରିୟା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ହେବାକୁଥିବା କ୍ୟାମ୍ପରେ ୫ରୁ ୧୨ ବର୍ଷର ପିଲାମାନେ ଏଥିରେ ଭାଗ ନେଇପାରିବେ। ଏଥିରେ ଖେଳ ସହ ପିଲାମାନଙ୍କୁ ଟେନିସର ମୌଳିକ ଶିକ୍ଷା ପ୍ରଦାନ କରାଯିବ।



ଦିଲ୍ଲୀରେ ଅନୁଷ୍ଠିତ ହର୍ସ ଶୋ ରାଇଡିଂ ପ୍ରତିଯୋଗିତାରେ ଓଡ଼ିଶାର ବିସ୍ମୟ ବାଳିକା ରିଦ୍ଧି ସାମନ୍ତରାୟ ଶିଶୁ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ୫ ବର୍ଷୀୟା ଭୁବନେଶ୍ୱରର ରିଦ୍ଧି ପ୍ରତିଯୋଗିତାର ସର୍ବକନିଷ୍ଠ ରାଇଡର ବିବେଚିତ ହୋଇଥିଲେ।

# ନୀତା ଏକାଡେମୀ ଚାମ୍ପିୟନ

### ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍

ଭୁବନେଶ୍ୱର, ୪।୪ (ବିଜୟ ରଣା)

ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍ ୨୦୨୩-୨୪ ଓଡ଼ିଶା (୧୫ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍) ସଫଳତାର ସହିତ ସମ୍ପନ୍ନ ହୋଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ୧୫ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍ ଓଡ଼ିଶା କଟକରେ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ୧୭ ବର୍ଷରୁ କମ୍ ବିଭାଗରେ ନୀତା ଏକାଡେମୀ ଚାମ୍ପିୟନ ହୋଇଥିବା ବେଳେ କିଟ୍-କିସ୍ ଦଳ ରନରଅପ୍ ହୋଇଛି। ଚାମ୍ପିୟନ ଦଳ ୫୦,୦୦୦ ଟଙ୍କା ଏବଂ ରନରଅପ୍ ଦଳ ୩୦,୦୦୦ ଟଙ୍କାର ଚେକ୍ ଗ୍ରହଣ କରିଛି। ସେହିପରି ୧୫ ବର୍ଷରୁ କମ୍ ବିଭାଗରେ ଓଡ଼ିଶା ଏକାଦଶ ଚାମ୍ପିୟନ ହୋଇଥିବା ବେଳେ ସ୍ପୋର୍ଟ୍ସ ଓଡ଼ିଶା ରନରଅପ୍ ହୋଇଛି। ଚାମ୍ପିୟନ ଦଳ ଅନୁରୂପ ୫୦,୦୦୦ ଟଙ୍କା ଏବଂ ରନରଅପ୍ ଦଳ ୩୦,୦୦୦ ଟଙ୍କାର ଚେକ୍ ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ କଟକସ୍ଥିତ ସିଡିଏ ସେକ୍ଟର-୬ ଫୁଟ୍‌ବଲ ଗ୍ରାଉଣ୍ଡରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଫାଓ'ର କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଉପସଭାପତି ଦିଲୀପ ସାହୁ, ଯୁଗ୍ମ ସମ୍ପାଦକ ଶାହିଦ ଜବାର ଓ ବିଶ୍ୱରଞ୍ଜନ ଘଡ଼େଇ, ନୀତା ଫୁଟ୍‌ବଲ ଏକାଡେମୀ ସମ୍ପାଦକ ଅରୁଣ କୁମାର ପରିଜା ଏବଂ ଅର୍ବାନ ଆଡ୍‌ଭେଞ୍ଚର୍ସ କ୍ଲବର ସମ୍ପାଦକ ରଞ୍ଜନ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।


HAPPY BIRTY DAY



Turning 72Yrs.
H.N. BEBORTA
(RLY- RETD.), 9437048212
ମଠସାହି, ଷ୍ଟେସନ ବଜାର, କଟକ
ଅଜା, ଆଜି ତା୦୫।୦୪।୨୪ରିଖ ତୁମର ଜନ୍ମଦିନ, ସେହି ଅବସରରେ ମୁଁ ସାଇଙ୍କ ନିକଟରେ ତୁମର ଦୀର୍ଘାୟୁ ପାଇଁ ପ୍ରାର୍ଥନା କରୁଛି। ତୁମ ଆଶୀର୍ବାଦ ମୋ ପାଇଁ ଓ ପୂଜନୀୟା ଆଈଙ୍କ ପାଇଁ ସଦାସର୍ବଦା ନିକଟତର ରହୁ।
ନାତି: Satwik Senapati,
ଆଈ: Bharati Beborta
ଧ-୦୨୬


# ଓଡ଼ିଶାକୁ ୪ ପଦକ

### ଜାତୀୟ ସବ୍ ଜୁନିୟର ଓ ଜୁନିୟର ଜୁ ଜିତ୍ସୁ

ଭୁବନେଶ୍ୱର,୪।୪
(ସରୋଜ ଜେନା)

ଲକ୍ଷ୍ନୌର ଚୌକ୍ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସବ୍ ଜୁନିୟର ଓ ଜୁନିୟର ଜୁ ଜିତ୍ସୁ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳି ୪ ପଦକ ବିଜୟୀ ହୋଇଛନ୍ତି। ଓଡ଼ିଆ ଖେଳାଳି ମାନେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ସହିତ ଦୁଇଟି ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ଅମ୍ଳାନ ରାଉତ ଜୁନିୟର ପୁରୁଷ ୭୭ କିଗ୍ରା ଫାଇଟିଂରେ ସ୍ୱର୍ଣ୍ଣ ପଦକ ସହ ନିବାଜାରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୫୨ କିଗ୍ରା ଓଜନ ବର୍ଗରେ ଉମାଶଙ୍କର ସାହୁ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ଜୁନିୟର ମହିଳା ୪୮ କିଗ୍ରା ଓଜନ ବର୍ଗରେ ଶୁଭଲକ୍ଷ୍ମୀ ପାଲ ବ୍ରୋଞ୍ଜ ପଦକ ଜିତିଛନ୍ତି। ଟିମ୍ ମ୍ୟାନେଜର ତଥା କୋଚ୍ ସ୍ୱରାଜ ଯାନୀଙ୍କ ଅଧୀନରେ ଯାଇଥିବା ଦଳକୁ ଓଡ଼ିଶା ଜୁ ଜିତ୍ସୁ ସଂଘ ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ, ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ସାଇନାଙ୍କୁ ଡବଲ, କିରଣଙ୍କୁ ୧ ସ୍ୱର୍ଣ୍ଣ




ପଦକ ସହ (ବାମରୁ) ସ୍ମାରକୀ ମହାନ୍ତି, କିରଣ ମନୀଷା ମହାନ୍ତି ଓ ସାଇନା ସାଲୋନିକା।

### ନ୍ୟାଶନାଲ ଟିମ୍ ଚେସ୍

ଭୁବନେଶ୍ୱର, ୪।୪ (ତପନ ସ୍ୱାଇଁ)

ହିମାଚଳ ପ୍ରଦେଶର ଧର୍ମଶାଳାରେ ମାର୍ଚ୍ଚ ୨୯ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ଅନୁଷ୍ଠିତ ନ୍ୟାଶନାଲ ଟିମ୍ ଚେସ୍ ଚାମ୍ପିୟନଶିପ୍‌ରେ ରାଜ୍ୟର ମହିଳା ଅନ୍ତର୍ଜାତୀୟ ମାଷ୍ଟର ସାଇନା ସାଲୋନିକା ଡବଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଦଳଗତ ଏବଂ ବ୍ୟକ୍ତିଗତ ବିଭାଗରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ପିଏସ୍‌ପିବି) ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ତେଲେଙ୍ଗାନା ଓ ଏଲ୍‌ଆଇସି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଅର୍ଜନ କରିଛି। ପିଏସ୍‌ପିବି ଦଳର ସଦସ୍ୟା ଥିବାରୁ ସାଇନାଙ୍କୁ ଦଳଗତ ସ୍ୱର୍ଣ୍ଣ ପଦକ ମିଳିଥିଲା। ଏହା ବ୍ୟତୀତ ସେ ବ୍ୟକ୍ତିଗତ ସ୍ତରରେ ମଧ୍ୟ ଅତି ଚମତ୍କାର ପ୍ରଦର୍ଶନ କରିଥିଲେ। ପିଏସ୍‌ପିବି ସମସ୍ତ ୭ଟି ଯାକ ମ୍ୟାଚ ଜିତି ପ୍ରଥମ ସ୍ଥାନ ହାସଲ କରିଥିଲା। ଫଳରେ ପିଏସ୍‌ପିବିକୁ ପୁରସ୍କାର ଆକାରରେ ୧୨୫୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ଯଥାକ୍ରମେ ୧୦୦୦୦୦ ଓ ୭୫୦୦୦ଟଙ୍କା ଦିଆ ଯାଇଥିଲା। ସାଇନା ଖେଳିଥିବା ସମସ୍ତ ୪ଟି ଯାକ ମ୍ୟାଚରେ ବିଜୟୀ ହୋଇଥିଲେ। ତାଙ୍କ ଟିମ୍‌ମେଟ ଆଇଏମ୍ ସୌମ୍ୟା ସ୍ୱାମିନାଥନ ସ୍ୱର୍ଣ୍ଣ ପାଇଥିବାବେଳେ ଉଭୟ ଆଇଏମ୍ ନିସା ମୋହତା ଓ ଡବ୍ଲ୍ୟୁଜିଏମ୍ ମେରି ଆନ୍ ଗେମ୍ସ ନିଜ ନିଜ ବୋର୍ଡରେ ବ୍ୟକ୍ତିଗତ ରୌପ୍ୟ ପଦକ ହାସଲ କରିଥିଲେ।

ଏଲ୍‌ଆଇସିରୁ ପ୍ରତିନିଧିତ୍ୱ କରିଥିବା ଅନ୍ୟତମ ଓଡ଼ିଆ ଖେଳାଳି କିରଣ ମନୀଷା ମହାନ୍ତି ବ୍ୟକ୍ତିଗତ ସ୍ୱର୍ଣ୍ଣ ଏବଂ ଦଳଗତ ବ୍ରୋଞ୍ଜ ପଦକ ପାଇଥିଲେ। ଓଡ଼ିଶା ପକ୍ଷରୁ ଖେଳିଥିବା ସ୍ମାରକୀ ମହାନ୍ତି ବ୍ୟକ୍ତିଗତ ବୋର୍ଡରେ ବ୍ରୋଞ୍ଜ ପାଇଥିଲେ। କିରଣ ସମ୍ପ୍ରତି ଏଲ୍‌ଆଇସିରେ କାର୍ଯ୍ୟରତ ଥିବାବେଳେ ସାଇନା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ମିରାଣ୍ଡା ହାଉସ କଲେଜରେ ଗ୍ରାଜୁଏଶନ କରୁଛନ୍ତି।


Classified Everyday
0674-2580101, 2549949



REAL ESTATE
SALE

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.-500/-. 9348232008. D-75941

ବାଲିଅନ୍ତା, ଅଟଳା ଏବଂ ହଂସପାଳ, ପୁରୀ କେନାଲକୁ ଲାଗି ରୋଡ୍, ବାଉଣ୍ଡରୀ electry ଥାଇ ସଙ୍ଗେସଙ୍ଗେ ଘର କଲାଭଳି plot ଦିଆଯାଉଛି। 9853040854, 9438328183. D-75725

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75726

Newly open SPA health benefits relax refresh good therapist. 8260719139. D-76109

Kerala body massage best therapist Bhubaneswar. 9348457050. D-016

Relax, refresh your body, mind by expert therapist. Contact- 9938843929. D-76112

ମନେ ପଡ଼ନ୍ତି

ଶ୍ରାଦ୍ଧବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କମଳାମଣି ଦେବୀ
ଚଣାଗୋରଡ଼ା, ସାକ୍ଷୀଗୋପାଳ, ପୁରୀ
ଚାହୁଁ ଚାହୁଁ ବର୍ଷ ପରେ ବର୍ଷ ବିତିଗଲା ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭାରିଦେଇଛି। ଆଜି ମଧ୍ୟ ଲାଗୁଛି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ। ତୁମର ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ :
ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ
ଧ-୦୨୭

CLASSIFIED DISPLAY
MORE SPACE • SAME PRICE
TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ମୁଦ୍ରା ଫାଇନାନ୍ସ
PM
ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପେସ୍ ସେନ୍‌ସେଶନ

**ଭାରତର ଜଣେ କ୍ରିକେଟର ୧୫୫.୬ କିଲୋମିଟର ବେଗରେ ବୋଲିଂ କରିବା ନିଶ୍ଚିତ ଚକିତ କରିଦେବାଭଳି ଘଟଣା। ମାତ୍ର ସାଧନା ବଳରେ ଏହାକୁ ସତରେ ପରିଣତ କରିଛନ୍ତି ଦିଲ୍ଲୀ ଜନ୍ମିତ ଭାରତୀୟ ଯୁବ ଖେଳାଳି ମୟଙ୍କ ଯାଦବ। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସେ ୨ଟି ମ୍ୟାଚ ଖେଳିଥିଲେ ମଧ୍ୟ ନିଜ ଦ୍ରୁତଗତି ବୋଲିଂ ମାଧମରେ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହୋଇଛନ୍ତି। ସେ ପାଲଟି ଯାଇଛନ୍ତି ଭାରତର ନୂଆ ପେସ୍ ସେନ୍‌ସେଶନ...**



ଭାରତର ଅନ୍ୟତମ ଦ୍ରୁତଗାମୀ ଟ୍ରେନ ହେଉଛି ରାଜଧାନୀ ଏକ୍ସପ୍ରେସ୍। ସମାନ ଭାବରେ କ୍ରିକେଟ ପଡ଼ିଆରେ ଏମିତି ଜଣେ ଖେଳାଳିଙ୍କ ଆବିର୍ଭାବ ଘଟିଛି, ଯିଏ ନିଜକୁ ଭାରତର ଦ୍ରୁତତମ ବୋଲର ପ୍ରମାଣିତ କରିଛନ୍ତି। ଜାତୀୟ ରାଜଧାନୀ ନୂଆଦିଲ୍ଲୀରୁ ଆସିଥିବା ଖେଳାଳି ଜଣଙ୍କ ଦ୍ରୁତ ଗତିରେ ବୋଲିଂ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ମାତ୍ର ଦୁଇଟି ଆଇପିଏଲ୍ ମ୍ୟାଚ୍ ଖେଳି ସମଗ୍ର ଦେଶର ଧ୍ୟାନ ନିଜ ଆଡ଼କୁ ଆକର୍ଷିତ କରିଛନ୍ତି। ପଶ୍ଚିମ ଦିଲ୍ଲୀର ପଞ୍ଜାବୀ ବାଗରୁ ଆସିଥିବା ୨୧ ବର୍ଷୀୟ ମୟଙ୍କ ଯାଦବ ୧୫୫.୮ କି.ମି. ବେଗରେ ବୋଲିଂ କରିବା ସହ ଆଇପିଏଲ ଇତିହାସର ଦ୍ରୁତତମ ବୋଲର ପାଲଟିଛନ୍ତି। ଡେବ୍ୟୁ ମ୍ୟାଚ୍ ଖେଳୁଥିବା ବେଳେ ମାତ୍ର ୧୫ ମିନିଟ ବ୍ୟବଧାନରେ ଜଣେ ସାଧାରଣ ଖେଳାଳିରୁ ସମଗ୍ର ଦେଶରେ ଚର୍ଚ୍ଚିତ ବୋଲର ପାଲଟି ଯାଇଥିଲେ। ଆଇପିଏଲ ପଦାର୍ପଣରେ ଅନେକ ଖେଳାଳି ନର୍ଭସ ରହିଥାନ୍ତି। ମାତ୍ର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ପକ୍ଷରୁ ପଦାର୍ପଣରେ ମୟଙ୍କ ନିଜ ସ୍ପିଡ୍ ଜରିଆରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତେବେ କେବଳ ପ୍ରଥମ ମ୍ୟାଚ୍ ନୁହେଁ ଦ୍ୱିତୀୟ ମ୍ୟାଚ୍‌ରେ ମଧ୍ୟ ଶାଣିତ ବୋଲିଂ କରିଥିଲେ। ଚିନ୍ନାସ୍ୱାମୀ ଭଳି ଛୋଟ ଗ୍ରାଉଣ୍ଡରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଭଳି ଶକ୍ତିଶାଳୀ ବ୍ୟାଟିଂ ଲାଇନଅପ୍‌କୁ ଧରାଶାୟୀ କରିଥିଲେ ମୟଙ୍କ। ଅଷ୍ଟ୍ରେଲୀୟ ଖେଳାଳି ଗ୍ଲେନ୍ ମ୍ୟାକ୍ସୱେଲ, କାମେରନ୍ ଗ୍ରୀନ୍ ଓ ରଜତ ପଟିଦାରଙ୍କୁ ଆଉଟ କରି ସେ ଆରସିବିକୁ ପରାଜୟ ସ୍ୱାଦ ଚଖାଇବାରେ ଅନ୍ୟତମ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ମୟଙ୍କ ଦ୍ରୁତ ଗତିରେ ବୋଲିଂ କରିବା ସହ ଲାଇନ୍ ଓ ଲେନ୍ଥ ଠିକ୍ ରଖି ବ୍ୟାଟରଙ୍କୁ ଅଡୁଆରେ ପକାଇ ଥାନ୍ତି। ତାଙ୍କ ବାପା ପ୍ରଭୁ ଯାଦବ ଜଣେ ଦୋକାନୀ। ମଧ୍ୟବିତ୍ତ ଜୀବନ ବଞ୍ଚିଥିଲେ ମଧ୍ୟ ପ୍ରଭୁ ପୁଅ ପାଇଁ ଦେଖିଥିଲେ ଅସୁମାରୀ ସ୍ୱପ୍ନ। ଏହି ସ୍ୱପ୍ନ ପୂରଣ କରିବା ପାଇଁ ୧୪ ବର୍ଷ ବୟସରେ ମୟଙ୍କ ସୋନେଟ୍ କ୍ରିକେଟ ଏକାଡେମୀରେ ଭର୍ତ୍ତି ହୋଇଥିଲେ। ଆରମ୍ଭରୁ ତାଙ୍କ ପାଖରେ ବୋଲିଂ କିଟ୍ ନ ଥିଲା। ତେବେ ପ୍ରତିଭାକୁ ସୁଯୋଗର ଅଭାବ ରହି ନ ଥାଏ। ସମାନ ଭାବରେ ରିଷଭ ପନ୍ତଙ୍କ କୋଚ୍ ଦିବଂଗତ ତାରକ ସିହ୍ନାଙ୍କ ନଜର ମୟଙ୍କଙ୍କ ଉପରେ ପଡ଼େ। ଦିଲ୍ଲୀ ପକ୍ଷରୁ ୧୪ ବର୍ଷରୁ କମ୍ ଓ ୧୬ ବର୍ଷରୁ କମ୍ ବୟସ ବର୍ଗର କ୍ରିକେଟ ଖେଳିଛନ୍ତି। ମୟଙ୍କଙ୍କ ପେସ୍ ହିଁ ତାଙ୍କର ମୁଖ୍ୟ ଅସ୍ତ୍ର। ଦକ୍ଷିଣ ଆଫ୍ରିକାର ଡେଲ୍ ଷ୍ଟେନଙ୍କୁ ନିଜର ଆଦର୍ଶ ମାନୁଥିବା ମୟଙ୍କ ୨୦୨୨ରେ ପ୍ରଥମ ଥର ଆଇପିଏଲ୍ ଅକ୍ସନରେ ସାମିଲ ହୋଇଥିଲେ। ସେ ଦିଲ୍ଲୀ ପକ୍ଷରୁ ବିଜୟ ହଜାରେ ଟ୍ରଫି ଖେଳୁଥିବା ବେଳେ ପୂର୍ବତନ ଭାରତୀୟ ଉଇକେଟ କିପର ତଥା ଲକ୍ଷ୍ନୌର ସହକାରୀ କୋଚ୍ ବିଜୟ ଦହିୟା ତାଙ୍କ ପ୍ରଦର୍ଶନରେ ପ୍ରଭାବିତ ହୁଅନ୍ତି। ୨୦୨୨ରେ ମୟଙ୍କ ମେଗା ଅକ୍ସନରେ ସାମିଲ ହେବା ସହ ଲକ୍ଷ୍ନୌ ତାଙ୍କୁ ବେସ୍ ପ୍ରାଇସରେ କିଣେ। ଆହତ କାରଣରୁ ପ୍ରଥମ ସିଜନରେ ଗୋଟିଏ ବି ମ୍ୟାଚ୍ ଖେଳିବାରେ ସମର୍ଥ ହୁଅନ୍ତି ନାହିଁ। ଦେଓଧର ଟ୍ରଫି ଖେଳୁଥିବା ସମୟରେ ମୟଙ୍କଙ୍କ ହାମଷ୍ଟ୍ରିଙ୍ଗ ଟାଣି ହୋଇଯିବା କାରଣରୁ ସମୁଦାୟ ରଣଜୀ ଟ୍ରଫି ଓ ଆଇପିଏଲ୍‌ରୁ ବାଦ୍ ପଡ଼ନ୍ତି। ତେବେ ଚଳିତ ସିଜନରେ ପଦାର୍ପଣ କିନ୍ତୁ ସମ୍ପୂର୍ଣ୍ଣ ଷ୍ଟାଇଲରେ କରିଛନ୍ତି। ଶିଖର ଧାୱନ, ଜନି ବେୟାରଷ୍ଟୋଙ୍କ ଭଳି ଅନ୍ତର୍ଜାତୀୟ ଖେଳାଳିଙ୍କ ସମ୍ମୁଖରେ ଚମତ୍କାର ଧୈର୍ଯ୍ୟ ଓ ସାହସର ପରିଚୟ ଦେଇଥିଲେ ମୟଙ୍କ। ୪ ଓଭରର ସ୍ପେଲରେ ଜନି ବେୟାରଷ୍ଟୋ, ପ୍ରଭସିମରନ୍ ସିଂ ଓ ଜୀତେଶ ଶର୍ମାଙ୍କୁ ଆଉଟ କରିଥିଲେ। ଦ୍ରୁତ ଗତି ଓ ଶରୀରକୁ ଲକ୍ଷ୍ୟ କରି ଶର୍ଟ ବଲ ବୋଲିଂ କରି ମୟଙ୍କ ବ୍ୟାଟରଙ୍କୁ ଅଡୁଆରେ ପକାଇବାରେ ସକ୍ଷମ ହୋଇଛନ୍ତି। ତେବେ ଏହି ଉଦୀୟମାନ କ୍ରିକେଟ ତାରକାଙ୍କ ପାଇଁ ବଡ଼ ସମସ୍ୟା ହେଉଛି ଆହତ ସମସ୍ୟା।

ସବୁ ପେସ୍ ବୋଲରଙ୍କ ପାଖରେ ଏହି ସମସ୍ୟା ରହିଥିବା ବେଳେ ଏହାକୁ ଅତିକ୍ରମ କରିପାରିଲେ ମୟଙ୍କ ବହୁ ଆଗକୁ ଯାଇପାରିବେ ଏଥିରେ କୌଣସି ସନ୍ଦେହ ନାହିଁ। ସୋନେଟ୍ କ୍ଲବର ମାଲିକ ଦେବେନ୍ଦର ମଧ୍ୟ ମୟଙ୍କଙ୍କୁ ପ୍ରଶଂସା କରିଛନ୍ତି। ମୟଙ୍କ ଆରମ୍ଭରୁ ଏତେ ଶକ୍ତିଶାଳୀ ନ ଥିବା ବେଳେ ତାଙ୍କ ପାଖରେ ଉପାୟ ମଧ୍ୟ ନ ଥିଲା। ତେବେ ତାଙ୍କ ପରିଶ୍ରମ ଆଗରେ ସବୁ କିଛି ହାର୍ ମାନିଥିଲା। ଆରମ୍ଭରୁ ତାଙ୍କ ପାଖରେ ବୋଲିଂ ସ୍ପାଇକ୍ ମଧ୍ୟ ନ ଥିଲା। ତେବେ ତାରକ ସିହ୍ନାଙ୍କ ଉଦ୍ୟମରେ ଏହା ସମ୍ଭବ ହୋଇପାରିଥିଲା। ସୋନେଟ୍ ଏକାଡେମୀର ଅନ୍ୟତମ ଭାରତୀୟ ଖେଳାଳି ରିଷଭ ପନ୍ତ ମୟଙ୍କଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସରେ ସାମିଲ କରିବାକୁ ପ୍ରୟାସ କରିଥିଲେ। ତେବେ ଲକ୍ଷ୍ନୌ ଫ୍ରାଞ୍ଚାଇଜ ଟ୍ରାନ୍ସଫର ପାଇଁ ରାଜି ହୋଇ ନ ଥିଲା ବୋଲି ପୂର୍ବତନ ଦିଲ୍ଲୀ ଅଧିନାୟକ ଦେବେନ୍ଦର କହିଛନ୍ତି। ଦିଲ୍ଲୀରେ ସାଧାରଣତଃ ସ୍ଥାନୀୟ ଟୁର୍ନାମେଣ୍ଟଗୁଡ଼ିକରେ କାଞ୍ଚା(ହାର୍ଡ ବଲ୍) ବ୍ୟବହୃତ ହୁଏ। ତେବେ ଘରୋଇ କ୍ରିକେଟରେ ବ୍ୟବହୃତ ହେଉଥିବା ଏସ୍‌ଜି ବଲରେ ହିଁ ମୟଙ୍କ ଅଭ୍ୟାସ କରିଥିଲେ ଯାହା ତାଙ୍କୁ ଘରୋଇ କ୍ରିକେଟରେ ସଫଳତା ଦେଇଥିଲା। ମୟଙ୍କ ନିଜ ପ୍ରଦର୍ଶନ ଜରିଆରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ ମଧ୍ୟ ତାଙ୍କୁ ରଣଜୀ ଟ୍ରଫି ଖେଳିବାକୁ ପଡିବ ବୋଲି କୁହନ୍ତି ଦେବେନ୍ଦର। ପୂରା ସିଜନ ରଣଜୀ ଟ୍ରଫି ଖେଳିବା ଦ୍ୱାରା ହିଁ ମୟଙ୍କ ଭାରତୀୟ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହେବେ ବୋଲି ସେ ପ୍ରକାଶ କରିଛନ୍ତି।

**–ସରୋଜ ଜେନା**

### ସଂକ୍ଷେପରେ...
ନାମ: ମୟଙ୍କ ପ୍ରଭୁ ଯାଦବ
ଜନ୍ମ: ଜୁନ ୧୭, ୨୦୦୨, ନୂଆଦିଲ୍ଲୀ
ବୟସ: ୨୧ ବର୍ଷ, ୨୯୩ ଦିନ
ବୋଲିଂ ଷ୍ଟାଇଲ: ରାଇଟ ଆର୍ମ ଫାଷ୍ଟ
ଟିମ୍: ଦିଲ୍ଲୀ, ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ

### ଆଇପିଏଲ୍‌ରେ ମୟଙ୍କଙ୍କ ବୋଲିଂ ଫିଗର
- ବନାମ ପଞ୍ଜାବ କିଙ୍ଗ୍ସ: ୪–୦–୨୭–୩
(ଶିକାର: ଜନି ବେୟାରଷ୍ଟୋ, ପ୍ରଭସିମରନ ସିଂ, ଜୀତେଶ ଶର୍ମା)
- ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୪–୦–୧୪–୩
(ଶିକାର: ରଜତ ପଟିଦାର, ଗ୍ଲେନ ମ୍ୟାକ୍ସୱେଲ, କାମେରନ ଗ୍ରୀନ୍)

**ଦୁଇଟିଯାକ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ**



ପୁରସ୍କାର ଗ୍ରହଣ ଅବସରରେ ମୟଙ୍କ ଯାଦବ

# ଜାଏଣ୍ଟ କିଲର



ଜାନିକ ସିନ୍ନର

ଟେନିସ ଜଗତରେ ଇଟାଲିର ଜାନିକ ସିନ୍ନର ଏବେ ବେଶ୍ ପରିଚିତ ନାମ। ଆମେରିକାରେ ଅନୁଷ୍ଠିତ ମାୟାମି ଓପନରେ ଚାମ୍ପିୟନ ହୋଇଛନ୍ତି ଏହି ତାରକା ଖେଳାଳି। ଫାଇନାଲରେ ସେ ବୁଲଗେରିଆର ଗ୍ରିଗୋର ଡିମିଟ୍ରୋଭ୍‌ଙ୍କୁ ୬–୩, ୬–୧ ସେଟ୍‌ରେ ପରାସ୍ତ କରିଛନ୍ତି। ସିଜନରେ ଏହା ହେଉଛି ସିନ୍ନରଙ୍କର ତୃତୀୟ ଟାଇଟଲ। ଏଥି ସହ ସେ କ୍ୟାରିୟର ଶ୍ରେଷ୍ଠ ଏଟିପି ର୍ୟାଙ୍କିଙ୍ଗ୍‌ର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ୮୭୧୦ ପଏଣ୍ଟ ହାସଲ କରି ସେ ପୂର୍ବତନ ନମ୍ବର ୱାନ ଖେଳାଳି ସ୍ପେନର କାର୍ଲୋସ ଅଲ୍‌କାରେଜ (୮,୬୪୫)ଙ୍କୁ ପଛରେ ପକାଇ ଦେଇଛନ୍ତି। ସର୍ବିୟାର ନୋଭାକ୍ ଜୋକୋଭିଚ୍ ୯,୭୨୫ ପଏଣ୍ଟ ସହିତ ଶୀର୍ଷରେ ରହିଛନ୍ତି। ଏହା ପୂର୍ବରୁ ଚଳିତ ସିଜନରେ ସିନ୍ନର ଅଷ୍ଟ୍ରେଲିଆନ ଓପନ ଓ ରୋଟରଡାମ ଇନ୍‌ଡୋର୍ସ ଟାଇଟଲ ଜିତିଥିଲେ।

ସିଜନ ପ୍ରାରମ୍ଭରେ ଅଷ୍ଟ୍ରେଲିଆନ୍ ଓପନ ଜିତିବା ସହ ଟେନିସ୍ ଜଗତରେ ନିଜର ଆବିର୍ଭାବ ସୂଚନା ଦେଇଥିଲେ ଇଟାଲୀର ସିନ୍ନର। ସେତେବେଳେ ବିଶ୍ୱ ମାନ୍ୟତାର ୪ ନମ୍ବର ସ୍ଥାନରେ ଥାଇ ଏହି ଖେଳାଳି ଜଣକ ନିଜ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଭାବେ ଅଷ୍ଟ୍ରେଲିଆନ୍ ଓପନ ୨୦୨୪ ବିଜୟୀ ହୋଇଥିଲେ। ଏହା ପୂର୍ବରୁ ଟେନିସ୍ ଜଗତର ଅନେକ ସୁପରଷ୍ଟାରଙ୍କୁ ସେ ପରାସ୍ତ କରିଛନ୍ତି। ଅଷ୍ଟ୍ରେଲିଆନ୍ ଓପନ ସେମିଫାଇନାଲରେ ସର୍ବିୟାର ଜୋକୋଭିଚ୍‌ଙ୍କୁ ପରାସ୍ତ କରି ଜାଏଣ୍ଟ କିଲର୍‌ର ଟ୍ୟାଗ୍ ହାସଲ କରିଥିଲେ। ରୋଲାଣ୍ଡ ଗ୍ୟାରସ୍‌ର ଲାଲ ମାଟିରେ ରାଫେଲ ନାଡାଲଙ୍କୁ ହରାଇବା ଯେତିକି କଷ୍ଟକର ଅଷ୍ଟ୍ରେଲିଆନ୍ ଓପନରେ ଜୋକୋଭିଚ୍‌ଙ୍କୁ ହରାଇବା ସେହିପରି କାଠିକର ପାଠ। ୧୦ଥର ଅଷ୍ଟ୍ରେଲିଆନ୍ ଓପନ ଜିତି ସାରିଥିବା ଜୋକୋଭିଚ୍ କ୍ରମାଗତ ୫ ଥର ଅଷ୍ଟ୍ରେଲିଆନ୍ ଓପନ୍ ଜିତି ସାରିଥିଲେ। କ୍ରମାଗତ ଷଷ୍ଠ ଓ ଓଭରଅଲ ୧୧ ଟାଇଟଲ ହାସଲ ଲକ୍ଷ୍ୟରେ ରହିଥିବା ଜୋକୋଭିଚ୍‌ଙ୍କ ବିଜୟ ରଥ ଅଟକାଇବାରେ ସମର୍ଥ ହୋଇଥିଲେ ଇଟାଲୀର ଏହି ୨୨ ବର୍ଷୀୟ ଯୁବକ।

ଇଟାଲୀର ଅନ୍ୟ ଶିଶୁଙ୍କ ଭଳି ସିନ୍ନର ମଧ୍ୟ ଶୈଶବରୁ ଜଣେ ଫୁଟବଲର ତଥା ପର୍ବତାରୋହଣକାରୀ ହେବାକୁ ଚାହୁଁଥିଲେ। ତେବେ ୧୩ ବର୍ଷ ବୟସରେ ନିଜ ଜୀବନ ପଥ ବଦଳାଇଥିଲେ ସିନ୍ନର। ଟେନିସ୍‌କୁ କ୍ୟାରିୟର କରିବା ପାଇଁ ନିଷ୍ପତ୍ତି ନେବା ସହ ସଫଳତାର ଶିଡ଼ି ଚଢ଼ିବା ଆରମ୍ଭ କରିଥିଲେ। ତେବେ ନିଜ ସହରରେ ଟେନିସ୍ ପାଇଁ ଉପଯୁକ୍ତ ସୁବିଧା ସୁଯୋଗ ନ ଥିବା କାରଣରୁ ଇଟାଲିଆନ୍ ରିଭିଏରାକୁ ଯାଇ ପିଆଟ୍ଟି ଟେନିସ୍ ସେଣ୍ଟରରେ ଆଡମିଶନ ନେଇଥିଲେ। ସିନ୍ନରଙ୍କ ଏହି ନିଷ୍ପତ୍ତିକୁ ତାଙ୍କ ମାତାପିତା ମଧ୍ୟ ସହଯୋଗ କରିଥିଲେ। ଇଟାଲୀର ସଫଳତମ କୋଚ୍ ରିକାର୍ଡୋ ପିଆଟ୍ଟିଙ୍କ ଅଧୀନରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ ସିନ୍ନର। ଆଇଟିଏଫ୍ ଜୁନିୟର ସର୍କିଟ୍‌ରେ ସିନ୍ନରଙ୍କୁ ସଫଳତା ମିଳି ନ ଥିଲା। ୨୦୧୭ରୁ ସେ ସିନିୟର ସର୍କିଟରେ ଖେଳିବା ଆରମ୍ଭ କରିଥିଲେ। ତେବେ ପ୍ରଥମ ବର୍ଷରେ ତାଙ୍କୁ ସଫଳତା ମିଳି ନ ଥିଲା। ଏକ ମାତ୍ର ଡବଲ୍ସ ଟାଇଟଲ ହାସଲ କରିଥିବା ବେଳେ ସିଙ୍ଗଲ୍ସ ର୍ୟାଙ୍କିଙ୍ଗ ୫୫୧ ରହିଥିଲା। ୨୦୧୯ରେ ୧୭ ବର୍ଷୀୟ ସିନ୍ନର ଚମତ୍କାର ପ୍ରଦର୍ଶନ କରିବା ସହ ଏକାଧିକ ଏଟିପି ଫାଇନାଲରେ ପ୍ରବେଶ କରିଥିଲେ। ଏହା ସହ ସିଙ୍ଗଲ୍ସ ର୍ୟାଙ୍କିଙ୍ଗର ଟପ୍–୧୦୦ ମଧ୍ୟରେ ପ୍ରବେଶ କରିଥିଲେ। ତେବେ ୨୦୨୦ ରହିଥିଲା ସିନ୍ନରଙ୍କ ପାଇଁ କ୍ୟାରିୟର ଚେଞ୍ଜିଙ୍ଗ ବର୍ଷ। ସୋଫିଆ ଓପନ ସହିତ କ୍ୟାରିୟରର ପ୍ରଥମ ଏଟିପି ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ। ଏହା ସହ ସେ ଟପ୍ ୪୦ ର୍ୟାଙ୍କିଙ୍ଗରେ ମଧ୍ୟ ପ୍ରବେଶ କରିଥିଲେ। ସମାନ ବର୍ଷରେ ସେ ଫ୍ରେଞ୍ଚ ଓପନ କ୍ୱାର୍ଟର ଫାଇନାଲରେ ମଧ୍ୟ ପ୍ରବେଶ କରିଥିଲେ। ତେବେ କ୍ୱାର୍ଟର ଫାଇନାଲରେ କିଙ୍ଗ ଅଫ୍ କ୍ଲେ ରାଫେଲ ନାଡାଲଙ୍କ ନିକଟରୁ ପରାଜିତ ହୋଇଥିଲେ। ଏହା ପୂର୍ବରୁ ବିଶ୍ୱ ମାନ୍ୟତାର ୪୨ ନମ୍ବର ଖେଳାଳି ବେଞ୍ଜା ବୋରିଆ ଓ ଟପ୍ ଟେନ୍‌ରେ ଥିବା ଆଲେକଜାଣ୍ଡାର ଜେଭରେଭଙ୍କୁ ପରାସ୍ତ କରିଥିଲେ। ମାତ୍ର ନାଡାଲଙ୍କ ସହିତ ଉକ୍ତ ମ୍ୟାଚ୍ ଜରିଆରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ ସିନ୍ନର। ଏପରିକି ରାଫେଲ ନାଡାଲ ମଧ୍ୟ ତାଙ୍କର ପ୍ରଶଂସା କରିଥିଲେ। ବିଶ୍ୱ ମାନ୍ୟତାର ୩୭ ନମ୍ବରରେ ରହି ସେ ବର୍ଷ ଶେଷ କରିଥିଲେ।

୨୦୨୧ରେ ସିନ୍ନରଙ୍କ ପ୍ରଦର୍ଶନରେ ଆହୁରି ଉନ୍ନତି ଆସିଥିଲା। ୪ଟି ଟାଇଟଲ ହାସଲ କରିବା ସହ ଟପ୍ ଟେନ୍ ର୍ୟାଙ୍କିଙ୍ଗରେ ପ୍ରବେଶ କରିଥିଲେ। ଏଟିପି ମାଷ୍ଟର୍ସ ୧୦୦୦ ଫାଇନାଲରେ ପ୍ରବେଶ କରିଥିବା ବେଳେ କାରେନ୍ ଖାଚାନୋଭ, ରବର୍ଟୋ ବାଟିଷ୍ଟା ଅଗୁଟଙ୍କୁ ହରାଇଥିଲେ। ତେବେ ଫାଇନାଲରେ ହ୍ୟୁବର୍ଟ ହୁରକାଜଙ୍କ ନିକଟରୁ ହାରି ରନରଅପ୍ ରହିଥିଲେ। ସମାନ ବର୍ଷରେ ସେ ୟୁଏସ୍ ଓପନ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ। ଆଲେକଜାଣ୍ଡାର ଜେଭରେଭଙ୍କ ନିକଟରୁ ହାରି ବିଦାୟ ନେଇଥିଲେ ମଧ୍ୟ ର୍ୟାଙ୍କିଙ୍ଗରେ ଟପ୍ ଟେନ୍‌ରେ ପ୍ରବେଶ କରିଥିଲେ।

୨୦୨୨ରେ ସିନ୍ନର ୩ଟି ମେଜର ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ସମାନ ବର୍ଷରେ ଅଷ୍ଟ୍ରେଲିଆନ ଓପନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ସହ କ୍ୟାରିୟରର ପ୍ରଥମ କ୍ଲେ କୋର୍ଟ ଟାଇଟଲ ହାସଲ କରିଥିଲେ। ଫ୍ରେଞ୍ଚ ଓପନ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ ମଧ୍ୟ ଆଣ୍ଠୁରେ ଆଘାତ କାରଣରୁ ଓହରିବାକୁ ପଡିଥିଲା। ବର୍ତ୍ତମାନର ୧ ନମ୍ବର ଖେଳାଳି କାର୍ଲୋସ ଅଲକାରାଜଙ୍କୁ କ୍ରୋଏସିଆ ଓପନ ଫାଇନାଲରେ ପରାସ୍ତ କରି କ୍ୟାରିୟରର ପ୍ରଥମ କ୍ଲେ କୋର୍ଟ ଟାଇଟଲ ହାସଲ କରିଥିଲେ।

୨୦୨୩ରେ ଇଟାଲୀକୁ ଡେଭିସ୍ କପ୍‌ରେ ଚାମ୍ପିୟନ କରିବାରେ ସିନ୍ନରଙ୍କ ରହିଥିଲା ବଡ ଭୂମିକା। ସାଥୀ ଖେଳାଳି ଲରେଞ୍ଜୋ ମୋସେଟ୍ଟି ଓ ମାଟେଓ ବାରେଟେନୀଙ୍କ ସହ ମିଶି ସେ ଏହି ସଫଳତା ହାସଲ କରିଥିଲେ। ୱିମ୍ବଲଡନ୍ ୨୦୨୩ରେ ସେମି ଫାଇନାଲରେ ପ୍ରବେଶ କରିଥିଲେ ହେଁ ନୋଭାକ୍ ଜୋକୋଭିଚ୍‌ଙ୍କଠାରୁ ପରାଜିତ ହୋଇଥିଲେ ସିନ୍ନର। ତେବେ ବିଶ୍ୱ ର୍ୟାଙ୍କିଙ୍ଗରେ ଟପ୍ –୫ ମଧ୍ୟରେ ପ୍ରବେଶ କରିବାରେ ସେ ସମର୍ଥ ହୋଇଥିଲେ। ତେବେ ଏହି ପରାଜୟର କିଛି ମାସ ପରେ ଅଷ୍ଟ୍ରେଲିଆନ୍ ଓପନ ସେମିରେ ଏହାର ମଧୁର ପ୍ରତିଶୋଧ ନେଇଥିଲେ ସିନ୍ନର। ସେମିରେ ଜୋକୋଭିଚ୍‌ଙ୍କୁ ହରାଇବା ପରେ ଫାଇନାଲରେ ରୁଷିଆର ଡାନିଲ ମେଡଭେଡେଭଙ୍କୁ ହରାଇ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ହାସଲ କରିଥିଲେ।

**ଇଟାଲିର ଜାନିକ ସିନ୍ନର ଏବେ ଟେନିସ ଜଗତରେ ଏକ ପରିଚିତ ନାମ। ନିକଟରେ ଆମେରିକାରେ ଅନୁଷ୍ଠିତ ମାୟାମି ଓପନରେ ଚାମ୍ପିୟନ ହୋଇଛନ୍ତି ଏହି ତାରକା ଖେଳାଳି। ସିଜନରେ ଏହା ହେଉଛି ତାଙ୍କର ତୃତୀୟ ଟାଇଟଲ। ଏଥି ସହ ସେ ଏଟିପି ର୍ୟାଙ୍କିଙ୍ଗ୍‌ରେ କ୍ୟାରିୟର ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।**

## ୱାର୍କ

ଟିସିଏସ୍ ମାରାଥନରେ
ରନର ହେବେ
ଏସ.ଏନ. ଦତ୍ତାତ୍ରେୟ
ଛୟାନବେ ବର୍ଷୀୟ ବୃଦ୍ଧଙ୍କର ନାହିଁ
ଗୋଡ଼ହାତ ଭଙ୍ଗା ଭୟ
ସେ କହନ୍ତି ରଖ ଲୟ
ଟଙ୍କା ଥାଇ ସ୍ୱାସ୍ଥ୍ୟ ନ ଥିଲେ ସଂସାର
ବୁଡ଼ିବାଟା ଭାଇ ଥୟ।



ବେଙ୍ଗାଲୁରୁ ଟ୍ରାଫିକ୍
ପୋଲିସଙ୍କୁ ନେଇ
ଖରାରେ ଯୋଗାଏ ପାଣି
ୟୁଜର୍ସ କମେଣ୍ଟରେ ବୃଦ୍ଧାଙ୍କୁ ପ୍ରଶଂସା
ନୋବୁଲ ଆକ୍ଟ ଦେଲା ଠାଣି
ରାଜ୍ୟ ଶିକ୍ଷା ସ୍ଥାନ ଜାଣି
ଦେଶରେ ଚବିଶ କିଏ କହେ ଜମା
ଦି ଘଣ୍ଟା ପଢ଼ାଅ ମଣି।

ଦେଶର ବରିଷ୍ଠ ଟେନିସ ଖେଳାଳି
ରୋହନ ବୋପାନ୍ନା ହସ
ଚଉରାଳିଶି ବର୍ଷରେ ଏଟିପି ମାଷ୍ଟର୍ସ
ଟାଇଟଲ ଇତିହାସ
ୱାର୍କ ବିନା ଭାଗ୍ୟ ଦୋଷ
ଲାଇକ୍, ଫେସବୁକ
କମେଣ୍ଟ ବେଳ ଖାଏ
କ୍ରିକେଟରେ ୟୁଥ୍ ନାଶ।

**–ସୁବାସ ଚନ୍ଦ୍ର ପ୍ରଧାନ**

# ପଞ୍ଜାବର ଲଢୁଆ ବିଜୟ



ଅପରାଜିତ ମ୍ୟାଚ୍ ବିଜୟୀ ଇନିଂସ୍ ଅବସରରେ ଶଶାଙ୍କ ସିଂ।

**ଅହମଦାବାଦ,୪।୪**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ଗୁଜରାଟ ଟାଇଟନ୍ସ ବିପକ୍ଷରେ ଲଢୁଆ ବିଜୟ ହାସଲ କରିଛି ପଞ୍ଜାବ କିଙ୍ଗ୍ସ। ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ୪ ଉଇକେଟରେ ୧୯୯ ରନ୍ କରିଥିଲା। ଜବାବରେ ପଞ୍ଜାବ ଗୋଟିଏ ବଲ୍ ବାକି ଥାଇ ୭ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା। ଶଶାଙ୍କ ସିଂ ଅପରାଜିତ ୬୧ ରନ୍ କରିଥିବା ବେଳେ ଇମ୍ପାକ୍ଟ ସବଷ୍ଟିଚ୍ୟୁଟ ଆଶୁତୋଷ ଶର୍ମା ୩୧ ରନ୍ କରିଥଲେ। ଟସ୍ ଜିତି ପଞ୍ଜାବ ପ୍ରଥମେ ବୋଲିଂ ନେଇଥିଲା। ଗୁଜରାଟ ପକ୍ଷରୁ ଶୁବମନ ଗିଲ୍ ୮୯ରନର ଅପରାଜିତ ଇନିଂସ ଖେଳିଥିଲେ। ଏହା ବ୍ୟତୀତ କେନ୍ ୱିଲିୟମସନ୍ ୨୨ ବଲ୍‌ରୁ ୨୬, ସାଇ ସୁଦର୍ଶନ ୧୯ ବଲ୍ ଖେଳି ସେ ୩୩ ରନ୍ ସ୍କୋର କରିଥିଲେ। ଶେଷ ଆଡକୁ ରାହୁଲ ଟେୱାଟିଆ ବିସ୍ଫୋରକ ବ୍ୟାଟିଂ କରି ୮ ବଲ୍ ଖେଳି ୩ ଚୌକା ଓ ୧ ଛକା ସହ ସେ ୨୩ ରନ୍ କରିଥିଲେ। ଶେଷ ଯାଏ ଅପରାଜିତ ରହିଥିବା ଗିଲ୍ ୪୮ ବଲ୍ ଖେଳି ୮୯ ରନ୍ ସ୍କୋର କରିଥିଲେ। ଏହି ଇନିଂସରେ ୬ ଚୌକା ଓ ୪ ଛକା ସାମିଲ ଥିଲା। ପଞ୍ଜାବ ପକ୍ଷରୁ ରାବାଡା ୨,ହରପ୍ରୀତ ବ୍ରାର ଓ ହର୍ଷଲ ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୦୦ ରନ୍ ଲକ୍ଷ୍ୟରେ ପଞ୍ଜାବ ୭୦ ରନ୍‌ରେ ଟପ୍ ୪ ବ୍ୟାଟରଙ୍କୁ ହରାଇଥିଲା। ତେବେ ଶଶାଙ୍କ ସିଂ ଲଢୁଆ ୬୧ ରନ୍ କରିବା ସହ ଦଳକୁ ବିଜୟୀ କରିଥିଲେ। ଶଶାଙ୍କ ୨୯ ବଲ ଖେଳି ୬ ଚୌକା ଓ ୪ ଛକା ମାରିଥିଲେ। ଇମ୍ପାକ୍ଟ ସବଷ୍ଟିଚ୍ୟୁଟ୍ ରହିଥିବା ଆଶୁତୋଶ ଶର୍ମା ୧୭ ବଲ୍‌ରୁ ଦ୍ରୁତ ୩୧ ରନ୍ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଭସିମରନ୍ ସିଂ ୩୫ ଓ ଜନି ବେୟାରଷ୍ଟୋ ୨୨ ରନ୍ ସ୍କୋର କରିଥିଲେ। ଗୁଜରାଟ ପକ୍ଷରୁ ନୁର ଅହମଦ ୨, ଦର୍ଶନ ନାଲକଣ୍ଡେ, ମୋହିତ ଶର୍ମା, ଉମେଶ ଯାଦବ, ରଶିଦ୍ ଖାନ ଓ ଅଜମତୁଲ୍ଲା ଓମାରଜାଇ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୧୯୯/୪ (ଶୁବମନ ଗିଲ୍-୮୯*, ସାଇ ସୁଦର୍ଶନ-୩୩, କେନ୍ ୱିଲିୟମସନ୍-୨୬, କାଗିସୋ ରାବାଡା-୨/୪୪, ହର୍ଷଲ ପଟେଲ-୧/୪୪, ହରପ୍ରୀତ ବ୍ରାର-୧/୩୩)। ପଞ୍ଜାବ କିଙ୍ଗ୍ସ ୧୯.୫ ଓଭରରେ ୨୦୦/୭ (ଶଶାଙ୍କ ସିଂ-୬୧*, ପ୍ରଭସିମରନ୍ ସିଂ-୩୫, ଆଶୁତୋଷ ଶର୍ମା-୩୧, ନୁର ଅହମଦ-୨/୩୨, ଦର୍ଶନ ନାଲକଣ୍ଡେ-୧/୬, ଉମେଶ ଯାଦବ-୧/୩୫)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ହାଇଦ୍ରାବାଦ ବନାମ ଚେନ୍ନାଇ**

ସ୍ଥାନ: ହାଇଦ୍ରାବାଦ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୩ | ୩ | ୦ | ୬ | +୨.୫୧୮ |
| ରାଜସ୍ଥାନ ରୟାଲ୍ସ | ୩ | ୩ | ୦ | ୬ | +୧.୨୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୨ | ୧ | ୪ | +୦.୯୭୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୩ | ୨ | ୧ | ୪ | +୦.୪୮୩ |
| ପଞ୍ଜାବ କିଙ୍ଗ୍ସ | ୪ | ୨ | ୨ | ୪ | -୦.୨୨୦ |
| ଗୁଜରାଟ ଟାଇଟନ୍ସ | ୪ | ୨ | ୨ | ୪ | -୦.୫୮୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୩ | ୧ | ୨ | ୨ | +୦.୨୦୪ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୪ | ୧ | ୩ | ୨ | -୦.୮୭୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୧ | ୩ | ୨ | -୧.୩୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୦ | ୩ | ୦ | -୧.୪୨୩ |







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ